

ପାଓଲିନିଙ୍କୁ ଡବଲ୍ ଟାଇଟଲ୍

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-320 •BHUBANESWAR •MONDAY •19 MAY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୨୦ •ଭୁବନେଶ୍ୱର •ସୋମବାର •୧୯ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

**ହାଇଦରାବାଦ ଚାର୍ମିନାର୍‌ରେ ଜଳିଗଲା କୋଠା**

# ୮ ଶିଶୁଙ୍କ ସମେତ ୧୭ ଜୀବନ୍ତ ଦଗ୍ଧ

■ **ହାଇଦରାବାଦ, ୧୮।୫ (ଏଜେନ୍ସି):** ହାଇଦରାବାଦ ଚାରମିନାର ନିକଟସ୍ଥ ଗୁଲଜାର ହାଉସ୍‌ରେ ରବିବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ୮ ଶିଶୁଙ୍କ ସମେତ ୧୭ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୧୫ ଜଣ ଆହତ ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ । କିନ୍ତୁ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି । ପୁଲିସ ସୂଚନା ଅନୁଯାୟୀ କୋଠାର ତଳ ମହଲାରେ ଅଳଙ୍କାର ଦୋକାନ ଥିଲା । ଉପର ମହଲାରେ ଲୋକ ରହୁଥିଲେ । ଦୁର୍ଘଟଣା ସମୟରେ ଏଠାରେ ପ୍ରାୟ ୩୨ ଲୋକ ଥିଲେ । ତଳ ମହଲାରେ ଥିବା ଦୋକାନରୁ ଏହି ନିଆଁ ଲାଗିଥିଲା । ଏହା ଦେଖୁ ଦେଖୁ ଉପର ମହଲାକୁ ବ୍ୟାପିଯାଇଥିଲା । ଏହି କୋଠାରେ କେବଳ ଗୋଟିଏ ସଂକୀର୍ଣ୍ଣ ପାହାଚ ରହିଥିଲା । ତେଣୁ ଲୋକେ ବାହାରକୁ ବାହାରି ପାରି ନ ଥିଲେ ଏବଂ ଶ୍ୱାସରୁଦ୍ଧ ହୋଇ ପ୍ରାଣ ▶ପୃଷ୍ଠା-୭





# କୁଖ୍ୟାତ ଆତଙ୍କୀ ସୈଫୁଲ୍ଲାକୁ ହତ୍ୟା



## ଭାରତରେ ବିଭିନ୍ନ ଆକ୍ରମଣରେ ସଂପୃକ୍ତ

■ **ଇସଲାମାବାଦ, ୧୮।୫ (ଏଜେନ୍ସି):** ପାକିସ୍ତାନରେ ଜଣେ ଭାରତ-ବିରୋଧୀ ଲସ୍କର ଆତଙ୍କବାଦୀକୁ ଗୁଳି କରି ହତ୍ୟା କରାଯାଇଛି । ଏହି ଆତଙ୍କବାଦୀ ହେଉଛି ଲସ୍କର କମାଣ୍ଡର ଅବୁ ସୈଫୁଲ୍ଲା । ତାକୁ କେତେକ ଅଜ୍ଞାତ ବନ୍ଧୁକଧାରୀ ସିନ୍ଧ ପ୍ରଦେଶର ମାଟଲି ସହରରେ ଗୁଳି କରି ହତ୍ୟା କରିଛନ୍ତି । ଅବୁ ସୈଫୁଲ୍ଲା ଖଲିଦ ଓରଫ ମହମ୍ମଦ ସଲିମ ଓରଫ ରାଜୁଲ୍ଲା ନିଜାମଣି ବିଗତ ଦିନରେ ଭାରତରେ ବିଭିନ୍ନ ଆକ୍ରମଣ ଘଟଣାରେ ସଂପୃକ୍ତ ଥିଲା । ୨୦୦୫ରେ ବେଙ୍ଗାଲୁରୁରେ ଇଣ୍ଡିଆନ ସାଇନ୍ସ କଂଗ୍ରେସ ସମ୍ମିଳନୀରେ ଆକ୍ରମଣ, ୨୦୦୬ ନାଗପୁରରେ ଆରଏସ୍‌ଏସ୍ ମୁଖ୍ୟାଳୟରେ ଆତଙ୍କବାଦୀ ଆକ୍ରମଣ ସମେତ ୨୦୦୮ ରାମପୁରରେ ସିଆରପିଏଫ କ୍ୟାମ୍ପ ଆକ୍ରମଣ ଘଟଣାରେ ସେ ସାମିଲ ରହିଥିଲା । ▶ପୃଷ୍ଠା-୭

**ପରିବେଶ ମଞ୍ଜୁରୀ**

# କେନ୍ଦ୍ରକୁ 'ସୁପ୍ରିମ' ଝଟ୍‌କା

## ଅବୈଧ ଖଣି ଓ ପ୍ରକଳ୍ପ ବୈଧିକରଣ ଉପରେ ଅଦାଲତଙ୍କ ପ୍ରତିବନ୍ଧକ

■ **ନୂଆଦିଲ୍ଲୀ ୧୮।୫ (ସମିସ):** ଖଣି ଓ ଅନ୍ୟ ଉନ୍ନୟନ ପ୍ରକଳ୍ପଗୁଡ଼ିକୁ ପୂର୍ବୋବ୍ୟାପୀ (ଏକ୍ସ ଫ୍ୟାକ୍ଟୋ) ପରିବେଶଗତ ମଞ୍ଜୁରୀ ପ୍ରଦାନ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି ସୁପ୍ରିମକୋର୍ଟ । ଏକ୍ସ ଫ୍ୟାକ୍ଟୋ ପରିବେଶ ମଞ୍ଜୁରୀ ବା ୨୦୦୬ ପରିବେଶ ପ୍ରଭାବ ଆକଳନ (ଇଆଇଏ) ଉଲ୍ଲଂଘନ କରିଥିବା କୌଣସି ସଂସ୍ଥାର ପରିବେଶ ମଞ୍ଜୁରୀର ବୈଧିକରଣ ପାଇଁ କେନ୍ଦ୍ର ସରକାରଙ୍କ କୌଣସି ନିଷ୍ପତ୍ତି ଅବୈଧ ରୂପେ ବିବେଚନା କରାଯିବ ବୋଲି ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ଜଷ୍ଟିସ୍ ଅଭୟ ଏସ. ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ପରିବେଶ ସୁରକ୍ଷାକୁ ବିକାଶର ଏକ ଅନିବାର୍ଯ୍ୟ ଅଂଶ ବୋଲି ଉଲ୍ଲେଖ କରି ଏ ସଂକ୍ରାନ୍ତରେ କୌଣସି ସାଲିସ କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଏହାସହିତ ୨୦୧୭ରେ କେନ୍ଦ୍ର ସରକାରଙ୍କ ଅଧିସୂଚନା ଆଧାରରେ ଜାରି ୨୦୨୧ ମେମୋରେଣ୍ଡମ୍‌କୁ ମଧ୍ୟ ଅବୈଧ ଘୋଷଣା କରିଛନ୍ତି । ଅନୁରୂପ ଭାବରେ ଯେଉଁ ଖଣି ବା ପ୍ରକଳ୍ପଗୁଡ଼ିକରେ ୨୦୦୬ ମସିହାରେ ପରିବେଶ ପ୍ରଭାବ ଆକଳନ (ଇଆଇଏ) ଅନୁପାଳନ ହୋଇନାହିଁ ବା ସେମାନେ ଏସଂକ୍ରାନ୍ତ ମଞ୍ଜୁରୀ ନେଇ ନାହାନ୍ତି; ସେମାନଙ୍କ କାର୍ଯ୍ୟକଳାପ 'ଘୋର ବେଆଇନ' ବୋଲି କୋର୍ଟ କହିଛନ୍ତି । ଏହି ଖଣି, ରିଅଲ ଇଷ୍ଟେଟ ଡେଭଲପରମାନେ ନିରକ୍ଷର ବା ଅତି ସାଧାରଣ ନୁହନ୍ତି; ତେଣୁ ସେମାନଙ୍କୁ ଏ କ୍ଷେତ୍ରରେ ଛାଡ଼ି ଦିଆଯିବାର କୌଣସି ଅର୍ଥ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି । ଏହା ସହିତ ୨୦୧୭ ଅଧିସୂଚନା ଆଧାରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପରିବେଶଗତ ମଞ୍ଜୁରୀ ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି ।

'ବନ ଶକ୍ତି' ନାମକ ଏକ ଏନ୍‌ଜିଓ ପକ୍ଷରୁ ଦାଖଲ ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ କହିଛନ୍ତି ଯେ ୨୦୦୬ ମସିହାରେ ଯେଉଁ ଖଣି ବା ଅନ୍ୟ କମ୍ପାନୀଗୁଡ଼ିକ ଆଇନ ଉଲ୍ଲଂଘନ କରିଥିଲେ ଓ ପରିବେଶ ପ୍ରଭାବ ଆକଳନକୁ ଉଲ୍ଲଘନ କରିଥିଲେ, ତାହାର ବୈଧିକରଣ ▶ପୃଷ୍ଠା-୭



**୨୦୧୭ ଅଧିସୂଚନା ଆଧାରରେ ଜାରି ୨୦୨୧ ମେମୋରେଣ୍ଡମ୍ ଅବୈଧ**

**ପରିବେଶ ମଞ୍ଜୁରୀ ଉଲ୍ଲଂଘନ ସମାଜ ବିରୋଧୀ ଓ ଘୋର ବେଆଇନ କାର୍ଯ୍ୟ**

**ପାକିସ୍ତାନକୁ ଆଇଏମ୍‌ଏଫ୍‌ର ଚେତାବନୀ**

# ଉତ୍ତେଜନା ବଢ଼ାଇଲେ ସ୍ଥିତି ଗମ୍ଭୀର ହେବ

■ **ନ୍ୟୁୟର୍କ, ୧୮।୫ (ଏଜେନ୍ସି):** ସାଂପ୍ରତିକ ସ୍ଥିତିରେ ପାକିସ୍ତାନ ପାଇଁ ଗୋଟିଏ ପରେ ଗୋଟିଏ ସମସ୍ୟା ବଢିବାରେ ଲାଗିଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ବର୍ତ୍ତମାନ ଅସ୍ତ୍ରବିରତି ବୁଝାମଣା ହୋଇଥିଲେ ମଧ୍ୟ ବିବାଦ ତୁଟିନାହିଁ । ଭାରତର ଅପରେସନ ସିନ୍ଦୂରକୁ ନେଇ ଏବେ ମଧ୍ୟ ପାକିସ୍ତାନ ସରକାର ଏବଂ ସେନା ଭୟର ବାତାବରଣ ମଧ୍ୟରୁ ମୁକୁଳିପାରି ନାହାନ୍ତି । ଏହାମଧ୍ୟରେ ଆଇଏମଏଫ ପାକିସ୍ତାନକୁ ଋଣ ଦେବା ନେଇ ୧୧ ନୂଆ ସର୍ତ୍ତ ଜାରି କରିବା ସହିତ ଭାରତ ସହ ସମ୍ପର୍କକୁ ନେଇ ପାକିସ୍ତାନକୁ ତାଗିଦ୍ କରିଛି । ଭାରତର ସହ ଉତ୍ତେଜନା ବଢାଇଲେ ପାକିସ୍ତାନର ସ୍ଥିତି ଆହୁରି ଗମ୍ଭୀର ହେବା ସହିତ ଆର୍ଥିକ ସ୍ଥଇତି ଭାରୀ ମାତ୍ରାରେ ପ୍ରଭାବିତ ହେବ ବୋଲି ପାକିସ୍ତାନକୁ ସତର୍କ କରାଇ ଦେଇଛି । ଦେବାଳିଆ ସ୍ଥିତିରୁ ବଞ୍ଚାଇବାକୁ ପାକିସ୍ତାନ ସରକାର ପୂର୍ବରୁ ଆଇଏମଏଫର ଦ୍ୱାରସ୍ଥ ହୋଇଥିଲା ବେଳେ ନିକଟରେ ମୋଟ ୨.୩ ବିଲିୟନ ଡଲାରର ଋଣ ଆଇଏମଏଫ ମଞ୍ଜୁର କରିଥିଲା । କିନ୍ତୁ ଏହାପରେ ଭାରତ ସହିତ ଉତ୍ତେଜନା ବଢିଥିବାରୁ କୌଣସି ସମୟରେ କିଛି ଘଟିବାର ଆଶଙ୍କାକୁ ▶ପୃଷ୍ଠା-୭

**ଋଣ ପାଇବାକୁ ୧୧ ନୂଆ ସର୍ତ୍ତ**

**ଆଇପିଏଲ୍‌ରେ ପ୍ରଥମ ବିଜୟ**

# ୨୦୦/୦



■ **ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି):** ଆଇପିଏଲ୍‌ର ଇତିହାସରେ ପ୍ରଥମ ଦଳ ଭାବେ ଗୁଜରାଟ ଟାଇଟନ୍ସ ଏକ ନୂଆ ରେକର୍ଡ ସୃଷ୍ଟି କରିଛି । ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍-୧୮ତମ ସଂସ୍କରଣର ୬୦ତମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଦତ୍ତ ୨୦୦ ରନର ଟାର୍ଗେଟ୍‌କୁ ପିଛା କରି ଗୁଜରାଟ ୧୦ ୱିକେଟ୍‌ରେ ବିଜୟୀ ହୋଇଛି । ଏହା ଫଳରେ ଗୁଜରାଟ ଆଇପିଏଲ୍‌ର ୧୮ ବର୍ଷ ଇତିହାସରେ ପ୍ରଥମ ଦଳ ଭାବେ ୨୦୦ ରନ୍‌ର ଟାର୍ଗେଟକୁ ଚେଜ୍ କରି ୧୦ ୱିକେଟରେ ▶ପୃଷ୍ଠା-୭

# କାଠଯୋଡ଼ିରେ ବୁଡ଼ିଗଲେ ୨ ଇଞ୍ଜିନିୟର୍

## ଜଣେ ମୃତ: ଜଣେ ନିଖୋଜ

■ **କଟକ, ୧୮।୫ (ସମିସ):** କାଠଯୋଡ଼ି ନଦୀରେ ଆଜି ଦୁଇଜଣ ଇଞ୍ଜିନିୟର୍ ବୁଡ଼ି ଯାଇଛନ୍ତି । ଜଣଙ୍କର ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ରହିଛନ୍ତି । ତାଙ୍କୁ ଉଦ୍ଧାର କରିବାକୁ ବିଡ଼ାନାସୀ ଅଗ୍ନିଶମ କର୍ମଚାରୀ ଉଦ୍ୟମ ଚଳାଇଛନ୍ତି । ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଛି । ଆସନ୍ତାକାଲି ପୁଣି ତାଙ୍କୁ ଖୋଜାଯିବ । ମୃତ ଇଞ୍ଜିନିୟରଙ୍କ ଘର ମହାରାଷ୍ଟ୍ର ଏବଂ ତାଙ୍କ ନାଁ ରୁତିକେଶ ମଟଲ(୨୫) । ନିଖୋଜ ଇଞ୍ଜିନିୟରଙ୍କ ନାଁ ରତିକ୍ ବ୍ରିଜିନୀ(୨୮) । ସେମାନେ ଦୁହେଁ ଏଲ୍‌ଆଣ୍ଡଟି କମ୍ପାନୀର କର୍ମଚାରୀ । ସେମାନେ ଏସ୍‌ସିବି ମେଡିକାଲରେ ନବନିର୍ମିତ କୋଠାର ନିର୍ମାଣ ଦାୟିତ୍ୱରେ ଥିଲେ ।



ସୂଚନାନୁଯାୟୀ, ସିଡିଏ ସେକ୍ଟର୍-୧୧ରେ ଏଲ୍‌ଆଣ୍ଡଟି କମ୍ପାନୀର ଇଞ୍ଜିନିୟର୍ ଏବଂ ଉଚ୍ଚପଦସ୍ଥ କର୍ମଚାରୀ ରହିବା ନିମନ୍ତେ ମେସ୍ ବ୍ୟବସ୍ଥା ରହିଛି । ଆଜି ରବିବାର ଉପଲକ୍ଷେ ଏସ୍‌ସିବିରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା । ଏଣୁ, ମେସ୍‌ରେ ରହୁଥିବା ଇଞ୍ଜିନିୟର ରୁତିକେଶ, ରତିକ୍‌ଙ୍କ ସମେତ ▶ପୃଷ୍ଠା-୭

# ଭୁବନେଶ୍ୱରରେ ଖୋଲିବ ଏନ୍‌ଆଇଏ ଥାନା

## ଏସ୍‌ପି ପାହ୍ୟାର ଅଧିକାରୀ ମୁଖ୍ୟ ରହିବେ

■ **ଭୁବନେଶ୍ୱର, ୧୮।୫ (ସମିସ):** ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଖୋଲିବ ଏନ୍‌ଆଇଏ (ଜାତୀୟ ତଦନ୍ତକାରୀ ସଂସ୍ଥା) ଥାନା । ଏନେଇ ଆଜି ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଭୁବନେଶ୍ୱରର ଭିଏସ୍‌ଏସ୍ ନଗରରେ ଖୋଲିବ ଏହି ଥାନା । ଭୁବନେଶ୍ୱରର ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ନଗରରେ ଏନ୍‌ଆଇଏର ଶାଖା ଖୋଲିବ । ଏସ୍‌ପି ପାହ୍ୟାର ଜଣେ ଅଧିକାରୀ ଏହି ଥାନା ଦାୟିତ୍ୱରେ ରହିବେ । ଏହି ବିଲ୍ଡିଂରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି । ଏଥିସହ ଆବଶ୍ୟକ କର୍ମଚାରୀ ଏବଂ ଅନ୍ୟାନ ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗୃହ ବିଭାଗ ପକ୍ଷରୁ କୁହାଯାଇଛି । ଓଡ଼ିଶା ଏବେ ଆତଙ୍କବାଦୀଙ୍କ ସ୍କାନରରେ ଅଛି । ଅବଦୁଲ ରେହମାନ ଠାରୁ ଆରମ୍ଭ କରି ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ପର୍ଯ୍ୟନ୍ତ ପାକିସ୍ତାନର ଗୁପ୍ତଚର ସାଜି ଓଡ଼ିଶାର ଗୁପ୍ତ ▶ପୃଷ୍ଠା-୭








| STUDENT NAME | X | XII | Increase |
|---|---|---|---|
| YASH KAMANI | 49% | 75.2% | 26.2% |
| NAYAN MISHRA | 49.4% | 69.6% | 20.2% |
| TITHI JAIN | 61.2% | 78.2% | 17% |
| MUSKAN AGRAWAL | 43.8% | 60.4% | 16.6% |
| SAHIL AGRAWAL | 71.8% | 87.6% | 15.8% |
| SUJAL MEHER | 68% | 82.4% | 14.4% |
| TEJAS AGRAWAL | 77.2% | 91.4% | 14.2% |
| MIHIR AGRAWAL | 56.83% | 70% | 13.17% |
| RIDDHI AGRAWAL | 78.8% | 91% | 12.2% |
| AMAN AGARWAL | 60.67% | 72.8% | 12.13% |



# ଭୁବନେଶ୍ୱର ସିଟି

# ବେଙ୍ଗାଲୁରୁରେ କମ୍ପାନୀ; ଓଡ଼ିଶାରେ ଠକେଇ

## ଦୁଇ କମ୍ପାନୀ ନିର୍ଦ୍ଦେଶକଙ୍କ ସମେତ ୩ ଗିରଫ





ଭୁବନେଶ୍ୱର,୧୮।୫(ସମିସ):

'ଆମ କମ୍ପାନୀରେ ଟଙ୍କା ବିନିଯୋଗ କରନ୍ତୁ, ମାସକୁ ୭ପ୍ରତିଶତ ରିଟର୍ଣ୍ଣ ପାଇବେ' ଏଭଳି ପ୍ରତିଶ୍ରୁତି ଦେଇ ଦଶ ଲକ୍ଷ ଟଙ୍କା ଠକି ନେଇଥିବା ୩ ଠକଙ୍କୁ ବାନ୍ଧିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଜୟପୁର ଟାଉନ ଥାନା ଧାଙ୍ଗିଡ଼ି ସାହିର ସିଦ୍ଧୁ ଓରଫ୍ ସିଦ୍ଧାର୍ଥ ପୂଜାରୀ (୨୫), ବିବେକ ସିଂ (୩୫) ଓ ବାଣପୁର ଥାନା ଦାଶରଥିପୁରର ବିକି ଓରଫ୍ ଅବିନାଶ ସାହୁ (୩୭)। ସେମାନଙ୍କ ଠାରୁ ୫ଟି ମୋବାଇଲ, ଗୋଟିଏ ଆଇପଡ୍, ଗୋଟିଏ ଲାପଟପ୍, ୭ଟି ଚେକ୍ ବୁକ୍, ଏଟିଏମ୍, ପ୍ୟାନ୍, କ୍ରେଡିଟ ଓ ଡେବିଟ୍ କାର୍ଡ ଜବତ କରାଯାଇଛି।

ପୁଲିସ ସୂଚନା ଅନୁସାରେ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ସୌମ୍ୟରଞ୍ଜନ ପ୍ରଧାନ ଜଣେ ଏଜେଣ୍ଟ ମାଧ୍ୟମରେ ଜିପିଏନ୍‌ଏସ୍ କମ୍ପାନୀ ବିଷୟରେ ଜାଣିବାକୁ ପାଇଥିଲେ। ସେହି କମ୍ପାନୀରେ ଟଙ୍କା ନିବେଶ କରିଲେ ମାସକୁ ୭ ପ୍ରତିଶତ ରିଟର୍ଣ୍ଣ ମିଳିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ସୌମ୍ୟରଞ୍ଜନ ଗତବର୍ଷ ଜୁଲାଇରେ ୨ ଲକ୍ଷ ୫୦ ହଜାର, ସେପ୍ଟେମ୍ବରରେ ୪ ଲକ୍ଷ ୫୦ ହଜାର ଓ ନଭେମ୍ବରରେ ୩ ଲକ୍ଷ ଟଙ୍କା ନିବେଶ କରିଥିଲେ। କମ୍ପାନୀ ପ୍ରଥମରୁ କିଛି ଟଙ୍କା ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଟଙ୍କାଟିଏ ମଧ୍ୟ ଦେଇନଥିଲା। ଶେଷରେ ସୌମ୍ୟରଞ୍ଜନ ସାଇବର ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରିଥିଲା ପୁଲିସ। ସାଇବର ଥାନା ପୁଲିସ ଜୟପୁରରୁ ସିଦ୍ଧାର୍ଥ, ବିବେକ ଓ ବାଣପୁରରୁ ଅବିନାଶଙ୍କୁ ଉଠାଇ ଆଣିଥିଲା।

**ଏଟିଏମ୍ କାର୍ଡ, ଚେକ୍ ବୁକ୍ ଜବତ**

**୭ ପ୍ରତିଶତ ରିଟର୍ଣ୍ଣ ଆଳରେ ଠକୁଥିଲେ**

**ଢାଲ ସାଜିଥିଲେ ରାଜଧାନୀ ଏଜେଣ୍ଟ**

ସେମାନଙ୍କୁ ପଚରାଉଚରା କରିବା ପରେ ଆଶ୍ଚର୍ଯ୍ୟଜନକ କଥା ପଦାକୁ ଆସିଥିଲା। ସିଦ୍ଧାର୍ଥ ଜିପିଏନ୍‌ଏସ୍ ବିଜନେସ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ ଖୋଲିଥିବା ବେଳେ ଅବିନାଶ ଏଏସ୍‌ଏସ୍‌ପିଏୱାଇ ନାମରେ କମ୍ପାନୀ ଖୋଲିଥିଲା। ଉଭୟ ବେଙ୍ଗାଲୁରୁ ଠିକଣାରେ ନିଜର କମ୍ପାନୀ ପଞ୍ଜୀକରଣ କରିଥିବା ପୁଲିସ ଜାଣିବାକୁ ପାଇଥିଲା। ଲୋକଙ୍କୁ ଠକିବା ପାଇଁ ଫେକ୍ ୱେବସାଇଟ୍ ଖୋଲିଥିବାବେଳେ ଭୁବନେଶ୍ୱରରେ ଏଜେଣ୍ଟଙ୍କ ମାଧ୍ୟମରେ ଲୋକଙ୍କୁ ପ୍ରଲୋଭିତ କରୁଥିଲେ। ଏଜେଣ୍ଟମାନେ ମଧ୍ୟ ଲୋକମାନଙ୍କୁ ନେଇ ରାଜଧାନୀର ନାମୀଦାମୀ ହୋଟେଲ ଓ ମଲରେ ମିଟିଂ କରୁଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ୭ ପ୍ରତିଶତ ସୁଧ ହାରରେ ମାସିକ ରିଟର୍ଣ୍ଣ ମିଳିବ ବୋଲି ପ୍ରତିଶ୍ରୁତି ଦେଇ ଲୋକଙ୍କୁ ପ୍ରଲୋଭିତ କରୁଥିଲେ। ଲୋକମାନେ ମଧ୍ୟ ସେମାନଙ୍କ କଥାରେ ପ୍ରଭାବିତ ହୋଇ ମୋଟା ଅଙ୍କର ଟଙ୍କା ବିନିଯୋଗ କରିଥିଲେ। ସୌମ୍ୟରଞ୍ଜନ ନିଜେ ମଧ୍ୟ ସୁନା ବନ୍ଧକ ରଖି ୧୦ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ତେବେ ସିଏମ୍‌ସି ପ୍ରକ୍ରିୟା ମାଧ୍ୟମରେ ୫ ଲକ୍ଷ ୩୦ ହଜାର ଟଙ୍କା ଫ୍ରିଜ୍ କରାଯାଇଛି। ଦୁଇ ନିର୍ଦ୍ଦେଶକ ଓ ଜଣେ ସହଯୋଗୀ ଧରାପଡ଼ିବା ପରେ ଏଜେଣ୍ଟଙ୍କୁ ଚିହ୍ନଟ କରିବା ପାଇଁ ଖୋଳତାଡ଼ କରୁଛି ପୁଲିସ।

## ୧୪ ଲକ୍ଷ ଠକେଇ; ବନ୍ଧା ହେଲା ପ୍ରେମିକ

ଭୁବନେଶ୍ୱର,୧୮।୫(ସମିସ): ଅସୁବିଧା ଦେଖାଇ ପ୍ରେମିକା ଠାରୁ ଟଙ୍କା ନେଲା, ଫେରସ୍ତ ମାଗିବାରୁ ଯୁବତୀଙ୍କୁ ଲୁହା ଛଡ଼ରେ ଆକ୍ରମଣ କଲା। ଏଭଳି କାଣ୍ଡ ଭିଆଇଥିବା ପ୍ରେମିକକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୮ ନାରାୟଣୀ ବସ୍ତିରେ ରହୁଥିବା ଢେଙ୍କାନାଳ ଜିଲ୍ଲା ନିହାଲପ୍ରସାଦ ଥାନା ପିଙ୍ଗୁଆର ଜିତେନ୍ଦ୍ର କୁମାର ସାହୁ (୩୩)। ପୁଲିସ ସୂଚନା ମୁତାବକ, ଯୁବତୀ ଜଣକ ୟୁନିଟ୍ ୪ ଅଞ୍ଚଳରେ ରହୁଛନ୍ତି। ବାପାଙ୍କ ମୃତ୍ୟୁ ପରେ ଜିତେନ୍ଦ୍ର ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଜିତେନ୍ଦ୍ର ଜମି କିଣିବା ଓ ବ୍ୟକ୍ତିଗତ ଆବଶ୍ୟକତା ବାହାନାରେ ଟଙ୍କା ମାଗିଥିଲା। ଯୁବତୀ ଜଣକ ଜିତେନ୍ଦ୍ରକୁ ଭରସା କରି ବିଭିନ୍ନ ପର୍ଯ୍ୟାୟରେ ୧୪ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଟଙ୍କା



ଫେରସ୍ତ ମାଗିବାରୁ ଜିତେନ୍ଦ୍ର ତାଙ୍କୁ ଏକ ଲୁହା ଛଡ଼ରେ ଆକ୍ରମଣ କରିଥିଲ। ଟଙ୍କା ଦେବାକୁ ମନା କରିଦେବା ସହିତ ହତ୍ୟା କରିବାକୁ ଧମକ ଦେଇଥିଲା। ଏ ନେଇ ଖାରବେଳ ନଗର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଗତବର୍ଷ ଅକ୍ଟୋବର ୧୬ ତାରିଖ ଦିନ ଯୁବତୀଙ୍କ ଆକାଉଣ୍ଟରୁ ଜିତେନ୍ଦ୍ର ଆକାଉଣ୍ଟକୁ ୯ ଲକ୍ଷ ୮୦ ହଜାର ଟଙ୍କା ଯାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଆଜି ନାରାୟଣୀ ବସ୍ତିରୁ ଜିତେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ନାବାଳକ ପାଇଁ ପୁଲିସ ନୟାନ୍ତ

ଭୁବନେଶ୍ୱର,୧୮।୫ (ସମିସ): ଜଣେ ୧୨ ବର୍ଷର ନାବାଳକ ପାଇଁ ନୟାନ୍ତ ହୋଇଛି କ୍ୟାପିଟାଲ ଥାନା ପୁଲିସ। ନାବାଳକ ଅପହରଣ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ସାଙ୍ଗ ଘରୁ ଠାବ ହୋଇଛି ନାବାଳକ। ପୂରା ଘଟଣା ଥିଲା ଏମିତି, ଅଶୋକ ନଗରରେ ପରିବାର ସହିତ ରହୁଥିବା ନାବାଳକକୁ ପରିବାର ଲୋକେ ପାଠ ପଢ଼ାକୁ ନେଇ ତାଗିଦ୍ କରିଥିଲେ। ଗତକାଲି ସନ୍ଧ୍ୟା ସମୟରୁ ହଠାତ୍ ନାବାଳକ ଜଣକ ଘରୁ କେଉଁଆଡ଼େ ପଳାଇଯାଇଥିଲେ। ପରିବାର ଲୋକେ ସାହି ପଡ଼ିଶା ଓ ବନ୍ଧୁବାନ୍ଧବ ଘରେ ଖୋଜିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା। ଶେଷରେ ନିରାଶ ସୋଇ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇ ନାବାଳକ ଅପହରଣ ହୋଇଥିବା ନେଇ ଅଭିଯୋଗ କରିଥିଲେ। ପୁଲିସ ମଧ୍ୟ ନାବାଳକ ଅପହରଣ ଘଟଣାକୁ ଗୁରୁତ୍ୱର ସହିତ ନେଇଥିଲା। ସାଙ୍ଗେ ସାଙ୍ଗେ ଥାନାର ଏକ ଟିମ୍ ପରିବାର ଲୋକଙ୍କ ସହିତ ଖୋଜାଖୋଜି କରିଥିଲେ। ନାବାଳକଙ୍କ ଘର ପାଖରୁ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ ହୋଇଥିଲା। ବହୁ ଖୋଜାଖୋଜି ପରେ କେଦାରପଲ୍ଲୀ ବସ୍ତିରେ ଥିବା ତାଙ୍କ ସାଙ୍ଗ ଘରୁ ନାବାଳକଙ୍କୁ ଠାବ କରିଥିଲା। ପରିବାର ଲୋକଙ୍କ ତାଗିଦ୍ ଯୋଗୁଁ ସେ ଘର ଛାଡ଼ି ସାଙ୍ଗ ଘରକୁ ପଳାଇଥିଲା ବୋଲି ପୁଲିସ ଆଗରେ କହିଥିଲେ। ଶେଷରେ ନାବାଳକକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ।

## ବିଏମ୍‌ସି କର୍ମଚାରୀଙ୍କୁ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର,୧୮।୫(ସମିସ): ସହିଦନଗର ଥାନା ଭିଏସ୍‌ଏସ୍ ନଗର ଆଉଟ୍‌ପୋଷ୍ଟ ନିକଟରେ ଜଣେ ବିଏମ୍‌ସି କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଜଣେ ଅଭିଯୁକ୍ତକୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଫେରାର ରହିଛି। ତାଙ୍କୁ ଧରିବାକୁ ପୁଲିସ ତନାଘନା କରୁଛି। ଆଜି ସନ୍ଧ୍ୟାରେ ଅଭିଯୁକ୍ତମାନେ ନିକଟରେ ଥିବା ମଦ ଦୋକାନ ଆଗରେ ଉତ୍ପାତ କରିବା ସହ ଦ୍ରୁତ ଗତିରେ ଗାଡ଼ି ଚଲାଉଥିଲେ। ଏହାକୁ ବିଏମ୍‌ସି କର୍ମଚାରୀ ଜଣଙ୍କ ବିରୋଧ କରିଥିଲେ। ଏଥିରେ ଉତ୍ତେଜିତ ହୋଇଯାଇଥିଲେ ଦୁର୍ବୃତ୍ତ। ସେମାନେ ଏକ ମାରଣାସ୍ତ୍ର ଧରି ବିଏମ୍‌ସି କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଲହୁଲୁହାଣ ହୋଇପଡ଼ିଥିଲେ।

## ପୁଲିସକୁ ଆକ୍ରମଣ କରି ମଦ୍ୟପ ଗିରଫ

ଭୁବନେଶ୍ୱର,୧୮।୫ (ସମିସ): ଚଢ଼ଉ ବେଳେ ପୁଲିସକୁ ଆକ୍ରମଣ କରିଥିବା ମଦ୍ୟପକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଝାରପଡ଼ାର ହରି ତ୍ରିପାଠୀ (୩୩)। ପୁଲିସ ସୂଚନା ଅନୁସାରେ, ଗତକାଲି ରାତି ୮ଟା ସମୟରେ ସହିଦନଗର ଥାନା ପୁଲିସ ପାଟ୍ରୋଲିଂ ଓ ଅବକାରୀ ରେଡ୍ ଡ୍ୟୁଟି କରୁଥିଲା। ସେହି ସମୟରେ ହରି ଆନନ୍ଦ ବଜାର ଛକରେ ମଦ୍ୟପାନ କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିଲା। ପୁଲିସ ଟିମ୍ ସେଠାରେ ପହଞ୍ଚି ହରିକୁ ତାଗିଦ୍ କରିଥିଲା। ହେଲେ ସେ ପୁଲିସକୁ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲା। ଏହାପରେ ସେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ଟିମ୍ ତା'କୁ କାବୁ କରି ଥାନାକୁ ନେଇଥିଲା। ସେ ଅତ୍ୟଧିକ ମଦ୍ୟପାନ କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।



ତା' ଠାରୁ ଦୁଇଟି ବିୟର ବୋତଲ ଓ ବାଇକ୍ ଜବତ କରିଥିଲା। ସହିଦନଗର ଥାନା ପୁଲିସ ନିଜଆଡ଼ୁ ମାମଲା ରୁଜୁ କରି ହରିକୁ କୋର୍ଟ ଚାଲାଣ କରିଛି।

## ରେଳ ଧାରଣାରୁ ପାଇପ୍ ମିସ୍ତ୍ରିଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୧୮।୫(ସମିସ): ରେଳ ଧାରଣାରୁ ଜଣେ ପାଣି ପାଇପ୍ ମିସ୍ତ୍ରିଙ୍କ ମୃତଦେହ ଉଦ୍ଧାର କରିଛି ଭୁବନେଶ୍ୱର ଜିଆର୍‌ପି। ମୃତକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅବଦୁଲପୁରର ଗୋପୀନାଥ ବାରିକ (୪୭)। ମିଳିଥିବା ସୂଚନା ଅନୁସାରେ, ଗୋପୀନାଥ ଭୁବନେଶ୍ୱରର ଜଣେ ଠିକାଦାରଙ୍କ ନିକଟରେ ପାଣି ପାଇପ୍ ମିସ୍ତ୍ରି ଭାବେ କାମ କରୁଥିଲେ। ଗତକାଲି ଠିକାଦାରଙ୍କ ଠାରୁ ଟଙ୍କା ଆଣିବା ପରେ କେଉଁଆଡ଼େ ଚାଲି ଯାଇଥିଲେ। ରବିବାର ସକାଳୁ ଭୁବନେଶ୍ୱର ରେଳଷ୍ଟେସନର କଟକ ପଟ ରେଳ ଧାରଣାରେ ଗୋପୀନାଥଙ୍କ ମୃତଦେହ ପଡ଼ିଥିବା ଖବରପାଇ ଜିଆରପି ପହଞ୍ଚିଥିଲା। ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଜଳସମ୍ପଦ କର୍ମଚାରୀଙ୍କୁ ୭୫ ଲକ୍ଷର ଚୂନ; ଠକ ଗିରଫ

ଭୁବନେଶ୍ୱର,୧୮।୫ (ସମିସ): ଜମି ବିକ୍ରି ନାଁରେ ଜଳସମ୍ପଦ ବିଭାଗ କର୍ମଚାରୀଙ୍କୁ ୭୫ ଲକ୍ଷ ଟଙ୍କା ଠକିଥିବା ଧୂର୍ତ୍ତକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାଣ୍ଡରା ଲୋପାମୁଦ୍ରା ନଗରର ମନୋରଞ୍ଜନ ମିଶ୍ର (୩୬)। ପୁଲିସ ସୂଚନା ଅନୁସାରେ, ୨୦୨୧ ମସିହାରେ ଜଳସମ୍ପଦ ବିଭାଗର କର୍ମଚାରୀ ନିମାଇଁ ପଣ୍ଡା ଜମି କିଣିବାକୁ ଚାହୁଁଥିବା ସମୟରେ ମନୋରଞ୍ଜନର ଯୋଗାଯୋଗରେ ଆସିଥିଲେ। ମନୋରଞ୍ଜନ ନୂଆବନ୍ତ ମୌଜାରେ ଥିବା ଦୁଇଟି ଜମି ବିକ୍ରୟ କରିବାକୁ ତାଙ୍କୁ ପ୍ରସ୍ତାବ ଦେଇଥିଲେ। ଜମି ଦେଖିବା ପରେ ତା'ର ମୂଲ୍ୟ ୭୫ ଲକ୍ଷ ଟଙ୍କାକୁ ସ୍ଥିରୀକୃତ ହୋଇଥିଲା। ନିମାଇଁ



ବିଭିନ୍ନ ପର୍ଯ୍ୟାୟରେ ୭୦ ଲକ୍ଷ ଓ ନିର୍ମାଣ କାର୍ଯ୍ୟ ପାଇଁ ଅତିରିକ୍ତ ୫ ଲକ୍ଷ ୫୦ ହଜାର ଟଙ୍କା ପରିମାଣ ଅନ୍ତର୍ଭୁକ୍ତ ଥିଲା। ମୋଟ ୭୫ ଲକ୍ଷ ଟଙ୍କା ନେବାର ଦୁଇ ବର୍ଷ ପରେ ମଧ୍ୟ ମନୋରଞ୍ଜନ ଜମି ବିକ୍ରି କରିନଥିଲା କି ଟଙ୍କା ମଧ୍ୟ ଫେରାଇ ନଥିଲା। ପରବର୍ତ୍ତୀ ସମୟରେ ମନୋରଞ୍ଜନ ୭୫ ଲକ୍ଷ ୫୦ ଟଙ୍କା ମୂଲ୍ୟର ୫ଟି ବ୍ୟାଙ୍କ ଚେକ୍ ଦେଇଥିଲେ। ହେଲେ ସେସବୁ ବ୍ୟାଙ୍କ ଦ୍ୱାରା ଅମାନ୍ୟ କରାଯାଇଥିଲା। ଏହାପରେ ନିମାଇଁ ଗତବର୍ଷ ଡିସେମ୍ବରରେ ମନୋରଞ୍ଜନର ଘରକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ଭୟଭୀତ କରାଯାଇଥିଲା। ନିମାଇଁ ଏ ନେଇ ଭୁବନେଶ୍ୱରସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ମଞ୍ଚେଶ୍ୱର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ମନୋରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ରାଜଧାନୀରୁ ବିଦା ହେବେ ବାଂଲାଦେଶୀ

ଭୁବନେଶ୍ୱର,୧୮।୫(ସମିସ): ଆଜି କମିସନରେଟ୍ ପୁଲିସ ପକ୍ଷରୁ ମାସିକ ଅପରାଧ ବୈଠକ ବସିଥିଲା। ଭରତପୁର ଥାନାରେ ଏହି ମିଟିଂ ହୋଇଥିଲା। ଏଥିରେ ସମସ୍ତ ଥାନା ଅଧିକାରୀ, ଏସିପି ସାମିଲ ହୋଇଥିଲେ। ଡିସିପି ଜଗମୋହନ ମୀନା ଅଧିକାରୀଙ୍କୁ ବିଭିନ୍ନ ବିଷୟରେ ଗୁରୁମନ୍ତ୍ର ଦେଇଥିଲେ। ବିଶେଷ କରି ରାଜଧାନୀରେ ରହୁଥିବା ବାଂଲାଦେଶୀଙ୍କୁ ବିଦା କରିବା ପାଇଁ ସ୍ପେଶାଲ ଡ୍ରାଇଭ ଆରମ୍ଭ କରାଯିବ ବୋଲି କହିଥିଲେ। ଯେଉଁମାନେ ବେଆଇନ୍ ଭାବେ ଏଠାରେ ରହିଛନ୍ତି ସେମାନଙ୍କୁ ଚିହ୍ନଟ କରିବାକୁ କୁହାଯାଇଛି। ଆହୁରି ମଧ୍ୟ ମାମଲା ଶେଷ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଅନେକ ମାମଲାରେ ଅପରାଧୀ ରାଜ୍ୟ ବାହାରେ ରହୁଛନ୍ତି। ସେମାନଙ୍କୁ କିଭଳି ଧରିହେବ ସେନେଇ ମଧ୍ୟ ଡିସିପି ଥାନା ଅଧିକାରୀମାନଙ୍କୁ ବତାଇଥିଲେ। ଆହୁରି ମଧ୍ୟ ଥାନାକୁ ଆସିଥିବା ଅଭିଯୋଗକୁ କିଭଳି ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ସେନେଇ ଆଲୋଚନା କରିଥିଲେ। ଡିସିପି ବିଗତ ଦିନ ମାନଙ୍କରେ ମାମଲାର ତଦନ୍ତ ସମୟରେ ହେଉଥିବା ସମସ୍ୟା ଏବଂ ଏହାକୁ କିଭଳି ସମାଧାନ କରିହେବ ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଆହୁରି ମଧ୍ୟ ସଂଗଠିତ କ୍ରାଇମ୍‌କୁ ରୋକିବାକୁ ଡିସିପି ସବୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୫ ଲକ୍ଷ ଟଙ୍କାର ତମ୍ବାତାର ଜବତ, ଜଣେ ଗିରଫ

ବାଲିଅନ୍ତା,୧୮।୫(ସମିସ): ବାଲିଅନ୍ତା ଥାନା ପୁଲିସ ରଥିଜେମା ନୂଆସାହିରେ ଏକ ଘରେ ଚଢ଼ଉ କରି ବିପୁଳ ପରିମାଣର ତମ୍ବା କେବୁଲ ଜବତ କରିଛି। ଜବତ କେବୁଲର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଏହାସହିତ ପୁଲିସ ତମ୍ବାତାର ଚୋରି ମାମଲାରେ ନୂଆସାହି ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ସନ୍ତୋଷ ସାହୁ (୨୨)କୁ ଗିରଫ କରିଛି। ତେବେ କୋର୍ଟରେ ସନ୍ତୋଷ ଜାମିନ ନାମଞ୍ଜୁର ହୋଇଯିବାରୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଚଢ଼ଉ ସମୟରେ ଘଟଣାସ୍ଥଳରୁ ଅନ୍ୟ ଦୁଇ ଜଣ ଦୌଡ଼ି ଫେରାର ହୋଇଯାଇଛନ୍ତି। ପୁଲିସ କହିବାନୁସାରେ ରଥିଜେମା ଅଞ୍ଚଳରେ ବହୁ କଂସାବାସନ ଶିଳ୍ପ ରହିଛି। ଆଜି ସକାଳେ ଏକ ଭଡ଼ା ଘରେ ପ୍ରଚୁର ପରିମାଣର କେବୁଲ ନଦୀପଠାକୁ ପୋଡ଼ା ହେବାକୁ ଯାଉଥିବା ନେଇ ପୁଲିସକୁ ଖବର ମିଳିଥିଲା। ଖବର ପାଇ ପୁଲିସ ଉକ୍ତ ଘରେ ଚଢଉ କରି ଚୋରି ତମ୍ବା କେବୁଲ ଜବତ କରିଥିଲା। ଅନ୍ୟ ଦୁଇଜଣଙ୍କୁ ଥାନାକୁ ନେଇ ପଚରାଉଚରା ପରେ ଛାଡ଼ି ଦେଇଥିଲା।

# ନାବାଳକଙ୍କୁ ମୋହରା କରୁଛନ୍ତି ପେସାଦାର ଅପରାଧୀ

ଭୁବନେଶ୍ୱର,୧୮।୫(ସମିସ):

କଲମ ଧରିବା ବୟସରେ ନାବାଳକମାନେ ଧରୁଛନ୍ତି ଅସ୍ତ୍ର। ସେମାନଙ୍କୁ ପେସାଦାର ଅପରାଧୀମାନେ ମୋହରା କରି ଘଟଣାଉନ୍ତି ଅପରାଧିକ କାର୍ଯ୍ୟକଳାପ। ସେମାନେ ଖସି ଯାଉଛନ୍ତି କିନ୍ତୁ ନାବାଳକମାନେ ଧରାପଡିବା ପରେ ସେମାନଙ୍କ ଭବିଷ୍ୟତ ଅନ୍ଧାର ହୋଇଯାଉଛି। ପେସାଦାର ଅପରାଧୀମାନେ ପ୍ରଥମେ ନାବାଳକଙ୍କୁ ଅପରାଧରେ ସାମିଲ କରିବା ପୂର୍ବରୁ ନିଶା ସେବନ କରିବାକୁ ଦେଉଛନ୍ତି। ଛୋଟ ଛୋଟ ପିଲା ନିଶା ସେବନ କରିବା ପରେ ଅଭ୍ୟସ୍ତ ହୋଇ ମାଷ୍ଟରମାଇଣ୍ଡଙ୍କ ବୋଲକରା ହେଉଛନ୍ତି। କିଛିଟା ନିଶା ଦେଇ ସେମାନଙ୍କ ଦ୍ୱାରା ଅପରାଧ ଘଟାଉଛନ୍ତି। ଯାହାକି ରାଜଧାନୀରେ ଏଭଳି ଘଟଣା କିଛି ଦିନ ହେବ ଦେଖିବାକୁ ମିଳୁଛି। କିନ୍ତୁ ପୁଲିସ ଏହି ମାଷ୍ଟରମାଇଣ୍ଡ ନିକଟରେ ପହଞ୍ଚି ପାରୁନି। ଅଯଥା ପୁଲିସ ଏହି ନାବାଳକ ଅପରାଧୀଙ୍କୁ ଧରି ସୁଧାରଗୃହକୁ ପଠାଉଛନ୍ତି। ଯାହାକି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ଯେଉଁଥି ପାଇଁ ପୁଲିସର ଅନେକ ମୂଲ୍ୟବାନ ସମୟ ନଷ୍ଟ ହେଉଛି। ରାଜଧାନୀରେ ବିଭିନ୍ନ ଥାନାରେ ବହୁ ସମୟରେ ବାଳ ଅପରାଧୀ ଅପରାଧ ଘଟାଇ ଧରାପଡୁଛନ୍ତି। ଯେହେତୁ ସେମାନଙ୍କ ବୟସ ୧୮ ବର୍ଷ ତଳକୁ ରହିଛି ସେଥିପାଇଁ ସେମାନଙ୍କୁ ଜେଲ୍ ନ ପଠା ଯାଇ ସୁଧାର ଗୃହ ପଠା ଯାଉଛି। ଜଣେ ବାଳ ଅପରାଧି ଧରାପଡିବା ପରେ ମାମଲା କରି ତାଙ୍କୁ ପ୍ରଥମେ ଜେଜେ ବୋର୍ଡ(ଜୁଭେନାଲ ଜଷ୍ଟିସ୍ ବୋର୍ଡ)ରେ ହାଜର କରିବାକୁ ପଡୁଛି। ବୋର୍ଡଙ୍କ ନିର୍ଦ୍ଦେଶ ଅନୁସାରେ ବ୍ରହ୍ମପୁରରେ ଥିବା ଜୁଭେନାଇଲ୍ ଜଷ୍ଟିସ୍‌ବୋର୍ଡରେ ଛାଡ଼ି ଦିଆଯାଉଛି। ସେଠାରେ ସେମାନଙ୍କୁ ରଖାଯାଇ ସୁଧାରିବା ପାଇଁ ବିଭିନ୍ନ ପ୍ରକାର ଶିକ୍ଷା ଦିଆଯାଉଛି।

**ନିଶା ଦେଇ ଆୟତ୍ତରେ ରଖୁଛନ୍ତି**

**ସୁଧାର ଗୃହରୁ ଆସିବା ପରେ ବଦଳୁନାହାନ୍ତି**

**ଖୋର୍ଦ୍ଧାରେ ହେବ ନୂଆ ସୁଧାର ଗୃହ**



### ସୁଧାର ଗୃହରେ ଦିଆଯାଉନି ଉପଯୁକ୍ତ ଶିକ୍ଷା

ଏକାଧିକ ନାବାଳକ ଅପରାଧ କରି ସୁଧାରଗୃହକୁ ଯାଉଛନ୍ତି। ସେଠାରେ କିଛି ଦିନ ରହିବା ପରେ ପୁଣି ଆସି ଅପରାଧ ଘଟାଉଛନ୍ତି। କିନ୍ତୁ ସେଠାରେ ଯଦି ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯାଇ ପାରନ୍ତା ତେବେ ସେମାନେ ସୁଧୁରି ଯାଆନ୍ତେ। କିନ୍ତୁ ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦିଆଉନଥିବା ଅଭିଯୋଗ ହେଉଛି।

### ନିଜ ପକେଟରୁ ଅର୍ଥ ଖର୍ଚ୍ଚ କରୁଛନ୍ତି ପୁଲିସ ଅଧିକାରୀ

ବାଳ ଅପରାଧିଙ୍କୁ ସୁଧାର ଗୃହକୁ ନେବା ପାଇଁ ତଦନ୍ତ ଅଧିକାରୀ ନିଜ ପକେଟରୁ ଅର୍ଥ ଖର୍ଚ୍ଚ କରୁଥିବା ଦେଖିବାକୁ ମିଳୁଛି। ବାଳ ଅପରାଧିକୁ ବସ୍‌ରେ ବ୍ରହ୍ମପୁର ନେବା ଠାରୁ ଆରମ୍ଭ କରି ଖାଇବା ଏବଂ ଅନ୍ୟାନ ଖର୍ଚ୍ଚ ରହିଛି। ହେଲେ ତଦନ୍ତ ଅଧିକାରୀଙ୍କୁ ଥାନାକୁ ଆସୁଥିବା ଫଣ୍ଡରୁ ଖର୍ଚ୍ଚ କରିବାକୁ ଦିଆଯାଉନଥିବାରୁ ସେ ବାଧ୍ୟ ହୋଇ ନିଜ ହାତରୁ ଅର୍ଥ ଖର୍ଚ୍ଚ କରୁଛନ୍ତି।

### ଅପରାଧରେ ସାମିଲ୍ ପାଇଁ କାମ କରୁଛି ରାକେଟ୍

ରାଜଧାନୀରେ ନାବାଳକଙ୍କୁ ଅପରାଧରେ ସାମିଲ୍ ପାଇଁ ରାକେଟ୍ କାମ କରୁଥିବା କୁହାଯାଉଛି। ସେମାନେ ଏହି ଶିଶୁମାନଙ୍କୁ ବାହାର ରାଜ୍ୟରୁ ଆଣି ଏଠାରେ ପ୍ରଥମେ ଭିକ ମଗାଉଛନ୍ତି। ଏହି ଶିଶୁମାନେ ସହରର ବିଭିନ୍ନ ଛକରେ ବୁଲି ବୁଲି ଭିକ ମାଗୁଛନ୍ତି। ଭିକ ମାଗିବା ପରେ ସେମାନଙ୍କୁ କୁହାଯାଇଥିବା ସ୍ଥାନରେ ପହଞ୍ଚୁଛନ୍ତି। ସେଠାରେ ମାଷ୍ଟରମାଇଣ୍ଡକୁ ଯାହା ଆଦାୟ ହୋଇଥିବ ଦେଉଛନ୍ତି। ପ୍ରତି ଏକ ଘଣ୍ଟାରେ ସେମାନେ ଆସି ମାଷ୍ଟରମାଇଣ୍ଡକୁ ଟଙ୍କା ଦେଉଛନ୍ତି। ଯେଉଁମାନେ ଦେଉନାହାନ୍ତି ସେମାନଙ୍କୁ ନିର୍ଯାତନା ଦିଆଯାଉଛି। ଯାହାଫଳରେ ଭୟରେ ଅନେକ ଶିଶୁ ପାଟି ଖୋଲୁନାହାନ୍ତି। ଏପରିକି ସେମାନଙ୍କୁ କିଭଳି ଭିକ୍ ମାଗିବେ ତାହାର ମଧ୍ୟ ଟ୍ରେନିଂ ଦିଆଯାଉଛି। ଏହି ଶିଶୁମାନେ ଟ୍ରେନିଂ ନେବା ପରେ ଅବିକଳ ଭାବେ ଅଭିନୟ କରି ଭିକ୍ ମାଗୁଛନ୍ତି।



### ଖସିଗଲେ ଚାକିରି ଭୟ

ବାଳ ଅପରାଧୀଙ୍କୁ ସୁଧାରଗୃହ ପଠାଇବା ପାଇଁ ତଦନ୍ତ ଅଧିକାରୀଙ୍କୁ ସକାଳୁ ଫାଇଲ୍ ଚାଷ କରିବାକୁ ପଡ଼େ। ଦିନ ୨ଟା ପରେ ବାଳ ଅପରାଧୀଙ୍କୁ ଜେଜେ ବୋର୍ଡରେ ହାଜର କରି ୨ଶହ କିଲୋମିଟର ବ୍ରହ୍ମପୁର ସୁଧାର ଗୃହକୁ ନେବାକୁ ପଡ଼େ। କିନ୍ତୁ ଥାନା ଗାଡି ଏତେ ଦୂର ଯିବାକୁ ନିୟମ ନଥିବା ବେଳେ ତଦନ୍ତ ଅଧିକାରୀ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ବସ୍ କିମ୍ବା ଟ୍ରେନ୍‌ରେ ନେଇଥାନ୍ତି। କିନ୍ତୁ ତଦନ୍ତ ଅଧିକାରୀ ବାଟରେ ଚା' କିମ୍ବା ଖାଦ୍ୟ ଖାଇବା ସମୟରେ ବାଳ ଅପରାଧି ଖସିଯିବାର ସମ୍ଭାବନା ରହିଛି। ପୂର୍ବରୁ ମଧ୍ୟ ଅନେକ ବାଳ ଅପରାଧି ପୁଲିସ ନେବା ସମୟରେ ଖସିଯାଉଛନ୍ତି। ଯେଉଁଥି ପାଇଁ ତଦନ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ସକାଳ THE SAKALA
ଜୟପୁର
www.sakalaepaper.com

# ଆଇନ ସଚେତନତା ଶିବିର

ଗୁଣୁପୁର, ୧୮।୫(ସମିସ): ଗୁଣୁପୁର ପଞ୍ଚାୟତ ସମିତିଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସଂସ୍ଥାର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ଦେବଦତ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ବିଜୟ ଲକ୍ଷ୍ମୀ ମହାପାତ୍ର, ବରିଷ୍ଠ ଓକିଲ ଉମା ଚରଣ ପଟ୍ଟନାୟକ, ଓକିଲ ସଂଘ ଉପ ସଭାପତି ରମେଶ ଚନ୍ଦ୍ର ଲିମା, ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନ ସଚେତନତା ଶିବିରରେ ଥିବା ସ୍ଥାୟୀ ଲୋକ ଅଦାଲତରେ କିପରି ଲୋକଙ୍କ ପାଇଁ ଥିବା ଅତ୍ୟାବଶ୍ୟକ ସେବା ଯଥା ଗମନାଗମନ, ବିଦ୍ୟୁତ୍, ଟେଲିଫୋନ ସେବାର ସମାଧାନ ହୋଇ ପାରିବ ସେ ବିଷୟରେ ଅତିଥି ମାନେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଏହା ସହ ମାଗଣା ଆଇନ ସେବା କିପରି ପାଇ ପାରିବେ ସେ ନେଇ କୁହାଯାଇଥିଲା। ଓକିଲ ରମେଶ ଚନ୍ଦ୍ର ଲିମା ମଞ୍ଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ସିଡିପିଓ , ଅଙ୍ଗନବାଡି କର୍ମୀ, ଏସ୍‌ଏଚ୍‌ଜି ସଦସ୍ୟ ଉପସ୍ଥିତ ଥିଲେ।

# ତଳ ଇନ୍ଦିରା ନଗର ରାସ୍ତା କାମ ଶୁଭାରମ୍ଭ



ସେମିଳିଗୁଡ଼ା,୧୮।୫(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହରର ୨୦ ନମ୍ବର ୱାର୍ଡ ଅଧୀନସ୍ଥ ତଳ ଇନ୍ଦିରା ନଗରରେ ନୂତନ ରାସ୍ତା ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର ଏହାର ଶୁଭ ଦେଇଥିଲେ। କାର୍ଯକ୍ରମରେ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ନାୟକ, ଅଲେଖ ଦାସ, ଜ୍ଞାନ ରଂଜନ ମହାନ୍ତି, ପି. ରମେଶ, ଗୋବର୍ଦ୍ଧନ ଜେନା, ମନୋରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସାହି ରାସ୍ତା ସମସ୍ୟା ନେଇ ଗତ ଦିନରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇଥିଲା। ରାସ୍ତାକାମ ଆରମ୍ଭ ହେବାରୁ ସ୍ଥାନୀୟ ବାସିନ୍ଦା ପୌରାଧ୍ୟକ୍ଷ ଶ୍ରୀ ପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଗ୍ରୀନ୍ ଷ୍ଟମ୍ପସ୍ ଟ୍ରଫି ୨୦୨୫ ଉଦ୍‌ଘାଟିତ



କୋରାପୁଟ,୧୮।୫ (ସମିସ): ଜାରଟି ଯୁବ କ୍ଲବ ଓ ନରେନ୍ଦ୍ର ଟାକ୍ରିଙ୍କ ନେତୃତ୍ୱରେ ଗ୍ରୀନ୍ ଷ୍ଟମ୍ପସ୍ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ ହେଉଛି। ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନ କରିବାକୁ ଏଥିରେ ଲକ୍ଷ୍ୟ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ୩୨ ଟି ଟିମ୍ ଭାଗ ନେବେ । ମୁଖ୍ୟ ଅତିଥି ଭାବେ ପ୍ରଦୀପ ବେନ୍ୟା ଓ ଅନ୍ୟତମ ଅତିଥି ଭାବେ ପଦଲମ ଟାକ୍ରି (ଜାରଟି ଷ୍ଟେସନ୍ ପ୍ରେସିଡେଣ୍ଟ ଓ ଡୋମ୍ ସମାଜ ଉପ ସଭାପତି) ଯୋଗ ଦେଇଥିଲେ। ଯୁବପୀଢି କ୍ରୀଡ଼ା ମାଧ୍ୟମରେ ପରିବେଶ ଅଭିଯାନରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ ଦିଆଯାଇଛି।

# ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ମୁନିଗୁଡ଼ା,୧୮ ।୫(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ହାଇସ୍କୁଲ ଖେଳ ପଡିଆରେ ରବିବାରଠୁ ଆରମ୍ଭ ହୋଇଛି ଜିଲ୍ଲାସ୍ତରୀୟ ଅମ୍ବାଦଳା ମର୍ଣ୍ଣିଙ୍ଗ ଇଲେଭେନ କ୍ରିକେଟ ଟୁର୍ନାମେଣ୍ଟ। ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୁରୁବାରି ଭୋଇ ଓ ସମ୍ମାନିତ ଅତିଥି ଭାବେ ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ଖେଳାଳୀ ସତ୍ୟବାନ୍ ଛତର, ଏ.ଜଗନ୍ନାଥ ପ୍ରସାଦ, ବୃନ୍ଦାବନ ମହାନ୍ତି, ପରମେଶ୍ୱର ରାଓ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମର୍ଣ୍ଣିଙ୍ଗ ଇଲଭେନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଭାଗ ନେଇଥଲେ। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଚାଲିବ ବୋଲି ଆୟୋଜକ ଟିମ ନିକଟରୁ ସୂଚନା ମିଳିଛି। ଉଦ୍‌ଘାଟନୀ ପ୍ରତିଯୋଗିତାରେ ପ୍ରଥମ ମ୍ୟାଚ୍ ଦହିଖାଲ ଓ ଶରଧାପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଶରଧାପୁର ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୦ ଓଭର ଖେଳି ୭ ୱିକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଦହିଖାଲ ଦଳ ୯ ଓଭର ୪ଟା ବଲ୍ ଖେଳି ୪ ୱିକେଟ ହରାଇ ୯୦ ରନ୍ ସଂଗ୍ରହ କରି ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାରେ ରାୟଗଡ଼ା ଜିଲ୍ଲା ପି.କୁଟୁଣି ପଦର୍ ଓ କଳାହାଣ୍ଡି ଜିଲ୍ଲା ଛତ୍ରପୁର ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ପି. କୁଟୁଣି ପଦର ଟିମ ଛତ୍ରପୁରକୁ ପରାସ୍ତ କରି ବିଜୟୀ ହୋଇଛି। ଏହି ଟୁନାମେଣ୍ଟରେ ଆୟୋଜକ ଦଳ କୁନା ସାହୁ, ରଞ୍ଜିତ ପାଢ଼ୀ, ଲୋକନାଥ ରଣା, ଜୟନ୍ତ ନାୟକ, ପୁରୁଷୋତ୍ତମ ବଞ୍ଚର, ସୁଧୀର ନାୟକ, ଭୋଳେଶ୍ୱର୍ ଦଳେଇ, କାହ୍ନା ପାତ୍ର, କିଶୋର କୁମାର୍ ସାହୁ ପ୍ରମୁଖଙ୍କ ସମେତ ମର୍ଣ୍ଣିଙ୍ଗ ଇଲେଭେନ୍ ଟିମର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମହିଳା ଓ ଶିଶୁ ବିକାଶ ବିଭାଗ ଗୃହ କମିଟିର କୋରାପୁଟ ଗସ୍ତ

# ବୁଲିଦେଖିଲେ କଫି ଓ ଗୋଲମରିଚ ଚାଷ





କୋରାପୁଟ,୧୮।୫ (ସମିସ): ଓଡ଼ିଶା ବିଧାନସଭାର ମହିଳା ଓ ଶିଶୁ ବିକାଶ ବିଭାଗ ଗୃହ କମିଟି ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସି ପହଞ୍ଚିଛନ୍ତି। ରବିବାର ପୂର୍ବାହ୍ନରେ ଜୟପୁର ବିମାନ ବନ୍ଦର ଠାରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ଏସ୍‌ପି ରୋହିତ ବର୍ମା, ଜୟପୁର ଉପଜିଲ୍ଲାପାଳ ଏ.ସସ୍ୟା ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ଗୃହ କମିଟି ସଦସ୍ୟା ମାନଙ୍କୁ ସ୍ୱାଗତ କରିଥିଲେ। ମହିଳା ଓ ଶିଶୁ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଏହି ଗସ୍ତରେ ଆଲୋଚନା ପର୍ଯ୍ୟାଲୋଚନା କରାଯିବ ବୋଲି ଜଣା ପଡ଼ିଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଅଧ୍ୟକ୍ଷତାରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବାରବାଟି କଟକ ବିଧାୟିକା ସୋଫିଆ ଫିରଦୋସ,ପଦମପୁର ବିଧାୟିକା ବର୍ଷା ସିଂହ ବରିହା, ନର୍ଲା ବିଧାୟିକା ମନୋରମା ମହାନ୍ତି ଗୃହ କମିଟିରେ ରହିଛନ୍ତି। କୋରାପୁଟ କଫି ଫାର୍ମ ବୁଲିବା ପରେ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରି କଫି ବଗିଚା ପରିଦର୍ଶନ କରି ଦେଓମାଳୀରେ ବନ ବିଭାଗର କଟେଜରେ ରାତ୍ରିଯାପନ କରିବା କାର୍ଯ୍ୟକ୍ରମ ରହିଛି। ସୋମବାର ଦିନ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଲୁଙ୍ଗୁରୀ ଅଙ୍ଗନବାଡି କେନ୍ଦ୍ର , ମିସିଙ୍ଗଗୁଡା କଫି ଚାରା ରୋପଣ କେନ୍ଦ୍ର ଏବଂ ରାଜପୁଟ ମିଲେଟ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରିବା ପରେ କୋରାପୁଟ ଫେରି ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାର ପ୍ରଶାସନିକ ଅଧିକାରୀ ଏବଂ ପଞ୍ଚାୟତରାଜ ପ୍ରତିନିଧିଙ୍କୁ ନେଇ ବିଭାଗର ସମୀକ୍ଷା କରାଯିବାର କାର୍ଯ୍ୟକ୍ରମ ରହିଛି। ୨୦ ତାରିଖ ସକାଳେ ସେମାନେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି।



**ସେମିଳିଗୁଡ଼ା :** ଏହି କମିଟି କୋରାପୁଟ ଜିଲ୍ଲା ସେମିଳିଗୁଡା ଏବଂ ପଟାଙ୍ଗି ବ୍ଲକ ଗସ୍ତ କରିଥିଲେ। ସଦସ୍ୟା ଗଣ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରି ଠାରେ ରହିଥିବା କଫି ପ୍ଲାଣ୍ଟ ଗସ୍ତ କରିଥିଲେ। ସେଠାରେ କଫି ଏବଂ ଗୋଲ ମରିଚ ଚାଷ କିଭଳି କରାଯାଇଛି। ଉକ୍ତ ଚାଷରେ କେତେ ଜଣ ମହିଳା ଆତ୍ମ ନିର୍ଭରଶୀଳ ହେଇ ପାରୁଛନ୍ତି ସେ ସମ୍ପର୍କରେ ଜାଣିଥିଲେ। ସେଠାରୁ ସଦସ୍ୟା ଗଣ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ଗସ୍ତ କରି ଜଙ୍ଗଲ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା କଟେଜରେ ରାତ୍ରିଯାପନ କରିବାର ଯୋଜନା ରହିଛି।

**ପଟାଙ୍ଗି :** ବିଧାନସଭା ଗୃହ କମିଟି ତଥା ମହିଳା ଏବଂ ଶିଶୁ କଲ୍ୟାଣ ଗୃହ କମିଟିର ୯ ଜଣ ସଦସ୍ୟାଙ୍କ କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ଗସ୍ତ କରିଛନ୍ତି। ତାଙ୍କ ସହିତ ସମୟରେ ଜିଲ୍ଲାପାଳ କୋରାପୁଟ ଭି କୀର୍ତ୍ତି ଭାସନ,ଆରକ୍ଷୀ ଅଧିକ୍ଷକ ରୋହିତ ଭର୍ମା ଏବଂ ବିଭିନ୍ନ ବିଭାଗର ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ଉକ୍ତ ସଦସ୍ୟା ଗଣଙ୍କୁ ଢେମାସା ନୃତ୍ୟ ଏବଂ ବାଜାର ତାଳେ ତାଳେ ସ୍ୱାଗତ କରାଯାଇଥିଲା। ରାତ୍ରିଯାପନ ପାଇଁ କଟେଜର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଆସନ୍ତା କାଲି ସେମାନେ ସେମିଳିଗୁଡା ବ୍ଲକ ର ଲୁଙ୍ଗୁରି, ମିଶିଙ୍ଗୁଡ଼ା ଏବଂ ରାଜପୁଟ ଗ୍ରାମଠାରେ ମହିଳା ମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ପ୍ରକଳ୍ପ ଗୁଡିକୁ ଦେଖିବାର ଯୋଜନା ରହିଛି।

## ■ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ୪ ଜଣଙ୍କ ନାଁରେ ହତ୍ୟା ଅଭିଯୋଗ ଆଣିଲେ ବୃଦ୍ଧା



ପୋଡ଼ାଗଡ଼,୧୮।୫(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣାବାଡ଼ ପଞ୍ଚାୟତ ସଦର ମହକୁମା ଠାରେ ରହୁଥିବା ଜଣେ ଯୁବକକୁ ସେହି ଗାଁର କିଛି ଲୋକ କୌଣସି କାରଣକୁ ନେଇ ହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ କାଜୁ ଗଛ ଡାଳରେ ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି। ଆଜି ମୃତ ଯୁବକର ରୋଗୀଣା ବୃଦ୍ଧା ମା', ତାର ପୁଅକୁ ଗାଁର ୪ ଜଣ ଲୋକ ହତ୍ୟା କରିଥିବା ସମ୍ପର୍କରେ ଲିଖିତ ଅଭିଯୋଗ ଥାନାରେ ଦେଇଛି। ଏତଲାକୁ ଭିତ୍ତି କରି ଥାନା ଅଧିକାରୀ ସୁକୁମା ହାଁସଦା ସଦଳବଳେ ଘଟଣା ସ୍ଥଳକୁ ଯାଇ ତନାଘନା ଆରମ୍ଭ କରିଛନ୍ତି। ଏତଲା ଅନୁସାରେ ଦୁଇ ଜଣଙ୍କୁ ଥାନା ରେ ଅଟକ ରଖି ପଚରାଉଚରା ଚାଲିଥିବା ଥାନା ଅଧିକାରୀ ସୁକୁମା ହାଁସଦା କହିଛନ୍ତି। ମୃତ ଯୁବକ ଧନପତି ଜାନୀଙ୍କ ବୃଦ୍ଧା ମା'ଙ୍କ ଏତଲା ଅନୁସାରେ ଗତ ୭ ତାରିଖ ଦିନ ଘରେ ଖାଇ ସାରି ସେ ବଡ଼ସାହିରେ ଶୋଇବାକୁ ଯାଇଥିଲେ। ଏହି ସମୟରେ ଗାଁର ୪ ଜଣ ଲୋର୍କ କୌଣସି କାରଣରୁ ଗାଁ ଦାଣ୍ଡରେ ପୁଅକୁ ନିସ୍ଥୁକ ମାଡ଼ ମାରିଥିଲେ। ଏହି ସମୟରେ ଗାଁରେ ରହୁଥିବା ମୃତ ଯୁବକର ଜଣେ ମାଉସୀ ସାଲ ଜାନୀ ମାଡ଼ ମାରୁଥିବା ଦୃଶ୍ୟ ଦେଖିଥିଲେ। ସେତେବେଳେ ଯୁବକ ଜଣକ ଜୀବନରେ ମାରି ଦେବେ ବୋଲି ଭୟରେ ଗାଁ ଦାଣ୍ଡରୁ ରାସ୍ତା ରେ ଧାଇଁ ପଳାଇ ଥିଲେ। ଆଉ ସେ ଦିନ ଘରକୁ ଫେରି ନ ଥିଲେ। ଆର ଦିନ ତଥା ୮ ତାରିଖ ଦିନ ସକାଳେ ଗାଁ ର କେତେକ ମହିଳା ଶୌଚ ପାଇଁ ନାଳକୁ ଯାଇଥିବା ବେଳେ କାଜୁଗଛରେ ତାର ମୃତ ଶରୀର ଝୁଲୁଥିବା ଦେଖିଥିଲେ। ବୃଦ୍ଧା ମା' କୌଣସି ଉପାୟ ନ ପାଇ ଗାଁ ଲୋକଙ୍କୁ ନେଇ ପୁଅର ଶବ ସତ୍କାର କରି ଦେଇଥିଲା। ଯୁବକକୁ ମାଡ଼ ମରାଯାଇଥିବା ଘଟଣା ଧିରେ ଧିରେ ଗୁମର ଖୋଲିବାରୁ ସେ ଲିଖିତ ଏତଲା ଦେଇଛନ୍ତି। ମୃତ ମା' ନ୍ୟାୟ ପାଇଁ ନିବେଦନ କରିଛନ୍ତି।

# ଭଗବତୀଙ୍କ ପାଇଁ ୧୯ କେଜି ରୁପା ଗହଣା

ଜୟପୁର ୧୮ ।୫(ସମିସ): ଜୟପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ନିକଟରେ ଆଜି ସଂଧ୍ୟାରେ ରୁପାରେ ନିର୍ମିତ ନୂତନ ପ୍ରଭା, ସିଂହାସନ, ପାଦ, ଦୁଇଟି ସିଂହ ଏବଂ ଅଳଙ୍କାର ଲାଗି ହୋଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତାରେ ଭଗବତୀ ପୂଜା କମିଟି ଓ ସେବା ଟ୍ରଷ୍ଟର ମିଳିତ ଉଦ୍ୟମରେ ଏହା ନିର୍ମାଣ କରାଯାଇ ଲାଗି କରାଯାଇଥିଲା। ଏଥିରେ ସମୁଦାୟ ୧୯ କିଲୋଗ୍ରାମର ରୂପା ବ୍ୟବହୃତ ହୋଇଥିବା ବେଳେ ଏହି ମନ୍ଦିର ଦେବତ୍ତୋର ବିଭାଗର ହୋଇଥିବା ଯୋଗୁଁ ବିଭାଗ ପକ୍ଷରୁ ଏହି ରୂପା ସାମଗ୍ରୀକୁ ନେଇ ରେକର୍ଡଭୁକ୍ତ କରାଯାଇଥିବା ନେଇ ଦେବତ୍ତୋର କର୍ମଚାରୀ କୃଷ୍ଣଚନ୍ଦ୍ର ଦାଶ ପ୍ରକାଶ କରିଛନ୍ତି। ଆଜି ସଂଧ୍ୟାରେ ଦେବୀଙ୍କ ପୂର୍ବରୁ ରହିଥିବା ସୁନା ଓ ରୂପା ଅଳଙ୍କାର ସହ ସାଜସଜ୍ଜା କରିବା ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ସହ ସଂଧ୍ୟା ଆଳତି କରାଯାଇଥିଲା। ଏହି ଅବସରରେ ମନ୍ଦିର ପୂଜକ ଧିରେନ୍ଦ୍ର ରଥ ରୀତିନୀତିରେ ପୂଜାର୍ଚ୍ଚନା କରିବା ସହ ଦେବୀଙ୍କୁ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ମହିଳା ମୃତ, ୨ ଗୁରୁତର

କୋଷାଗୁମୁଡା,୧୮।୫(ସମିସ): ରବିବାର ଦିନ ପୂର୍ବାହ୍ନ ୧୧ଟା ସମୟରେ କୋଷାଗୁମୁଡା ବ୍ଲକର ବାଲେଙ୍ଗା ଓ ତାରାଗାଁ ମୁଖ୍ୟ ରାସ୍ତା ଉପରେ ଦୁର୍ଘଟଣା ଘଟି ସାନ ଗୁମୁଡ଼ାର ଡଲ ପନକାଙ୍କ ସ୍ତ୍ରୀ ମଙ୍ଗଳ ଦେଇ ପନକା(୪୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ସହ ଅନ୍ୟ ଜଣେ ସମ୍ପର୍କୀୟଙ୍କ ଗୋଡ଼ ଭାଙ୍ଗିଛି। ସେମାନେ ବାଇକ୍‌ରେ ଯାଉଥିବା ବେଳେ ବାଲେଙ୍ଗା କାଜୁ ବାଡ଼ ନିକଟରେ ଜନନୀ ଏକ୍ସପ୍ରେସ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା। କାଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର ଏସ୍‌ଆଇ- ସୁକଦେବ ଛତ୍ରିଆଙ୍କୁ ତଦନ୍ତ ଅଧିକାରୀ ଭାବରେ ଦାୟିତ୍ୱ ଦେଇଛନ୍ତି।

# ଦୁର୍ଘଟଣାର ଆହତ ୨୫ ଗୋରୁ ଗୋଶାଳା ସ୍ଥାନାନ୍ତର

ଜୟପୁର,୧୮ ।୫(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ଥାନାର ସୁଙ୍କି ଘାଟିରେ ଗତକାଲି ଅପରାହ୍ନରେ ଏକ ଗୋରୁ ବୋଝେଇ କଣ୍ଟେନର ଦୁର୍ଘଟଣାରେ ୪୬ ଗୋରୁଙ୍କ ମୃତ ହୋଇଥିବା ବେଳେ ୨୫ଟି ଆହତ ହୋଇଥିଲେ। ଆହତ ଗୋରୁଙ୍କୁ ଜୟପୁର ବ୍ଲକସ୍ଥିତ ପାଲିଗୁଡା ଗୋଶାଳାକୁ ଆଜି ସ୍ଥାନାନ୍ତରିତ କରାଯାଇଛି। ପ୍ରଥମେ ଆହକ ଗୋରୁଙ୍କୁ ବୋରିଗୁମ୍ମା ଥାନା ଆଉଁଳି ଗ୍ରାମ ନିକଟସ୍ଥ ଗୋଶାଳାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଆବଶ୍ୟକ ଠାରୁ ଅଧିକ ଗୋରୁ ରହିଥିବାରୁ ପାଲିଗୁଡା ଗୋଶାଳାକୁ ଆଣ ପରିଚାଳକ ମାନଙ୍କ ଜିମାରେ ଦିଆଯାଇଛି। ଗୋଚାଲାଣ ରୋକିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ ପଦକ୍ଷପ ଗ୍ରହଣ କରିବାକୁ ଆଜି ହିନ୍ଦୁ ସମାଜର କର୍ମକର୍ତ୍ତା ମାନେ ଦାବି କରିଛନ୍ତି।

# ବର୍ଷା ପୂର୍ବରୁ ପଙ୍କ ଓ ମାଟି ଉତ୍ତୋଳନ ଉପରେ ବିଧାୟକଙ୍କ ଗୁରୁତ୍ୱ

ଜୟପୁର,୧୮ ।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରର ଐତିହାସିକ ଜଗନ୍ନାଥ ସାଗରର ଦ୍ୱିତୀୟ ପର୍ଯ୍ୟାୟ ପୁନଃଉଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଆଜି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିଲେ। ଆସନ୍ତା ବର୍ଷା ଦିନ ପୂର୍ବରୁ ଜୋରାଦାର କାର୍ଯ୍ୟ କରିବା ସହ ସମସ୍ତ ପଙ୍କ ଓ ମାଟି ଉତ୍ତୋଳନ କରିବା ଉପରେ ଜୋର ଦେଇଥିଲେ।



ବିଧାୟକ ଜଗନ୍ନାଥ ସାଗର ପାଶ୍ୱର୍ରେ ନିର୍ମାଣ ଚାଲିଥିବା ଡେନ୍‌ର ପରିଦର୍ଶନ କରିବା ସହ ଏହାକୁ ବର୍ଷା ଦିନ ପୂର୍ବରୁ ସମାପ୍ତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟ ପକ୍ଷରେ ନୂଆସାହି ପାର୍କ ଲାଇନ୍‌ଠାରୁ ବାଇପାସ ରୋଡ୍ ପାଶ୍ୱର୍ରେ ପଞ୍ଚାନନ ମନ୍ଦିର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ କାର୍ଯ୍ୟ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚାଲୁ ରହିଛି। ଏହି ଅବସରରେ ଜୟପୁର ପୌରସଂସ୍ଥା ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପଜିଲ୍ଲାପାଳ ତଥା ପୌର ନିର୍ବାହି ଅଧିକାରୀ ଏ. ସସ୍ୟା ରେଡ୍ଡୀ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ, କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୁପ୍ରଭା କଅଁର, ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାହୁ, ପୌର କନିଷ୍ଠଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତି ଥିଲେ।

# ଚିତ୍ରକୋଣ୍ଡାରେ ତ୍ରିରଙ୍ଗା ଶୋଭାଯାତ୍ରା



ଚିତ୍ରକୋଣ୍ଡା, ୧୮ ।୫ (ସମିସ): 'ଅପରେସନ ସିନ୍ଦୂର'ର ସଫଳତା ପରେ ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତିନି ପ୍ରମୁଖ ଦଳ ବିଜେପି, କଂଗ୍ରେସ ଓ ବିଜେଡିର ପୁରୁଖା ନେତାଙ୍କ ସହିତ ଜନସାଧାରଣ, ବଣିକ ସଂଘ, ବିଭିନ୍ନ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସମୟରେ ଭାରତ ମାତା କି ଜୟ, ବନ୍ଦେ ମାତରମ୍ ଧ୍?ନିରେ ଚିତ୍ରକୋଣ୍ଡା ସହର ପ୍ରକମ୍ପିତ ହୋଇଥିଲା। ଗତକାଲି ଅପରାହ୍‌ଣରୁ ପଞ୍ଜାବୀ ଛକରୁ ଶୋଭାଯାତ୍ରା ବାହାରି ଦୈନିକ ବଜାର ଦେଇ ମଧୁସୂଦନ ଛକରେ ସନ୍ଧ୍ୟାରେ ଶେଷ ହୋଇଥିଲା। ବିଜେପିର ହେମନ୍ତ ସଗରିଆ, କଂଗ୍ରେସ ପକ୍ଷରୁ ବିଦେଶୀ ଗୌଡ଼, ବିଜେଡି ପକ୍ଷରୁ ରଘୁ ଖରା ସ୍ଥାନୀୟ ପୁଲିସ, ବନ ବିଭାଗ କର୍ମଚାରୀ, ବଜାର କମିଟି ଓ ବିଭିନ୍ନ ସଂଗଠନର କର୍ମକର୍ତା ଯୋଗ ଦେଇଥିଲେ।

## କାଳବୈଶାଖୀ ତାଣ୍ଡବ

# ୨୨ ଛେଳିମେଣ୍ଢା ମୃତ; ମାଟିଧସି ରାସ୍ତା ଜାମ୍



ନାରାୟଣପାଟଣା,୧୮।୫(ସମିସ): ପ୍ରବଳ ବର୍ଷା ଘଡ଼ଘଡ଼ି ଯୋଗୁଁ ନାରାୟଣପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତଳଗୁମାଣ୍ଡି ପଞ୍ଚାୟତର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଚାଷ ଜମିରେ ବର୍ଷା ଜଳ ପ୍ରବାହିତ ହେବାରୁ କାଦୁଆ ମାଟି ପଶିଯାଇ ୧୫ ଏକର ଜମିର ଫସଲ ନଷ୍ଟ ହୋଇଛି। ଏଥିସହ ତଳଗୁମାଣ୍ଡିକୁ ଯୋଗାଯୋଗ କରୁଥିବା ଭିତରପଡ଼ା ଗାଁ ରାସ୍ତାରେ ପାହାଡ଼ରୁ ମାଟି ଖସି ରାସ୍ତା ଜାମ୍ ହୋଇଛି। ଏଥିସହ ଉପରଗୁମାଣ୍ଡି ପଞ୍ଚାୟତରେ ବିଜୁଳି ପଡି ୨୨ଛେଳିମେଣ୍ଢାଙ୍କ ମୃତ୍ୟୁ ଘଟିଛି।

ଗତକାଲି ସନ୍ଧ୍ୟାରେ ଘଡ଼ଘଡି ସହ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା । ସେହି ସମୟରେ ଛେଳି ସବୁ ଏକ ଗଛ ମୂଳକୁ ଚାଲିଯାଇଥିଲେ। ଗଛ ଉପରେ ବଜ୍ରପାତ ହେବାରୁ ଗ୍ରାମର ସାନ୍ତାତାଡିଙ୍ଗିଙ୍କର ୯ଟି, ବୁଦ୍ରାଙ୍କର ୩ଟି, ରେଲିଙ୍କର ୪ଟି, ଲଦେୟାଙ୍କ ୨ଟି ଓ କସମାଙ୍କର ୨ଟି ଛେଳି ଓ ମେଣ୍ଢାଙ୍କର ମୃତ୍ୟୁ ଘଟିଛି । ସମସ୍ତେ ଗରିବ ଆଦିବାସୀ ହୋଇଥିବାରୁ କ୍ଷତିପୂରଣ ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି। ସେହିପରି ବିଜାଘାଟି ପଞ୍ଚାୟତର ଝଡିପଦର ଗାଁରେ ପ୍ରବଳ ବର୍ଷା ଯୋଗୁଁ ଗାଁର ଶୃତି ଶିରିକାଙ୍କ ମାଟି ଘର କାନ୍ଥ ଭୁଶୁଡ଼ି ପଡିଛି। ସେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତି ଯାଇଛନ୍ତି। ଅତି ଗରିବ ପରିବାର ହୋଇଥିବାରୁ ମାଟି ଘରେ ରହିଆସୁଥିଲେ। ବର୍ତମାନ ଜରି ବାନ୍ଧି ଘରେ ରହୁଥିଲେ। ଖବର ପାଇ ତହସିଲଦାର ଦେବବ୍ରତ ମହାରଣା କ୍ଷୟକ୍ଷତି ତଦାରଖ ପାଇଁ ଟିମ୍ ପଠାଇ ତଦନ୍ତ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପଠାଇଛନ୍ତି। ଅନ୍ୟପଟେ ପଶୁ ଚିକିତ୍ସା ବିଭାଗ ଅଧିକାରୀମାନେ ଟିକଲଗୁମାଣ୍ଡିରେ ପହଞ୍ଚି ମୃତ ମେଣ୍ଢା ଛେଳି ର ଶବ ବ୍ୟବଚ୍ଛେଦ କରି ରିପୋର୍ଟ ସଂଗ୍ରହ କରିଛନ୍ତି। କୃଷି ବିଭାଗର ଏକ ଟିମ୍ ତଳଗୁମାଣ୍ଡିରେ ପହଞ୍ଚି ଚାଷ ଜମିର କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ କରି ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଛନ୍ତି।

## ● ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍‌ର ସାଧାରଣ ବୈଠକ

# ପ୍ରତି ବ୍ଲକରେ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି



କୋରାପୁଟ,୧୮।୫ (ସମିସ): କୋରାପୁଟ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ସାଧାରଣ ବୈଠକ ସ୍ଥାନୀୟ ଫରେଷ୍ଟ ରେଷ୍ଟ ହାଉସ୍ ପରିସରରେ ଆୟୋଜିତ ହୋଇଛି। ଫରୋମର ସଭାପତି ଜି. ସଞ୍ଜିବ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଫୋରମର ଉପଦେଷ୍ଟା ମନୋଜ ଆଚାର୍ଯ୍ୟ, ଡଃ ଉମା ଶଙ୍କର ପ୍ରସାଦ ପାତ୍ର, ସାଧାରଣ ସମ୍ପାଦକ ଶେଖ ଇବ୍ରାହିମଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ବିଜୟ କୁମାର ସାହୁ, ଚନ୍ଦ୍ର ଶେଖର ରଥ, ବଦ୍ରି ନାରାୟଣ ଆଚାର୍ଯ୍ୟ, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଶାହେଦା ପରୱିନ, ରାଜେଶ ଯାଦବ, ପ୍ରଦୀପ କୁମାର ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ସ୍ୱରାଜ ରାୟ, ସନ୍ଦୀପ ପଟ୍ଟନାୟକ, ପ୍ରଦୀପ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ଡିବିଡିଏମଏଫ୍‌ର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଫରୋମ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କୋରାପୁଟରେ ସିକେଲ ସେଲ୍ କେନ୍ଦ୍ର ପ୍ରତିଷ୍ଠା ସହ ଜିଲ୍ଲାର ଦୁଇଟି ରକ୍ତ ଭଣ୍ଡାର ପକ୍ଷରୁ ରୋଗୀ ମାନଙ୍କୁ କିଭଳି ଆବଶ୍ୟକୀୟ ରକ୍ତ ଯୋଗାଇ ଦିଆ ଯାଇପାରିବ ସେ ସମ୍ପର୍କରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଫରୋମର ସକ୍ରିୟ ସଦସ୍ୟ ଜୟ ବାଡତ୍ୟା, ବିଲସେନ ସତ୍ୟ, ପ୍ରମୋଦ ସେଠୀ, ଚିନ୍ତାମଣି ପୃଷ୍ଟି, ସୌଦାମିନୀ ସାହୁ, ଜ୍ୟୋତ୍ସ୍ନାରାଣୀ ବେହେରା, ପ୍ରିୟଦର୍ଶୀ ସାହୁ, ତୁଷାର ଭଟ୍ଟ ଏବଂ ଅନ୍ୟ ସଦସ୍ୟ ଉକ୍ତ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଖ ଇବ୍ରାହିମ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ଉମା ଶଙ୍କର ପ୍ରସାଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୨୭ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ଉତ୍କର୍ଷ ସମ୍ମାନ

**ବାରିପଦା, ୧୮।୫(ସମିସ):** ମାଟ୍ରିକ ବୋର୍ଡ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ଓ ୨୬ଟି ବ୍ଲକରୁ ଟପ୍ପର ହୋଇଥିବା ୨୭ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ରବିବାର 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ବାଲେଶ୍ୱର ବ୍ରିଟ୍ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ 'ମେଟ୍ରିକ ଉତ୍କର୍ଷ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ଟପ୍ପର ଭାବେ ଶାମାଖୁଣ୍ଟା ବ୍ଲକ ଟିକରପଡ଼ା ହାଇସ୍କୁଲର ହିମାଂଶୁ ହିରଣ୍ମୟ ଧୀର ଓ ବାରିପଦା ଏସ୍ଏସ୍ଭିଏମର ଭୂମିକା ପ୍ରିୟଦର୍ଶିନୀ ସମ୍ବର୍ଦ୍ଧିତ ହୋଇଥିବା ବେଳେ ବଡ଼ସାହି ବ୍ଲକ ସିଂହଟିଆ ଆରକେ ହାଇସ୍କୁଲର ଗାୟତ୍ରୀ ଦଣ୍ଡପାଟ, ବେତନଟୀ ବ୍ଲକ ବାଳିକା ହାଇସ୍କୁଲର ପ୍ରିୟଙ୍କା ମହାପାତ୍ର, ବିଜାତଳା ସରକାରୀ ଏସ୍ଏସ୍ଡି ହାଇସ୍କୁଲର ବର୍ଷାରାଣୀ ହାଁସଦାଃ, ବିଶୋଇ ଏସ୍ଏସ୍ଡି ହାଇସ୍କୁଲର ଲକ୍ଷ୍ମଣ ମାଝୀ, ବହଳଦା ବ୍ଲକ ଝରାଡିହି ହାୟାର ସେକେଣ୍ଡାରୀ ସ୍କୁଲର ଶିକ୍ଷା ସିହ୍ନା, ବାଙ୍ଗିରିପୋଷି ଏସ୍ଏସ୍ଭିଏମ୍ର ଅର୍ପିତ ମହାନ୍ତ, ଜିବିନଗର ବ୍ଲକ ପଶୁଦା ହାଇସ୍କୁଲର ଦିପସୀତା ମିଶ୍ର, ଜାମଦା ବ୍ଲକ ତେଣ୍ଡରା ହାଇସ୍କୁଲର ମାମି ବିନ୍ଧାଣୀ, ଯଶିପୁର ସରକାରୀ ହାଇସ୍କୁଲର ଅଖିଳେଶ ବେହେରା, କରଞ୍ଜିଆ ଏସ୍ଏସ୍ଭିଏମର ଉପେନ୍ଦ୍ର ମହାନ୍ତ, କୁସୁମୀ ବ୍ଲକର ଛଣୁଆ ପଞ୍ଚାୟତ ହାଇସ୍କୁଲର ପ୍ରଣବ ଗିରି, ଖୁଣ୍ଟା ବ୍ଲକ ତାଡକିଝରଣର ବଡ଼ପଥରା ପଞ୍ଚାୟତ ହାଇସ୍କୁଲର ଇପଶିତା ମିଶ୍ର, କପ୍ତିପଦା ବ୍ଲକ ବଡ଼ଖଲାଡି ଜବାହରଲାଲ ହାଇସ୍କୁଲର ଶ୍ୱେତାପଦ୍ମା ବେହେରା, କୁଳିଅଣା ବ୍ଲକର ଭାଲିଆଡିହା ମୁକୁନ୍ଦରାମ ହାଇସ୍କୁଲର ରୂପାଲି ଦଳେଇ, ମୋରଡା ବ୍ଲକ ବଡମୁଣ୍ଡାବଣି ସରକାରୀ ହାଇସ୍କୁଲର ପଙ୍କଜ ସି, ରାଇରଙ୍ଗପୁର ଏସ୍ଏସଭିଏମର ସତ୍ୟଜିତ ମହାନ୍ତ ଓ ମୀନାକ୍ଷୀ ମହାନ୍ତ, ରାସଗୋବିନ୍ଦପୁର ବ୍ଲକ ଖୁଣ୍ଟାପାଳ ଶାଳଡିହା ହାଇସ୍କୁଲର ଉଦିତ ନାରାୟଣ ଗିରି, ରରୁଆଁ ବ୍ଲକ ବୁଡାମରା ହାଇସ୍କୁଲର ତ୍ରିନାଥ ଗିରି, ଶୁକ୍ରୁଲି ଏସ୍ଏସଭିଏମ୍ର ପ୍ରଣବ ବାରିକ, ଶୁଳିଆପଦା ଦେଉଳି ହାଇସ୍କୁଲର ଶୁଭ୍ରସ୍ମିତା ଦେ, ସାରସକଣା ବ୍ଲକ ଝାରପୋଖରିଆ ସରକାରୀ ଯୁଜି ହାଇସ୍କୁଲର ଅଭିସ୍ମିତା ମହାପାତ୍ର, ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣି ଏସଏସଭିଏମର ନିଖିଲ ବେଙ୍ଗ୍ରା, ତିରିଂ ପିଏମସି ସରକାରୀ ହାଇସ୍କୁଲର ସାଲଗେ ହେମ୍ବ୍ରମ ଓ ଉଦଳା ଏସ୍ଏସଭିଏମ୍ର କୁମାର ସାଇ ସାର୍ଥକ ମଡୁଆଳ ବ୍ଲକ ଟପ୍ପର ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି।

## ଝରାଡିହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଜଣେ ନର୍ସରେ ଚାଲିଛି ସ୍ୱାସ୍ଥ୍ୟସେବା

**ରାଇରଙ୍ଗପୁର, ୧୮।୫(ସମିସ)**

ଆଦିବାସୀ ବହୁଳ ସୀମାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଡାକ୍ତରଖାନାକୁ ଡାକ୍ତର ଆସୁ ନାହାନ୍ତି। ପ୍ରସୂତି, ଶିଶୁ, ଅସ୍ଥି, ଦନ୍ତ ଓ ଶଲ୍ୟ ବିଭାଗରେ ଡାକ୍ତର ନାହାନ୍ତି। ରୋଗୀମାନେ ଡାକ୍ତରଖାନାକୁ ଆସି ଚିକିତ୍ସା ଅଭାବରୁ ଫେରିଯାଇ ଅନ୍ୟତ୍ର ଚିକିତ୍ସିତ ହେଉଛନ୍ତି। ଏହିପରି ଅବ୍ୟବସ୍ଥା ଘେରରେ ଚାଲିଛି ସୀମାନ୍ତ ଅଞ୍ଚଳରେ ରହିଥିବା ଝରାଡ଼ିହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲା ସୀମାନ୍ତ ବହଳଦା ବ୍ଲକ ଅଞ୍ଚଳ ଝରାଡ଼ିହିରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଝରାଡ଼ିହି ଅଞ୍ଚଳରେ ପ୍ରାୟ ୧୫ଟି ଗାଁର ଲୋକ ସ୍ୱାସ୍ଥ୍ୟସେବା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ସୀମାନ୍ତ ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପ୍ରୟାସ ଏହି ଅଞ୍ଚଳପାଇଁ ସ୍ୱପ୍ନ ହୋଇ ରହିଛି। ଡାକ୍ତରଖାନାରେ ମୋଟ୍ ୧୦ ଜଣ ଡାକ୍ତର ଆବଶ୍ୟକ ରହିଥିବାବେଳେ ବର୍ତ୍ତମାନ ମେଡିକାଲ ଅଫିସର ବ୍ୟତୀତ ମୋଟ ୪ ଜଣ ଚୁକ୍ତିଭିତ୍ତିକ ଡାକ୍ତର କାର୍ଯ୍ୟରତ ରହିଛନ୍ତି। ସେମାନେ ମନଇଚ୍ଛା ଡ୍ୟୁଟି କରନ୍ତି। ଅଧିକାଂଶ ସମୟ ଡାକ୍ତରମାନେ ଅନୁପସ୍ଥିତ ରହିଥାନ୍ତି। ଓପିଡିରେ ତାଲା ବନ୍ଦ ରହିଥିବା ସମୟରେ ଜରୁରୀକାଳୀନ ସେବା ପାଇଁ ରୋଗୀ ଆସିଲେ ଡାକ୍ତରମାନଙ୍କୁ ଘରୁ ଡାକି ଚିକିତ୍ସା କରାଯାଇଥାଏ। ଅସ୍ଥି ବିଶେଷଜ୍ଞ, ପ୍ରସୂତି, ଭେସଜ, ଶଲ୍ୟ, ଦନ୍ତ ଓ ଶିଶୁ ବିଶେଷଜ୍ଞ ଡାକ୍ତର ନାହାନ୍ତି। ସେହିପରି ଡାକ୍ତରଖାନାରେ ମୋଟ ୫ ଜଣ ନର୍ସ ଆବଶ୍ୟକ ରହିଥିବାବେଳେ ମାତ୍ର ଜଣେ ନର୍ସ କାର୍ଯ୍ୟରତ ରହିଛନ୍ତି। ଏହିପରି ଉପାନ୍ତ ଅଞ୍ଚଳ ଗାଁ ଗୁଡ଼ିକରୁ ରୋଗୀମାନେ ଡାକ୍ତରଖାନା ଆସି ପୁଣି ଚିକିତ୍ସା ସୁବିଧା ନ ପାଇ ଫେରିଯାଉଛନ୍ତି ବୋଲି ଅଭିଯୋଗ ହେଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟରେ ମାତ୍ର ଗୋଟିଏ ୱାର୍ଡ ରହିଛି। ସେଥିରେ ମୋଟ ୮ଟି ଶଯ୍ୟା ରହିଛି। ମହିଳା, ପୁରୁଷ, ଶିଶୁ ଓ ସଂକ୍ରମିତ ରୋଗୀମାନେ ଗୋଟିଏ ୱାର୍ଡରେ ରହି ଚିକିତ୍ସିତ ହେଉଛନ୍ତି। ଏହିପରି ଅବ୍ୟବସ୍ଥା ମଧ୍ୟରେ ଦୁର୍ଗମ ଅଞ୍ଚଳରେ ଗାଁର ଗରିବ ଲୋକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଝରାଡ଼ିହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବାକୁ ଉନ୍ନତ କରିବା ପାଇଁ ଅଞ୍ଚଳବାସୀ ଅନେକଥର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଅଣଦେଖା କରୁଥିବା ଅଭିଯୋଗ ହେଉଛି।




### ସେମାନେ ଯାହା କୁହନ୍ତି



ସୀମାନ୍ତ ଆଦିବାସୀ ବହୁଳ ଅଞ୍ଚଳରେ ରହିଥିବା ଝରାଡ଼ିହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ। ଡାକ୍ତର ଅଭାବ ରହିଛି। ଗଣତିରେ ଯେଉଁମାନେ ଅଛନ୍ତି, ଠିକ ଭାବରେ ଆସୁ ନାହାନ୍ତି। ପ୍ରସୂତିମାନଙ୍କୁ ରାଇରଙ୍ଗପୁର ଯିବାପାଇଁ ପଡୁଛି। ଏହିପରି ଗାଁର ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ମିଳି ପାରୁନାହିଁ।

**-ଲାଖିରାମ କିସ୍କୁ, ଝରାଡ଼ିହି**



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାମକୁ ମାତ୍ର ରହିଛି। ଗରିବ ଲୋକମାନଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏଠାରେ ସବୁ ବ୍ୟର୍ଥ ଯାଉଛି। ଡାକ୍ତର ଅଭାବ ସହ ବିଶେଷଜ୍ଞ ନାହାନ୍ତି। ପ୍ରସୂତି ବିଭାଗ, ଶିଶୁ ବିଭାଗ ନାହିଁ। ଝରାଡ଼ିହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପାନ୍ତ ଅଞ୍ଚଳ ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ମିଳୁନାହିଁ। ତେଣୁ ସୀମାନ୍ତ ତିରିଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଉନ୍ନତ ହେବା ନିହାତି ଜରୁରୀ।

**-ଇଶାନ କୁମାର ମିଶ୍ର, ସମାଜସେବୀ**

ଝରାଡ଼ିହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ସହିତ ଡାକ୍ତରମାନଙ୍କ ପଦ ଖାଲି ରହିଛି। ଗୋଟିଏ ମାତ୍ର ନର୍ସ ରହିବା ସହିତ ଅନ୍ୟ ବିଭାଗରେ କର୍ମଚାରୀ ଅଭାବ ରହିଛି। ଏ ସମ୍ପର୍କରେ ଉପରସ୍ଥ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି।

**-ନରେନ୍ଦ୍ରନାଥ ମାଝୀ, ଏମ୍ଓ, ଝରାଡ଼ିହି ସିଏଚ୍ସି**

# ପ୍ରେରଣାର ଉତ୍ସ ଉପାନ୍ତ ଅଞ୍ଚଳର ମମି ବିନ୍ଧାଣୀ

**ବାରିପଦା, ୧୮।୫(ସମିସ):** ପାଠ ପଢ଼ାରେ ବାଧା ସାଜି ପାରିନି ପ୍ରତିକୂଳ ପରିସ୍ଥିତି। ଏମିତିକି ନିପଟ ଉପାନ୍ତ ଅଞ୍ଚଳ ଯେଉଁଠି ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଅପହଞ୍ଚ ସେପରି ସ୍ଥାନରେ ରହି ଜଣେ ଛାତ୍ରୀ ଦଶମ ପରୀକ୍ଷାରେ ବ୍ଲକ ଟପ୍ପର ହୋଇ ପାରିଛନ୍ତି। ସେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକର ମମି ବିନ୍ଧାଣୀ। ବାପଛେଉଣ୍ଡ ହୋଇଥିଲେ ବି ତାଙ୍କ ପାଠ ପଢ଼ାରେ ଡୋରି ପଡ଼ିନାହିଁ। ପରିବାର ଆର୍ଥିକ ସମସ୍ୟା ମଧ୍ୟରେ ଘାଣ୍ଟି ହେଉଥିବା ବେଳେ ସେ ନିଜ ପରିଶ୍ରମ ଓ ଉଦ୍ୟମରେ ନିଜ ପରିବାର ତଥା ବ୍ଲକ ପାଇଁ ଗୌରବ ଆଣିପାରିଛନ୍ତି। ପାଠପଢ଼ା ବ୍ୟତୀତ ନିଜେ ଘରକାମ କରିବା ସହିତ ଚାଷ କାମ କରନ୍ତି।



ସୂଚନା ଯୋଗ୍ୟ ଯେ, ଝାଡାବାନ୍ତି ରୋଗରେ ପୀଡିତ ହୋଇ ମମିଙ୍କ ବାପା ମହେନ୍ଦ୍ର ବିନ୍ଧାଣୀଙ୍କ ପରଲୋକ ହୋଇଥିଲା। ଏହାପରେ ପରିବାର ଉପରେ ଦୁଃଖର ପାହାଡ଼ ଲଦି ହୋଇଯାଇଥିଲା। ଏହାରି ମଧ୍ୟମରେ ମମି ନିଜ ପାଠ ପଢ଼ାକୁ ବନ୍ଦ ନ କରି କଠିନ ପରିଶ୍ରମ ମାଧ୍ୟମରେ ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ମମିଙ୍କ ପରିବାର କହିଲେ ମମିଙ୍କ ମା ଓ ଭାଇଙ୍କୁ ନେଇ ମୋଟ ୪ଜଣ ସଦସ୍ୟ। ଭାଇ ଟ୍ରାକ୍ଟର ଚଳାଇ ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ମା ପଞ୍ଚାୟତରେ କାମ କରି ମାସିକ ଏକ ହଜାର ଟଙ୍କା ରୋଜଗାର କରନ୍ତି। ବାପାଙ୍କର ଅସୁସ୍ଥତା ସମୟରେ ଚିକିତ୍ସା ଅବହେଳା ଦେଖିଥିବାରୁ ମମି ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି।

# ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ବାରିପଦା, ୧୮।୫(ସମିସ):** ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜର ଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ୨ୟ ଦିନର ଖେଳରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ - ସି ୩୭ ରନରେ ଟିମ - ବିକୁ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଟିମ- ସି ୨୦ ଓଭରରେ ୭ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲେ। ଉତ୍ତରରେ ଟିମ୍ - ବି ୧୬. ୨ ଓଭରରେ ସମସ୍ତ ଉଇକେଟ ହରାଇ ୭୬ ରନ ସଂଗ୍ରହ କରିପାରିଥିଲେ ଓ ବିପକ୍ଷ ଦଳର ତାଜ ରୋଶନ ପରିଡ଼ା ୪ ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗଣମାଧ୍ୟମ ସଂଯୋଜକ ତଥା ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ସୋମବାର ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ - ଇ ଏବଂ ଟିମ୍-ସି ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ସ୍ୱଧର୍ମକୁ ଫେରିଲେ ପରିବାରର ୬ ସଦସ୍ୟ



**ମହୁଲଡ଼ିହା, ୧୮।୫(ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅଧୀନ ଜରକ ପଞ୍ଚାୟତ ମୂଳାପାଳ ଗ୍ରାମରେ ଗୋଟିଏ ପରିବାରର ୬ ସଦସ୍ୟ ଧର୍ମ ଜାଗରଣ ଯୋଜନାରେ ଗ୍ରାମବାସୀଙ୍କ ଦ୍ୱାରା ଏକ ଘର ବାହୁଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁସାରେ ୧୮ ତାରିଖର ଏହି କାର୍ଯ୍ୟକ୍ରମରେ ଗୃହ କର୍ତ୍ତା ଲୋକନାଥ ଦଙ୍ଗ(୪୫), ସ୍ତ୍ରୀ ଜେମା ଦଙ୍ଗ(୩୫), ଝିଅ ମୁକ୍ତା ଦଙ୍ଗ (୧୪), ମୀନତି ଦଙ୍ଗ(୧୨), ସବିତା ଦଙ୍ଗ (୬) ଓ ସୁମି ଦଙ୍ଗ(୨)ଙ୍କୁ ଗ୍ରାମବାସୀ ଉତ୍ସାହର ସହିତ ମୂଳସତ୍ୟ ସନାତନ ହିନ୍ଦୁ ଧର୍ମରେ ସାମିଲ କରିଛନ୍ତି। ପ୍ରକାଶ ଥାଉ କି, ଲୋକନାଥ ୧୨ ବର୍ଷ ପୂର୍ବରୁ ରୋଗରେ ପଡ଼ି କିଛି ଅସାମାଜିକ ଲୋକଙ୍କ ସଂସ୍ପର୍ଶରେ ଆସି ମୂଳସତ୍ୟ ସନାତନ ହିନ୍ଦୁ ଧର୍ମ ପରିତ୍ୟାଗ କରିଥିଲେ। ଆଜିକୁ ତିନି ବର୍ଷ ହେବ ବାତରୋଗରେ ପୀଡ଼ିତ ହେବାରୁ ଲୋକନାଥକୁ ସେଠାରେ ଅଣଦେଖା କରାଗଲା। ସେ ଅନୁଭବ କଲେ ଯେ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଖାଇ ଭ୍ରମିତ କରାଯାଇଛି। ତେଣୁ ସେ ସ୍ୱଇଚ୍ଛାରେ ହିନ୍ଦୁ ଧର୍ମକୁ ଫେରିବା ପାଇଁ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଥିଲେ। ଅନୁରୋଧ କ୍ରମେ ବନବାସୀ କଲ୍ୟାଣ ଆଶ୍ରମର ଆରୋଗ୍ୟ ରକ୍ଷକ ଗୋବିନ୍ଦ ସୁଣ୍ଡି ଗ୍ରାମ ମୁଖିଆ ଓ ଗ୍ରାମବାସୀଙ୍କ ସହଯୋଗରେ ଗୃହ ଫେରନ୍ତାଙ୍କୁ ଗ୍ରାମ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରି ହିନ୍ଦୁ ସମାଜରେ ମାନି ଚଳିବାକୁ କୁହାଯାଇଛି।

## ମଦ ଦୋକାନ ପାଇଁ ବଢୁଛି ଅପରାଧ

# ସନ୍ଧ୍ୟାହେଲେ ଜମୁଛି ଆନ୍ତଃରାଜ୍ୟ ଅପରାଧୀଙ୍କ ଅଡ୍ଡା

**ବୈଶିଙ୍ଗା, ୧୮।୫(ସମିସ):** ବିଦେଶୀ ମଦ ଦୋକାନ ବନ୍ଦ ଦାବିରେ ତାତିଲେ ଗ୍ରାମବାସୀ। ଏହା ମୟୂରଭଞ୍ଜ-ବାଲେଶ୍ୱର ସୀମାନ୍ତ ଅଞ୍ଚଳ ହୋଉଥିବାରୁ ସନ୍ଧ୍ୟାହେଲେ ବଢୁଛି ଆନ୍ତରାଜ୍ୟ ଅସାମାଜିକଙ୍କ ଅଡ୍ଡା। ଫଳରେ ନିଶାରେ ଅସାମାଜିକ ଲୋକେ ଅପରାଧ କରିବାକୁ ବି ପଛାନ୍ତି ନାହିଁ। ଏହିସବୁ ଅପରାଧ ବନ୍ଦ କରିବା ପାଇଁ ମୁହଁ ଖୋଲିଛନ୍ତି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନସ୍ଥ ଗଡ଼ଦେଉଳିଆ ପଞ୍ଚାୟତର ସରପଞ୍ଚଙ୍କ ସମେତ ଶହ ଶହ ବାସୀନ୍ଦା। ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ସମେତ ମୟୂରଭଞ୍ଜ ଜିଲ୍ଲାପାଳ, ଏସ୍ପି ଓ ଅବକାରୀ ଅଧିକାରୀଙ୍କୁ ଦରଖାସ୍ତ ଲେଖିଲେ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗଡ଼ଦେଉଳିଆ ହୋଉଛି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳ। ଏଠାରେ ବିଦେଶୀ ମଦ ଦୋକାନ ଚାଲିବା ଦ୍ୱାରା ପ୍ରତ୍ୟହ ସନ୍ଧ୍ୟା ହେଲେ ଏଠାରେ ଅସାମାଜିକ ବ୍ୟକ୍ତିଙ୍କ ସହିତ ପ୍ରାୟତଃ ବାଲେଶ୍ୱର ଜିଲ୍ଲାରୁ ଏକାଧିକ ଅସାମାଜିକ ତଥା ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଲୋକଙ୍କ ଅଡ୍ଡା ଜମୁଛି। ଯୋଉଁଥିପାଇଁ ଗଡ଼ଦେଉଳିଆ, କଳମା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଦିନକୁ ଦିନ ଚୋରି, ଛିନତାଇ, ରାହଜାନୀ ଇତ୍ୟାଦି ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଗଡ଼ଦେଉଳିଆରେ ବିଦେଶୀ ମଦ ଦୋକାନକୁ ବନ୍ଦ କରିବା ନିମନ୍ତେ ଦାବି ହେଉଛି।

# ଅନ୍ୟ ନାମରେ ଆକାଉଣ୍ଟ ଖୋଲି ଠକେଇ

**ବାରିପଦା, ୧୮।୫(ସମିସ):** ସରକାରୀ ଯୋଜନାରୁ ଟଙ୍କା ମିଳିବାର ମିଥ୍ୟା ପ୍ରଲୋଭନ ଦେଖାଇ ବ୍ୟାଙ୍କରେ ଅନ୍ୟ ନାମରେ ଆକାଉଣ୍ଟ ଖୋଲି ଅପରାଧି କାର୍ଯ୍ୟ ହୋଇଛି। ଠକେଇର ଶିକାର ହୋଇ ଗାଙ୍ଗରାଜ ଅଞ୍ଚଳର ଟିକିପ୍ରଧାନ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଗଣେଶ ସିଂ ଶେଖାୱତ ନାମକ ଜଣେ ବ୍ୟକ୍ତି ତାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସରକାରୀ ଯୋଜନାର ଲାଭ ଉଠାଇ ହେବ ବୋଲି ମିଛ ପ୍ରତିଶ୍ରୁତି ଦେଇଥିଲେ। ଯାହାକୁ ନେଇ ତାଙ୍କ ଆଧାରକାର୍ଡ ଓ ଅନ୍ୟ କାଗଜପତ୍ର ଦେଇ ବାରିପଦାର ଏକ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ଆକାଉଣ୍ଟରେ ତାଙ୍କର ମୋବାଇଲ ନମ୍ବର ଓ ମେଲ ଆଇଡି ଦେଇଥିଲେ। ଏହା ସହିତ ପାସ୍ବୁକ ବି ଗଣେଶ ସିଂ ଶେଖାୱତ ନେଇ ଯାଇଥିଲେ, କୌଣସି ଯୋଜନାରେ ଟଙ୍କା ଆସିଲେ ଜଣାଇବେ ବୋଲି କହିଥିଲେ। କିନ୍ତୁ କିଛି ସୂଚନା ଦେଇ ନ ଥିଲେ। କିଛିଦିନ ପରେ ତାଙ୍କ ପାଖକୁ ଏକ ବ୍ୟାଙ୍କ ନୋଟିସ ଆସିଥିଲା। ଅପରାଧିକ ଟଙ୍କା ନେଣଦେଣ ନେଇ ତାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି ବୋଲି ଜଣାପଡ଼ିଛି। ତାଙ୍କ ଅଗୋଚରରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଗଣେଶ ପ୍ରାୟ ୫୦ଲକ୍ଷ ଟଙ୍କାର କାରବାର କରିଛନ୍ତି। ଏବାବଦରେ ଗଣେଶଙ୍କୁ ପଚାରିବାକୁ ଚେଷ୍ଟା କରିବାରୁ କୌଣସି ଖୋଜ ଖବର ମିଳି ନ ଥିଲା। ଗଣେଶ ଏହିପରି ଅନେକ ଲୋକଙ୍କ କାଗଜପତ୍ର ନେଇ ବ୍ୟାଙ୍କ ଆକାଉଣ୍ଟ କରି ଅନୈତିକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ରହିଛି। ଏହିପରି ଠକେଇ କାର୍ଯ୍ୟ କରିଥିବା ନେଇ ତକତପୁର ଅଞ୍ଚଳର କୃପାସିନ୍ଧୁ ନାୟକ ମଧ୍ୟ ଭଞ୍ଜପୁର ଥାନାରେ ଗଣେଶଙ୍କ ନାମରେ ସମାନ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି।

# ବିଇଡି କଲେଜରେ କର୍ମଶାଳା ଉଦ୍ଯାପିତ



**ବାରିପଦା, ୧୮।୫(ସମିସ):** ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୧୨ ଦିନ ଧରି ଚାଲିଥିବା ଇଗ୍ନୋ ବିଇଡି ପ୍ରଥମ ବର୍ଷ କର୍ମଶାଳା ଉଦଯାପିତ ହୋଇଯାଇଛି। କର୍ମଶାଳା ନିର୍ଦ୍ଦେଶକ ଡ. ଚିତ୍ରସେନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାରେ ଗ୍ରହଣ କରିଥିବା ଜ୍ଞାନକୌଶଳକୁ ବିଦ୍ୟାଳୟରେ ପ୍ରୟୋଗ କଲେ କର୍ମଶାଳାର ଉଦେଶ୍ୟ ସାଫଲ୍ୟ ହେବ ବୋଲି ମତରଖିଥିଲେ। ମୁଖ୍ୟବକ୍ତା ଭାବେ ଏମପିସି ସ୍ୱାୟଂଶାସିତ ମହାବିଦ୍ୟାଳୟ ର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ର ସହକାରୀ ପ୍ରଫେସର ଡକ୍ଟର ଚକ୍ରଧର ନାୟକ ଓ ବିଜେବି ମହାବିଦ୍ୟାଳୟର ସହକାରୀ ପ୍ରଫେସର ସନ୍ଦୀପ ସିଂ ଯୋଗଦେଇଥିଲେ। ସହକାରୀ ପ୍ରଫେସର ରାଜକିଶୋର ରାଉଳ, କେ ଲକ୍ଷ୍ମୀ ସେନାପତି, ନବୀନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କର୍ମଶାଳାରେ ୫୫ଜଣ ପ୍ରଶିକ୍ଷାର୍ଥୀ ମୟୂରଭଞ୍ଜ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ବିଭିନ୍ନ ରାଜ୍ୟରୁ ଯୋଗ ଦେଇଥିଲେ। ଛାତ୍ର ଶିକ୍ଷକ ଜୀବନ ହାତୀ, ଅନୁପ ଗୁପ୍ତା, ଦିବ୍ୟରଞ୍ଜନ ଗିରି, ଭାଗବତ ସେନାପତି, ନରୋତ୍ତମ ବେହେରା, ମୌସୁମୀ, ସଙ୍ଗୀତବାଳା ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଆକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋପେଡ୍ ଉପରେ ଚଢ଼ିଗଲା ହାଇୱା; ଜଣେ ମୃତ



**ବହଳଦା, ୧୮।୫(ସମିସ)**

ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅଧୀନ ବାସିଙ୍ଗିଠାରେ ଏକ ହାଇୱା ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ବାସିଙ୍ଗି ଗ୍ରାମର ୬୫ ବର୍ଷ ବୟସ୍କ ଅନାଦି ସାହୁ ରବିବାର ଭୋର ସମୟରେ ୨୨୦ ନଂ ଜାତୀୟ ରାଜପଥକଡରେ ଥିବା ବାସିଙ୍ଗି ନିକଟସ୍ଥ କଲୋନୀ ସାହିରେ ରହୁଥିବା ତାଙ୍କ ଝିଅ ଘରକୁ ଯାଇଥିଲେ। ସେଠାରୁ ସେ ଫେରିବା ସମୟରେ ସକାଳେ ଟାଟାପଟୁ ରାଇରଙ୍ଗପୁର ପଟକୁ ଯାଉଥିବା ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟ୍ରକ୍ଟି ରାସ୍ତା କଡ଼ରେ ଥିବା ଅନାଦି ସାହୁଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ମାଡିଯାଇଥିଲା। ସେ ଚଢ଼ିଥିବା ମୋପେଡ୍କୁ ଘୋଷାଡି ନେଇ ତିନି କିମି ଦୂରରେ ଥିବା ଗମ୍ଭାରିଆ ଠାରେ ଗାଡ଼ି ଛାଡ଼ି ଚାଳକ ଫେରାର ହୋଇ ଯାଇଥିଲା। ଏହି ଘଟଣାର ପ୍ରତିବାଦରେ ସ୍ଥାନୀୟ ଜନ ସାଧାରଣ କ୍ଷତି ପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ତିରିଂଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କ ସହିତ ବହଳଦା ଥାନା ପୁଲିସ ପହଞ୍ଚିଥିଲା। ପରେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଏବଂ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା, ସାଂସଦ ଓ ବିଧାୟକଙ୍କ ପକ୍ଷରୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବା ସହିତ ଟାଟା କମ୍ପାନୀରୁ ନୂତନ ହାଇୱାଟି ଅନ୍ୟତ୍ର ପଠାଯାଉଥିବା ବେଳେ ଦୁର୍ଘଟଣା ଘଟିଥିବା

## କ୍ଷତିପୂରଣ ଦାବିରେ ରାସ୍ତାରୋକ

ହେତୁ କମ୍ପାନୀ ପକ୍ଷରୁ ଦୁର୍ଘଟଣା ବୀମା ରାଶି ପ୍ରଦାନ କରାଯିବା ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକ ହଟିଥିଲା। ବାସିଙ୍ଗି ସରପଞ୍ଚ ମୃତକଙ୍କ ପରିବାର ବର୍ଗଙ୍କୁ ହରାଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ଏନେଇ ବହଳଦା ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ପୁଲିସ।

# ଭଞ୍ଜସେନାର ନୂତନ କର୍ମକର୍ତ୍ତା ମନୋନୀତ

**ବାରିପଦା, ୧୮।୫(ସମିସ):** ଯୁବଛାତ୍ର ସଂଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଜିଲ୍ଲାର ନୂତନ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଛି। ନୂତନ ଉପସଭାପତି ଭାବେ ବିଜୁ ସିଂ, ଶ୍ୟାମାଖୁଣ୍ଟା ବ୍ଲକ ସଭାପତି ଭାବେ ଶୁଭମ ସିଂ, ବ୍ଲକ କାର୍ଯ୍ୟକାରୀ ସଭାପତି ଭାବେ ଦୀପକ କୁମାର ବେହେରା, ଉପ ସଭାପତି ଭାବେ ଜିତୁ ସିଂ, ସାଧାରଣ ସମ୍ପାଦକ ଭାବେ ଲିକୁ ଲେଙ୍କା ମହାନ୍ତ, ସମ୍ପାଦକ ଭାବେ ବିକାଶ ମହାନ୍ତ, ଧର୍ମେନ୍ଦ୍ର ବେହେରା, ବାପୁନ ସିଂ, ବାରିପଦା ସହର ଯୁବ ଶାଖା ଉପ-ସଭାପତି ଭାବେ ରୁଦ୍ର ପଟ୍ଟନାୟକ, ସମ୍ପାଦକ ଭାବେ ପଙ୍କଜ ପରିଡ଼ା, ପଦ୍ମା ମୁଖୀ, ବଡ଼ସାହି ବ୍ଲକ ଉପସଭାପତି ଭାବେ ଜଗନ ମହାନ୍ତ, ମାନସ ସିଂ, ସମ୍ପାଦକ ଭାବେ ସୁଦାମ ନାୟକ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା ସଭାପତି ପିଣ୍ଟୁ ମାଇତି ନାମ ଘୋଷଣା କରିଛନ୍ତି।

# କୁମ୍ଭୀର୍ଦାରେ ଅଖଣ୍ଡ ଚବିଶପ୍ରହର ନାମଯଜ୍ଞ

**ଖୁଣ୍ଟିଂ, ୧୮।୫(ସମିସ):** ମୟୁରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକର କୁମ୍ଭୀର୍ଦାସ୍ଥ ଯଜ୍ଞମଣ୍ଡପରେ ଗତ ଅଖଣ୍ଡ ଚବିଶପ୍ରହର ନାମଯଜ୍ଞ ଓ ହରିନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଦେୱାଳା (ଉଦଳା, ଖୁଣ୍ଟା), ପୁଟୁକିଶୋଳ (ବାରିପଦା, ମୋରଡ଼ା), ମଶିଣାଶୋଳ (ବାରିପଦା, ବାରମାଇଲ), ଚହଲାପଦା (କୁଳିଅଣା) ଓ କମାରମରା (ଠାକୁରମୁଣ୍ଡା) ପ୍ରମୁଖ ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଛନ୍ତି। ୧୯ ତାରିଖରେ ପୂର୍ଣ୍ଣାହୂତି, ନଗର କୀର୍ତ୍ତନ ସହ ଉଦ୍ଯାପିତ ହେବାର କାର୍ଯ୍ୟସୂଚୀ ରହିଛି।

# କଟକ ସିଟି





## କିଶନଲାଲ ଭରତିଆଙ୍କୁ ବହୁମୁଖୀ ପ୍ରତିଭା ସମ୍ମାନ

**କଟକ, ୧୮।୫(ସମିସ):** କିଶନଲାଲ ଭରତିଆଙ୍କୁ ଆନ୍ତର୍ଜାତୀୟ ଅଗ୍ରୱାଲ ସମ୍ମିଳନୀ ଶାଖା ପକ୍ଷରୁ 'ବହୁମୁଖୀ-ପ୍ରତିଭା ପୁରସ୍କାର' ପାଇଁ ମନୋନୀତ କରାଯାଇଛି। ଏହି ଅବସରରେ ଆଜି କଟକ ମାରୱାଡ଼ି ସମ୍ପ୍ରଦାୟର ସଭାପତି ମହେନ୍ଦ୍ର ଅଗ୍ରୱାଲ ଏବଂ ଉମେଶ ସିକାରିଆ ତାଙ୍କୁ ଆନୁଷ୍ଠାନିକ ଭାବରେ ସାକ୍ଷାତ କରିବା ସହିତ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ଭରତିଆ ସାମାଜିକ, ସାଂସ୍କୃତିକ, ବହୁମୁଖୀ ପ୍ରତିଭାର ଅଧିକାରୀ ରହି ବିଭିନ୍ନ ଜନହିତକର କାର୍ଯ୍ୟ କରିଥିବା ବେଳେ ସହରରେ ଅନେକ ଅନୁଷ୍ଠାନ ସହ ଜଡ଼ିତ ଏବଂ ବହୁମୁଖୀ ଅବଦାନର ପ୍ରଶଂସା ସ୍ୱରୂପ ଏହି ସମ୍ମାନ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ଆନ୍ତର୍ଜାତିକ ଅଗ୍ରୱାଲ ସମ୍ମିଳନୀର କାର୍ଯ୍ୟକାରୀ ଅଧକ୍ଷ ମନୋଜ ନାଙ୍ଗଲିଆ ସୂଚନା ଦେଇଛନ୍ତି।



## ନାବାଳକ ଚୋରକୁ କାବୁ କଲେ ସ୍ଥାନୀୟ ଲୋକ

**ତ୍ରିଶୂଳିଆ, ୧୮।୫(ସମିସ):** ବାରଙ୍ଗ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବଢୁଥିବା ବେଳେ ଜଣେ ନାବାଳକ ଚୋରକୁ ଧରି ସ୍ଥାନୀୟ ଲୋକମାନେ ବାରଙ୍ଗ ଥାନା ପୁଲିସକୁ ହସ୍ତାନ୍ତର କରିଛନ୍ତି। ପ୍ରକାଶ ଯେ, ବିଦ୍ୟାଧରପୁର ଗ୍ରାମ ନିକଟସ୍ଥ ତ୍ରିଶୂଳିଆ ନରାଜ କାଠଯୋଡି ନଦୀ ବନ୍ଧ ରାସ୍ତାରେ କଟକ ତୁଳସୀପୁର ଅଞ୍ଚଳର ସାଜିଦ୍ ମହମ୍ମଦଙ୍କ ଘର କବାଟ ଭଙ୍ଗାଯାଇ ଶନିବାର ରାତିରେ ୪ ହଜାର ଟଙ୍କା ଓ ବିଭିନ୍ନ ଘରକରଣା ଆସବାବପତ୍ର ଚୋରି ହୋଇଥିଲା। ସିସିଟିଭି କ୍ୟାମେରା ଭାଙ୍ଗିବା ଓ ଘର ଭିତରକୁ ପଶିବାର ଦୃଶ୍ୟ ଘର ସମ୍ମୁଖରେ ଲଗାଯାଇଥିବା ସିସିଟିଭି କ୍ୟାମେରାରେ ଚୋରିବେଳର ଦୃଶ୍ୟ କଏଦ ହୋଇଥିଲା। ରବିବାର ସକାଳେ ଚୋରି ହୋଇଥିବାର ଜଣାପଡ଼ିବା ପରେ ସିସିଟିଭି କ୍ୟାମେରା ଯାଞ୍ଚ ବେଳେ ନାବାଳକ କାରନାମା ଜଣାପଡ଼ିଥିଲା। ପରେ ସ୍ଥାନୀୟ ଲୋକ ନାବାଳକକୁ ଧରି ଉତ୍ତମ ମଧ୍ୟମ ଦେଇ ଥାନାକୁ

## ନକଲି ଟ୍ରେଡ଼ିଂ ର୍‍ୟାକେଟ୍‌ର ପର୍ଦ୍ଦାଫାସ

# ଦିଲ୍ଲୀରୁ ମାଷ୍ଟରମାଇଣ୍ଡ ଗିରଫ

**କଟକ, ୧୮।୫(ସମିସ)**

କଟକ ବିଡ଼ାନାସୀରେ ରହୁଥିବା ଏଲ୍ଆଇସିର ପ୍ରାଶାସନିକ ଅଧିକାରୀଙ୍କୁ ସାଇବର୍ ଠକ ଷ୍ଟକ୍ ମାର୍କେଟ୍ (ଅନଲାଇନ୍ ଟ୍ରେଡ଼ିଂ)ରେ ନିବେଶ କରିବାର ଲୋଭ ଦେଖାଇ ୭୮ ଲକ୍ଷ ଟଙ୍କା ଲୁଟିବା ଘଟଣାରେ ବଡ଼ଧରଣର ପର୍ଦ୍ଦାଫାସ ହୋଇଛି। ଦିଲ୍ଲୀ ମଣ୍ଡବାଲିର ମାଷ୍ଟରମାଇଣ୍ଡ ରବି ରାଜ୍ (୨୮)କୁ ଗିରଫ କରାଯାଇଛି। ଏହି ଗ୍ୟାଙ୍ଗର ପୂର୍ବରୁ ୬ ଜଣ ଗିରଫ ହୋଇ ସାରିଥିବା ବେଳେ ପ୍ରଥମେ ୧୧ ଲକ୍ଷ ୬୫ ହଜାର ଓ ପରେ ୧୧ଲକ୍ଷ ୩୫ହଜାର ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଫ୍ରିଜ୍ କରାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଫେବୃଆରୀରେ ଏଲ୍ଆଇସିର ପ୍ରାଶାସନିକ ଅଧିକାରୀ ଟେଲିଗ୍ରାମ୍ ଆଇଡି ମାଧ୍ୟମରେ ସପ୍ରେଡେକ୍ସ ଗ୍ଲୋବାଲ୍ ଲିମିଟେଡ୍ କମ୍ପାନୀ ନାଁରେ ଥିବା ଏକ ଟ୍ରେଡ଼ିଂ କମ୍ପାନିର ଯୋଗାଯୋଗରେ ଆସିଥିଲେ। ଏହି ଟେଲିଗ୍ରାମ୍ ଆଇଡିକୁ ପରିଚାଳନା କରୁଥିବା ବ୍ୟକ୍ତି ନିଜକୁ ପ୍ରିୟା ବଜାଜ୍ ବୋଲି କହିବା ସହ ଷ୍ଟକ୍ ମାର୍କେଟ୍‌ରେ ନିବେଶ କରି ଅଧିକ ଲାଭ ପାଇବାର ଲୋଭ ଦେଖାଇଥିଲା। ପ୍ରାଥମିକ ଭାବେ ପ୍ରାଶାସନିକ ଅଧିକାରୀ ୧୨ ଲକ୍ଷ ଟଙ୍କା କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଆକାଉଣ୍ଟରୁ ଡିବିଏସ୍ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଥିଲେ। ଫେବୃଆରି ୮ରେ ୧୦ ହଜାର, ମାର୍ଚ୍ଚ ୫ରେ ୧୦ ଲକ୍ଷ, ମାର୍ଚ୍ଚ ୨୨ରେ ୨୦ ଲକ୍ଷ, ମାର୍ଚ୍ଚ ୨୩ରେ ୨୦ ଲକ୍ଷ, ଏପ୍ରିଲ୍ ୧୮ରେ ୧୦ ଲକ୍ଷ ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟରୁ ଆଇଡିଏଫ୍‌ସି ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଥିଲେ। ଏପ୍ରିଲ ୧୨ରେ ବନ୍ଧନ ବ୍ୟାଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ମଧ୍ୟ ଟ୍ରାନ୍ସଫର୍ କରିଥିଲେ। ମୋଟ ୭୮ ଲକ୍ଷ ଟଙ୍କା ଷ୍ଟକ୍




**ଅନଲାଇନ୍ ଟ୍ରେଡ଼ିଂ ନାଁରେ ୭୮ ଲକ୍ଷ ଠକେଇ**

**ଗିରଫଦାରୀ ସଂଖ୍ୟା ୭କୁ ବୃଦ୍ଧି: ତଦନ୍ତ ଜାରି**

ମାର୍କେଟ୍‌ରେ ପ୍ରାଶାସନିକ ଅଧିକାରୀ ନିବେଶ କରିଥିଲେ। କୌଣସି ଲାଭ ନ ମିଳିବାରୁ କଟକ ସାଇବର୍ ଥାନାରେ ଏପ୍ରିଲ୍ ୨୪ ତାରିଖରେ ଅଭିଯୋଗ କରିଥିଲେ। ସାଇବର୍ ଥାନା ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଠକ ଗୋଷ୍ଠୀ ଯେଉଁ ହ୍ୱାଟ୍‌ସଆପ୍ ଓ ଟେଲିଗ୍ରାମ୍ ନମ୍ବର ବ୍ୟବହାର କରୁଥିଲେ ତାହା ବିଦେଶୀ ଆଇପି ଆଡ୍ରେସ୍ ମାଧ୍ୟମରେ ବ୍ୟବହାର କରାଯାଇଥିବା ଜଣାପଡ଼ିଥିଲା। ସାଇବର୍ ଠକମାନେ ଟଙ୍କା ଉଠାଣ କରିଥିବା ବ୍ୟାଙ୍କ ଏଟିଏମ୍‌ର ଭିଡିଓ ଫୁଟେଜ୍ ଜବତ କରାଯାଇଥିଲା। ପୁଲିସ ଗତ ୪ ତାରିଖରେ ଏହି ମାମଲାରେ ବଲାଙ୍ଗୀର ଜିଲ୍ଲା ବେଲପଡ଼ାର ଥାନା ଜୁବା ଅଞ୍ଚଳର ବିଜୟ କୁମାର ମେହେର, ପଲେସିରାର ବିଶ୍ୱମ୍ବର ସର୍ଖେଲ, ପାଟଣାଗଡ଼ ଥାନା ବାଥର୍ଲାର ରାଜେଶ ତଣ୍ଡି, ବଡ଼ପଡ଼ାର ଅନୀଲ ନାୟକ, ଜେଲ୍ ଲାଇନ୍‌ପଡ଼ାର ସୀତାରାମ ମେହେର, ସୁନାମୁଦିର ଦୀପକ ଧରୁଆକୁ ଗିରଫ କରିଥିଲା। ରାଜେଶ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ପଢୁଥିବା ବେଳେ ଦୀପକ ଯୁକ୍ତ ଦୁଇ ଫେଲ୍ ହୋଇ ସୁରକ୍ଷାକର୍ମୀ ଚାକିରି କରୁଥିଲା। ବିଜୟ, ବିଶ୍ୱମ୍ବର, ଅନୀଲ ଓ ଶ୍ରୀତମ ଯୁକ୍ତ ତିନି ବିଜ୍ଞାନ ପଢ଼ିଛନ୍ତି। ଏମାନେ ଦିଲ୍ଲୀର ସାଇବର୍ ଅପରାଧୀ ଗୋଷ୍ଠୀଙ୍କ ସମ୍ପର୍କରେ ଆସିବା ପରେ ଏଭଳି ଠକେଇ କାରବାର ଚଳାଇ ଆସୁଥିବା ପ୍ରମାଣ ମିଳିଥିଲା। ଏମାନଙ୍କୁ ପଚରାଉଚରା ସମୟରେ ଦିଲ୍ଲୀ ମଣ୍ଡବାଲିର ରବି ରାଜକୁ ଗିରଫ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗିରଫ ଦୀପକ ଓ ରାଜେଶଙ୍କ ବ୍ୟାଙ୍କ ଆକାଉଣ୍ଟ ଭଡ଼ାରେ ଲାଗିଥିଲା। ଠକେଇ ଟଙ୍କା ଏମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସୁଥିଲା। ପରବର୍ତ୍ତୀ ସମୟରେ ଏହାକୁ ଅନ୍ୟତ୍ର ପଠାଯାଉଥିଲା। ସୀତାରାମ୍ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ସଂଗ୍ରହ କରି ଏଥିରେ ଠକେଇ ଟଙ୍କା କାରବାର ପାଇଁ ଭଡ଼ାରେ ଲଗାଉଥିଲା। ବିଜୟ ଓ ଅନୀଲ ଠକେଇ ଟଙ୍କା ବିଭିନ୍ନ ଏଟିଏମ୍ କାର୍ଡ ମାଧ୍ୟମରେ ଉଠାଣ ସହ ଚେକ୍ ମାଧ୍ୟମରେ ମଧ୍ୟ ଏହାକୁ ଉଠାଣ କରୁଥିଲେ। ବିଶ୍ୱମ୍ବର ଓ ତା' ସହଯୋଗୀ ଟେଲିଗ୍ରାମ୍ ଗ୍ରୁପ ନିୟନ୍ତ୍ରଣ କରୁଥିଲେ। ୨୦୨୩ ଡିସେମ୍ବରରୁ ବଲାଙ୍ଗୀରର ଏହି ସାଇବର୍ ଠକ ଗୋଷ୍ଠୀ ଦିଲ୍ଲୀର ସାଇବର୍ ଠକେଇ ପଛର ମାଷ୍ଟରମାଇଣ୍ଡ ସମ୍ପର୍କରେ ଆସିଥିଲେ। ବଲାଙ୍ଗୀରର ଏହି ସାଇବର୍ ଠକ ଗ୍ୟାଙ୍ଗ ଦୈନିକ ୨ ଲକ୍ଷ ଟଙ୍କା ଠକେଇ କରିବାକୁ ଟାର୍ଗେଟ୍ ନେଇଥିଲେ। ପ୍ରତି ଠକେଇରେ ୧ ଲକ୍ଷ ୩୦ ହଜାର ଟଙ୍କା ଦିଲ୍ଲୀର ମାଷ୍ଟର୍ ମାଇଣ୍ଡଙ୍କୁ ପଠାଉଥିବା ବେଳେ ଅବଶିଷ୍ଟ ୭୦ ହଜାର ଟଙ୍କା ନିଜ ପାଖରେ ରଖୁଥିଲେ। ଏହି ଟଙ୍କାକୁ ୬ ଜଣ ନିଜ ଭିତରେ ବାଣ୍ଟି ନେଉଥିବା ତଦନ୍ତ ସମୟରେ ଜଣାପଡ଼ିଛି।

## ମା' ବୁଢ଼ୀ ଠାକୁରାଣୀଙ୍କ ଅଷ୍ଟମ ବାର୍ଷିକ ଉତ୍ସବ



**କଟକ, ୧୮।୫(ସମିସ):** କଟକ ବୁଢ଼ିଠାକୁରାଣୀ କାଳିଗଳି ପୂଜା କମିଟି ୧୩ନଂ ୱାର୍ଡ ଅନ୍ତର୍ଗତ ମା' ବୁଢ଼ି ଠାକୁରାଣୀଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ଭକ୍ତଙ୍କ ପାଇଁ ପ୍ରସାଦ ସେବନ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅନ୍ତିମ ସନ୍ଧ୍ୟାରେ ମା'ବୁଢ଼ିଠାକୁରାଣୀଙ୍କ ଦର୍ଶନ ପାଇଁ ବେଶ୍ ଭିଡ଼ ଜମିଥିଲା। ଶେଷ ଦିନରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, କଟକ ମହାନଗର କମିଟିର ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, କଟକ ମେୟର ସୁବାସ ଚନ୍ଦ୍ର ସିଂହ, କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଭିକାରୀ ଦାସ, ୧୩ନଂ ୱାର୍ଡର କର୍ପୋରେଟର ସତ୍ୟ ରଞ୍ଜନ ତ୍ରିପାଠୀ, ସମାଜସେବୀ ଇଂ ଦିବ୍ୟଜ୍ୟୋତି ଦାସ, ବୁଢ଼ି ଠାକୁରାଣୀ କାଳିଗଳି ପୂଜା କମିଟିର ସଭାପତି ପ୍ରଭାତ ତ୍ରିପାଠୀ, ସମ୍ପାଦକ ବିଶ୍ୱନାଥ ଶତପଥୀ, କାର୍ଯ୍ୟକାରୀ ସଭାପତି ରଜନୀ କୁମାର ଦାସ, କୋଷାଧକ୍ଷ ଦିବ୍ୟଜ୍ୟୋତି ଦାସ, ସମସ୍ତ କର୍ମକର୍ତ୍ତା ସଦସ୍ୟମାନେ ଏବଂ ଯୁବକମାନେ ଉପସ୍ଥିତ ଥିଲେ। ଏବଂ ବୁଢ଼ିଠାକୁରାଣୀ କାଳିଗଳି ଯୁବକ ସଂଘର ଦ୍ୱିତୀୟ ବର୍ଷ ପୂରଣ ହୋଇଥିଲା। ଏହି କମିଟିକୁ ଅତ୍ୟନ୍ତ ଭଲ ଭାବେ ପରିଚାଳନା କରିଥିବା ହେତୁ ବୁଢ଼ି ଠାକୁରାଣୀ କାଳିଗଳି ଯୁବକ ସଂଘର ସଭାପତି ତପନ କୁମାର ଦାସ, କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଦାସ ଏବଂ ସମ୍ପାଦକ ଜ୍ଞାନେଶ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଶ୍ରାଦ୍ଧୋତ୍ସବରେ ବିଶ୍ୱନାଥ ପଣ୍ଡିତଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ, ୧୮।୫(ସମିସ):** ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ୨୩ତମ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମହାନଗର ନିଗମ ପରିସର, ବଡ଼ ମେଡ଼ିକାଲ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ, ବିକାଶ ଭବନଠାରେ ସ୍ୱର୍ଗତ ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ଓ ରାଜାପଡ଼ାସ୍ଥିତ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ପ୍ରତ୍ୟୁଷରେ ମହାନଦୀ ତଟ ଗଡ଼ଗଡ଼ିଆ ଘାଟରେ ତିଳତର୍ପଣ କରାଯାଇଥିଲା। ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥ ପରିଷଦର କାର୍ଯ୍ୟାଳୟଠାରେ ଡାକ୍ତର ରବି ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଏକ ସର୍ବଧର୍ମ ପ୍ରାର୍ଥନା ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମେୟର ସୁବାଷ ସିଂ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଚିତ୍ତ ରଞ୍ଜନ ମହାନ୍ତି, ପ୍ରଶାନ୍ତ ନାୟକ, ଭିକାରୀ ଦାସ, ଶ୍ୟାମସୁନ୍ଦର ସାହୁ, ପ୍ରଶାନ୍ତ ଦାସ, ସମରେନ୍ଦ୍ର ଘୋଷ, ବୈଷ୍ଣବ ପରିଡ଼ା, ଡ. ହେମନ୍ତ ପରିଡ଼ା, ରବୀନ୍ଦ୍ରନାଥ ପଣ୍ଡା, ସୁରେନ୍ଦ୍ରନାଥ ଛୋଟରାୟ, କୃଷ୍ଣକେଶବ ମିଶ୍ର, କର୍ପୋରେଟର ଆରତି ସାହୁ, ପ୍ରଦୀପ୍ତ ଖୁଣ୍ଟିଆ, ମନମୋହନ ବେହେରା, ମନୋରଞ୍ଜନ ପଣ୍ଡା, ନିବାସ ଚନ୍ଦ୍ର ମିଶ୍ର, ରତ୍ନାକର ମୁଖୀ, ହରିବନ୍ଧୁ ନାୟକ, ରଞ୍ଜନ ମିତ୍ର, ଆଶିଷ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଦେବରାଜ ମୁଖୀ ଧନ୍ୟବାଦ ଦେଇଥିଲେ।



## କାର୍ ବିଜ୍ଞାପନ ନାଁରେ ଠକେଇ

# ଫିଜିଓଥେରାପିଷ୍ଟଙ୍କୁ ଠକି ଦଲାଲ ଗିରଫ

**କଟକ, ୧୮।୫(ସମିସ)**

ଆକର୍ଷଣୀୟ କାର୍ ବ୍ରିକି ନାଁରେ ସୋସିଆଲ୍ ମିଡିଆରେ ମିଛ ବିଜ୍ଞାପନ ଦେଇ ନିରତାରର୍ ଜଣେ ଫିଜିଓଥେରାପିଷ୍ଟଙ୍କୁ ୧ଲକ୍ଷ ୮୦ହଜାର ଟଙ୍କା ଠକିବା ଘଟଣାରେ ମଙ୍ଗଳାବାଗ ଥାନା ପୁଲିସ ଜଣେ ଠକକୁ ଆଜି ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଜଗତସିଂହପୁର ନାଉଗାଁ ଥାନା ଅନ୍ତର୍ଗତ ସୁନ୍ଥଳର କାହ୍ନା ଓରଫ ପ୍ରିୟବ୍ରତ ଦାସ(୨୫)। ତା'ଠାରୁ ଏକ ବାଇକ୍, ୫ଟି ଫୋନ୍, ୬୫ ହଜାର ଟଙ୍କା, ୬ଟି ଏଟିଏମ୍ କାର୍ଡ, ୪ଟି ଚେକ୍‌ବହି, ୪ଟି ସିମ୍‌କାର୍ଡ ଓ ଏକ ଜାଲ୍ ପରିଚୟପତ୍ର ଜବତ ହୋଇଛି। ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ବାଲେଶ୍ୱର ସିମୁଳିଆର ସୌମ୍ୟନିହାର ଦାସ କଟକ ଅଡ଼ଶପୁରରେ ଥିବା ନିର୍ତାର୍‌ରେ ଫିଜିଓଥେରାପିଷ୍ଟ ପାଠ ପଢୁଛନ୍ତି। ସେ ଗତ ମାର୍ଚ୍ଚ ମାସରେ ଫେସବୁକ୍‌ରେ ଏକ କାର୍ ବିକ୍ରିର ବିଜ୍ଞାପନ ଦେଖି ସେଥିରେ ଦିଆଯାଇଥିବା ନମ୍ବରରେ ଫୋନ୍ କରିଥିଲେ। ଗିରଫ ଅଭିଯୁକ୍ତ ପ୍ରିୟବ୍ରତ ଫୋନ୍ ଉଠାଇ ନିଜକୁ ଏକ କାର୍ ବିକ୍ରି ସଂସ୍ଥାର ଏଜେଣ୍ଟ ବୋଲି ପରିଚୟ ଦେଇଥିଲେ। ବ୍ୟାଙ୍କ୍ ରିକଭରି କରିଥିବା କିଛି କାର୍ ଭୁବନେଶ୍ୱରର ଡୁମଡୁମାର ଏକ ଗୋଦାମରେ ଥିବା କହିଥିଲେ। ଏହା ପରେ ଦୁହେଁ ଡୁମଡୁମା ଯାଇ ଏକ 'ସ୍ୱିଫ୍ଟ ଡିଜାୟାର୍' କାର୍ ଦେଖି ପସନ୍ଦ କରିଥିଲେ। କାର୍ ଦର ୩ ଲକ୍ଷ ୮୦ ହଜାର ଚୁଡ଼ାନ୍ତ ହୋଇଥିଲା। ଅଗ୍ରୀମ ବାବଦରେ ୧ଲକ୍ଷ ୮୦ ହଜାର ଟଙ୍କା ପ୍ରିୟବ୍ରତ ନେଲା ପରେ ଏକ ଏଗ୍ରିମେଣ୍ଟରେ ଦସ୍ତଖତ କରାଇଥିଲା। ଏପ୍ରିଲ୍ ୩ ତାରିଖ ଦିନ ଗାଡ଼ି ହସ୍ତାନ୍ତର କରାଯିବ ଓ ବାକି ୨ ଲକ୍ଷ ଟଙ୍କା ଚେକ୍‌ରେ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଥିଲା। ମାତ୍ର ଉକ୍ତ ତାରିଖ ଆସିବା ପରେ ମଧ୍ୟ ପ୍ରିୟବ୍ରତ ଧରାଛୁଆଁ ଦେଇ ନ ଥିଲା। ଦିନ ଗଡ଼ାଇବା ପରେ ଫୋନ୍ ସୁଇଚ୍-ଅଫ୍ କରି ଦେଇଥିଲା। ଏଭଳି ସ୍ଥିତିରେ ଠକାମିର ଶିକାର ହୋଇଥିବା ଆଶଙ୍କା କରି ସୌମ୍ୟନିହାର ଗତ ଏପ୍ରିଲ୍ ୫ ତାରିଖରେ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ପୁଲିସ କାଗଜପତ୍ର ଯାଞ୍ଚ କରିବାରୁ ପ୍ରିୟବ୍ରତ ଜଣେ ପେସାଦାର ଠକ ବୋଲି ଜଣାପଡ଼ିଥିଲା। ତେବେ ସେ ଫୋନ୍ ବନ୍ଦ କରି ରଖିଥିବାରୁ ହଠାତ୍ ଧରାପଡ଼ି ନ ଥିଲା। ଗତକାଲି ତାକୁ ମଙ୍ଗଳାବାଗ ପୁଲିସ ଧରିବାରେ ସକ୍ଷମ ହୋଇଥିଲେ।




ଯାଞ୍ଚ ପରେ ତା' ନାମରେ ପୂର୍ବରୁ ଖଣ୍ଡପଡ଼ା, ମଙ୍ଗଳାବାଗ, ମଧୁପାଟଣା, କଟକ ସଦର, ବଡ଼ଗଡ଼, ପାଣିକୋଇଲି ଓ କଟକ ସାଇବର ଥାନାରେ ୧୦ଟି ଠକେଇ ମାମଲା ରହିଥିବା ଜଣାପଡ଼ିଛି। ସେ' ତାର କିଛି ସହଯୋଗୀଙ୍କୁ ନେଇ ଏକ ଠକେଇ ର୍‍ୟାକେଟ୍ କରି ଫେସବୁକ୍‌ରେ ଜାଲ କାର୍ ବିକ୍ରି ବିଜ୍ଞାପନ ଦେଇ ନିରିହ ଲୋକଙ୍କୁ ଠକୁଥିବା ପୁଲିସର ତନ୍ତ୍ରରୁ ଜଣାପଡ଼ିଛି। ଏପରିକି ସେ' ପୂର୍ବରୁ ମଧ୍ୟ ଏଭଳି ଠକେଇ ଘଟଣାରେ କଟକ ସାଇବର ଥାନା ପୁଲିସ ହାତରେ ଗିରଫ ହୋଇ ଜେଲ୍ ଯାଇଥିଲା। ଜଣେ ଓଏଏସ୍ ଅଫିସରଙ୍କୁ ସେ' ଏଭଳି ଠକି ଲକ୍ଷାଧିକ ଟଙ୍କା ନେଇଯାଇଥିଲା ବୋଲି ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି। ଏହି ଠକେଇରେ ସହଯୋଗ କରୁଥିବା ତାର କିଛି ସହଯୋଗୀଙ୍କୁ ବର୍ତ୍ତମାନ ପୁଲିସ ଖୋଜୁଛି। ଏପରିକି ଯଦି ଆଉ କେହି ଏଭଳି ଠକେଇର ଶିକାର ହୋଇଥାନ୍ତି ତା' ହେଲେ ତୁରନ୍ତ ମଙ୍ଗଳାବାଗ ଥାନାକୁ ଯୋଗାଯୋଗ କରିବାକୁ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

**୧ ଲକ୍ଷ ୮୦ ହଜାର ଚୂନ ଲଗାଇ ଫେରାର ଥିଲା ଅଭିଯୁକ୍ତ**

## ଅଳିଆ ଗାଡ଼ି ଧକ୍କାରେ ଯୁବକ ଗୁରୁତର

**ତ୍ରିଶୂଳିଆ, ୧୮।୫(ସମିସ):** ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତା ଷଣ୍ଢପୁର ବାଙ୍କ ନିକଟରେ କଟକ ମହାନଗର ନିଗମର ଅଳିଆଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ରବିବାର ଅପରାହ୍ନ ୨ଟା ସମୟରେ ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାର ଷଣ୍ଢପୁର ଦୋଗଛିଆ ବାଙ୍କ ନିକଟରେ କଟକ ମହାନଗର ନିଗମର ଅଳିଆବୁହା ଓଆର ୦୫ ଏପି ୭୮୧୬ ନମ୍ବର ହାଇୱା ଗାଡ଼ିଟି ଦ୍ରୁତଗତିରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଓଡି ୦୫ ବିଜି ୩୯୨୨ ନମ୍ବର ମୋଟର ସାଇକଲକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଯୁବକ ଜଣକ ଗୁରୁତର ଆହତ ଅବସ୍ଥାରେ ପଡ଼ିଥିବା ବେଳେ ହାଇୱା ଗାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ ଗୁରୁତର ଆହତ ହୋଇଥିବା ଯୁବକଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ପରେ ଉକ୍ତ ହାଇୱାଟି ଦ୍ରୁତଗତିରେ ଫେରାର ହେଉଥିବା ବେଳେ ଗୋଡିସାହି ପୁରୀ ମୁଖ୍ୟକେନାଲ ବ୍ରିଜ ଛକ ନିକଟରେ ଭୁବନେଶ୍ୱରରୁ ଅନୁଗୋଳ ଯାଉଥିବା ଓଡି ୦୨ ସିଏକ୍ସ ୪୬୪୬ ନମ୍ବର କାରଟିକୁ ପଛପଟୁ ଧକ୍କା ଦେଇଥିଲା। ଖବରପାଇ ବାରଙ୍ଗ ଥାନା ପୁଲିସ ହାଇୱଟିକୁ ପିଛା କରି ବେଣ୍ଟୁଆ ଗ୍ରାମ ନିକଟ ଅଳିଆଗଦା ନିକଟରୁ ଗାଡି ସହ ଚାଳକକୁ ଧରି ଥାନାକୁ ଆଣିଥିଲେ।

## ଆଇନଜୀବୀ ପ୍ରଶାନ୍ତ ପଣ୍ଡାଙ୍କ ବିୟୋଗରେ ଶୋକ



**କଟକ, ୧୮।୫(ସମିସ):** ବିଶିଷ୍ଟ ଆଇନଜୀବୀ ମହାନଗର ନାଗରିକ ମଞ୍ଚର ବରିଷ୍ଠ ନେତା ପ୍ରଶାନ୍ତ କୁମାର ପଣ୍ଡାଙ୍କର ପରଲୋକ ହୋଇଯାଇଛି। ସେ ଜଣେ ନିସ୍ୱାର୍ଥପର ସାମାଜିକ କର୍ମୀ ଥିଲେ। ସେ ପରିବହନ ଓ ଉପଭୋକ୍ତା ଆଇନର ବିଶାରଦ ଥିଲେ। ଉପଭୋକ୍ତା ଆନ୍ଦୋଳନର ସର୍ବଭାରତୀୟ ନେତା ତଥା କଲ୍ୟାଣ କମିଟିର ସଭାପତି ଥିଲେ ଜନସ୍ୱାର୍ଥ ରକ୍ଷା ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଗଠିତ କମିଟି ମାନଙ୍କରେ ସଦସ୍ୟ ରହି ସାଲିସହୀନ ଭାବେ ଜନସ୍ୱାର୍ଥ ରକ୍ଷା କରିଥିଲେ। ତାଙ୍କ ବିୟୋଗରେ ମହାନଗର ନାଗରିକ ମଞ୍ଚ ସମେତ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଚିତ୍ତରଞ୍ଜନ ମହାନ୍ତି, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ପ୍ରଶାନ୍ତ ଦାସ, ଲକ୍ଷ୍ମୀ ମହାନ୍ତି, ଡଲି ଦାସ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ଇଂ କ୍ଷୀରୋଦ ମହାପାତ୍ର, ଅଧ୍ୟାପକ ଅକ୍ଷୟ ଦାସ, ଏନାମେଲ ହକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

**ଐତିହାସିକ ଭଞ୍ଜ ଜୟନ୍ତୀର ତୃତୀୟ ସନ୍ଧ୍ୟା**

# ଭଞ୍ଜ ସାହିତ୍ୟରେ ପ୍ରେମର ଅବତାରଣା ଚମତ୍କାର



**କଟକ, ୧୮।୫(ସମିସ)**

ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ଲିଖିତ ସାହିତ୍ୟରେ ପ୍ରେମର ଅବତାରଣା ଥିଲା ବେଶ ଚମତ୍କାର। ତାଙ୍କ କାବ୍ୟରେ ପ୍ରେମର ଆଦର୍ଶ ଥିଲା କାଳଜୟୀ ବାଣୀ ବୋଲି ରବିବାର ସନ୍ଧ୍ୟାରେ କଳିଙ୍ଗ ଭାରତୀ, ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅନୁଷ୍ଠିତ ୮୨ ତମ ଐତିହାସିକ ଭଞ୍ଜ ଜୟନ୍ତୀର ତୃତୀୟ ସନ୍ଧ୍ୟାରେ ଯୋଗଦେଇ ବିଶିଷ୍ଟ ବକ୍ତା ଓ ଗବେଷକମାନେ ମତବ୍ୟକ୍ତ କରିଛନ୍ତି। ରବିବାର ସନ୍ଧ୍ୟାରେ କଟକ ମିଶନ ରୋଡ ସ୍ଥିତ ଭଞ୍ଜ ମଣ୍ଡପ ଠାରେ ଇଂ ଚନ୍ଦ୍ରଶେଖର ନନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦେଇ ତୃତୀୟ ଦିନର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପଣ୍ଡିତ ପଦ୍ମନାଭ ତ୍ରିପାଠୀଙ୍କ ପୌରହିତରେ ଅନୁଷ୍ଠିତ ଆଜିର ସଭାରେ ନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ, ଡ. ସ୍ନେହଲତା ମିଶ୍ର, ସିପ୍ରା କର ପ୍ରମୁଖ ଯୋଗଦେଇ ଆଜିର ବିଷୟବସ୍ତୁ 'ଭଞ୍ଜ ସାହିତ୍ୟରେ ପ୍ରେମ' ଉପରେ ଗବେଷଣାତ୍ମକ ବ୍ୟାଖ୍ୟା କରିଥିଲେ। କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଡ. ଅଂଶୁମାନ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ଼ ଶକ୍ତି ଶଙ୍କର ମହାନ୍ତି ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ, ଉପସଭାପତି ରଞ୍ଜିତ କର, ସାଗରିକା ପ୍ରହରାଜ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ମହାନ୍ତି, ଡା. ସଂଯୁକ୍ତା ମହାପାତ୍ର, ଡ. ଅନୁପ ମାର୍ଥା, ପତିତପାବନ ମହାପାତ୍ର, ସତ୍ୟଗୋପାଳ ପରିଜା, ସୁବାଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସମବେତ ଭଞ୍ଜ ସଙ୍ଗୀତ ଓ ଶେଷରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ନୃତ୍ୟ ପ୍ରିୟ ତାନ୍ସ ଏକାଡେମୀ ଓ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ନାଟିକା ଓ ଗୁରୁ ସାଗରିକା ବେହେରା ଓ ସାଥି ଓଡିଶୀ ନୃତ୍ୟ ପରିବେଷଣ କରିଥିଲା। ଆଜି ପୂର୍ବାହ୍ନରେ ଆୟୋଜିତ ଝୋଟି ଚିତା, ମୁରୁଜ ଓ ଅପରାହ୍ନରେ ଓଡିଶୀ ନୃତ୍ୟ ପ୍ରତିଯୋଗିତା ବେଶ ଚିତାକର୍ଷକ ଥିଲା। ଏଥିରେ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ।

## ବାର୍ଷିକ ଶ୍ରୀରାମଲୀଳା ମହୋତ୍ସବ



**କଟକ, ୧୮।୫(ସମିସ):** କଟକ ୱାର୍ଡ ନଂ ୫୮ ସ୍ଥିତ ଅମାଣିଆ ପାଟଣା ରାମଲୀଳା ସମିତି ଓ ଜନତା ପାଠାଗାର କ୍ଲବ ଆନୁକୂଲ୍ୟରେ ଚାରିଦିନ ବ୍ୟାପି ବାର୍ଷିକ ଶ୍ରୀରାମଲୀଳା ମହୋତ୍ସବ ୨୦୨୫ ମହାସମାରୋହରେ ପାଳିତ ହେଉଛି। ଏହି ରାମଲୀଳା ମାଧ୍ୟମରେ ସାଂସ୍କୃତିକ ସହରରେ ଭାଇଚାରା ଭାବ ସୃଷ୍ଟି ହେଉଛି। ଆଜି ତୃତୀୟ ରଜନୀରେ ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଚରିତ କଥାମୃତ ଆଧାରରେ ଲୀଳା (ନ ପାହୁ ରାତି ନ ମରୁ ପତି)ବା ଲକ୍ଷ୍ମଣ ଶକ୍ତିଭେଦ ପରିବେଷଣ ହେବ। ଏହି ଲୀଳାକୁ ଶ୍ରୀ ଶ୍ରୀ ମଦନମୋହନ ରାମଲୀଳା ପ୍ରଚାର ପ୍ରସାର ସମିତି ଭୂଇଁପୁର ସାହି, ଗୋପାଳପୁର, କଟକ ସୁନ୍ଦର ଭାବରେ ନାଟକ ପରିବେଷଣ କରିଥିଲେ। ରାମ, ଲକ୍ଷ୍ମଣ, ରାବଣଙ୍କ ଉଚ୍ଚକୋଟିର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏହି ଅବସରରେ ଅମଣିଆ ପାଟଣା ରାମଲୀଳା ସମିତି ଓ ଜନତା ପାଠାଗାର କ୍ଲବର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ସଭାପତି କୈଳାଶ ଚନ୍ଦ୍ର ପରିଡ଼ା, ଉପସଭାପତି ଧୀରେନ୍ଦ୍ର ନାଥ ପରିଡ଼ା, ସମ୍ପାଦକ ଗୋପାଳ ଚରଣ ପରିଡ଼ା, ସହସମ୍ପାଦକ ବିଜୟାନନ୍ଦ ପରିଡ଼ାଙ୍କ ସହିତ ଶ୍ରୀ ଶ୍ରୀ ମଦନ ମୋହନ ରାମଲୀଳା ପ୍ରଚାର ପ୍ରସାର ସମିତିର ସଭାପତି ନିଖିଲ ରଞ୍ଜନ ଲେଙ୍କା, ସମ୍ପାଦକ ଲୋକନାଥ ନାୟକ, ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ସାହୁ, ନିରଞ୍ଜନ ନାଏକ, ଅଜୟ କୁମାର ସାହୁ, ପ୍ରିୟବ୍ରତ ସ୍ୱାଇଁ, ବିଜୟ ମହାନ୍ତି ଓ କିଶୋର ସାହୁ, ନିର୍ମଳ ମହାନ୍ତି, ସଞ୍ଜୟ ଲେଙ୍କାଙ୍କୁ ସମ୍ମାନିତ କରିଥିଲେ।

# ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ମାଟ୍ରିକ ଉତ୍କର୍ଷ ସମ୍ମାନ


ବାଲେଶ୍ୱର


ବ୍ରହ୍ମପୁର


ସମ୍ବଲପୁର

ଭୁବନେଶ୍ୱର,୧୮ ।୫ (ସମିସ): ଚଳିତ ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲା ଓ ବ୍ଲକ୍‌ସ୍ତରରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ତରଫରୁ ସମ୍ମାନିତ କରାଯାଇଛି। ରବିବାର ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରଠାରେ ଏହି ମାଟ୍ରିକ ଉତ୍କର୍ଷ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବାଲେଶ୍ୱରର ବ୍ରିଟ୍ କଲ୍ୟାଣମଣ୍ଡପଠାରେ ବାଲେଶ୍ୱର ସମେତ ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀ, ଛତ୍ରପୁର ଶିବକୁମାର ପଟ୍ଟନାୟକ ରିଡିଂରୁମ୍‌ଠାରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଏବଂ ସମ୍ବଲପୁରର ଅଇଁଠାପାଲ୍ଲୀସ୍ଥିତ ହୋଟେଲ ଡଲଫିନ୍‌ଠାରେ ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ବଲାଙ୍ଗୀର, ବୌଦ୍ଧ, ସୋନପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଯୋଗ ଦେଇଥିବା ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଉପରୋକ୍ତ ୩ ସ୍ଥାନରେ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ଭୁବନେଶ୍ୱର ଓ ଜୟପୁରଠାରେ ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୫ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଆସନ୍ତା ସପ୍ତାହରେ ଦୁଇଟି ଲଘୁଚାପ

### ଜାରି ରହିବ କାଳବୈଶାଖୀ

ଭୁବନେଶ୍ୱର, ୧୮।୫ (ସମିସ): ଆସନ୍ତା ସପ୍ତାହ ଦୁଇଦୁଇଟି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିମଧ୍ୟରୁ ଗୋଟିଏ ଆରବସାଗର ଓ ଅନ୍ୟଟି ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। ତେବେ ଉଭୟ ଲଘୁଚାପ ସୃଷ୍ଟି ହେବା ପରେ ଅଧିକ ଘନୀଭୂତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ ଆକଳନ କରିଛନ୍ତି ଯେ ମଡେଲ୍‌ରୁ ଜଣାପଡୁଛି ଯେ ୨୩ ତାରିଖ କେନ୍ଦ୍ରୀୟ-ପୂର୍ବ ଆରବ ସାଗରରେ ମହାରାଷ୍ଟ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ୨୪ରେ ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହୋଇ ଅଧିକ ଘନୀଭୂତ ହେବ। ଏହା ଉତ୍ତର ଉତ୍ତର ପଶ୍ଚିମ ଦିଗରେ ଗତି କରି ୨୫ରେ ବାତ୍ୟା ଓ ୨୭ରେ ଭୀଷଣ ବାତ୍ୟାରେ ପରିଣତ ହୋଇ ୨୯ରେ ଗୁଜୁରାଟ ଉପକୂଳ ଛୁଇଁବ। ଅନ୍ୟପଟେ କେନ୍ଦ୍ରୀୟ ପୂର୍ବ-ବଙ୍ଗୋପସାଗରରେ ଥାଇଲାଣ୍ଡ ଉପକୂଳ ନିକଟରେ ୨୭ତାରିଖରେ ଏକ ଘୂର୍ଣ୍ଣିବଳୟ ଓ ୨୮ ରେ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ। ୨୯ରେ ଏହା ଅବପାତରେ ପରିଣତ ହେବ। ପ୍ରାଥମିକ ଆକଳନରୁ ଜଣାପଡୁଛି ଯେ ଏହା ୨୯ କିମ୍ବା ୩୦ ବେଳକୁ ବାଂଲାଦେଶ/ପଶ୍ଚିମବଙ୍ଗ ଉପକୂଳ ଛୁଇଁପାରେ। ତେବେ ଆଗକୁ ଏହା ଉପରେ ତୀକ୍ଷ୍ଣ ନଜର ରହିବ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି।

ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ଅସହ୍ୟ ଗୁଳୁଗୁଳି ଓ ଗରମ ସହ କାଳବୈଶାଖୀ ବର୍ଷା ଜାରି ରହିଛି। ଏଭଳି ସ୍ଥିତି ଆହୁରି ୫ଦିନ ଯାଏ ଜାରି ରହିବା ସହ ସୋମବାର ଯାଏଁ ଉଷ୍ମ ଓ ଆର୍ଦ୍ର ସ୍ଥିତି ସୃଷ୍ଟି ହେବ। ବର୍ତ୍ତମାନ କେନ୍ଦ୍ରୀୟ ହରିୟାଣା, ଉତ୍ତର ପ୍ରଦେଶ, ବିହାର ଓ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସହ ଏକ ଟ୍ରଫ୍-ଲାଇନ୍ କେନ୍ଦ୍ରୀୟ ପଞ୍ଜାବ ଦେଇ ଉତ୍ତର ବାଂଲାଦେଶ ଯାଇ ଲମ୍ବିଛି। ଏହାର ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ବର୍ଷା ନେଇ ସ୍ଥିତି ସୁହାଉଛି। ଏହି ଦୁଇ ନିୟାମକ କାଳବୈଶାଖୀ ବର୍ଷାକୁ ଆହୁରି ସକ୍ରିୟ କରୁଥିବାରୁ ୨୨ ଯାଏ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ବଲାଙ୍ଗୀର ଓ ନୂଆପଡା ଆଦି ୧୫ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ୩୦ରୁ ୫୦ କିମି ବେଗରେ ପବନ ବହିବା ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି ହୋଇଛି। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଏହି ୫ଜିଲ୍ଲାକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୟେଲୋୱାର୍ଣ୍ଣିଂ ଜାରି ହୋଇଛି। ଗତ ୨୪ଘଣ୍ଟାରେ ରାଜ୍ୟର ୩ଟି ଜିଲ୍ଲାରେ ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ତାପମାତ୍ରା ରହିଥିବା ବେଳେ ୪୦.୬ ଡିଗ୍ରୀ ସହ ସମ୍ବଲପୁର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି।

## ଭାଗ ମାଗିବାରୁ ଭଉଣୀକୁ ଛୁରି ଭୁସି ହତ୍ୟା

ସମ୍ବଲପୁର,୧୮ ।୫(ସମିସ): ଭାଗ ମାଗିବାରୁ ଭଉଣୀକୁ ଛୁରି ଭୁସି ମାରିଦେଲେ। ସମ୍ବଲପୁର ଜିଲ୍ଲା ବାମରା ଗୋବିନ୍ଦପୁର ଥାନା ମଝିପଡ଼ାରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳା ହେଲେ, ଲିନା ସାହୁ (୪୦)। ପୁଲିସ୍ ଲିନାଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିଛି। ବଡ଼ ଭଉଣୀ ମିଲି ସାହୁ (୪୨) ଓ ସାନଭାଇ ଗୋଲକ ସାହୁ (୩୮) ସର୍ବସମ୍ମୁଖରେ ଲିନାଙ୍କୁ ଛୁରି ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି।

ସୂଚନାନୁସାରେ, ଗୋବିନ୍ଦପୁର ମଝିପଡ଼ା ନିବାସୀ ପୂର୍ବତନ ପଞ୍ଚାୟତ ସେକ୍ରେଟାରୀ ବିନୋଦ ବିହାରୀ ସାହୁଙ୍କ ବଡ଼ ଝିଅ ମିଲିଙ୍କ ବିବାହ ହୋଇଥିଲା। ବିବାହ ଭାଙ୍ଗିଯିବାରୁ ସେ ବାପଘରେ ରହୁଥିଲେ। ମଝିଆ ଝିଅ ଲିନା ମଧ୍ୟ ବାହାଘର ପରେ ଶାଶୂଘର ଛାଡ଼ି ବାପଘରକୁ ଫେରି ଆସିଥିଲେ। କିନ୍ତୁ ବାପଘରେ ଝଗଡ଼ା ହେଉଥିବାରୁ ସମ୍ବଲପୁରରେ ଗୋଟିଏ ଗହଣା ଦୋକାନରେ କାମ କରୁଥିଲେ। ସାନପୁଅ ଗୋଲକ ଅବିବାହିତ। ବିନୋଦ ଗୋଟିଏ ଜମି ବିକ୍ରି କରିଥିଲେ। ସେଥିରେ ଲିନା ନିଜ ଭାଗ ମାଗିଥିଲେ। କିନ୍ତୁ ଭାଗ ନ ମିଳିବାରୁ ସେ କୋର୍ଟରେ ମାମଲା କରିଥିଲେ। କୋର୍ଟ ଭାଗ ଦେବା ପାଇଁ ବିନୋଦକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବାପ-ପୁଅ ଓ ଦୁଇ ଭଉଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେମାନେ ଲିନାକୁ ବାମରା ନ ଆସିବା ପାଇଁ ତାଗିଦ୍ କରିଥିଲେ। ଆସିଲେ ମାରିଦେବା ପାଇଁ ଧମକ ଦେଇଥିଲେ। ତେବେ ରବିବାର ଲିନା ନିଜ ବଡ଼ ବାପାଙ୍କ ଘରକୁ ଯାଇଥିବା ବେଳେ ଖବର ପାଇ ଗୋଲକ ଓ ମିଲି ସେଠାରେ ପହଞ୍ଚି ସମସ୍ତଙ୍କ ଉପସ୍ଥିତିରେ ଏକ ଧାରୁଆ ଛୁରିରେ ଲିନାକୁ ଆକ୍ରମଣ କରି ହତ୍ୟା କରିଥିଲେ।

**ବହୁଚର୍ଚ୍ଚିତ ଦଳିତ ଯୁବତୀ ଦୁଷ୍କର୍ମ ଓ ହତ୍ୟା ଘଟଣା**

## ସିନ୍ ରିକ୍ରିଏସନ୍ ବେଳେ ତାତିଲେ ଲୋକ

ଅନୁଗୋଳ/ତାଳଚେର ସହର/ବଁଅରପାଳ,୧୮ ।୫ (ସମିସ): କଣିହାଁ ଅଞ୍ଚଳର ବହୁଚର୍ଚ୍ଚିତ ଦଳିତ ଯୁବତୀଙ୍କୁ ଅପହରଣ ଓ ଦୁଷ୍କର୍ମ ପରେ ହତ୍ୟା ମାମଲାରେ ଦୀର୍ଘ ୨୨ ଦିନ ପରେ ଶନିବାର ପୁଲିସ ମୁଖ୍ୟ ଅଭିଯୁକ୍ତ ବିଶୁ ଗୋଚ୍ଛାୟତ ସମେତ ତାକୁ ଫେରାର୍ ହେବାରେ ସହଯୋଗ କରିଥିବା ବାପା ତ୍ରିପୁର ଗୋଚ୍ଛାୟତ, ମାମୁଁ ବିପିନ ଗୋଚ୍ଛାୟତ ଓ ଅଜା ଜୀବନ ଗୋଚ୍ଛାୟତଙ୍କୁ ଗିରଫ କରିଛି। ରବିବାର ପୁଲିସ୍ ମୁଖ୍ୟ ଅଭିଯୁକ୍ତ ବିଶୁକୁ ନେଇ ସିନ୍ ରିକ୍ରିଏସନ୍ କରାଇଛି। କିପରି ଯୁବତୀଙ୍କୁ ନେଲା, କେଉଁଠି ଦୁଷ୍କର୍ମ କଲା ଓ କିଭଳି ହତ୍ୟା କଲା; ସବୁ କିଛି ପୁଲିସ୍‌କୁ ଘଟଣାସ୍ଥଳରେ ଦେଖାଇଛି।

ବିଶୁ ଯୁବତୀଙ୍କୁ ହତ୍ୟା କରିବା ପରେ ତାଙ୍କ ମୋବାଇଲ ନେଇ ଏକ ମୋବାଇଲ ଦୋକାନରେ ସଜାଡ଼ିବାକୁ ଦେଇଥିଲା। ପୁଲିସ୍ ଉକ୍ତ ମୋବାଇଲ ଦୋକାନକୁ ଯାଇ ମଧ୍ୟ ତନାଘନା କରିଛି। ସିନ୍-ରିକ୍ରିଏସନ୍ ସମୟରେ କେତେଜଣ ଉତ୍ତ୍ୟକ୍ତ ଲୋକ ପୁଲିସ୍ ଗାଡ଼ି ପାଖକୁ ଆସି ଅଭିଯୁକ୍ତକୁ ସାଧାରଣ ଲୋକଙ୍କ ଗହଣରେ ଛାଡ଼ି ଦେବାକୁ ଦାବି କରିଥିଲେ। ତେବେ ପୁଲିସ୍ ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ କରିଛି। ଏହି ଜଘନ୍ୟ କାଣ୍ଡରେ ତାଳଚେର ଜନସାଧାରଣ କ୍ଷୁବ୍ଧ ଥିବା ବେଳେ ଦୋଷୀକୁ କଠୋରରୁ କଠୋର୍ ଦଣ୍ଡ ଦେବା ପାଇଁ ଦାବି ହେଉଛି। ପରେ ବଁଅରପାଳ ପୁଲିସ୍ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

- ଅଭିଯୁକ୍ତକୁ ଲୋକଙ୍କ ହାତରେ ଛାଡ଼ିଦେବାକୁ ଦାବି
- ଆଜି ତାଳଚେର ବନ୍ଦ
- ସିବିଆଇ ତଦନ୍ତ ଦାବିକଲା ମିଳିତ ମହାସଂଘ



ଅପରପକ୍ଷେ, ଏହି ଘଟଣାରେ ପୁଲିସ୍‌ର ତଦନ୍ତ ଦିଗହରା ବୋଲି ଅଭିଯୋଗ କରିବା ସହ ଏହାକୁ ସିବିଆଇକୁ ହସ୍ତାନ୍ତର କରିବା ପାଇଁ ମିଳିତ ମହାସଂଘ ପକ୍ଷରୁ ଦାବି କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ ମିଳିତ ମହାସଂଘ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହାସହ ମହାସଂଘ ପକ୍ଷରୁ ଏହି ଘଟଣା ସହ ଜଡ଼ିତ ୧୦ ଦଫା ଦାବିରେ ଆସନ୍ତାକାଲି (ସୋମବାର) ୧୨ ଘଣ୍ଟିଆ ତାଳଚେର ବନ୍ଦ ଡାକରା ଦିଆଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରି ହତ୍ୟା କରିବା ପରେ ପେଟ୍ରୋଲ ଢାଳି ଜାଳିବା, ଜଣଙ୍କର କାମ ହୋଇନପାରେ। ଏଥିରେ ନିଶ୍ଚୟ ଆଉ କିଛି ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ତେଣୁ, ସେମାନଙ୍କୁ ଧରିବା ସହ ପୂରା ମାମଲାର ପର୍ଦ୍ଦାଫାସ୍ କରିବା ପାଇଁ ସିବିଆଇ ତଦନ୍ତର ଆବଶ୍ୟକତା ରହିଛି। ଅପରପକ୍ଷେ, ଏହି ସମ୍ବେଦନଶୀଳ ଘଟଣାରେ କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ୍ ଅଧିକାରୀଙ୍କୁ କାହିଁକି ବର୍ତ୍ତମାନ ସୁଦ୍ଧା ନିଲମ୍ବିତ କରାଯାଇନାହିଁ ବୋଲି ମହିଳା ମଞ୍ଚ ସଭାନେତ୍ରୀ ଇଂ ସସ୍ମିତା ବେହେରା ପ୍ରଶ୍ନ କରିଥିଲେ। ଦଳିତ ମହାସଂଘ, ଓଡ଼ିଶା ପରିସଂଘ, ଡଃ ବି.ଆର ଆମ୍ବେଦକର ସ୍ମୃତିପରିଷଦ, ମହାନଦୀ କୋଇଲା ଠିକା ଶ୍ରମିକ ସଂଗଠନ, ରେଲୱେ ୟୁଜର୍ କମିଟି, କଣିହାଁ ସୁରକ୍ଷା ମଞ୍ଚ, ଜନବିକାଶ କଲ୍ୟାଣ ସଂଘ, ଉତ୍କଳ ଆମ୍ବେଦକର ସମାଜ ସେନା, ମହିଳା ମଞ୍ଚ ପକ୍ଷରୁ ମିଳିତ ଭାବେ ହୋଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ ଇଂ ସସ୍ମିତା ବେହରା, ଏଲ. ମାଣିକପ୍ରଭା, କୁଞ୍ଜବିହାରୀ ବେହେରା, ରାଜକିଶୋର ସାହୁ, ସଂଗ୍ରାମ କେଶରୀ କୁଅଁର, ଅଭୟ ପାଣି, ଭୂପେନ ଥମ୍ବ, ସତ୍ୟବ୍ରତ ମହାନ୍ତି, ଭାରତୀ ବେହେରା, ନନ୍ଦିନୀ ନାଏକ, କେଶବ ଭୂତିଆ, ଟିକା ଗୋବିନ୍ଦ ଚନ୍ଦ୍ର ନାଏକ, ମନୋଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**■ ରଥଖଳାରୁ...**

## ଆଜି ହେବ ଚକଡେରା



ପୁରୀ,୧୮।୫(ସମିସ): ସୋମବାର ଶ୍ରୀକ୍ଷେତ୍ର ଭଉଁରୀ। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ତିନିରଥର ୬ଟି ନାହାକା ଚକ ଡେରା ଯିବାର ବିଧି ରହିଛି। ଏଥିଲାଗି ରଥଖଳାରେ ଆବଶ୍ୟକ ଚକ ଓ ଅଖ ପ୍ରସ୍ତୁତ ହୋଇଥିବା ବେଳେ ରଥ ନିର୍ମାଣକାରୀ ସେବକ ଏହି ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ରଥ ଆଜ୍ଞାମାଳ ଆସି ଲାଗି ହେବା ପରେ ଚକ ଡେରାଯିବ। ରବିବାର ତୁମ୍ବ ବିନ୍ଧ କାରିଗରଙ୍କ ଦ୍ୱାରା ଅଖ ବିନ୍ଧ ପରେ ତିନିରଥର ମହାରଣା ସେବକମାନେ ସିଙ୍ଗଡ଼ାରେ ପଇ ରଖି ମାପ ଚିହ୍ନ ପ୍ରକାରେ ସାଲ କାର୍ଯ୍ୟ ଶେଷ କରିଥିଲେ। ମଧ୍ୟାହ୍ନ ବିରତି ପରେ ତିନି ରଥର ମହାରଣା ସେବକମାନେ ୩ଟି ଚକ ପାଇଁ ୧୨ଟି ଲେଖାଏଁ ପଇ ବିନ୍ଧ ଶେଷ କରିଥିଲେ। ଏହାପରେ ପ୍ରତ୍ୟେକ ରଥର ତିନିଟି ଲେଖାଏଁ ସିଙ୍ଗଡ଼ାରେ ପଇ ସଂଯୋଗ ଶେଷ ହୋଇ ସେଥିରେ କିଳା ବାଡ଼ିଆ ବା ବିଲେଇ ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ଏହାପରେ ପଇ କଳସା ଜାରି ରହିଛି। ରଥଖଳାରେ ସ୍ଥାନାଭାବ ଯୋଗୁଁ ଅଧିକ ଚକ ନିର୍ମାଣ କରି ରଖିବା ସମ୍ଭବ ହେଉନାହିଁ। ତେଣୁ ପରମ୍ପରା ଅନୁସାରେ ସୋମବାର ଭଉଁରୀ ତିଥିରେ ଚକ ଅଖ ଡେରା ନୀତି ପରେ ନିର୍ମାଣ ସରିଥିବା ଚକଗୁଡ଼ିକୁ ବିଧିମତେ ବାହାରକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଅଣାଯିବ।

## ନିଖୋଜ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋକସରା,୧୮ ।୫(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ପୁଲିସ୍ ସୁନାମାଲ ଗାଁ ନିକଟସ୍ଥ ନଦୀ ପାଖରେ ଥିବା ଗଛରୁ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ମହିଳାଜଣକ, ସୁନାମାଲ ଗ୍ରାମର ଶକ୍ତି ପରାଭୋଏଙ୍କ ସ୍ତ୍ରୀ ବୈଜୟନ୍ତୀ ପରାଭୋଏ (୨୦)। ଶନିବାର ସନ୍ଧ୍ୟାରୁ ବୈଜୟନ୍ତୀ ନିଖୋଜ ଥିଲେ। ପରିବାରଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ମିଳିନଥିଲା। ରବିବାର ସକାଳୁ ମୃତଦେହ ମିଳିବା ପରେ ପରିବାରଲୋକେ କୋକସରା ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିଲା। ପରିବାର ଲୋକଙ୍କ ଉପସ୍ଥିତିରେ ଶବ ଜବତ କରାଯାଇଥିଲା। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

## କୂଅରେ ପଡ଼ି ଭାଲୁ ମଲା

କେସିଙ୍ଗା,୧୮ ।୫(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ପଥର୍ଲାରେ ଏକ କୂଅରେ ପଡ଼ି ଗୋଟିଏ ଭାଲୁର ମୃତ୍ୟୁ ଘଟିଛି। ବିରାଜ



ପଟେଲଙ୍କ ଚାଷ ଜମିରେ ଥିବା କୂଅରୁ ଭାଲୁର ମୃତଦେହକୁ ବନବିଭାଗ ଉପସ୍ଥିତିରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ରବିବାର ଭୋର୍ ପ୍ରାୟ ୫ଟା ବେଳେ ଶ୍ରୀ ପଟେଲ ବିଲରେ ପାଣି ଦେବା ପାଇଁ ଯାଇଥିଲା ବେଳେ କୂଅରେ ଭାଲୁଟି ମରି ଭାସୁଥିବା ଦେଖିଥିଲେ। ଏହାପରେ ସେ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗଠାରୁ ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚିଥିଲା। ବ୍ୟବଚ୍ଛେଦ ପରେ ନିକଟସ୍ଥ ଜଙ୍ଗଲରେ ବନ ବିଭାଗ ଭାଲୁଟିର ମୃତଦେହକୁ ପୋତି ଦିଆଯାଇଛି।

## ଲଜ୍‌ରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ନୂଆପଡା,୧୮ ।୫ (ସମିସ): ନୂଆପଡ଼ା ସଦର ଥାନା ୩ ନମ୍ବର ୱାର୍ଡ ମାରୁତି ନଗରଠାରେ ଥିବା ନୀଳାଦ୍ରିବିହାର କଲ୍ୟାଣ ମଣ୍ଡପ ଲଜ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ଛତିଶଗଡ଼ ଦୁର୍ଗ ଜିଲ୍ଲା ଭିଲାଇସ୍ଥିତ ଇଂସା ଗ୍ରାମର ଅମିତ ସିଂ (୪୮)। ରାୟପୁରର ଜଣେ ଠିକାଦାରଙ୍କ ପାଖରେ ସେ ମ୍ୟାନେଜର୍ ଭାବେ କାମ କରୁଥିଲେ। ଗୁରୁବାର ରାତିରୁ ସେ ଏହି ଲଜ୍‌ର ୧୧୫ନଂ ରୁମ୍‌ରେ ରହୁଥିଲେ। ତେବେ ଆଜି ସକାଳୁ ସେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ରୁମ୍ କବାଟ ନ ଖୋଲିବା ଏବଂ ମାଲିକଙ୍କ ଫୋନ୍ ନ ଉଠାଇବାରୁ ସନ୍ଦେହ ହୋଇଥିଲା। ଲଜ୍‌ର କର୍ମଚାରୀମାନେ ବାରମ୍ବାର କବାଟ ବାଡ଼େଇଥିଲେ ହେଁ ଉତ୍ତର ମିଳିନଥିଲା। ଜଣେ କର୍ମଚାରୀ ସ୍କାଏଲାଇଟ୍ ଭାଙ୍ଗି ଦେଖିବା ବେଳକୁ ଅମିତ ତଳେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ନୂଆପଡ଼ା ପୁଲିସ୍ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିବା ସହ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣରୁ ଅମିତଙ୍କ ମୃତ୍ୟୁ ହୋଇଛି, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

**ବିଦ୍ୟୁତ୍ ଆଘାତରେ ଯୁବକ ମୃତ**

## ସାଙ୍ଗକୁ ବଞ୍ଚାଇବାକୁ ଯାଇ ଜୀବନ ଗଲା

ରଗଡ଼ି, ୧୮।୫ (ସମିସ): ସାଙ୍ଗକୁ ବଞ୍ଚାଇବାକୁ ଯାଇ ଜୀବନ ଗଲା। ଯାଜପୁର ଜିଲ୍ଲା କୋରେଇ ଥାନା ଅଧୀନ ଅନ୍ଧାରୀ ଛକ ନିକଟରେ ଥିବା ଏକ କୋଠାଘର ଛାତ ଉପରେ ଶନିବାର ରାତିରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଯୁବକ ହେଲେ, କେନ୍ଦୁଝର ଜିଲ୍ଲା




ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡ଼ ପଦନା ଗ୍ରାମର ଗୋକୁଳାନନ୍ଦ ସାହୁଙ୍କ ଏକମାତ୍ର ପୁଅ ଶୁଭମ ସାହୁ ଓରଫ୍ ବବୁଲ (୨୦)। ପୁଲିସ୍ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ରାମଚନ୍ଦ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାନୁଯାୟୀ, ଶୁଭମ୍ ଓ ତା’ର ଦୁଇ ସାଙ୍ଗ ମନୋଜ ସାହୁ, କାଳିଆ ସାହୁ ଅନ୍ଧାରୀ ଛକ ନିକଟରେ ଥିବା ଏକ ଦୋକାନରେ ଫାଷ୍ଟଫୁଡ୍ ଖାଉଥିଲେ। ଏତିକିବେଳେ, ଅସାବଧାନତାବଶତଃ ମୁଣ୍ଡ ଉପରେ ଯାଇଥିବା ୧୧କେଭି ତାର ମନୋଜଙ୍କ ମୁଣ୍ଡରେ ବାଜି ଯାଇଥିଲା। ଏହା ଦେଖି ଶୁଭମ ତାକୁ ଉଦ୍ଧାର କରିବାକୁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଶିକାର ହୋଇଥିଲେ। ଅନ୍ୟତମ ସାଙ୍ଗ କାଳିଆ ସାହୁ ସୁରକ୍ଷିତ ଥିବା ବେଳେ ସ୍ଥାନୀୟ ଲୋକେ ଶୁଭମ ଓ ମନୋଜକୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଶୁଭମଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଏହି ଖବର ପ୍ରଚାରିତ ହେବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକ ଏଥିପାଇଁ ବିଦ୍ୟୁତ୍ ବିଭାଗକୁ ଦାୟୀ କରି କ୍ଷତିପୂରଣ ଦାବିରେ ରବିବାର ଅନ୍ଧାରୀ ନିକଟରେ ଥିବା ୩୩ କେଭି ସବ ଷ୍ଟେସନ୍ କାର୍ଯ୍ୟାଳୟ ଘେରାଉ କରିବା ସହ ଟାୟାର୍ ଜାଳି ଏନ୍‌ଏଚ୍ ୨୦ ଅବରୋଧ କରିଥିଲେ। ଖବର ପାଇ କୋରେଇ ପୁଲିସ୍ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ସାହୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ନିୟମ ଅନୁଯାୟୀ କ୍ଷତିପୂରଣ ମିଳିବ ବୋଲି କହିବା ପରେ ଆନ୍ଦୋଳନ ହଟିଥିଲା।

**ମହିଳା ଓ ଶିଶୁ ବିକାଶ ବିଭାଗ ଗୃହ କମିଟିର କୋରାପୁଟ ଗସ୍ତ**

## ବୁଲି ଦେଖିଲେ କଫି ଓ ଗୋଲମରିଚ ଚାଷ



କୋରାପୁଟ,୧୮।୫(ସମିସ): ଓଡ଼ିଶା ବିଧାନସଭାର ମହିଳା ଓ ଶିଶୁ ବିକାଶ ବିଭାଗ ଗୃହ କମିଟି ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସି କଫି ଓ ଗୋଲମରିଚ ଚାଷ ବୁଲି ଦେଖିଛନ୍ତି। ଏହି କମିଟି ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରିଠାରେ ରହିଥିବା କଫି ପ୍ଲାଣ୍ଟ ଗସ୍ତ କରିଥିଲେ। ସେଠାରେ କଫି ଏବଂ ଗୋଲ ମରିଚ ଚାଷ କିଭଳି କରାଯାଉଛି, ଉକ୍ତ ଚାଷରେ କେତେ ମହିଳା ଆତ୍ମନିର୍ଭର ହୋଇଛନ୍ତି, ତାହା ଅନୁଧ୍ୟାନ କରିଥିଲେ। ପରେ ସେଠାରୁ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ମହିଳା ଓ ଶିଶୁ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯିବ ବୋଲି ଜଣା ପଡ଼ିଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଅଧ୍ୟକ୍ଷତାରେ ଯାଇଥିବା ଏହି ଟିମ୍‌ରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋସ, ପଦମପୁର ବିଧାୟିକା ବର୍ଷା ସିଂହ ବରିହା, ନର୍ଲା ବିଧାୟିକା ମନୋରମା ମହାନ୍ତି ପ୍ରମୁଖ ରହିଛନ୍ତି।

### ସାଙ୍ଗକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ ସାଙ୍ଗର ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ ଓ ସବ୍‌ଷ୍ଟେସନ ଘେରାଉ

**ରଗଡ଼ି, ୧୮।୫(ସମିସ)**



ସାଙ୍ଗକୁ ବଞ୍ଚାଇବାକୁ ଯାଇ ଜଣେ ସାଙ୍ଗର ମୃତ୍ୟୁ ଘଟିଛି। ଯାଜପୁର ଜିଲ୍ଲା କୋରେଇ ଥାନା ଅଧୀନ ଅନ୍ଧାରୀ ଛକ ନିକଟରେ ଥିବା ଏକ କୋଠାଘର ଛାତ ଉପରେ ଶନିବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ତିନି ସାଙ୍ଗ ଫାଷ୍ଟଫୁଡ ଖାଉଥିବା ବେଳେ ଅସାବଧାନତା ବଶତଃ ମୁଣ୍ଡ ଉପରେ ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ମନୋଜ ସାହୁ ନାମକ ଯୁବକ ଆସିଥିଲେ। ସାଙ୍ଗର ଏପରି ଅବସ୍ଥା ଦେଖି ଶୁଭମ ସାହୁ (୨୦) ତାକୁ ଉଦ୍ଧାର କରିବାକୁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଶିକାର ହୋଇଥିଲେ। ଅନ୍ୟତମ ସାଙ୍ଗ କାଳିଆ ସାହୁ ସୁରକ୍ଷିତ ଥିବା ବେଳେ ସ୍ଥାନୀୟ ଲୋକେ ଶୁଭମ ଓ ମନୋଜକୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ଶୁଭମଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ରାତି ସାଢ଼େ ୯ଟା ବେଳେ ଘଟିଥିଲା। ମୃତ ଯୁବକ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡ଼ ପଦନା ଗ୍ରାମର ଗୋକୁଳାନନ୍ଦ ସାହୁଙ୍କ ଏକମାତ୍ର ପୁଅ ଶୁଭମ ସାହୁ(ବବୁଲ)। ଅନ୍ୟ ଯୁବକମାନେ ମଧ୍ୟ ସେହି ଅଞ୍ଚଳର ବୋଲି ଜଣାପଡ଼ିଛି। ଯୁବକଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଏଥିପାଇଁ ବିଦ୍ୟୁତ୍ ବିଭାଗକୁ ଦାୟୀ କରି କ୍ଷତିପୂରଣ ଦାବିରେ ରବିବାର ଅନ୍ଧାରୀ ନିକଟରେ ଥିବା ୩୩ କେଭି ସବ ଷ୍ଟେସନ କାର୍ଯ୍ୟାଳୟ ଘେରାଉ କରିବା ସହଟାୟାର ଜାଳି ଏନ୍‌ଏଚ୍ ୨୦ ଅବରୋଧ କରିଥିଲେ। ଖବର ପାଇ କୋରେଇ ପୁଲିସ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ସାହୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାସହ ନିୟମ ଅନୁଯାୟୀ କ୍ଷତିପୂରଣ ମିଳିବ ବୋଲି କହିବା ପରେ ଆନ୍ଦୋଳନ ହଟିଥିଲା। ପୁଲିସ ପକ୍ଷରୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ରାମଚନ୍ଦ୍ରପୁର ଥାନା ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଖବର ପାଇ ଘସିପୁରା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ ଓ ପୂର୍ବତନ ସରପଞ୍ଚ ତଥା ବିଜେପି ନେତା ଗୋବିନ୍ଦ ଚନ୍ଦ୍ର ରାଉତ ଡାକ୍ତରଖାନାରେ ପହଞ୍ଚିଥିଲେ। ସାଙ୍ଗକୁ ରକ୍ଷା କରିବାକୁ ଯାଇ ସାଙ୍ଗର ମୃତ୍ୟୁଘଟଣା ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ବିଜେପିର ଘର କଳି ପଦାରେ ପଡ଼ିଲା

# ଗୌତମଙ୍କ ପତିଆରା କମାଇବାକୁ ହେଉଛିକି ବିକଳ୍ପ ସଂଗଠନ

**ମଙ୍ଗଳପୁର/ଦଶରଥପୁର, ୧୮।୫(ସମିସ):** ବିଧାନସଭା ନିର୍ବାଚନକୁ ଏକବର୍ଷ ପୁରିନଥିବା ବେଳେ ବିଜେପିର ଗୋଷ୍ଠୀ କନ୍ଦଳ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ଏମିତି ଏକ ଘଟଣା ଦେଖିବା ପାଇଁ ମିଳିଛି ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ। ଏହି ନିର୍ବାଚନ ମଣ୍ଡଳୀରେ ବିଜେପିରୁ ବିଧାୟକ ପ୍ରାର୍ଥୀ ଭାବେ ଗୌତମ ରାୟ ନିର୍ବାଚନ ଲଢ଼ି ଅଳ୍ପ ଭୋଟ ବ୍ୟବଧାନରେ ପରାଜୟ ବରଣ କରିଥିବା ବେଳେ ସଂଗଠନ ଦାୟିତ୍ୱ ତାଙ୍କ ଉପରେ ଦଳ ନ୍ୟସ୍ତ କରିଛି।

ବର୍ତ୍ତମାନ ଯାଜପୁର ନିର୍ବାଚନ ମଣ୍ଡଳୀ ଦଶରଥପୁର ବ୍ଲକରେ ଗୌତମ ରାୟଙ୍କ ବିରୁଦ୍ଧରେ ଆଉ ଏକ ସମାନ୍ତରାଳ ସଂଗଠନ ଚାଲିଛି ବୋଲି ଚର୍ଚ୍ଚା ଜୋର ଧରିଥିବା ବେଳେ ଏହି ସଂଗଠନ କାହା ନିର୍ଦ୍ଦେଶରେ ଚାଲିଛି ତାହାକୁ ନେଇ ଆଲୋଚନାର ବିଷୟ ବସ୍ତୁ ସାଜିଛି। ଗୋଟେ ପଟେ ଗୌତମଙ୍କ ଲୋକପ୍ରିୟତା ଓ କର୍ମୀମାନେ ଥିବାବେଳେ ଅନ୍ୟପଟେ ଚକ୍ଷୁ ଚିକିତ୍ସା ଶିବିର ନାଁରେ ତାଙ୍କ ବିପକ୍ଷରେ ଏକ ସମାନ୍ତରାଳ ସଂଗଠନ ଚାଲୁଛି ବୋଲି ଏବେ କେତେକ ବିଜେପି କର୍ମୀଙ୍କ ଠାରୁ ଶୁଣିବାକୁ ମିଳୁଛି। ନିର୍ବାଚନ ମଣ୍ଡଳୀରେ ଦଳୀୟ ବିଧାୟକ ପ୍ରାର୍ଥୀଙ୍କ ଅନୁପସ୍ଥିତରେ ଜିଲ୍ଲା ସଭାପତି ବିଜେପି ସଂଗଠନ କରିବାକୁ ଆଉ କାହାକୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି କି ବୋଲି ବିଜେପି କର୍ମୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ରବିବାର ଦଶରଥପୁରରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ଯାଜପୁର ସାଂସଦ ରବିନାରାୟଣ ବେହେରା, ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ବିଜେପି ନେତା ସଂଗ୍ରାମ ପାତ୍ର, ମୃତ୍ୟୁଞ୍ଜୟ ମିଶ୍ର, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଯାଜପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ସଂଗଠକ ଗୌତମ ରାୟ ଅନୁପସ୍ଥିତ ରହିବାକୁ ନେଇ ବିଜେପି ସଂଗଠନରେ ଫାଟ ସୃଷ୍ଟି ହୋଇଥିବା ନେଇ ସାଧାରଣରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ଅନ୍ୟ ପକ୍ଷରେ ଗୌତମ ରାୟଙ୍କ ଅନୁପସ୍ଥିତ ପାଇଁ ସେଭଳି ଶିବିରରେ ଆଖିଦୃଶିଆ ଲୋକ ଉପସ୍ଥିତ ନଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଯାହା ବିଜେପି କର୍ମୀଙ୍କ ମନରେ ନୈରାଶ୍ୟ ଭାବ ଦେଖାଯାଇଛି। ବିଜେପି କର୍ମୀଙ୍କ କହିବା ଅନୁଯାଇ ଆମ ନେତା ଗୌତମ ରାୟ ସେ ଯୋଉଠି ନାହାଁନ୍ତି ସେଠାରେ କିଏ ବି ଆସନ୍ତୁ ଆମ ପାଇଁ କିଛି ଫରକ ପଡ଼ିବ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ବିଜପିର ଦଳୀୟ କନ୍ଦଳ ଏତେ ମାତ୍ରାରେ ବଢ଼ି ଯାଇଛି ଯେ ପଞ୍ଚାୟତ ନିର୍ବାଚନରେ ଯାଜପୁର ନିର୍ବାଚନ ମଣ୍ଡଳୀରେ ବିଜେପି ନିଶ୍ଚିତ ଧରାଶାୟୀ ହେବ ଏଥିରେ ସନ୍ଦେହ ନାହିଁ ବୋଲି ଏବେ ଲୋକଲୋଚନରେ ଆଲୋଚନର ବିଷୟ ବସ୍ତୁ ସାଜିଛି।

# ଅର୍ଣ୍ଣପାଳ-ରାଜମୁକୁନ୍ଦପୁର ଗ୍ରାମ୍ୟରାସ୍ତାର ଦୁରବସ୍ଥା



**ଭଦ୍ରକ, ୧୮।୫(ସମିସ):** ଭଦ୍ରକ ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିବା ଅର୍ଣ୍ଣପାଳ ଛକଠାରୁ ରାଜମୁକୁନ୍ଦପୁର ପର୍ଯ୍ୟନ୍ତ ଯାଇଥିବା ଦୀର୍ଘ ୫ କିମି ରାସ୍ତାଟି ବର୍ତ୍ତମାନ ସମ୍ପୂର୍ଣ୍ଣ ବିପଦ ସଂକୁଳ ଅବସ୍ଥାରେ ରହିଛି। ରାସ୍ତାରେ ପ୍ରତିଦିନ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ସାମାନ୍ୟ ବର୍ଷାରେ ପାଣି ଛିଡା ହୋଇ ରହୁଛି, ଯାହା ଫଳରେ ଏ ଅଞ୍ଚଳର ଏକମାତ୍ର ଖ୍ୟାତିସମ୍ପନ୍ନ ଓକରା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଦୈନନ୍ଦିନ ବହୁ ଅସୁବିଧାରେ ପଡୁଛନ୍ତି। ଏତଦବ୍ୟତୀତ ଏହି ରାସ୍ତା ଉପରେ ତିହିଡ଼ି, ଧାମନଗର, ବ୍ଲକର ନିର୍ଭର କରୁଥିବା ସହ ସହ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଟେଣ୍ଡର ହେଉଛି ଠିକାଦାର ସାମାନ୍ୟ ମରାମତି କରି ମାଲେମାଲ ହେଉଛନ୍ତି; କିନ୍ତୁ ରାସ୍ତାର ଅବସ୍ଥା ସୁଧରୁନି। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଆକର୍ଷଣ କରିବାକୁ ଏ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

# ଗୋଟିଏ ସ୍ଥାନରେ ଦୁଇଟି ମନରେଗା ପ୍ରକଳ୍ପ; ଅର୍ଥ ହଡ଼ପ ଅଭିଯୋଗ

**ଧାମନଗର, ୧୮।୫(ସମିସ):** ଧାମନଗର ବ୍ଲକ ଅଞ୍ଚଳରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟାପକ ଅନିୟମିତତା ପଦାକୁ ଆସିଛି। ବିଭାଗୀୟ ଅଧିକାରୀ ଏସବୁ ଜାଣି ଅଜଣା ହୋଇ ରହିଛନ୍ତି। ସେହିପରି ଏହି ବ୍ଲକ ଅନ୍ତର୍ଗତ ବୟାଙ୍ଗଡ଼ିହ ପଞ୍ଚାୟତରେ ଗୋଟିଏ ସ୍ଥାନରେ ଏକ ବର୍ଷ ତଳେ ହୋଇଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୁନଶ୍ଚ ଫଳକ ଲଗାଇ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି।



ଘଟଣାରୁ ଜଣାଯାଏ, କମାରବନ୍ଧ ପିଡବ୍ଲୁଡି ରାସ୍ତାଠାରୁ ନେତପଡ଼ା ଡ୍ରେନେଜ କାମ ଗତ ୨୦୨୨-୨୩ ଆର୍ôଥକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅଟକଳ ମୂଲ୍ୟ ନଅ ଲକ୍ଷ ଟଙ୍କାରେ କାମ ହୋଇଥିଲା। କାର୍ଡ ନଂ ୨୪୧୭୦୦୭୦୧୧/ଆରସି/୧୦୪୯୦୨୧୭ ମୂଳେ ୧୧୮ ଜଣ ଲେବର ଡିମାଣ୍ଡ ସହ ଅଳ୍ପ କାମ ହୋଇ ସେହି ବର୍ଷ ୨ ଲକ୍ଷ ୬୪ ହଜାର ୬୯ ଟଙ୍କା ବିଲ୍ ପ୍ରଦାନ ହୋଇଛି। ସେହି ସମାନ ଜାଗାରେ ଏମଜିଏନଆରଇଏସ ପ୍ରୋଜେକ୍ଟ ପିଡବ୍ଲ୍ୟୁଡି ରାସ୍ତାଠାରୁ ଗୋପୀନାଥ ମନ୍ଦିର ରାସ୍ତା କଲଭର୍ଟ ସହ ଏକ ନୂତନ ପ୍ରୋଜେକ୍ଟ କରାଯାଇ କିଛି ମାଟି ଟ୍ରାକ୍ଟରରେ ପକାଯାଇ ୨୦୨୪-୨୫ ଆର୍ôଥକ ବର୍ଷରେ ନଅ ଲକ୍ଷ ବ୍ୟୟଅଟକଳ ସହ ୭୨୮ ଲେବର ଡିମାଣ୍ଡ ପଡ଼ି ୧ ଲକ୍ଷ ୯୩ ହଜାର ୮୩୦ ଟଙ୍କା ବିଲ୍ ପ୍ରଦାନ କରାଯାଇଛି।

ଏଠାରେ ପ୍ରଶ୍ନ ଉଠେ, ୨୦୨୨-୨୩ରେ ଏମଜିଏନଆରଇଏସ ପ୍ରକଳ୍ପ ଏକ ବର୍ଷ ପରେ ଏକା ସ୍ଥାନରେ କିଭଳି ଅନ୍ୟ ପ୍ରକଳ୍ପ ହୋଇ ବିଲ୍ ହେଉଛି। ଏ ସମ୍ପର୍କରେ ସମ୍ପୃକ୍ତ ପଞ୍ଚାୟତର ଜେଇ କୁହନ୍ତି କି ଡ୍ରେନେଜଠାରୁ ଅତି କମ୍‌ରେ ୧୨ ଫୁଟ ଦୂରରେ ରାସ୍ତା ପ୍ରକଳ୍ପ ହେବା ନିୟମ। ମାତ୍ର ଏଠାରେ ପୂର୍ବ ଡ୍ରେନେଜ ପ୍ରକଳ୍ପ ଉପରେ ରାସ୍ତା ନିର୍ମାଣ କାହା ନିର୍ଦ୍ଦେଶରେ ? ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ସୁରେଶଚନ୍ଦ୍ର ମଲ୍ଲିକ ଗତ ମାର୍ଚ୍ଚ ୩ ତାରିଖରେ ବ୍ଲକ ଏପିଇଓ, ବିଡ଼ିଓ ଏବଂ ଏଡିଓଙ୍କୁ ଲିଖିତ ଅଭିଯୋଗ କରିବା ପରେ ସମ୍ପୃକ୍ତ ଠିକାଦାର ରାସ୍ତା କାମ ଛାଡ଼ି ଅନଗୋଇଙ୍ଗ ୨୦୨୨-୨୩ର ଡ୍ରେନେଜ କାମ କରି ବକେୟା ଅର୍ଥ ହଡ଼ପ ମସୁଧାରେ ଅଛନ୍ତି। ବିଭାଗୀୟ ଅଧିକାରୀ ଏବଂ ଭଦ୍ରକ ଜିଲ୍ଲାପାଳ ଧାମନଗର ବ୍ଲକରେ ଏମଜିଏନଆରଇଏସ ଯୋଜନାରେ ହେଉଥିବା ଦୁର୍ନୀତି ସମ୍ପର୍କରେ ଜୁନ ୧୩ ତାରିଖ ପୂର୍ବରୁ ତଦନ୍ତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏଭଳି ଦୁର୍ନୀତିକୁ ରୋକା ନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସମ୍ପୃକ୍ତ ଗ୍ରାମର ଲୋକମାନେ ଚେତାବନୀ ଦେଇଛନ୍ତି।

### ମରାମତିରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା

# ସରକାରୀ ଅଧିକାରୀଙ୍କ ନାହିଁ ଦେଖା ଦର୍ଶନ

**ଅସୁରାଳି, ୧୮।୫(ସମିସ):** ଭଦ୍ରକରୁ ଆରଡ଼ି ଯିବା ବାଟରେ ବେତାଳି ଗାଁଠାରେ ପଡେ ରାସ୍ତା ଓ ଗୃହ ବିଭାଗ ତଥା ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ। ମାତ୍ର କେଉଁ ଆଦିମ କାଳରୁ ଏଠାରେ ମଣିଷର ପାଦ ଚିହ୍ନ ପଡ଼ି ନାହିଁ। କାଉ କୋଇଲିର ବସା ଘର ପାଲଟିଛି ଉକ୍ତ ସ୍ଥାନ। ସରକାରୀ କାର୍ଯ୍ୟାଳୟ ଅଛି ସତ କିନ୍ତୁ କୌଣସି ସରକାରୀ ବାବୁଙ୍କର କେବେ ଦେଖା ଦର୍ଶନ ମିଳେନି। ସ୍ଥାନୀୟ ବାସିନ୍ଦାଙ୍କ ମତ ଅନୁଯାୟୀ, ବର୍ଷକୁ ବର୍ଷ ଧରି ଘର ମରାମତି କରିବା ସହ ରଙ୍ଗ ଦେଇ ସରକାରୀ କାର୍ଯ୍ୟାଳୟର ନବକଳେବର କରାଯାଉଛି କିନ୍ତୁ ସରକାରୀ ଅଧିକାରୀଙ୍କ ଦେଖା ଦର୍ଶନ ନାହିଁ। ପ୍ରଶ୍ନ ଉଠୁଛି, କୋଟି କୋଟି ଟଙ୍କା ରାଜସ୍ୱ ବିଭାଗରୁ ଆସି ଏହି ସରକାରୀ କାର୍ଯ୍ୟାଳୟର ନିର୍ମାଣ କରା ଯାଉଅଛି କିନ୍ତୁ ତାହାର ସଦୁପଯୋଗ କରା ଯାଉନାହିଁ। କାର୍ଯ୍ୟାଳୟ ପାଲଟିଛି ଭୂତକୋଠି। ଯନ୍ତ୍ରୀ ନବଘନ ମାରାଣ୍ଡିଙ୍କୁ ପଚାରିବାରୁ ଷ୍ଟାଫ୍ ଅଭାବରୁ କାର୍ଯ୍ୟାଳୟ ଖୋଲା ହୋଇପାରୁ ନାହିଁ। ଖୁବ୍ ଶୀଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍‌ଶୀଘ୍ର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଚୋରି ଲୁହା ପାଇପ୍ ଜବତ; ଜଣେ ଗିରଫ

**କବାଟବନ୍ଧ, ୧୮।୫(ସମିସ):** ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ବ୍ରିଜ ନିକଟରେ ନିର୍ମାଣାଧୀନ ବ୍ରିଜ ନିକଟରୁ ୧୭ ତାରିଖ ରାତିରେ ଲୁହା ପାଇପ୍ ଚୋରି ହୋଇଥିବା ନେଇ ଜେନାପୁର ଥାନାରେ କମ୍ପାନୀ ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ଜେନାପୁର ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବଳରେ ଚୋରିରେ ସମ୍ପୃକ୍ତ ସ୍ଥାନୀୟ ରାଇଛନ୍ଦା ଗ୍ରାମର ବିନୋଦ ମଲିକ (୪୫)କୁ ପୁଲିସ ଗିରଫ କରିବା ସହିତ ୩ ଖଣ୍ଡ ୧୦ ଫୁଟିଆ ଲୁହା ପାଇପକୁ ଜବତ କରିଥିଲା। ଜବତ ପାଇପର ଆନୁମାନିକ ମୂଲ୍ୟ ୧ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ରବିବାର ବିନୋଦ କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରିଣୀ ନିରୂପମା ଜେନା ସୂଚନା ଦେଇଛନ୍ତି।

# ୧୯୮୮ ମସିହା ମାଟ୍ରିକ ବ୍ୟାଚ୍‌ର ସଭା

**ତିହିଡି, ୧୮।୫ (ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଳସାହିସ୍ଥିତ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୮୮ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମଳାକାନ୍ତ ଖାମୁରାଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ କୈଳାସଚନ୍ଦ୍ର ବଳ, କୁଳମଣି ଦୀକ୍ଷିତ ଓ ଅବଦୁଲ କଲାମ ଖାନଙ୍କୁ ସେମାନଙ୍କର ସମର୍ପିତ ଶିକ୍ଷାଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶୁଭସ୍ମିତା ତ୍ରିପାଠୀ ଓ ଅବସରପ୍ରାପ୍ତ ଡାକ୍ତର ଅଜୟ କୁମାର ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ବ୍ରଜେନ୍ଦ୍ର ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗୋପିନାଥ ମହାପାତ୍ର ସଭା ପରିଚାଳନା କରିଥିଲେ।



# ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର

**ଯାଜପୁର, ୧୮।୫(ସମିସ):** ଭାରତୀୟ ବୀର ଯବାନଙ୍କ ସାହାସିକତାକୁ ସମ୍ମାନ ଜଣାଇ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ନିର୍ବାଚନ ମଣ୍ଡଳୀ ଜାହାନପୁର ମା' ବିରଜା ମଣ୍ଡପରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ରାଜ୍ୟ ବିଜେଡି ଉପସଭାପତି ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଫାଉଣ୍ଡେସନର ସଚିବ ଭବପ୍ରସାଦ ଦାସ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାହାନପୁର ସମେତ ନିର୍ବାଚନ ମଣ୍ଡଳୀର ବହୁ ବିଜୁ ଜନତା ଦଳର ନେତା ଓ କର୍ମୀ ସାମିଲ ହୋଇ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୧୦୦ ୟୁନିଟ ରକ୍ତ ସଂଗ୍ରହ ନେଇ ଆଶା ରହିଥିବା ବେଳେ ରକ୍ତଦାତାଙ୍କ ମଧ୍ୟରେ ଖୁବ ଉତ୍ସାହ ଦେଖିବାକୁ ମିଳିଥିଲା। ଯୁଦ୍ଧ ବିରତି ସମୟରେ ବୀର ଯବାନଙ୍କ ଉଦ୍ଦେଶ୍ୟରେ ହୋଇଥିବା ଏଭଳି କାର୍ଯ୍ୟକ୍ରମକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ବେଶ ପ୍ରଶଂସା କରାଯାଇଛି।



# ଶିକ୍ଷକ ସଂଘ ପକ୍ଷରୁ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା

**ବନ୍ତ/ଆଗରପଡ଼ା, ୧୮।୫(ସମିସ):** ଥାନାଧିକାରୀଙ୍କୁ ଶିକ୍ଷକମାନେ ସମ୍ବର୍ଦ୍ଧନା ଦେଇଛନ୍ତି। ଆଗରପଡ଼ାସ୍ଥିତ ହେମପଦ୍ମ ଗାଲାକ୍ସିରେ ଶିକ୍ଷକମାନଙ୍କ ପକ୍ଷରୁ ଆୟୋଜନ ହୋଇଥିଲା ଏକ ସ୍ୱତନ୍ତ୍ର ଉତ୍ସବ। ଏଥିରେ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାକ୍ତନ ପ୍ରାଧାପକ ଗୋବିନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶିଶେଖର କରଶର୍ମା, ବିଶିଷ୍ଟ କବି ନାରାୟଣ ଲେଙ୍କା, ବିଆରସିସି ହରେକୃଷ୍ଣ ଆପଟ ପ୍ରମୁଖ ଶ୍ରୀ ପତିଙ୍କ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ଫକୀର ଶଙ୍ଖୁଆ, ବିମଳ ଜେନା, ପଞ୍ଚାନନ ପୃଷ୍ଟି, ଜଗନ୍ନାଥ ମଲ୍ଲିକ, ପ୍ରଣୟ ସିଂହ, ଉପେନ୍ଦ୍ର ବିଶ୍ୱାଳ ଏବଂ ନିରଞ୍ଜନ ଖିଲାର ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ।

# ସମ୍ଭବ ଫାଉଣ୍ଡେସନ୍‌ର ରକ୍ତଦାନ ଶିବିର



**ଭଦ୍ରକ, ୧୮।୫(ସମିସ):** ସମ୍ଭବ ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଭଦ୍ରକ ବ୍ଲକ କୋଡ଼ବରୁଆଁ ପଞ୍ଚାୟତର ପଲ୍ଲୀ ଆଞ୍ଚଳିକ ସହଯୋଗ ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ରଘୁରାମ ଜେନାଙ୍କ ସଭାପତିତ୍ୱ ଏହି ଶିବିରକୁ ଜିଲ୍ଲାପାଳ ଦିଲୀପ ରାଉରରାଏ ଫିତା କାଟି ଉଦଘାଟନ କରିଥିଲେ। ସାମ୍ବାଦିକ ଜ୍ଞାନପ୍ରକାଶ ପାଣି, ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରାବଣୀ କିନର ଯୋଗ ଦେଇଥିଲେ। ସମ୍ପାଦକ ଖଗେଶ୍ୱର ଯେନା କୋଷାଧ୍ୟକ୍ଷ ଅଜୟ ମିଶ୍ର ଉପଦେଷ୍ଟା କୈଳାସ ମହାନ୍ତି, ଶ୍ୟାମସୁନ୍ଦର ନାୟକ, ହରିହର ପ୍ରଧାନ, ମାନସ ପରିଡ଼ା, ସଦସ୍ୟ ରତିକାନ୍ତ ବେହେରା, ଭଗବାନ ପରିଡ଼ା, ସଦସ୍ୟା ସସ୍ମିତା ପଣ୍ଡା, ସୁନନ୍ଦା ପାଲ୍, ସସ୍ମିତା ବାରିକ୍, ତପସ୍ୱିନୀ ଯେନା, କାହ୍ନୁ ଚରଣ ମହାରଣା, ସୁବାଷ ଚନ୍ଦ୍ର ନାୟକ, ସୌମ୍ୟ ରଞ୍ଜନ କର, ରାଜେଶ ପ୍ରଧାନ, ମାନସ ନାୟକ, ଶିବାନନ୍ଦ ମିଶ୍ର, ରବୀନ୍ଦ୍ର ନାୟକ, ନିରଞ୍ଜନ ସାହୁ, ଚିନ୍ମୟ ପଣ୍ଡା, ଦେବାନନ୍ଦ ପଣ୍ଡା, ଚନ୍ଦ୍ର ଶେଖର ନାୟକ, ମାନସ ପଣ୍ଡା, ଫିରୋଜ ନାୟକ, ମୁନା ରାଉତ୍, ମାନସ ରାଉତ୍, ପ୍ରଫୁଲ୍ଲ ନାୟକ, ବିଦ୍ୟାଧର ବାରିକ, ବାଜନ ସିଂ, ଚିରଞ୍ଜିବି କର, ବିଶ୍ୱଜିତ୍ ଘଡିଆ, ବାପିନ୍ ସମାଲ୍, ଗୌତମ ସାମଲ, ହରେକୃଷ୍ଣ ଯେନା,

# ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଗୋପୀନାଥ ଦାସଙ୍କ ପରଲୋକ



**ଭଦ୍ରକ, ୧୮।୫(ସମିସ):** ଓଲାଭର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପୀନାଥ ଦାସ ତାଙ୍କ ଜଗନ୍ନାଥପୁର ବାସଭବନରେ ପ୍ରାଣତ୍ୟାଗ କରିଛନ୍ତି। ଖାଇବା ପରେ ଚେୟାରରେ ବସିଥିବା ସମୟରେ ହଠାତ୍ ପଡ଼ି ଯାଇଥିଲେ। ଭଦ୍ରକ ଜିଲ୍ଲା ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତାଙ୍କ ପାଖରେ ତାଙ୍କ ବଡଝିଅ ଓ ଜ୍ୱାଇଁ, ବଡ଼ ଭାଇ, ସାନଭାଇଙ୍କ ସମେତ କ୍ରୀଡ଼ା ଶିକ୍ଷକ ମନୋଜ ସାହୁ, ରସାନନ୍ଦ ସାହୁ, ସାନ ଝିଅର ସାଙ୍ଗ ଅଳକା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେ ୧୯୫୭ରେ ଆଡାର ମାଣିତ୍ରୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଭଦ୍ରକ କଲେଜରୁ ବି କମ୍ ଏବଂ ରେଭେନ୍ସା କଲେଜରୁ ଏମକମ ପାସ କରି ଆନନ୍ଦପୁର କଲେଜରୁ ଚାକିରି ଆରମ୍ଭ କରି ଶେଷରେ ଓଲାଭର କଲେଜର ଅଧ୍ୟକ୍ଷ ଭାବରେ ଅବସର ନେଇଥିଲେ। ସେ ଖୁବ୍ ମିଷ୍ଟଭାଷୀ, ଛାତ୍ର ବତ୍ସଳ ଓ ପରୋପକାରୀ ମଣିଷ ଥିଲେ। ତାଙ୍କ ଶେଷ କୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଛି। ପ୍ରାକ୍ତନ ଅଧ୍ୟକ୍ଷ ସୌରେଶଚନ୍ଦ୍ର ମହାନ୍ତି, ଅକ୍ଷୟ ମହାନ୍ତି, ପ୍ରାଧାପକ ସନ୍ତୋଷ ଦାଶ, ବ୍ୟୋମକେଶ ଜେନାଙ୍କ ସମେତ ବହୁ ବୁଦ୍ଧିଜୀବୀ ଗଭୀର ଶୋକବ୍ୟକ୍ତ କରିବା ସହ ଆତ୍ମାର ସଦଗତି କାମନା କରିଛନ୍ତି।

### କ୍ରସରରେ ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା

# ୧୦ କୋଟି କ୍ଷତିପୂରଣ ଦାବି

**ଯାଜପୁର, ୧୮।୫(ସମିସ)**



ଧର୍ମଶାଳାରେ ଚଳିତ ମାସରେ ପଥର ମାଫିଆମାନେ ଜଣେ ଯୁବକଙ୍କୁ ପିଟି ପିଟି ମାରିଦେବା ଘଟଣାର ମୁଖ୍ୟ ଅଭିଯୁକ୍ତ ଏପର୍ଯ୍ୟନ୍ତ ଗିରଫ ହୋଇନି। ଏନେଇ କୌଣସି ରାଜନୈତିକ ଦଳ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ କରିଛି ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ। ମଞ୍ଚର ସଭାପତି ପ୍ରେସ ବିଜ୍ଞପ୍ତିରେ ଏଭଳି ଅଭିଯୋଗ କରିବା ପରେ ଏନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ରବିବାର ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳ ହତ୍ୟାର ଶିକାର କର୍ମଚାରୀଙ୍କ ପରିବାରକୁ ସାକ୍ଷାତ କରିଥଲେ। ପରେ ଉକ୍ତ ପରିବାରର ଦୁର୍ଦ୍ଦଶା ଓ ଅସହାୟତାସହ ମୁଖ୍ୟ ଅଭିଯୁକ୍ତ ଗିରଫ ନହେବା ନେଇ ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଧର୍ମଶାଳାର ରାହାଡପୁର ମୌଜାରେ ଥିବା ପଦ୍ମାବତୀ କ୍ରସରର ପଥର ମାଫିଆ କ୍ୟାସିୟର ଭାବେ କାମ କରୁଥିବା ଇଂ ଅରଜିତ ଜେନାଙ୍କୁ ପିଟି ପିଟି ମାରିଦେବାସହ ଅନ୍ୟ ୫ଜଣଙ୍କୁ ଗୁରୁତର ଆହତ କରିଥିଲେ। ଅରଜିତ ତାଙ୍କ ବିରୋଧରେ ମୁହଁ ଖୋଲିଲେ ତାଙ୍କର ସମ୍ପୂର୍ଣ୍ଣ ପରିବାରକୁ ଜୀବନରେ ମାରି ସଫା କରି ଦିଆଯିବ, ସେଥିପାଇଁ ସମସ୍ତେ ମୁହଁ ବନ୍ଦ ରଖିବାକୁ ମୃତ୍ୟୁ ପୂର୍ବରୁ ସେ ବାରମ୍ବାର ତାଙ୍କର ମାଆକୁ ହାତଯୋଡ଼ି ଅନୁରୋଧ କରୁଥିଲା। ଏହି ଘଟଣାରେ ଅରଜିତଙ୍କ ସମ୍ପର୍କିୟ ଭାଇ ଗଣମାଧ୍ୟମରେ ସମ୍ପୃକ୍ତ ମୁଖ୍ୟ ପଥର ମାଫିଆ ଜ୍ଞାନରଞ୍ଜନ ମହାପାତ୍ର (ସିଲୁ)ଙ୍କ ବିରୋଧରେ ମତ ରଖିଥିବାରୁ ତାଙ୍କୁ ମଧ୍ୟ ମେ' ୫ ତାରିଖରେ ମାଡ଼ ମାରି ଗୁରୁତର ଆହତ କରି ଦିଆଗଲା। ଗତ ୧ ତାରିଖ ଶ୍ରମିକ ଦିବସରେ ଅରଜିତଙ୍କ ମୃତ୍ୟୁ ହୋଇଥିଲା। ଗରିବ ବାପା, ମାଆଙ୍କ ସେ ଏକମାତ୍ର ପୁଅ ଥିଲେ। ଘଟଣା ପରେ ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ତରଫରୁ ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ ସହ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉପରେ ଆସ୍ଥା ପ୍ରକଟ କରାଯାଇ ଡିଜି ୱାଇ ବି ଖୁରାନିଆ ଘଟଣାର ତଦନ୍ତ କରିବାକୁ ଦାବି କରାଯାଇଥିଲା। ଏଥିନେଇ ପୁଲିସ ଡିଜି ଆବଶ୍ୟକ ହସ୍ତକ୍ଷେପ ପାଇଁ ମଧ୍ୟ ନିର୍ଦ୍ଦେଶ ଆସିଥିଲା। ଯାହାଫଳରେ ମୁଖ୍ୟ ଅଭିଯୁକ୍ତ ବଡ଼ଚଣା ଥାନା ଖୋସାଲିପୁର ଗ୍ରାମର କ୍ରସର ପଥର ବ୍ୟବସାୟୀ ଜ୍ଞାନରଞ୍ଜନ ମହାପାତ୍ର (ସିଲୁ), କୁଆଖିଆ ଜାବରା ଗ୍ରାମର ହେମନ୍ତ କୁମାର ଦେଓ, ହରିଦାସପୁର ଗ୍ରାମର ସୌମ୍ୟରଞ୍ଜନ ବିଶ୍ୱାଳ ଓରଫ ରାଜୁ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବାର ପୁଲିସ ତରଫରୁ ଧର୍ମଶାଳା ଥାନା ଅଧିକାରୀ ରଞ୍ଜିତ କୁମାର ମାଝୀ ପ୍ରେସ ବିଜ୍ଞପ୍ତିରେ ଗତ ୫ ତାରିଖରେ ସୂଚନା ପ୍ରଦାନ କରିଥିଲେ। ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ତରଫରୁ ପ୍ରସଙ୍ଗରେ ସାମାଜିକ ଗଣମାଧ୍ୟମରେ ନୀତିଗତ ପ୍ରଶ୍ନର ବାଧ୍ୟବାଧକତାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମଧ୍ୟ ମୁହଁ ଖୋଲିଥିଲେ ଏବଂ ମୃତକଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ। ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସେ ଆଇନମନ୍ତ୍ରୀଙ୍କ ସହ ଆଲୋଚନା କରିଥିବାର ମଧ୍ୟ ମତପ୍ରକାଶ କରିଥିଲେ। ଆଇନମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ବି ମୁଖ୍ୟ ଅଭିଯୁକ୍ତ ଧରାପଡୁ ନଥିବାରୁ ରାଜ୍ୟ ସରକାରଙ୍କ ପାରିବା ପଣିଆନେଇ ସାଧାରଣରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ରବିବାର ଏପ୍ରସଙ୍ଗରେ ସତୀଶ ବିଶ୍ୱାଳ ମୃତକଙ୍କ ପରିବାରକୁ ପ୍ରତିନିଧି ଦଳ ସହ ସାକ୍ଷାତ କରିଥିଲେ। ଅରଜିତଙ୍କ ବାପା, ମାଆ ଏବଂ ପରିବାର ଏହି ଘଟଣା ପରେ ସମ୍ପୂର୍ଣ୍ଣ ଅସହାୟ ଏବଂ ନିରୂପାୟ ହେବା ସହ ଭୟଭୀତ ଅବସ୍ଥାରେ ରହିଛନ୍ତି ବୋଲି ପ୍ରକାଶ କରିଥିଲେ। ଆମକୁ ଯାଜପୁର ଏସ୍‌ପି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ୧୮ ଦିନ ବିତିବା ପରେ ବି କଣ ତଦନ୍ତ ହେଉଛି, ଆମେ କିଛି ଜାଣି ପାରିନାହୁଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ ବୋଲି କହିଛନ୍ତି। ତାଙ୍କ ପରିବାର ସହ ଆଲୋଚନା ପରେ ସତୀଶ ପ୍ରେସ ବିବୃତିରେ ଜଣାଇଛନ୍ତି ଯେ, ପ୍ଲାଷ୍ଟିକ ପାଇପ ଦ୍ୱାରା ପିଟି ପିଟି ମାରି ଦିଆଯାଇଥିବାର ଗିରଫ ଅଭିଯୁକ୍ତଙ୍କ ବୟାନ ସମ୍ପୂର୍ଣ୍ଣ ମିଥ୍ୟା। ହତ୍ୟାକାଣ୍ଡ ଅନ୍ତରାଳରେ ହେଉଥିବା ପାହାଡ଼ ଲୁଟରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ଏବଂ ଟିକସ ହରାଇଛନ୍ତି। ସରକାରଙ୍କ ନିଷ୍ଠାର ଅଭାବ ପାଇଁ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇ ପାରୁନି ଏବଂ ପଥର ମାଫିଆଙ୍କ ବହୁକୋଟି ଟଙ୍କାର ଆୟ ବିହିର୍ଭୁତ ସମ୍ପତି ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଜବତ ହୋଇଥିବା ଦୁଇଟି ମୋବାଇଲର ସମସ୍ତ କଲ ଯାଞ୍ଚ ରିପୋର୍ଟକୁ ସାର୍ବଜନିନ କରାଗଲେ ଏଥିନେଇ ଲୋକେ ପୁଲିସକୁ ଅଧିକ ଖବର ଦେଇ ପାରିବେ। ମଣିଷର ଜୀବନର ମୂଲ୍ୟ ଲକ୍ଷେ କି ଦୁଇ ଲକ୍ଷ ନୁହେଁ। ସେଥିପାଇଁ ମୃତକଙ୍କ ଅସହାୟ ପରିବାରକୁ ୧୦ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରାଯାଇଛି। ଆଗାମୀ ଦିନରେ ଏଥିନେଇ ଉପଯୁକ୍ତ ଫୋରମରେ ଦୃଢ ବିରୋଧ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଅନାଥ ଝିଅର ବିବାହ କରାଇଲେ ସେବାଶ୍ରମ କର୍ମକର୍ତ୍ତା

**ସୁନ୍ଦରଗଡ଼, ୧୮।୫(ସମିସ):** ଟାଙ୍ଗରପାଲି ବ୍ଲକର ବେଲସରା ସ୍ଥିତ ଜୟ ଶଙ୍କର ସେବାଶ୍ରମ କର୍ମକର୍ତ୍ତା ଜଣେ ଅନ୍ତେବାସୀ ତଥା ଅନାଥ ଝିଅର ବିବାହ କରାଇ ମହାନତାର ପରିଚୟ ଦେଇଛନ୍ତି। ରବିବାର ସେବାଶ୍ରମ ପରିସରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଅଶ୍ରମର ଅନ୍ତେବାସୀ ପୂର୍ଣ୍ଣିମା ମୁଣ୍ଡାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ଣ୍ଣିମା ବାପା ଓ ମା'ଙ୍କୁ ହରାଇବା ପରେ ଏହି ସେବାଶ୍ରମରେ ରହି ଆସୁଥିଲେ। ପରିଣତ ବୟସ ହେବା ପରେ ତାଙ୍କର ବିବାହ ପାଇଁ ସେବାଶ୍ରମ କର୍ମକର୍ତ୍ତା ଚିନ୍ତିତ ହୋଇପଡ଼ିଥିଲେ। ଛତିଶଗଡ଼ର ରାୟଗଡ଼ ଜିଲ୍ଲା ବାଡିପାରାର ପୁରୁଷୋତମ ପଟେଲ ଅନାଥ ଝିଅ ପୂର୍ଣ୍ଣିମାଙ୍କୁ ବିବାହ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ପରେ ରବିବାର ଉଭୟଙ୍କ ବିବାହ ଉତ୍ସବ ଧୁମଧାମରେ ଆଶ୍ରମ କର୍ମକର୍ତ୍ତା ଆୟୋଜନ କରିଥିଲେ। ସେବାଶ୍ରମ ପରିଚାଳିକା ଭାରତୀ ନାହାକ ଓ ତାଙ୍କ ସ୍ୱାମୀ ସୁଶିଲ ନାୟକ କନ୍ୟାଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ନନ୍ଦଲାଲ ନାଏକ, ତଥ୍ୟ ବିଶ୍ଳେଷଣକାରୀ ଧନଞ୍ଜୟ ନିନା, ଜୟଶଙ୍କର ସେବାଶ୍ରମ ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ ନରସିଂହ ରଣା, ସଭ୍ୟ ମୋହିନୀ ପଟେଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



# ସୁନ୍ଦରଗଡ଼ ଜିଲ୍ଲାର ବ୍ଲକ୍ ଟପ୍ପରଙ୍କୁ ମାଟ୍ରିକ ଉତ୍କର୍ଷ ସମ୍ମାନ

**ସୁନ୍ଦରଗଡ଼, ୧୮।୫(ସମିସ):** ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ସମ୍ବଲପୁର ସ୍ଥିତ ହୋଟେଲ ଡଲଫିନରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ ଟପ୍ପରଙ୍କୁ ମାଟ୍ରିକ ଉତ୍କର୍ଷ ସମ୍ମାନରେ ସମ୍ମାନୀତ କରାଯାଇଛି। କୁତ୍ରା ବ୍ଲକ ଓ ଜିଲ୍ଲା ଟପ୍ପର କ୍ରିଷ୍ଟା ମାଝୀଙ୍କୁ ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଓ ଜିଲ୍ଲା ପ୍ରତିନିଧି ଜୟକୃଷ୍ଣ ସେଠଙ୍କ ଉପସ୍ଥିତିରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କ୍ରିଷ୍ଟା ୯୪.୫୦ ପ୍ରତିଶତ ମାର୍କ ରଖି କୁତ୍ରା ବ୍ଲକ ସହ ସୁନ୍ଦରଗଡ଼ ଜିଲ୍ଲାରେ ଟପ୍ପର ହୋଇଛନ୍ତି। ସେହିପରି ୭୯.୧୬ ପ୍ରତିଶତ ମାର୍କ ରଖି ହେମଗିରି ବ୍ଲକ ଟପ୍ପର ହୋଇଥିବା ସରକାରୀ ୟୁଜିଏଚଏସର ରଶ୍ମି ପାଣ୍ଡେ, ୮୮.୫୦ ପ୍ରତିଶତ ମାର୍କ ରଖି ଟାଙ୍ଗରପାଲି ବ୍ଲକ ଟପ୍ପର ହୋଇଥିବା ଉଜଳପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କାଜଲ ଚୌଧୁରୀ, ୭୭ ପ୍ରତିଶତ ମାର୍କ ରଖି ସବଡେଗା ବ୍ଲକ ଟପ୍ପର ହୋଇଥିବା ଗାଇବିରା ଏନ୍‌ଓଏଚ୍‌ଏସ୍‌ର ସାହିଲ ଏକ୍କା, ୮୧.୮୩ ପ୍ରତିଶତ ମାର୍କ ରଖି ବଡଗାଁ ବ୍ଲକ ଟପ୍ପର ହୋଇଥିବା ଏକମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଡିଲେଶ୍ୱରୀ କରିଆଲି, ୮୬ ପ୍ରତିଶତ ମାର୍କ ରଖି ରାଜଗାଙ୍ଗପୁର ବ୍ଲକ ଟପ୍ପର ହୋଇଥିବା କାଂଶବାହାଲ ଡିଏଭି ଉଚ୍ଚ ବିଦ୍ୟାଳୟର ମୋନାଲିସା ଧଳ, ୮୮.୧୬ ପ୍ରତିଶତ ମାର୍କ ରଖି ବିଶ୍ରା ବ୍ଲକ ଟପ୍ପର ହୋଇଥିବା ଜଗଦା ପ୍ରଗତି ବିଦ୍ୟା ମନ୍ଦିରର ପ୍ରଶଂସା ପ୍ରିୟଦର୍ଶିନୀ ଜେନା, ୯୧.୧୬ ପ୍ରତିଶତ ମାର୍କ ରଖି ଲାଠିକଟା ବ୍ଲକ ଟପ୍ପର ହୋଇଥିବା ଦେଓକରନ ବିଦ୍ୟାପୀଠର ଅଭିଷେକ ପରିଡ଼ା ଓ ୮୫ ପ୍ରତିଶତ ମାର୍କ ରଖି ବଣାଇ ବ୍ଲକ ଟପ୍ପର ହୋଇଥିବା ବଡ ଗୋଗୁଆ ସ୍ଥିତ ଗୋଗୁଆ ଉଚ୍ଚ ବିଦ୍ୟାଳୟର ସୁବାସିନୀ ପଲେଇଙ୍କୁ ଏହି ଅବସରରେ ମାନପତ୍ର ଓ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗଞ୍ଜେଇ ଜବତ, ଜଣେ ଗିରଫ

**କଣ୍ଟାବାଞ୍ଜି, ୧୮।୫(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅବକାରୀ ଥାନା ଓଆଇସି ପ୍ରବିଣ କୁମାର ସାହୁଙ୍କ ନେତୃତ୍ୱରେ ବେଆଇନ ଗଞ୍ଜେଇ ଚାଲାଣ ସମୟରେ ଚଢ଼ଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ବୁର୍ଡା ଥାନା ଅନ୍ତର୍ଗତ ମଡିଗୁଣ୍ଡାଗାଁର ମୁଖ୍ୟବନ୍ତ ଯୋଶୀ ବାଇକ୍‌ରେ ଗଞ୍ଜେଇ ଧରି ସଇଁତଳା ଅଞ୍ଚଳରୁ କଣ୍ଟାବାଞ୍ଜି ପଟକୁ ଆସୁଥିବା ବେଳେ କଣ୍ଟାବାଞ୍ଜି ଅବକାରୀ ପୁଲିସ ମୁଖ୍ୟବନ୍ତ ଠାରୁ ୩ କେଜି ୭୦୦ଶହ ଗଞ୍ଜେଇ ସହ ବାଇକ୍ ଜବତ କରି ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି ଏଡିଜେ କୋର୍ଟ ଚାଲାଣ କରିଥିବା ଅବକାରୀ ଓଆଇସି ପ୍ରବିଣ ସାହୁ ସୂଚନା ଦେଇଛନ୍ତି।

## ଖଇରକାଠ ବୋଝେଇ ଗାଡ଼ି ଜବତ

**ଦେଓଗାଁ, ୧୮।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ସିକୁଆଁ ନିକଟରୁ ବେଆଇନଭାବେ ଖଇରକାଠ ଚାଲାଣ ହେଉଥିବା ଗାଡିକୁ ପୁଲିସ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛି। ସୂଚନାନୁସାରେ ଭୁତିଆରବାହାଲରୁ ପିକ୍‌ଅପ ଗାଡି ନଂ ଓଆର୧୭ଡି-୪୮୮୨ରେ ପ୍ରାୟ ୩ କୁଇଣ୍ଟାଲ ଖଇର କାଠ ବୋଝେଇ ହୋଇ ଚାଲାଣ ହେଉଥିବା ଦେଓଗାଁ ପୁଲିସ ଖବରପାଇ ଗାଡିର ପିଛା କରିଥିଲା। ଗାଡିକୁ ଡ୍ରାଇଭର ସିକୁଆଁକୁ ନେଇ ରଖିଦେଇ ଫେରାର ମାରିଥିବା ବେଳେ ପୁଲିସ ଗାଡି ସମେତ ଖଇର କାଠକୁ ଜବତ କରି ଦେଓଗାଁ ଥାନାକୁ ଆଣିଛି। ସୋମବାର ବନବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

## ପଥର ବୋଝେଇ ଟ୍ରାକ୍ଟର ଜବତ

**ଦେଓଗାଁ, ୧୮।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଉଡାର ନିକଟରେ ପଥର ବୋଝେଇ ଏକ ଟ୍ରାକ୍ଟରକୁ ଦେଓଗାଁ ପୁଲିସ ଜବତ କରିଥିବା ବେଳେ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁସାରେ ଉଡାରରୁ ସାଲେପାଲିକୁ ଟ୍ରାକ୍ଟର ନଂ ଓଡି୦୩ୱାଇ-୦୩୧୩ରେ ବେଆଇନ ଭାବେ ପଥର ବୋଝେଇ କରି ଯାଉଥିବା ବେଳେ ପୁଲିସ ଚଢ଼ଉ କରି ଗାଡି ସମେତ ପଥରକୁ ଜବତ କରିଥିବା ବେଳେ ଡ୍ରାଇଭର ଉଚ୍ଛବ ବିଶ୍ୱାଳକୁ ଅଟକ ରଖି ତଦନ୍ତ ଚଳାଇଛି।

## ଡକାୟତି ମାମଲାରେ ଦୋଷୀକୁ ୩ ବର୍ଷ ଜେଲ

**ନୂଆପଡ଼ା /ଖଡ଼ିଆଳ, ୧୮।୫(ସମିସ):** ଖଡିଆଳ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏକ ଡକାୟତି ମାମଲାର ଶୁଣାଣି କରି ୩ ଦୋଷୀମାନଙ୍କୁ ୩ ବର୍ଷ ଜେଲ ସହ ୧ ହଜାର ଟଙ୍କାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାନୁଯାୟୀ, ଗତ ୨୦୨୪ ନଭେମ୍ବର ମାସରେ ଖଡିଆଳ ଥାନା ବାଦୀ ଗାଁ ନିକଟରେ ମୂର୍ତ୍ତାଜା ଅଲି ନାମକ ଜଣେ କପଡ଼ା ବ୍ୟବସାୟୀକୁ ଅଭିଯୁକ୍ତ ରାଜା ଦୁରିଆ, ପଦ୍ମନ ପଟେଲ ଓ ସଞ୍ଜୟ ପଟେଲ ଅଟକାଇ ଛୁରୀ ଦେଖାଇ ବାଇକ, କପଡ଼ା ସହ ଟଙ୍କା ଲୁଟି ନେଇଥିଲେ।

ଏନେଇ ଖଡ଼ିଆଳ ଥାନାରେ ଅଭିଯୋଗ ପରେ ପୁଲିସ ଉପରୋକ୍ତ ୩ ଅଭିଯୁକ୍ତମାନଙ୍କୁ ଗିରଫ କରି କେଶ ନମ୍ବର ୪୧୦/୨୪ରେ ମାମଲା ରୁଜୁ କରିଥିଲା। ଖଡ଼ିଆଳ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ମାମଲା ବିଚାରାଧୀନ ଥିଲା। ଆଠ ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଖଡିଆଳ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସମିକ୍ଷା ସା ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ଏପିପି ଅଖମଲ ସରିଫ ମାମଲାର ପରିଚାଳନା କରୁଥିବା ବେଳେ ଓଏପିଏଫ ସଞ୍ଜିବ ମାଝୀ ସହଯୋଗ କରିଥିଲେ।

## ଲଜ୍‌ରୁ ମୃତଦେହେ ଉଦ୍ଧାର

**ନୂଆପଡ଼ା, ୧୮।୫ (ସମିସ):** ନୂଆପଡ଼ା ସଦର ଥାନା ୩ ନମ୍ବର ୱାର୍ଡ ମାରୁତି ନଗରଠାରେ ଥିବା ନୀଳାଦ୍ରି ବିହାର କଲ୍ୟାଣ ମଣ୍ଡପ ଓ ଲଜ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ ପଡୋଶୀ ଛତିଶଗଡ଼ ଦୁର୍ଗ ଜିଲ୍ଲା ଭିଲାଇସ୍ଥିତ ଇଂସା ଗ୍ରାମର ଅମିତ ସିଂ (୪୮)। ରାୟପୁରର ଜଣେ ଠିକାଦାରଙ୍କ ପାଖରେ ସେ ମ୍ୟାନେଜର ଭାବରେ କାମ କରୁଥିଲେ। ଗୁରୁବାର ରାତିରେ ଆସି ନୀଳାଦ୍ରି ବିହାର କଲ୍ୟାଣ ମଣ୍ଡପ ଓ ଲଜର ୧୧୫ ନଂ ରୁମ୍‌ରେ ରହୁଥିଲେ। ଶନିବାର ସକାଳୁ ବରଗଡ଼ ଜିଲ୍ଲା ପାଇକମାଳରେ ଗାଡି ଭଡା ବାବଦକୁ ଟଙ୍କା ଆଦାୟ କରିବାକୁ ଯାଇ ରାତିରେ ଫେରିଥିଲେ। ରବିବାର ସକାଳୁ ମାଲିକଙ୍କ ଫୋନ ଉଠାଇ ନ ଥିଲେ। ସ୍କାଇଲାଇଟ ଭାଙ୍ଗି ଦେଖିବା ବେଳକୁ ତଳେ ପଡ଼ିଥିଲେ। ନୂଆପଡ଼ା ପୁଲିସ ସହାୟତାରେ କବାଟ ଭାଙ୍ଗି ଉଦ୍ଧାର କରିବା ପରେ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା; ହେଲେ ଅନେକ ସମୟରୁ ମୃତ୍ୟୁ ଘଟିଥିବା ଡାକ୍ତର କହଥିଲେ। ପରିବାର ଲୋକ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ପୁଲିସ ଶବ ହସ୍ତାନ୍ତର କରିଛି।

## ଲୋକକଳା ଗବେଷକଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗିର, ୧୮।୫(ସମିସ):** ବଲାଙ୍ଗିର ଜିଲ୍ଲାର ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ପୁଇଁନ୍ତଲାଗ୍ରାମସ୍ଥିତ ମହାଦେବ ମନ୍ଦିର ପରିସରରେ ଲୋକକଳାଗ୍ରାମ ପୁଇଁନ୍ତଲା ତରଫରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୁଇଁନ୍ତଲା ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ତରଣୀସେନ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ପୁଇଁନ୍ତଲା ସରପଞ୍ଚ ଦେବକୀ ସେଠ, ଜିଲ୍ଲା ପରିଷଦ ସଭ୍ୟ କୁମରମଣି ସେଠ, କଳାକାର ପ୍ରହ୍ଲାଦ ଦର୍ଜି, ସାମ୍ବାଦିକ ସନ୍ଦୀପ କୁମାର କୁଅଁର, ଲୋକ କଳାକାର ବିଜୟ ସାଏ, ଯୁବ ନାଟ୍ୟକାର ତଥା ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଥନାପତି ପ୍ରମୁଖ ଯୋଗଦେଇ ଡକ୍ଟର ନୀଳାଞ୍ଚଳ ନନ୍ଦ ଏବଂ ଡକ୍ଟର ବାସନ୍ତୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମାନପତ୍ର ପଠନ କରିଥିଲେ ମନ୍ଦିର ପୂଜକ ସରଜୁ ଥାନପତି କାର୍ଯ୍ୟକ୍ରମକୁ ପଞ୍ଚାନନ ସେଠ ପରିଚାଳନା କରିଥିଲେ।

# ସେବାନିବୃତ୍ତ ସଂଘର ସରବତ ବଣ୍ଟନ

**ସୁନ୍ଦରଗଡ଼, ୧୮।୫(ସମିସ):** ସୁନ୍ଦରଗଡ଼ ରେଭେନ୍ୟୁ କଲୋନୀ ସ୍ଥିତ ସେବାନିବୃତ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ରବିବାର ସରବତ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରଙ୍ଗାଡ଼ିପା ଛକଠାରେ ପଥଚାରୀମାନଙ୍କୁ ସଂଘ ପକ୍ଷରୁ ଦହି ସରବତ ବଣ୍ଟାଯାଇଥିଲା। ଆଜି ସାପ୍ତାହିକ ହାଟକୁ ଆସିଥିବା ବ୍ୟବସାୟୀ, ଗ୍ରାହକ, ରଙ୍ଗାଡିପା ଦୁର୍ଗାପୂଜା କମିଟି ପକ୍ଷରୁ ଚାଲିଥିବା ଚବିଶ ପ୍ରହର ନାମ ସଂକୀର୍ତ୍ତନର ଶ୍ରଦ୍ଧାଳୁ, ବଜାରର କ୍ରେତା ଓ ପଥଚାରୀଙ୍କୁ ସରବତ ବଣ୍ଟନ କରାଯାଇଥିଲା। ଦୁର୍ଗାପୂଜା କମିଟିର ହରେକୃଷ୍ଣ ମିଶ୍ର, ଗୋପାଳ ଚନ୍ଦନ, ପ୍ରଦୀପ ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସଂଘର ଉପସଭାପତି ଗୁଣନିଧି ମହାନ୍ତି, ସାଧାରଣ ସମ୍ପାଦକ ରାଜକିଶୋର ମହାରଣା, ଚିନ୍ମୟ ପାଣିଗ୍ରାହୀ, ଲଳିତ ମୋହନ ଦାସ, ପ୍ରଫୁଲ୍ଲ ଦାଶ, ପ୍ରଦୀପ ପଟେଲ, ଉଦିତ ନାଏକ, ଜିତେନ୍ଦ୍ର ନାଏକ, ନବୀନ ପଟେଲ, ଗୋବିନ୍ଦ ଚନ୍ଦ୍ର ସୁଆର, ତାରାଚାନ୍ଦ ପଟେଲ, ସୌଦାମିନୀ ବାବୁ, ସୁଷମା ପଟେଲ, ମନୋଜ ପୁରୋହିତ ପ୍ରମୁଖ ୭୦ରୁ ଉର୍ଦ୍ଧ୍ୱ ସଂଘର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।



# ସିଏସ୍ ରାଜନ ଏକ୍କା ପିସିସି ଉପସଭାପତି, ଅନିମା ସମ୍ପାଦକ

**ସୁନ୍ଦରଗଡ଼, ୧୮।୫(ସମିସ):** ପିସିସି ସଭାପତି ଭକ୍ତ ଚରଣ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୁନର୍ଗଠନ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରୁ ରାଜଗାଙ୍ଗପୁର ବିଧାୟକ ଡ. ସିଏସ୍ ରାଜନ ଏକ୍କାଙ୍କୁ ଓଡ଼ିଶା ପିସିସିର ଉପସଭାପତି ପଦ ମିଳିଥିବାବେଳେ ଅନିମା ମିଞ୍ଜଙ୍କୁ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସର ସଂଯୋଜକ ନିର୍ମଳ କୁମାର ନାଏକ ପିସିସି ସଭାପତି ଭାବେ ଭକ୍ତ ଚରଣ ଦାସ ନିଯୁକ୍ତ ହେବା ପରେ ରାଜ୍ୟରେ କଂଗ୍ରେସ ଦଳ ଅଧିକ ସକ୍ରିୟ ହୋଇଛି ବୋଲି କହିଛନ୍ତି। ବିଧାୟକ ଡ. ଏକ୍କାଙ୍କୁ ପିସିସି ଉପସଭାପତି ଓ ଆଦିବାସୀ ମହିଳା ଅନିମାଙ୍କୁ ପିସିସି ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିବାରୁ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।



## ନିଖୋଜ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋକସରା, ୧୮।୫(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ସୁନାମାଳ ଗାଁ ନିକଟସ୍ଥ ନଦୀ ପାଖରେ ଥିବା ଗଛରୁ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ମହିଳା ଜଣକ ସୁନାମାଳ ଗ୍ରାମର ଶକ୍ତି ପରାଭୋଏଙ୍କ ସ୍ତ୍ରୀ ବୈଜୟନ୍ତୀ ପରାଭୋଏ (୨୦)। ଶନିବାର ସନ୍ଧ୍ୟାରୁ ବୈଜୟନ୍ତୀ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ମିଳି ନ ଥିଲା। ରବିବାର ସକାଳୁ ମୃତଦେହ ମିଳିବା ପରେ ପରିବାର ଲୋକେ କୋକସରା ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିଲା। ପରିବାର ଲୋକଙ୍କ ଉପସ୍ଥିତରେ ଶବ ଜବତ କରାଯାଇଥିଲା। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

● କୋର୍ଟ ପରିସରରେ ମାରଣାସ୍ତ୍ର ଧରି ବୁଲିବା ଘଟଣା

# ଅଭିଯୁକ୍ତକୁ ଗିରଫ କଲା ପୁଲିସ

**ଟିଟିଲାଗଡ଼, ୧୮।୫(ସମିସ):** ଏକ ଅପ୍ରତ୍ୟାଶିତ ଘଟଣା କ୍ରମେ ଜଣେ ଯୁବକ ଏକ ଭୁଜାଲି ହାତରେ ଧରି ଶନିବାର ଅପରାହ୍ନରେ ଟିଟିଲାଗଡ଼ କୋର୍ଟରେ ପହଞ୍ଚିବା ଆଲୋଡନ ସୃଷ୍ଟି କରିଛି। ଅଦାଲତରେ ଅନେକ ଅପରାଧୀଙ୍କୁ ହାଜିରା କରାଯାଉଛି। ନ୍ୟାୟାଳୟ ପରିସରରେ କଡାସୁରକ୍ଷା ବ୍ୟବସ୍ଥା ଗ୍ରହଣ ସହ ଏକ ସୁରକ୍ଷିତ ଅଞ୍ଚଳ ଭାବରେ ବିବେଚନା କରାଯାଏ। ଏଭଳିସ୍ଥଳେ କୋର୍ଟ ପରିସରରେ କିଭଳି ମାରଣାସ୍ତ୍ର ଧରି ଜଣେ ଯୁବକ ପ୍ରବେଶ କରି ଘୁରି ବୁଲିବା ଏବଂ ଅନାୟାସରେ ଚାଲିଯିବା ଚର୍ଚ୍ଚାର ବିଷୟ ହୋଇଛି। ମାରଣାସ୍ତ୍ର ଧରିଥିବା ଯୁବକ ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲା ଦୌରା ତଥା ସେସନ ବିଚାରପତିଙ୍କ ପ୍ରକୋଷ୍ଠ ସମ୍ମୁଖରେ ଅପରାହ୍ନ ପ୍ରାୟ ୧ ଟାରେ ବୁଲୁଥିବା କୋର୍ଟର ସିସିଟିଭିରେ କଏଦ ହୋଇଛି। ସେ କାହାକୁ ଖୋଜୁଥିଲା ତାହା ସ୍ପଷ୍ଟ ଭାବରେ ଜଣାପଡ଼ିନାହିଁ। ଉକ୍ତ ଯୁବକ ଜଣଙ୍କ ଟିଟିଲାଗଡ଼ ସହରର ମନୋଜ ଜାନି ବୋଲି ଜଣାପଡ଼ିଛି। ଟିଟିଲାଗଡ଼ ଥାନା ପୁଲିସ ରବିବାର ଉକ୍ତ ଯୁବକଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ଅଦାଲତରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



## ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୋମନା, ୧୮।୫(ସମିସ):** କୋମନା ଗଡ଼ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଛି। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ୮ ଦେବାଦେବୀ ଯୋଗ ଦେଇଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପ୍ତ ହେବା ପରେ ସମସ୍ତ ଦେବାଦେବୀ ନିଜ ପୀଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦେବଦେବୀଙ୍କୁ ଯେଉଁ ଭଳି ଭବ୍ୟ ସ୍ୱାଗତ କରାଯାଇଥିଲା ଯାତ୍ରା ଶେଷ ହେବାପରେ ପୂର୍ବବତ ବିଦାୟ ଦିଆଯାଇଚି। ଦେଓଦରହାର ପ୍ରସିଦ୍ଧ ମାଁ ଇନ୍ଦ୍ରାଣୀ ଦେବୀ କୋମନା ଗଡ଼ରୁ ବାହାରି ନିଜ ପୀଠରେ ପହଞ୍ଚିଛନ୍ତି। ପ୍ରତ୍ୟାବର୍ତ୍ତନ ସମୟରେ ମାଁ ଇନ୍ଦ୍ରାଣୀଙ୍କୁ ବିଭିନ୍ନ ଗାଁରେ ପୂଜାର୍ଚ୍ଚନା କରି ଭକ୍ତ ମାଁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପୂଜକ ଧବଳେଶ୍ୱର ପୁଝାରୀ, ରାମେଶ୍ୱର ଛତ୍ରିଆ, ଜୟସିଂ ଛତ୍ରିଆ, ଉଦେଶ୍ୱର ଚିନ୍ଦା, ମୁରଲୀଧର ଭୋଇ, ମହେନ୍ଦ୍ର ଦୀପ, ମହାଦେବ ଦୀପ, ସମିତିସଭ୍ୟ ଶୋଭା ମାଝି, ଟୁନା ପୁଝାରୀ ପ୍ରମୁଖ ମାଁଙ୍କ ସହ ପରିକ୍ରମା କରିଥିଲେ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର କାର୍ଯ୍ୟକର୍ତ୍ତା ସମ୍ମିଳନୀ



**ଭବାନୀପାଟଣା, ୧୮।୫(ସମିସ):** ସାହିତ୍ୟ ଜାଣେନି କିଏ ପର ଆଉ କିଏ ଆପଣାର। ସାହିତ୍ୟ କେବଳ ଯୋଡିବାର କାମ କରିଥାଏ। ସଂସ୍କୃତି ଓ ସଂସ୍କାରର ପ୍ରଚାର କରେ ସାହିତ୍ୟ। ସାଧାରଣ ଲୋକ ବୁଝିପାରୁଥିବା ଭଳି ଭାଷାର ସର୍ଜନା ହିଁ ଲେଖକୀୟ ସାର୍ଥକତା ବଢ଼ାଏ। ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଏହି ମତ ପ୍ରକାଶ ପାଇଛି। ବରିଷ୍ଠ କବି ଜଗଦୀଶ୍ୱର ମୁଣ୍ଡଙ୍କ ପୌରୋହିତ୍ୟରେ ଭବାନୀପାଟଣାସ୍ଥ ପ୍ରଦକ୍ଷଣ ଗୃହ ପରିସରରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସହସଂଗଠନ ମନ୍ତ୍ରୀ ମନୋଜ ଜୀ, ପରିଷଦର ଓଡ଼ିଶା କ୍ଷେତ୍ର ସଂଗଠନ ସମ୍ପାଦକ ନାରାୟଣ ନାୟକ ଓ ରାଜ୍ୟ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। କଳାହାଣ୍ଡି ଜିଲ୍ଲା ସଂଯୋଜକ ମନୋଜ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରଘୁନାଥ ଓଝା, ଅଧ୍ୟାପକ ଦେବୀ ପ୍ରସାଦ କର, ଡ. ଭବାନୀ ଦାଶ, ଏମ. ବାଲମୁରଲୀ କୃଷ୍ଣ, ଧବଳେଶ୍ୱର ପାତ୍ର, ଖଗେଶ୍ୱର ବାଗ, ଏମ. ଶବର, ଡ. ସୂର୍ଯ୍ୟନାରାୟଣ ପଣ୍ଡା, ସୁଦେଷ୍ଣା ପଣ୍ଡା, ରମେଶ ସାହୁ, ବିରଞ୍ଚି ନାରାୟଣ ମୁଣ୍ଡ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ।

# ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ



**ଲାଞ୍ଜିଗଡ଼, ୧୮।୫(ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜନଔଷଧି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ଫାର୍ମାସିଷ୍ଟ ମନୀଷ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରର ସତ୍ତ୍ୱାଧିକାରୀ ଦମୟନ୍ତୀ ସାହୁ ଉପସ୍ଥିତ ଥିଲେ।

## ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଧର୍ମଗଡ଼, ୧୮।୫(ସମିସ):** ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ବାଙ୍କିମୁଣ୍ଡାରେ ନାମଯଜ୍ଞ ପାଇଁ ରବିବାର ଶୁଭ ଖମ୍ବ ସ୍ଥାପନ ହୋଇଛି। ପ୍ରଭାତ ତିୱାରୀ ଓ ପୁଷ୍ପାଞ୍ଜଳି ତିୱାରୀ କର୍ତ୍ତା ରୂପରେ ଦାୟିତ୍ୱ ତୁଲାଇଛନ୍ତି। ଗୋପାଳଜୀ ଠାକୁର ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ। ଦେବୀ ଦନ୍ତେଶ୍ୱରୀ ପୂଜାରୀ ଓ ଉଜ୍ୱଳ ସିଂ ପୁଝାରୀ ମାଟି ପୂଜନ ସହ ଅଙ୍କୁରୋତ୍ପନ୍ନ କାର୍ଯ୍ୟ କରିଥିଲେ। ତେବେ ନାମ ଯଜ୍ଞ ସରିବା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ୨୨ ତାରିଖ ଯାଏ ଗ୍ରାମବାସୀ ଆମିସ ଓ ମଦ୍ୟପାନ ସମ୍ପୂର୍ଣ୍ଣ ବର୍ଜନ ପାଇଁ ସଂକଳ୍ପ ନେଇଥିଲେ। ପ୍ରେମ କାଣ୍ଡ, ସର୍ବାକର ମାଝୀ, ଉଜ୍ୱଳ ସିଂହ ପୁଝାରୀ, ମଙ୍ଗଲୁ ପୁଝାରୀ, ଗୋନ୍ତିଆ ଚିତ୍ତରଞ୍ଜନ ପୁଝାରୀ, ପ୍ରଶାନ୍ତ ତିୱାରୀ ପ୍ରମୁଖ ସହଯୋଗ କରିଥିଲେ।

# ଲେଖକ ଦେଖା କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ୧୮।୫(ସମିସ):** କଣ୍ଟାବାଞ୍ଜି କେ.ଭି ମହା ବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ଲେଖକ ଦେଖା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋନପୁରର ବିଶିଷ୍ଟ ଗବେଷକ ଡ. ଦେବାଶିଷ ପାଣିଆ, ତରଭାରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରମେଶ ପତ୍ରୀ, ବଲାଙ୍ଗିର ଜିଲ୍ଲା ତୁଷୁରାରେ ବିଶିଷ୍ଟ ସାହିତ୍ୟିକ ତୁଳଶୀ ରାମ ଜୈନ ପ୍ରମୁଖଙ୍କୁ ସାକ୍ଷାତ କରି ତାଙ୍କ ଜୀବନ ଓ ସୃଜନ ବିଷୟରେ ଦୀର୍ଘ ସମୟ ଧରି ପ୍ରଶ୍ନ ସବୁ ପଚାରି ଥିଲେ। ଛାତ୍ର ରାଜା ମହଲା, ଛାତ୍ରୀ ସୋନାଲି ସତପଥି, ବିନିତା ପଣ୍ଡା, ବେବି ରଥ, ମାମିନା ମେହେର, ମାନଶୀ ମେହେର, ଶୁଭଶ୍ରୀ ବିଶ୍ୱାଳ, ଅଙ୍କିତା ନାଏକ, ବେବି ମହାକୁର, ମଲ୍ଲିକା ଏ ତରନୁମ ପରବିନ, ଦୁଷ୍ମନ୍ତ ମହାନନ୍ଦ, କ୍ଷୀରୋଜ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପୃକ୍ତ ଲେଖକମାନଙ୍କୁ ତାଙ୍କ ସାହିତ୍ୟ ଉପରେ ଗବେଷଣା କରାଯାଇ ପ୍ରସ୍ତୁତ କରାଯାଇଥିବା ନିବନ୍ଧ ଗୁଡିକୁ ପ୍ରଦାନ କରାଯାଇଥିଲା। କଣ୍ଟାବାଞ୍ଜି ମହାବିଦ୍ୟାଳୟର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଉଛି। ଛାତ୍ର ଛାତ୍ରୀଙ୍କୁ ସୃଜନ ମନସ୍କ କରିବା ଓ ତାଙ୍କ ମଧ୍ୟରେ ସୃଜନୀ ଶକ୍ତିର ବିକାଶ କରିବା ସହ ପୂଜ୍ୟପୂଜା ପରମ୍ପରା ବଜାୟ ରଖିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଡ.ସଞ୍ଜୟ କୁମାର ମିଶ୍ର କହିଛନ୍ତି। ଅଧ୍ୟାପକ ଜୟ କୁମାର ଆଚାର୍ଯ୍ୟ, ଅରୁଣ ଖୁଆସ, ପଞ୍ଚାନନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



# କାର୍ଯ୍ୟାଦେଶ ବଣ୍ଟନ କଲେ ବିଧାୟକ

**କଣ୍ଟାବାଞ୍ଜି, ୧୮।୫(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଧାୟକ ଲକ୍ଷ୍ମଣ ବାଗ ରବିବାର ବଙ୍ଗୋମୁଣ୍ଡା ବ୍ଲକ ଗସ୍ତକରି ୧୬ଟି ଗାଁରେ ବିଧାୟକ ଉନ୍ନୟନ ପାଣ୍ଠିର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ସେ ବଙ୍ଗୋମୁଣ୍ଡା ବ୍ଲକର ଚାଉଲିଆ, ଗନ୍ଧରାବନ୍ଧ, ବାଦିଚକା, ଭୁସଲାଡ, ମାମିଆଁ, ପୁରୁନିଆପାଲି, ଭାନପୁର, ପୁଟୁପଡ଼ା, ଲୋହୋରାପାଲି, ବାଲବେଙ୍ଗ, ଆଲଣ୍ଡା, ବଗର୍ତ୍ତିପଡ଼ା, ରାନୀପୁର, ପୁଡ଼ାପାଲି, ବାହାବଲ ଗାଁରେ ପ୍ରହରୀ ମଣ୍ଡପ, ରାସ୍ତା, କ୍ଲବ୍ ଘର ନିର୍ମାଣ ପାଇଁ ଭୂମିପୂଜନ କରିଥିଲେ।

## କୂଅରେ ପଡ଼ି ଭାଲୁ ମୃତ

**କେସିଙ୍ଗା, ୧୮।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପଥର୍ଲାର ଏକ ବିଲରେ ପଡ଼ି ଗୋଟିଏ ଭାଲୁର ମୃତ୍ୟୁ ଘଟିଛି। ବିରାଜ ପଟେଲଙ୍କ ଚାଷ ଜମିରେ ଥିବା କୂଅରୁ ଭାଲୁର ମୃତଦେହକୁ ବନ ବିଭାଗ ଉପସ୍ଥିତିରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ରବିବାର ଭୋର ୫ଟା ବେଳେ ଜମି ମାଲିକ ଶ୍ରୀ ପଟେଲ ବଡିରେ ପାଣି ଦେବା ପାଇଁ ଯାଇଥିଲାବେଳେ କୂଅରେ ଭାଲୁଟି ମରି ଭାସୁଥିବା ଦେଖିଥିଲେ। ଏହାପରେ ସେ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗଠାରୁ ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ଥିଲା। ବ୍ୟବଚ୍ଛେଦ ପରେ ନିକଟସ୍ଥ ଜଙ୍ଗଲରେ ବନ ବିଭାଗ ଭାଲୁଟିର ମୃତଦେହକୁ ପୋତି ଦେଇଛି।



# 'ସକାଳ' ଏବଂ 'ନନ୍ଦିଘୋଷ'ର ମାଟ୍ରିକ୍ ଉତ୍କର୍ଷ ସମ୍ମାନ























# ବିନା ଅନୁମତିରେ ଖୋଳାଯାଉଛି ରାସ୍ତା

ବଇଣ୍ଡା, ୧୮ ।୫(ସମିସ)



ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାପଘରାଠାରୁ ବାତ୍ରାଖୋଳ ପର୍ଯ୍ୟନ୍ତ ଆର୍‌ଡି ରାସ୍ତାକୁ ଶନିବାର ଏକ ଠିକାସଂସ୍ଥା ବିନା ଅନୁମତିରେ ଖୋଳୁଛି। ଆର୍‌ଡି ବିଭାଗ ପକ୍ଷରୁ କୌଣସି ଅନୁମତି ନ ନେଇ ବେଆଇନ ଭାବେ ଜୋରଜବରଦସ୍ତ ରାସ୍ତା ଖୋଳି ଦେଇଥିବା ଜଣାପଡ଼ିଛି। ରାସ୍ତାରେ ମାଟି ଗଦାଇ ରଖିବା ସହ ଜେସିବି ମେସିନ ମାରି ପିଚୁ ଓ କଂକ୍ରିଟ ରାସ୍ତାକୁ ନଷ୍ଟ କରିଦେଉଥିବା ଅଭିଯୋଗ ହୋଇଛି। ରାସ୍ତାରେ ମାଟି ଗଦା ହୋଇଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ରାଇନାଳୀ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ ମଧ୍ୟ ଠିକାସଂସ୍ଥା ଶୁଣୁ ନ ଥିବାରୁ ଶନିବାର ବଇଣ୍ଡା ଆର୍‌ଡି ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି।

ଏହି ଠିକାସଂସ୍ଥା କିଛିଦିନ ହେବ ବିଭିନ୍ନ ପଞ୍ଚାୟତରେ ପାଣି ପାଇପ ବିଛାଇବା କାର୍ଯ୍ୟ କରୁଛି। ତେବେ ଅନେକ ସ୍ଥାନରେ ବିନା ଅନୁମତିରେ ରାସ୍ତା ଖୋଳିଦେଉଛନ୍ତି। ପାଣି ପାଇପ୍ ବିଛାଇବା ପାଇଁ ରାସ୍ତାରୁ ୩ ଫୁଟ ଛାଡ଼ି ଖୋଳିବା ପାଇଁ ନିୟମ ରହିଛି। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କଠାରୁ ଅନୁମତି ନେବା ମଧ୍ୟ ଆବଶ୍ୟକ। ହେଲେ ଉକ୍ତ ଠିକାସଂସ୍ଥା କୌଣସି ଅନୁମତି ନ ଆଣି ରାସ୍ତା କଡ଼ ଖୋଳିବା ସହ ପିଚୁ ଓ କଂକ୍ରିଟ ରାସ୍ତାକୁ ନଷ୍ଟ କରିଦେଉଛି। ଅପରପକ୍ଷରେ ରାସ୍ତାରେ ମାଟି ଗଦା ହୋଇଥିବାରୁ ଗାଡ଼ିମଟର ଚଳାଚଳରେ ଘୋର ଅସୁବିଧା ହେଉଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ପଦେକ୍ଷପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆର୍‌ଡି ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ ଗୋଇନଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

# ଜିଲ୍ଲାର ସମସ୍ତ ପଞ୍ଚାୟତରେ ହେବ ପରାକ୍ରମ ଶୋଭାଯାତ୍ରା



ଅନୁଗୋଳ, ୧୮ ।୫(ସମିସ): ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଶନିବାର ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଅପରେସନ ସିନ୍ଦୂରରେ ଭାରତୀୟ ସେନାର ବୀରତ୍ୱକୁ ନେଇ ସମଗ୍ର ଦେଶରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲାର ସମସ୍ତ ବିଧାନସଭା କ୍ଷେତ୍ର, ମଣ୍ଡଳ ଓ ପଞ୍ଚାୟତରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଦଳମତ ନିର୍ବିଶେଷରେ ସମସ୍ତେ ଏଥିରେ ଯୋଗଦେବାକୁ ଆହ୍ୱାନ କରାଯାଇଛି। କାର୍ଯ୍ୟକ୍ରମର ସଫଳ ଆୟୋଜନ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆସନ୍ତା ୧୯ ତାରିଖ ଜିଲ୍ଲା ମୁଖ୍ୟାଳୟରେ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ' ଅନୁଷ୍ଠିତ ହେବ। ଏଥିରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେବେ। ଜିଲ୍ଲାର ସମସ୍ତ କୃଷକ ଏଥିରେ ଯୋଗଦେବାକୁ ଅନୁରୋଧ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ବିଜୟ ମାଝୀ, ଦିଲୀପ ପ୍ରଧାନ, ଚୌଧୁରୀ ପ୍ରଧାନ, ଜଗନ୍ନାଥ ଗଡ଼ନାୟକ, ଦିଲୀପ ଦାସ, ପ୍ରକାଶ ମହାରଣା, ଅକ୍ଷୟପାଦ ବେହେରା, ପ୍ରତ୍ୟୁଷ ପଣ୍ଡାଙ୍କ ସମେତ ବହୁ ପଦାଧିକାରୀ ଯୋଗଦେଇଥିଲେ।

# ରେଙ୍ଗାଲିରେ ତ୍ରିରଙ୍ଗା ଶୋଭାଯାତ୍ରା



କଣିହାଁ, ୧୮ ।୫(ସମିସ): କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପଠାରେ ରବିବାର ସନ୍ଧ୍ୟାରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ତାରିଣୀ ଛକରୁ ବିରାଟ ଶୋଭଯାତ୍ରା ବାହାରିଥିଲା। ଏଥିରେ ଶତାଧିକ ଜନସାଧାରଣ ତ୍ରିରଙ୍ଗା ପତାକା ଧରି ଜୟ ବୀର ଯବାନ, ବନ୍ଦେ ମାତରଂ, ଭାରତ ମାତା କି ଜୟ ଆଦି ସ୍ଲୋଗାନ ଦେଇ ପ୍ରକଳ୍ପ ଅଞ୍ଚଳ ପରିକ୍ରମା କରି ପେଟ୍ରୋଲ ଟାଙ୍କି ଛକରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଧାୟକ ମହାନ୍ତି ପ୍ରଧାନମନ୍ତ୍ରୀ ନାମକରଣ କରିଥିବା ଏହି ଅପରେସନ ସିନ୍ଦୂର କେବଳ ଏକ ନାମ ନୁହେଁ ଏହା ଭାରତୀୟ ସେନାର ସାହସ, ପରାକ୍ରମ ଓ ନାରୀ ସମ୍ମାନର ପ୍ରତୀକ ବୋଲି କହିଥିଲେ। ଏହି ଅପରେସନରେ ଭାରତୀୟ ସେନାର ପରାକ୍ରମକୁ ପ୍ରଶଂସା କରିବା ସହ ସେନା କିପରି ଅଳ୍ପ ସମୟ ମଧ୍ୟରେ ପାକିସ୍ତାନକୁ ଧୂଳି ଚଟାଇଥିଲା ସେ ବିଷୟରେ ଆଲୋକପାତ କରିଥିଲେ। ଶୋଭାଯାତ୍ରାରେ ବିଭିନ୍ନ ମହିଳା ସଂଗଠନ, ବଣିକ ସଂଘ, ଶିଳ୍ପ ତାଲିମ କେନ୍ଦ୍ର, ଡ୍ରାଇଭର ସଂଘ, ଓଏଚପିସିର ସ୍ୱୀକୃତ ସଂଘ, ସୁରକ୍ଷା କର୍ମୀଙ୍କ ସମେତ ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତ୍ରିପୁରାରୀ ପ୍ରଧାନ, ସୁମନ୍ତ ପ୍ରଧାନ, ଧ୍ରୁବ ଚରଣ ଧୀର, ସରପଞ୍ଚ ପ୍ରଭାତୀ ସେଠୀ, ରାଜେନ୍ଦ୍ର ବେହେରା, ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ତରୁଣ ସାହୁ, ବାମଦେବ ସାମଲ, ଟିକନ ମହାନ୍ତି, ସୁଜିତ ସାହୁ, ସୌଭାଗ୍ୟ ଧୀର, ସୁଧାକର ସାମଲ, ପ୍ରକାଶ ସାମଲ, ପରମାନନ୍ଦ ସାମଲ, ବିନୟ ପ୍ରଧାନ, ପୀତବାସ ନାଏକ ପ୍ରମୁଖ ଯୋଗଦେଇଥିଲେ।

## ବାଇକରୁ ପଡ଼ି ଜଣେ ମୃତ

ବଇଣ୍ଡା, ୧୮ ।୫(ସମିସ): ହଣ୍ଡପା ଥାନା ଜରିପାଣି ନିକଟରେ ବାଇକରୁ ଖସିପଡ଼ି ନିଶା ଥାନା ଜାମୁଣ୍ଡା ଅଞ୍ଚଳର ବୈକୁଣ୍ଠ ବେହେରାଙ୍କ ମୃତ୍ୟୁ ହୋଇଛି। ଏ ନେଇ ବୈକୁଣ୍ଠଙ୍କ ଭାଇ ବସନ୍ତ ବେହେରା ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୈକୁଣ୍ଠ ବାଇକ ଯୋଗେ ନାକିଚି ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଛି।

## ମଦ ଜବତ; ଜଣେ ଗିରଫ

ବଇଣ୍ଡା, ୧୮ ।୫(ସମିସ): ଠାକୁରଗଡ଼ ଥାନା ପୁଲିସ ଶନିବାର ଅମସମା ଗ୍ରାମରେ ଚଢ଼ଉ କରି ଜ୍ୟୋତି ପ୍ରଧାନଙ୍କ ଘରୁ ୧୦ ଲିଟର ଚୋରା ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗ ପରେ ପୁଲିସ ଚଢ଼ଉ କରିଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରିଛି।

# ପୁରୀ ରଥଯାତ୍ରା ପାଇଁ ଜୟ ଜଗନ୍ନାଥ ସେବାସଂଘର ପ୍ରସ୍ତୁତି ବୈଠକ

ଛେଣ୍ଡିପଦା, ୧୮ ।୫(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକର ଜୟ ଜଗନ୍ନାଥ ସେବାସଂଘ, ଛେଣ୍ଡିପଦା ମଣ୍ଡଳ ପକ୍ଷରୁ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ନିମନ୍ତେ ବାଗଡ଼ିଆ ନିକଟ ବାମନାଳୀ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସେବାସଂଘ ସମ୍ପାଦକ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ 'ଜୟ ଜଗନ୍ନାଥ 'କହି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଂଘ ସଭାପତି ବିପିନ ବିହାରୀ ନାଥ ଏଥିରେ ସଭାପତିତ୍ୱ କରି ବିଗତ ବର୍ଷରେ ପୁରୀ ଶ୍ରୀକ୍ଷେତ୍ରରେ ସେବାସଂଘ କର୍ମକର୍ତ୍ତା ଉତ୍ତମ ସେବା କାର୍ଯ୍ୟ କରିଥିବାରୁ ସମସ୍ତଙ୍କୁ ପ୍ରଶଂସା କରିଥିଲେ। ଚଳିତବର୍ଷ ରଥଯାତ୍ରା ପାଇଁ ଆହୁରି ଅଧିକ ସଦସ୍ୟ ବୃଦ୍ଧି କରିବା ଏବଂ ଅଧିକ ଉତ୍ତମ ସେବା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ଜଗନ୍ନାଥପ୍ରେମୀ ବୈଠକରେ ଯୋଗଦେଇ ନିଜ ନିଜ ମତାମତ ପ୍ରଦାନ କରିଥିଲେ। ନୂତନ ବାସନ କ୍ରୟ ପାଇଁ ସଂଘ କୋଷାଧ୍ୟକ୍ଷ ସୁଜିତ ସାହୁ ପ୍ରସ୍ତାବ ଦେଇଥିଲେ। ବ୍ଲକର ପ୍ରତ୍ୟେକ ଗ୍ରାମକୁ ଯାଇ ସେବାକାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ ଭକ୍ତ ଅମରେଶ ନାଥ ପ୍ରସ୍ତାବ ଦେଇଥିଲେ। ସମସ୍ତ ପ୍ରସ୍ତାବ ବୈଠକରେ ଗୃହୀତ ହୋଇଥିଲା। ବୈଠକରେ ଉପସଭାପତି ଚକ୍ରଧର ସାହୁ, ସହସମ୍ପାଦକ ସହଦେବ ମାଝୀ, ରବୀନ୍ଦ୍ର ପ୍ରଧାନ, ପ୍ରକାଶ ସାହୁ, ସୁଜିତ ଗଡ଼ନାୟକ, ଦୁର୍ଯ୍ୟୋଧନ ମାଝୀ, କହ୍ନେୟା ତୁଳସିଆନ୍, ରୁଷଭ ସାହୁ, ଜଗନ୍ନାଥ ସାହୁ, ମନୋଜ ସାହୁ, ସାମ୍ବାଦିକ ବୁଦ୍ଧଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଭ୍ୟ ଦୟାନନ୍ଦ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ପ୍ରସାଦ ବଣ୍ଟନ ହୋଇଥିଲା। ପରବର୍ତ୍ତୀ ବୈଠକ ଆସନ୍ତା ୨୫ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରେ ଛେଣ୍ଡିପଦାସ୍ଥିତ ଯୋଗାଶ୍ରମରେ ହେବା ପାଇଁ ସ୍ଥିର କରାଯାଇଛି।



# ପୋର୍ଟଫୋଲିଓ ଜଷ୍ଟିସଙ୍କୁ ଅନୁଗୋଳ ଓକିଲ ସଂଘର ସମ୍ବର୍ଦ୍ଧନା



ଅନୁଗୋଳ, ୧୮ ।୫(ସମିସ): ଅନୁଗୋଳ ଓକିଲ ସଂଘ ପକ୍ଷରୁ ଶନିବାର ଜିଲ୍ଲା କୋର୍ଟସ୍ଥିତ ଓକିଲମାନଙ୍କ ସଭାଗୃହରେ ପୋର୍ଟଫୋଲିଓ ଜଷ୍ଟିସ ଭି. ନରସିଂହାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଓକିଲ ସଂଘ ସଭାପତି ହିମାଂଶୁ ଭୂଷଣ ସାମଲ ଜଷ୍ଟିସ ନରସିଂହାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ହାଇକୋର୍ଟ ରେଜିଷ୍ଟ୍ରର (ସାଧାରଣ) ରାଧାକାନ୍ତ ପଟ୍ଟନାୟକ ଓ ଅନୁଗୋଳ ଜିଲ୍ଲା ଜଜ୍ ଦାମୋଦର ରଥ ମଞ୍ଚାସୀନ ଥିଲେ। ଏହି ଅବସରରେ ଓକିଲ ସଂଘ ସଭାପତି ସାମଲ ଜଷ୍ଟିସ ନରସିଂହାଙ୍କୁ କୋର୍ଟ ପରିସରରେ ଏକ କ୍ୟାଣ୍ଟିନ ଗୃହ ନିର୍ମାଣ, କମର୍ସିଆଲ କୋର୍ଟ ଓ ଅନ୍ୟାନ୍ୟ ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହାକୁ ଅତିଶୀଘ୍ର ପୂରଣ କରିବାକୁ ଜଷ୍ଟିସ ନରସିଂହା ସହମତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ଉପସଭାପତି ପ୍ରତାପ ନାଏକ, ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ, ସହସମ୍ପାଦକ ନରୋତ୍ତମ ନାୟକ, ସାଂସ୍କୃତିକ ସମ୍ପାଦକ ଜ୍ୟୋତ୍ସ୍ନାମୟୀ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ସେଠୀ, ବରିଷ୍ଠ ଆଇନଜୀବୀ ଭାସ୍କର ବେହେରା, ବସନ୍ତ ଦାସ, ସୁବାସ ସାହୁ, ରବୀନ୍ଦ୍ର ପଟ୍ଟନାୟକ, ଉଦୟ ଶଙ୍କର ମିଶ୍ର, ଦ୍ୱାରିକା ପ୍ରସାଦ ନନ୍ଦ, ହେମନ୍ତ ସାହୁ, ରମେଶ ସାହୁ, ଗୋପାଳ ନାଥ, ପ୍ରଦୀପ ପଣ୍ଡା, ଅର୍ଜୁନ ମୁଦୁଲି, ବିଜୟ ମହାରଣା, ବିପିନ ସାହୁ, ରଞ୍ଜନ ପାତ୍ର, ଅଶୋକ ପଟ୍ଟନାୟକ, ପାର୍ଥସାରଥି ପ୍ରଧାନ, ସୁନୀଲ ସାହୁ, କୁଶ ସାହୁ, ଅରବିନ୍ଦ ମିଶ୍ର, ସଞ୍ଜୟ ମହାପାତ୍ର, ପଦ୍ମଚରଣ ପ୍ରଧାନ, ସରିତାରାଣୀ ମିଶ୍ରଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

ଅନୁଗୋଳ, ୧୮ ।୫(ସମିସ): ଅନୁଗୋଳ ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ମ୍ୟୁନିସିପାଲିଟି ଟାଉନ ପରିସରରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ଯୋଗଗୁରୁ ଅଭୟ ରାୟ, ସମାଜସେବୀ ପର୍ଶୁରାମ ଦାସ, ନିରୋଦ ସାହୁ, ଦୁଷ୍ୟାନ୍ତ ନାଥ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ମାନସ ରଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ।



କିଟ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ୨୦୧୩ ମେ ୧୭ରେ ଆରମ୍ଭ ହୋଇଥିବା ଆର୍ଟ୍ ଅଫ୍ ଗିଭିଂ କାର୍ଯ୍ୟକ୍ରମ ୧୨ ବର୍ଷରେ ପହଞ୍ଚି ସାରା ବିଶ୍ୱରେ ଲୋକପ୍ରିୟତା ହାସଲ କରିପାରିଛି। ଚଳିତ ବର୍ଷ 'ନେବର ଗୁଡ୍' ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ ବିଷୟ ବସ୍ତୁକୁ ନେଇ ବର୍ତ୍ତା ପ୍ରଦାନ କରାଯାଇଛି। କିଟ୍‌ର ଜିଲ୍ଲା ସଂଯୋଜକ ଅଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍‌ର ପ୍ରଦ୍ୟୁମ୍ନ ପ୍ରଧାନ, ବିଜୟ ପ୍ରଧାନ, ଶିଶିର ସାହୁ, ବିପିନ କହଁର, ନରେଶ ସାହୁ, ସୁଧାକର ସାହୁ, ପ୍ରଦୀପ, ରଣଜିତ, ଜଙ୍ଗଲ ପୃଷ୍ଟି, ଶୂନ୍ୟବାସୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# କଣିହାଁ ଖଣି ପକ୍ଷରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ



କଣିହାଁ, ୧୮ ।୫(ସମିସ): କଣିହାଁ ଖୋଲାମୁହଁ କୋଇଲା ଖଣି ପକ୍ଷରୁ ଶନିବାର ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ ହୋଇଛି। ଏହି ଅବସରରେ ଖଣି ପରିସର ଆରକେଟିସି କ୍ୟାମ୍ପରେ ରକ୍ତଚାପ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଖଣି ମହାପ୍ରବନ୍ଧକ ନରେଶ ସିଂ, ପ୍ରକଳ୍ପ ଅଧିକାରୀ ଶିଶିର କୁମାର ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଆରକେଟିସି, ଆରଏସ୍ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟରତ ୯୮ ଶ୍ରମିକଙ୍କ ରକ୍ତଚାପ ପରୀକ୍ଷା କରାଯିବା ସହ ପୃଷ୍ଟିକର ଖାଦ୍ୟ ଓ ଦୈନନ୍ଦିନ ଜୀବନଶୈଳୀ ଉପରେ ଡାକ୍ତରୀ ଟିମ ପରାମର୍ଶ ଦେଇଥିଲେ। କଣିହାଁ ଖଣି କ୍ଷେତ୍ରୀୟ ଚିକିତ୍ସା ଅଧିକାରୀ ଡା. ସୁରେଶ କୁମାର ସାହୁ, ବରିଷ୍ଠ ଫାର୍ମାସିଷ୍ଟ ଜିତେଶ କୁମାର ଧର, ମ୍ୟାଟ୍ରନ ସେକ ଖଲ୍ଲୀଲ ଉଲ୍ଲା ପ୍ରମୁଖ ସହଯୋଗ କରିଥିଲେ।

## ■ ଏମ୍‌ସିଏଲର ପ୍ରତିଶ୍ରୁତି ପାଣିର ଗାର

# ଜରଡ଼ା କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ ଜାରି



କଣିହାଁ, ୧୮ ।୫(ସମିସ): କଣିହାଁ ଖୋଲାମୁହଁ କୋଇଲା ଖଣିର ଜରଡ଼ା ମୁଖ୍ୟ ଫାଟକରେ ୮ ଦଫା ଦାବି ନେଇ ଶୁକ୍ରବାରଠାରୁ ଜରଡ଼ା କ୍ଷତିଗ୍ରସ୍ତ ପ୍ରଜାଙ୍କ ଆନ୍ଦୋଳନ ଜାରି ରହିଛି। ରବିବାର ତୃତୀୟଦିନରେ ଆନ୍ଦୋଳନ ଚାଲିଥିଲେ ମଧ୍ୟ କୌଣସି ସମାଧାନ ରାସ୍ତା ଫିଟିନାହିଁ। ଆନ୍ଦୋଳନ ଯୋଗୁଁ କୋଇଲା ଖନନ ଓ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଛି। କଣିହାଁ ଖଣିର ବରିଷ୍ଠ ଅଧିକାରୀ ଓ ପୁଲିସ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ଜରଡ଼ା ଗ୍ରାମ୍ୟ କମିଟିର ଅଭିଯୋଗ ମୁତାବକ, ଖଣି କର୍ତ୍ତୃପକ୍ଷ ମେ ୧୫ ସୁଦ୍ଧା ସମସ୍ୟା ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ତାହା ପୂରଣ ନ ହେବାରୁ ଆନ୍ଦୋଳନ କରାଯାଉଛି। ପଥରମୁଣ୍ଡା ରକବାର ଉପରେ ଜରଡ଼ାବାସୀଙ୍କୁ ଜମି ଯୋଗାଇବା, ପାଚେରି ନିର୍ମାଣ ସହ ଉନ୍ନତୀକରଣ, ବଳକା ନିଯୁକ୍ତି, କ୍ଷତିପୂରଣ ଆଦି ୮ ଦଫା ଦାବିରେ ଆନ୍ଦୋଳନ ଚାଲିଛି। ଉଭୟ ଖଣି କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ ଲିଖିତ ପ୍ରତିଶ୍ରୁତି ପାଳନ ନ କରିବାରୁ ବାଧହୋଇ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।

# ପବିତ୍ରନଗରରେ ପରାକ୍ରମ ଶୋଭାଯାତ୍ରା



କଣିହାଁ, ୧୮ ।୫(ସମିସ): କଣିହାଁ ବ୍ଲକ ପବିତ୍ରନଗରରେ ରବିବାର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପହେଲଗାଓଁ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ତରଫରୁ କରାଯାଇଥିବା ଅପରେସନ ସିନ୍ଦୂରର ସଫଳତା ପାଇଁ ସେନାକୁ ସମ୍ମାନ ଜଣାଇ ଏହି ପରାକ୍ରମ ଯାତ୍ରା କରାଯାଇଥିଲା। ଏହି ଅବସରରେ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଲୋକ ସାମିଲ ହୋଇ ପବିତ୍ରନଗର ମେଡିକାଲ ଛକସ୍ଥିତ ହନୁମାନ ମନ୍ଦିର ନିକଟରୁ ବଜାର ଛକ ଗୋପବନ୍ଧୁ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଏଥିରେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦାନ କରିଥିଲେ। ବରିଷ୍ଠ ବିଜେପି ନେତା ପ୍ରହ୍ଲାଦ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିଟ ଏହି କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ସାମିଲ ହୋଇଥିଲେ।

# ମହାନଦୀ ଅବବାହିକାରେ ପଦଯାତ୍ରା

ଆଠମଲ୍ଲିକ, ୧୮ ।୫(ସମିସ): ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ଓ ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ମିଳିତ ସହଯୋଗରେ ଶନିବାର ମହାନଦୀ ଅବବାହିକାରେ ପଦଯାତ୍ରା ଅନୁଷ୍ଠିତ ହୋଇଛି। କନ୍ଧପଡ଼ା ସରପଞ୍ଚ ରଞ୍ଜିତା ପ୍ରଧାନ, କମ୍ପଲା ସରପଞ୍ଚ ସୁଧୀର କୁମାର ସେଠୀ, ଲୁଣହାଣ୍ଡି ସରପଞ୍ଚ ଅରୂପାନନ୍ଦ ଚାନ୍ଦ, କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର ଖେତୀ ଓ ଗଣ୍ଡୱାନା ସମାଜ ସଭାପତି ସଦାଶିବ ନାୟକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। କୁଦଗାଁ, ପୁରୁଣାମାଣତ୍ରୀ, ଲୁଣହାଣ୍ଡି, କମ୍ପଲା ଓ କନ୍ଧପଡ଼ା ପଞ୍ଚାୟତର ଜନସାଧାରଣ ପଦଯାତ୍ରାରେ ସାମିଲ ହୋଇଥିଲେ। ମହାନଦୀର ଅବସ୍ଥିତି ପୂର୍ବରୁ କ'ଣ ଥିଲା, ଏବେ କିପରି ଅଛି, ଲୋକମାନଙ୍କ ଜୀବନଜୀବିକା, ଜୈବବିବିଧତା, ପାନୀୟ ଜଳ ଓ ପ୍ରଦୂଷଣ ଆଦି ସମ୍ପର୍କରେ ଲୋକଙ୍କ ସହ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ମହାନଦୀକୁ ସୁରକ୍ଷା ଦେବା ପଦଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ।

# ନାଲକୋ ନଗରରେ ଚନ୍ଦନ ଯାତ୍ରା ଉତ୍ସବ

ନାଲକୋ ନଗର, ୧୮ ।୫(ସମିସ)



ନାଲକୋ ନଗର ଜଗନ୍ନାଥ ମନ୍ଦିର ପରିସରରେ ରବିବାର ସନ୍ଧ୍ୟାରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ନାମ ସଂକୀର୍ତ୍ତନ ସହ ନାଲକୋ ଟାଉନସିପ ପରିକ୍ରମା କରଯାଇଥିଲା। ଚଳନ୍ତି ପ୍ରତିମାଙ୍କୁ ମନ୍ଦିର ପରିସର ଚନ୍ଦନ ପୁଷ୍କରିଣୀରେ ଚାପଖେଳ ଓ ଜଳକ୍ରୀଡ଼ା କରାଯାଇଥିଲା। ପୂଜକ ପ୍ରମେଶ ମିଶ୍ର, ନିଲୁ ଦାସ, ଉମାକାନ୍ତ ପଣ୍ଡା ଠାକୁରଙ୍କ ନୀତିକାନ୍ତି ସମ୍ପାଦନ କରିଥିଲେ। ନାଲକୋ ନଗରର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

ମୁଖ୍ୟଅତିଥି ଭାବେ ନାଲକୋ ଇଡି ତଥା ମନ୍ଦିର କମିଟି ସଭାପତି ସୁବ୍ରମଣ୍ୟମ ନରେଲା ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ତତ୍ତ୍ୱାବଧାନ ତଥା ମନ୍ଦିର ସେବାୟତଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ସରସ୍ୱତୀ ବିଦ୍ୟା ମନ୍ଦିରର ଶିକ୍ଷକ ଦେବରାଜ ମୂଳିଆ ମଞ୍ଚ ପରିଚାଳନା କରିଥିଲେ। ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ୩ଦିନ ଧରି ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ରବିବାର ସନ୍ଧ୍ୟାରେ ସ୍ୱୟଂଶ୍ରୀ ନୃତ୍ୟ ଅନୁଷ୍ଠାନ, ନୃତ୍ୟମ ଡାନ୍ସ ଗ୍ରୁପ, ଆଦର୍ଶ ଡାନ୍ସ ଏକାଡେମୀ ଓ ନୃତ୍ୟଗୁରୁ ସୁଜାତା ସାହୁ, ଲଳିତ ମହାପାତ୍ର, ଶଙ୍କର ବାଇଙ୍କ ଦ୍ୱାରା ୧୪ଟି ଡାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ। ପରିଚାଳନା କମିଟିର ସଞ୍ଜୟ କୁମାର ପ୍ରଧାନ, ନିର୍ମଳ କୁମାର ବାରିକ, ନରୋତ୍ତମ ସ୍ୱାଇଁ, ପ୍ରଶାନ୍ତ ବିଶ୍ୱାଳ, ଆଦି ସାମଲ ପ୍ରମୁଖ ସହଯୋଗ କରିଥିଲେ।

# 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ମାଟ୍ରିକ୍ ଉତ୍କର୍ଷ ସମ୍ମାନ
























# ଶ୍ରୀକ୍ଷେତ୍ର ସିଟି

୧୮/୫/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୯୯,୮୭୯/- ସୁନା: ୦୬.୩୫୦ ଗ୍ରାମ୍ ରୁପା: ୧୪୭.୭୦୦ ଗ୍ରାମ୍





● ନରେନ୍ଦ୍ର ବାଣ ବିସ୍ଫୋରଣକୁ ବର୍ଷେ

## ଫିଟିଲାନି ବର୍ଣ୍ଣ ୟୁନିଟ୍‌ର ଭାଗ୍ୟ

ପୁରୀ,୧୮।୫(ସମିସ): ଚାଲିଛି ବାହାର ଚନ୍ଦନ ଯାତ୍ରା। ପଞ୍ଚ ମହାଦେବଙ୍କ ସହ ନରେନ୍ଦ୍ରରେ ଜଳକ୍ରୀଡ଼ା କରୁଛନ୍ତି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା। ସୋମବାର ଭଉଁରୀ ଯାତ୍ରା। ହେଲେ ଏହି ଭଉଁରୀ ଯାତ୍ରା କଥା ଶୁଣିଲେ ପୁରୀବାସୀଙ୍କ ମନରେ ଛନକା ପଶେ। ଆଖି ଆଗରେ ନାଚିଯାଏ ଗତବର୍ଷ ଚନ୍ଦନ ଯାତ୍ରାର ଅନ୍ତିମ ଦିବସର ସେହି ଦୁଃଖଦ ଘଟଣାର ଚିତ୍ର। ସେହି ରାତି ପୁରୀ ପାଇଁ ଥିଲା ଏକ କାଳ ରାତି। ଆଜି ବି ପ୍ରିୟଜନଙ୍କୁ ହରାଇଥିବା ପରିବାର ବର୍ଗଙ୍କ ଆଖିରୁ ଲୁହ ଶୁଖିନି। ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରୀ ଯାତ୍ରା ଚାଲୁଥିବାବେଳେ କୂଳରେ ଘଟିଥିଲା ଭୟାନକ ବାଣ ବିସ୍ଫୋରଣ। ଏହି ବାଣ ବିସ୍ଫୋରଣରେ ୧୭ ଜଣଙ୍କ ଅକାଳ ବିୟୋଗ ଘଟିଥିବାବେଳେ ପ୍ରାୟ ୫୦ ଜଣ ଆହତ ହୋଇଥିଲେ। ଏହି ଘଟଣାକୁ ସୋମବାର ବର୍ଷେ ବିତୁଥିବାବେଳେ ପୁରୀରେ ସ୍ୱତନ୍ତ୍ର ଭାବେ ବର୍ଣ୍ଣ ୟୁନିଟ୍ କାର୍ଯ୍ୟକ୍ଷମ ହେଲା ନାହିଁ। ତାରିଖ ଅନୁସାରେ ଦେଖିଲେ ସେଦିନ ଥିଲା ୨୦୨୪ ମେ' ୨୯। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ଥିଲା ଅନ୍ତିମ ଦିବସ। ରାତିରେ ମହାପ୍ରଭୁ ନରେନ୍ଦ୍ରରେ ୨୧ ଘେରା ଚାପ ଖେଳୁଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଘଟିଥିଲା ଅଘଟଣ। ନରେନ୍ଦ୍ର ପୁଷ୍କରିଣୀର ଚତୁଃପାର୍ଶ୍ୱରେ ହଜାର ହଜାର ଶ୍ରଦ୍ଧାଳୁ ବସି ଠାକୁରଙ୍କ ଚାପ ଖେଳ ଦେଖୁଥିଲେ। ଏହି ସମୟରେ ଦେବୀଘାଟ ପଟେ ହଠାତ୍ ଭୟଙ୍କର ଭାବେ ବାଣ ଫୁଟିଥିଲା। ଏତେ ସଂଖ୍ୟାରେ ବାଣ ଗୋଟିଏ ଜାଗାରେ ଫୁଟିଥିଲା ଯେ ନିଆଁ ପିଣ୍ଡୁଳା ଭଳି ଝୁଲ ବହୁ ଉଚ୍ଚକୁ ଉଠିଥିଲା। ଠାକୁରଙ୍କ ଚାପ ଦେଖୁଥିବା ଭକ୍ତମାନେ ପୋଡ଼ି ଯାଇଥିଲେ। ଜୀବନ ବଞ୍ଚାଇବାକୁ କେତେଜଣ ନରେନ୍ଦ୍ର ପୁଷ୍କରିଣୀକୁ ମଧ୍ୟ ଡେଇଁପଡ଼ିଥିଲେ। ଆହତଙ୍କ ଶରୀର ଏମିତି ପୋଡ଼ି ଯାଇଥିଲା ଯେ, ଦେଖିବା ବି କଷ୍ଟକର ହୋଇପଡ଼ିଥିଲା। ସଙ୍ଗେ ସଙ୍ଗେ ସେମାନଙ୍କୁ ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ଗୁରୁତରଙ୍କ ଅବସ୍ଥା ଏପରି ଥିଲା ଯେ, ସେମାନଙ୍କୁ ତୁରନ୍ତ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଆଗପଛ ହୋଇ ୧୭ ଜଣଙ୍କ ଜୀବନ ଚାଲିଯାଇଥିଲା।

ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ ବର୍ଣ୍ଣ ୟୁନିଟ୍ ନ ଥିବାରୁ ମୃତ୍ୟୁ ସଂଖ୍ୟା ଏତେ ହେଲା ବୋଲି ସେତେବେଳେ ସମସ୍ତଙ୍କ ମୁହଁରୁ ଏହା ଶୁଣିବାକୁ ମିଳିଥିଲା। ସଂସଦରେ ମଧ୍ୟ ଏହି ପ୍ରସଙ୍ଗ ଉଠିଥିବାବେଳେ ଏହାପରେ ବର୍ଣ୍ଣ ୟୁନିଟ୍ ପ୍ରତିଷ୍ଠା ଦେଇ ବାରମ୍ବାର ଦାବି ଉଠିଛି। ସବୁଠି ମିଳିଛି ଆଶ୍ୱାସନା। ହେଲେ ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ୍ୟ ବର୍ଣ୍ଣ ୟୁନିଟ୍ ସେହି ଭାଷଣବାଜିରେ ରହିଯାଇଛି ବୋଲି କହିଛନ୍ତି ବୁଦ୍ଧିଜୀବୀ।

ଆଜି ଶ୍ରୀକ୍ଷେତ୍ର ଭଉଁରୀ

# ନରେନ୍ଦ୍ରରେ ୨୧ ଘେରା ଚାପ ଖେଳିବେ ମହାପ୍ରଭୁ

ପୁରୀ,୧୮।୫(ସମିସ): ସୋମବାର ଶ୍ରୀକ୍ଷେତ୍ର ଭଉଁରୀ। ଏଥିଲାଗି ପ୍ରସ୍ତୁତି ଶେଷ ହୋଇଛି। ମହାପ୍ରଭୁ ଭଉଁରୀ ଯାତରେ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଚାପ ଖେଳିବେ। ମହାପ୍ରଭୁଙ୍କର ଏହି ନିଆରା ଜଳକ୍ରୀଡ଼ା ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ସମ୍ଭାବନା ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୋଟ୍ ୬ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ସେହିପରି ସ୍ୱତନ୍ତ୍ର ଟ୍ରାଫିକ୍ ଆଡ୍‌ଭାଇଜରୀ ମଧ୍ୟ ଜାରି ହୋଇଛି।

### ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଗିବେ ୬ ପ୍ଲାଟୁନ୍ ଫୋର୍ସ

ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା। ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣ ଏବଂ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ପ୍ରତ୍ୟହ ଜଳକ୍ରୀଡ଼ା କରୁଛନ୍ତି। ଚନ୍ଦନ ଯାତ୍ରାର ୨୦ତମ ଦିବସରେ ଭଉଁରୀ ଯାତ ହୋଇଥାଏ। ବାହାର ଚନ୍ଦନ ଯାତ୍ରାରେ ପ୍ରତ୍ୟହ ମହାପ୍ରଭୁ ଦିନ ଚାପରେ ଗୋଟିଏ ଘେରା ଏବଂ ରାତ୍ର ଚାପରେ ତିନିଘେରା ପରିକ୍ରମା କରିଥା'ନ୍ତି। କିନ୍ତୁ ଭଉଁରୀରେ ରାତ୍ର ଚାପରେ ମହାପ୍ରଭୁ ନରେନ୍ଦ୍ରରେ ୨୧ ଘେରା ନୌବିହାର କରିଥା'ନ୍ତି। ୨୧ ଦିନରେ ହଳଦୀ ପାଣି ନୀତି ସମ୍ପନ୍ନ ହୁଏ। ଏହିଦିନ କେବଳ ଦିନ ଚାପ ଅନୁଷ୍ଠିତ ହୋଇଥାଏ। ଅପରପେକ୍ଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭଉଁରୀ ଯାତ୍ରା ଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ପ୍ରାତଃ ୩ଟାରେ ଶ୍ରୀମନ୍ଦିରର ଦ୍ୱାରଫିଟା ଯିବ। ଭୋର୍ ୪ଟାରେ ମଙ୍ଗଳ ଆଳତି ସମ୍ପନ୍ନ ହେବ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ି ସକାଳ ସାଢ଼େ ୯ଟାରେ ରଥ ଆଜ୍ଞାମାଳ ବିଜେ ହେବ। ଅପରାହ୍ନ ୨ଟାରେ ମହାପ୍ରଭୁ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ।

ଅନ୍ୟପକ୍ଷରେ ଭଉଁରୀ ଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ପୁଲିସ ପକ୍ଷରୁ ଗାଡ଼ି ଚଳାଚଳକୁ ନେଇ ସ୍ୱତନ୍ତ୍ର ଟ୍ରାଫିକ୍ ଆଡ୍‌ଭାଇଜରୀ ପ୍ରସ୍ତୁତ କରାଯାଇଛି। ମାର୍କେଟ ଛକରୁ ଭାୟା ନରେନ୍ଦ୍ରକୋଣ ଦେଇ ରାୟବାହାଦୂର ଲେନ୍ ପ୍ରସ୍ଥାନ ରାସ୍ତା, ନରେନ୍ଦ୍ରକୋଣରୁ ଶୌଚାଳୟ ଛକ, ଶୌଚାଳୟ ଛକରୁ ଦେବୀଘାଟ ଛକ, ବଡ଼ଦାଣ୍ଡପଟୁ ମାଜେଣା ଲେନ୍ ଏବଂ ଅକ୍ଷୟ ପାତ୍ର ଲେନ୍‌କୁ ନୋ ଭେଇକ୍ଲି ଜୋନ୍ କରାଯାଇଛି। ମଙ୍ଗଳାଘାଟପଟୁ ଆସୁଥିବା ସମସ୍ତ ଯାନ ଦେବୀଘାଟ ଛକରୁ ଭାୟା ଜଟିଆବାବା ଛକ ଦେଇ କୁମ୍ଭାରପଡ଼ାକୁ ଯିବ। ସେହିପରି ମାର୍କେଟ୍ ଛକଆଡୁ ଆସୁଥିବା ଗାଡ଼ି ଜେବିପିସି ଓ ମ୍ୟୁନିସିପାଲିଟି ପାର୍କିଂରେ ରହିବ। ମଙ୍ଗଳାଘାଟ ପଟୁ ଆସୁଥିବା ଗାଡ଼ି ବିଶ୍ୱେଶ୍ୱରୀ ଛକ ଆଡ଼କୁ ଶ୍ରୀସେତୁ ବ୍ରିଜ୍ ତଳେ ପାର୍କିଂ କରିବେ।



ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୬ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ୨ ଜଣ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର, ୨୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୪ ଜଣ ହାବିଲ୍‌ଦାର, ୩୭ ଜଣ ଏପିଆର୍, ୫୮ ଜଣ ହୋମ୍‌ଗାର୍ଡଙ୍କୁ ନିୟୋଜିତ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

'ପିଙ୍କ୍ ହେଲ୍ପ ଡେସ୍କ'ର ଶୁଭାରମ୍ଭ

## ମହିଳା ଭକ୍ତଙ୍କୁ ମିଳିବ ସୁରକ୍ଷା ଓ ସୁବିଧା




ପୁରୀ,୧୮।୫(ସମିସ): ଶ୍ରୀମନ୍ଦିରକୁ ଆସୁଥିବା ମହିଳା ଭକ୍ତଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କୁ ବିଭିନ୍ନ ସୁବିଧା ଉପଲବ୍ଧ କରାଇବା ଲାଗି ପୁରୀ ପୁଲିସ ଭିନ୍ନ ପଦକ୍ଷେପ ନେଇଛି। ଏହି ଲକ୍ଷ୍ୟରେ ରବିବାର ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଖୋଲାଯାଇଛି ପିଙ୍କ୍ ହେଲ୍ପ ଡେସ୍କ। ଏହାକୁ ଏସ୍‌ପି ବିନୀତ୍ ଅଗ୍ରୱାଲ ଶୁଭାରମ୍ଭ କରିଛନ୍ତି। ଏହା ମାଧ୍ୟମରେ ମହିଳା ଭକ୍ତଙ୍କ ସୁରକ୍ଷା ସୁନିଶ୍ଚିତ ହେବା ସହିତ ସେମାନଙ୍କୁ ସ୍ନେହଭରା ସନ୍ଦେଶ ଦେବାରେ ଏହା ବେଶ୍ ସହାୟତା ହେବ ବୋଲି ଏସ୍‌ପି ଆଶାବ୍ୟକ୍ତ କରିଛନ୍ତି। ପିଙ୍କ୍ ହେଲ୍ପ ଡେସ୍କରେ ମହିଳା ଭକ୍ତମାନେ ସେମାନଙ୍କର କୌଣସି ସମସ୍ୟା ବା ଅଭିଯୋଗ ଉପସ୍ଥାପନ କରିପାରିବେ। ପୁଲିସ ଯଥାଶୀଘ୍ର ଏହାର ସମାଧାନ ପାଇଁ ସେହିଠାରୁ ହିଁ ଉଦ୍ୟମ କରିବ। ଏହାଦ୍ୱାରା ମହିଳା ଭକ୍ତମାନେ ଏକ ଭଲ ଅନୁଭୂତି ନେଇ ପୁରୀରୁ ଫେରିବେ ବୋଲି ଲକ୍ଷ୍ୟ ରଖିଛି ପୁଲିସ। ଭାରତର ଚାରିଧାମ ମଧ୍ୟରୁ କେବଳ ପୁରୀ ଧାମରେ ଏଭଳି ଏକ ଡେସ୍କ ଖୋଲାଯାଇଛି। ଏସ୍‌ପି ଶ୍ରୀ ଅଗ୍ରୱାଲ ପିଙ୍କ୍ ହେଲ୍ପ ଡେସ୍କକୁ ସକ୍ରିୟ କାର୍ଯ୍ୟକ୍ଷମ କରିବା ପାଇଁ ୬ ମହିଳା କନେଷ୍ଟବଳଙ୍କୁ ନିଯୁକ୍ତ କରିଛନ୍ତି। ଏମାନେ ମହିଳା ଭକ୍ତଙ୍କୁ ସୂଚନା, ଦିଗ୍‌ଦର୍ଶନ, ତତ୍କାଳ ସହାୟତା ପ୍ରଦାନ ସହିତ ସେମାନଙ୍କ ଅଭିଯୋଗ ଓ ପ୍ରତିକ୍ରିୟା ସଂଗ୍ରହ କରିବେ। ଯଦି କୌଣସି ମହିଳା ଅସୁବିଧାରେ ପଡ଼ିଥିବେ ତାଙ୍କୁ କିପରି ସହଯୋଗ ମିଳିପାରିବ ସେ ବାବଦରେ ଅଧିକାରୀଙ୍କ ସହ ଯୋଗାଯୋଗ କରିବେ। ସେମାନଙ୍କର ମନ୍ଦିର ଭିତରେ କିମ୍ବା ବାହାରେ ଯଦି କୌଣସି ସାମଗ୍ରୀ ହଜିଗଲା କିମ୍ବା କୌଣସି ଜାଗାରେ ଠକେଇର ଶିକାର ହେଲେ ତେବେ ହେଲ୍ପ ଡେସ୍କରେ ଅଭିଯୋଗ କରିପାରିବେ। ସେହିଠାରୁ ନିର୍ଦ୍ଦିଷ୍ଟ ଥାନାକୁ ଯୋଗାଯୋଗ କରାଯାଇ ମହିଳା ଭକ୍ତଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ। ପୁଲିସର ଏଭଳି ଏକ ମହତ୍ ଉଦ୍ଦେଶ୍ୟକୁ ସମସ୍ତେ ସାଧୁବାଦ ଜଣାଇଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସହ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଓ ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତପଦ୍ମା ଦାଶ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ଜୁନ୍ ୧୬ରୁ ବେଳାଭୂମିରେ କୃଷି ଓ ଲୋକମେଳା

ପୁରୀ,୧୮।୫(ସମିସ): ଆସନ୍ତା ଜୁନ୍ ୧୬ରୁ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଆରମ୍ଭ ହେବ ପାଞ୍ଚଦିନ ବ୍ୟାପୀ ୨୩ତମ ଲୋକମେଳା ଓ ୧୬ତମ କୃଷିମେଳା। ଲୋକମେଳାରେ ଭାରତର ୨୦ ରାଜ୍ୟରୁ ପ୍ରାୟ ୬୦୦ ଲୋକନୃତ୍ୟ ଶିଳ୍ପୀ ଯୋଗ ଦେଉଥିବା ବେଳେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ କୃଷି, ମତ୍ସ୍ୟ ଓ ପଶୁପାଳନ, ପାଣିପାଗ ବିଭାଗ କୃଷିମେଳାରେ ଯୋଗଦେବେ। ଏହି ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବେ ବୋଲି ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ରବିବାର ବୀର ହରେକୃଷ୍ଣପୁର ବିରଜାଇ ପୀଠରେ ଅନୁଷ୍ଠିତ ପ୍ରସ୍ତୁତି କମିଟିରେ ଘୋଷଣା କରିଛନ୍ତି ସଭାପତି ଡ. ହରେକୃଷ୍ଣ ଶତପଥୀ, ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ସମ୍ପାଦକ ରାଜେଶ କୁମାର ମହାନ୍ତି। ଏହି କମିଟିରେ ବିଜେପି ଜିଲ୍ଲା ସଭାପତି ଡ.

**ଯୋଗଦେବେ ୨୦ ରାଜ୍ୟର ୬୦୦ କଳାକାର**



ଦେବେନ୍ଦ୍ର ନାଥ ତରେଇ, ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମାଧବ ଚନ୍ଦ୍ର ପୂଜାପଣ୍ଡା, ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ବଦ୍ରି ମିଶ୍ର, ମନୋଜ ରଥ, ଭରତ ନାୟକ, ଭକ୍ତ ଚରଣ ଦାସ, ବିଦ୍ରୋହ ସିଂ, ଜୟନ୍ତ କୁମାର ଦାଶ, ଡ. ଭାସ୍କର ମିଶ୍ର, ଡ. ପ୍ରଦ୍ୟୁମ୍ନ ସାଥୁଆ, ହୁଲାଶ ଚନ୍ଦ୍ର ଜେନା, ପ୍ରଧାନ ଧୀରେନ୍ଦ୍ର ରାୟ, ବିନୋଦ ପ୍ରଧାନ, ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ସୌମ୍ୟରଞ୍ଜନ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇ ପ୍ରସ୍ତୁତିର ରୂପରେଖ ନିର୍ଦ୍ଧାରଣ କରିଥିଲେ। ଏଥିରେ ଧନ୍ୟବାଦ ଦେଇଥିଲେ ଶ୍ୟାମପ୍ରକାଶ ସେନାପତି। ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ଲକ୍ଷାଧିକ ଦର୍ଶକ ସମବେତ ହେବାର ସମ୍ଭାବନା ଥିବାରୁ ଏହାର ସଫଳ ରୂପାୟଣ ଓ ଶୃଙ୍ଖଳିତ କରିବା ପାଇଁ ଖୁବ୍‌ଶୀଘ୍ର ଜିଲ୍ଲା ପ୍ରଶାସନ ସହ ଏକ ବୈଠକ କରାଯିବ। ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ରାଜ୍ୟର କଳାକାରମାନେ ବେଳାଭୂମି ସଫେଇ କରିବେ ବୋଲି ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

ଶ୍ରୀମନ୍ଦିର ଜମିକୁ ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ମହପ୍ରଭୁଙ୍କ ସମ୍ପତ୍ତି ସୁରକ୍ଷା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବଦ୍ଧପରିକର

ପୁରୀ,୧୮।୫(ସମିସ): ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ପର୍କିତ ଏକ ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ସପକ୍ଷରେ ରାୟ ଦେଇଛନ୍ତି ହାଇକୋର୍ଟ। ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ କନ୍ତିଆ ମୌଜାର ବହୁମୂଲ୍ୟ ୧୫ ଏକର ଜମିକୁ ନେଇ ନିର୍ଦ୍ଦିଷ୍ଟ ଏକ ସଂସ୍ଥା ପକ୍ଷରୁ ଦାଏର ଏହି ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରିଭ୍ୟୁ ପିଟିସନ ଦାଖଲ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବଳିଷ୍ଠ ଯୁକ୍ତି ବାଢିଥିବା ବେଳେ ନିଜେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଅଦାଲତରେ ହାଜର ହୋଇ ମହାପ୍ରଭୁଙ୍କ ଭୂ ସମ୍ପତ୍ତିର ସ୍ୱାର୍ଥ ରକ୍ଷା ପାଇଁ ପକ୍ଷ ରଖିଥିଲେ। ଆଡଭୋକେଟ୍ ଆନନ୍ଦ ଚନ୍ଦ୍ର ସ୍ୱାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମାମଲାର ପରିଚାଳନା କରୁଥିଲେ। କୌଣସି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବା ଅନୁଷ୍ଠାନର ଲୋଲୁପ ଦୃଷ୍ଟିକୁ ବରଦାସ୍ତ କରାଯିବ ନାହିଁ। ଶ୍ରୀମନ୍ଦିର ଭୂସମ୍ପତ୍ତି ଗୁଡିକର କମ୍ପ୍ୟୁଟରୀକରଣ ସହ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ରାଜ୍ୟ ସରକାରଙ୍କ ସମାନ ନୀତି (ୟୁନିଫର୍ମ ପଲିସି) ଓ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁଯାୟୀ ସମସ୍ତ ଜମିର ସୁରକ୍ଷା କରାଯିବ। ଏହି ମାମଲାରେ କୋର୍ଟ ଦେଇଥିବା ନିର୍ଦ୍ଦେଶ ଆଗାମୀ ଦିନରେ ଶ୍ରୀମନ୍ଦିରର ଭୂସମ୍ପତ୍ତି ପରିଚାଳନା କ୍ଷେତ୍ରରେ ଏକ ମାର୍ଗଦର୍ଶକ ସାଜିବ ଏବଂ ଏହାକୁ କଡାକଡି ଭାବେ ଅନୁପାଳନ କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବଦ୍ଧପରିକର ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ସିଂହଦ୍ୱାରରେ ସେଣ୍ଟ ଜନ୍ ଆମ୍ବୁଲାନ୍ସ ସେବା

ପୁରୀ,୧୮।୫(ସମିସ): ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ପାନୀୟଜଳ, ଦହିପାଣି ବାଣ୍ଟିବା ପାଇଁ ଅଣ୍ଟା ଭିଡ଼ିଥିଲା ସେଣ୍ଟଜନ୍ ଆମ୍ବୁଲାନ୍ସ। ଗତ ପଣା ସଂକ୍ରାନ୍ତିଠାରୁ ଆମ୍ବୁଲାନ୍ସର ବ୍ରିଗେଡ୍ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସ୍ୱେଚ୍ଛାକୃତ ଭାବେ ଶ୍ରଦ୍ଧାଳୁଙ୍କୁ ଜଳଛତ୍ର, ଦହି ସର୍ବତ ଓ ଟଙ୍କତୋରାଣି ବଣ୍ଟନ କାର୍ଯ୍ୟ କରିଆସୁଛନ୍ତି। ଅନେକ ସମୟରେ ଭକ୍ତମାନେ ଧାଡ଼ି ଦର୍ଶନରେ ଅପେକ୍ଷା କରିଥିବାବେଳେ ସେମାନଙ୍କୁ ଏହି ଜଳସେବା ପ୍ରଦାନ କରାଯାଉଛି। ଏତଦ୍‌ବ୍ୟତୀତ ଅନେକ ସମୟରେ ବରିଷ୍ଠ ନାଗରିକ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ତା' ଉପରେ ଧ୍ୟାନ ଦେଇଛନ୍ତି ଆମ୍ବୁଲାନ୍ସର ବିଗ୍ରେଡ୍। ସେଣ୍ଟ ଜନ୍ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ଅନୁସାରେ ମହାପ୍ରଭୁଙ୍କ ଭକ୍ତମାନଙ୍କୁ ସେବା ଯୋଗାଇ ଆମେ ନିଜକୁ ଧନ୍ୟ ମନେ କରିଛୁ। ଭକ୍ତମାନଙ୍କର ଶୋଷ ମେଣ୍ଟାଇବା ପାଇଁ ଚେଷ୍ଟା କରିଛୁ।

ସେଣ୍ଟ ଜନ୍ ଆମ୍ବୁଲାନ୍ସର ସଭାପତି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଏହି ଜଳ ସେବା ପ୍ରଦାନ କରାଯାଉଛି। ଏହି ଜଳ ବଣ୍ଟନରେ ବ୍ରିଗେଡ୍ ମଧୁମିତା ମହାପାତ୍ର, ଜଗନ୍ନାଥ ଆମ୍ବୁଲାନ୍ସର କମାଣ୍ଡର ଲାଲା ଅନନ୍ତ ସିଂ, ଅଜୟକୃଷ୍ଣ ଦାସ, ବିଜୟଲକ୍ଷ୍ମୀ ଦାସ, ଜୟନ୍ତୀ ମହାପାତ୍ର, ନିରଞ୍ଜନ ମହାପାତ୍ର, ରଞ୍ଜନ ଅଗ୍ରୱାଲ, ମିଶନ ଓଡ଼ିଶା ଆମ୍ବୁଲାନ୍ସର ସବ୍ୟସାଚୀ ସେନାପତି, ଅଜୟ ପ୍ରଧାନ, ଜ୍ୟୋତିର୍ମୟୀ ଦାଶ, ରାଜଲକ୍ଷ୍ମୀ ବେହେରା, ରୋଜାଲିନ୍ ସାହୁ, ଯଯାତୀ କେଶରୀ, ପ୍ରଶାନ୍ତ ଭୋଇ, କିଶୋର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲାପାଳ, ପୁରୀ ଏସ୍‌ପି ଏହି ଜଳବଣ୍ଟନ କାର୍ଯ୍ୟକ୍ରମକୁ ଭୂରି ଭୂରି ପ୍ରଶଂସା କରିଛନ୍ତି।

## ଦିବ୍ୟଜ୍ୟୋତି କନିଷ୍ଠ ଜାତୀୟ ସାଂସ୍କୃତିକ ବୃତ୍ତି ପାଇଁ ମନୋନୀତ



ପୁରୀ,୧୮।୫(ସମିସ): ପୁରୀ ଜିଲ୍ଲା କପିଳେଶ୍ୱରପୁର ଗ୍ରାମର ଗୋପାଳ ଚନ୍ଦ୍ର କର ଏବଂ ସସ୍ମିତା ମିଶ୍ରଙ୍କ ପୁତ୍ର ଦିବ୍ୟଜ୍ୟୋତି କରଙ୍କୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ୨୦୨୪/୨୫ ବର୍ଷ ପାଇଁ ସିସିଆର୍‌ଟି କନିଷ୍ଠ ଜାତୀୟ ସାଂସ୍କୃତିକ ବୃତ୍ତି ପାଇଁ ମନୋନୀତ କରାଯାଇଛି। ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରକାଶ କୁମାର ରଥ, ଗୁରୁ ତାପସ କୁମାର ନାୟକ ଏବଂ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ରଙ୍କ ମାର୍ଗଦର୍ଶନରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଶିଖୁଛନ୍ତି। ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ୭ମ ଶ୍ରେଣୀରେ ଅଧ୍ୟୟନ କରିବା ସହିତ ଶ୍ରୀକ୍ଷେତ୍ରର ପ୍ରାଚୀନ ସଙ୍ଗୀତ ଅନୁଷ୍ଠାନ ଲିଙ୍ଗରାଜ କଳା ନିକେତନରେ ଶିକ୍ଷା ଗ୍ରହଣ କରୁଛନ୍ତି। ଭବିଷ୍ୟତରେ ସେ ଜଣେ ପ୍ରସିଦ୍ଧ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ହେବାକୁ ଇଚ୍ଛା ରଖିଛନ୍ତି। ସେ ବୃତ୍ତି ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

ରଥଖଳାରୁ...

## ଆଜି ଚକଡେରା



ପୁରୀ,୧୮।୫(ସମିସ): ସୋମବାର ଶ୍ରୀକ୍ଷେତ୍ର ଭଉଁରୀ। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ତିନିରଥର ୬ଟି ନାହାକା ଚକ ଡେରା ଯିବାର ବିଧି ରହିଛି। ଏଥିଲାଗି ରଥଖଳାରେ ଆବଶ୍ୟକ ଚକ ଓ ଅଖ ପ୍ରସ୍ତୁତ ହୋଇଥିବା ବେଳେ ରଥ ନିର୍ମାଣକାରୀ ସେବକ ଏହି ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ରଥ ଆଜ୍ଞାମାଳ ଆସି ଲାଗି ହେବା ପରେ ଚକ ଡେରାଯିବ। ରବିବାର ତୁମ୍ବ ବିନ୍ଧ କାରିଗରଙ୍କ ଦ୍ୱାରା ଅଖ ବିନ୍ଧ ପରେ ତିନିରଥର ମହାରଣା ସେବକମାନେ ସିଙ୍ଗଡ଼ାରେ ପଇ ରଖି ମାପ ଚିହ୍ନ ପ୍ରକାରେ ସାଲ କାର୍ଯ୍ୟ ଶେଷ କରିଥିଲେ। ମଧ୍ୟାହ୍ନ ବିରତି ପରେ ତିନି ରଥର ମହାରଣା ସେବକମାନେ ୩ଟି ଚକ ପାଇଁ ୧୨ଟି ଲେଖାଏଁ ପଇ ବିନ୍ଧ ଶେଷ କରିଥିଲେ। ଏହାପରେ ପ୍ରତ୍ୟେକ ରଥର ତିନିଟି ଲେଖାଏଁ ସିଙ୍ଗଡ଼ାରେ ପଇ ସଂଯୋଗ ଶେଷ ହୋଇ ସେଥିରେ କିଳା ବାଡ଼ିଆ ବା ବିଲେଇ ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ଏହାପରେ ପଇ କଳସା ଜାରି ରହିଛି। ରଥଖଳାରେ ସ୍ଥାନାଭାବ ଯୋଗୁଁ ଅଧିକ ଚକ ନିର୍ମାଣ କରି ରଖିବା ସମ୍ଭବ ହେଉନାହିଁ। ତେଣୁ ପରମ୍ପରା ଅନୁସାରେ ସୋମବାର ଭଉଁରୀ ତିଥିରେ ଚକ ଅଖ ଡେରା ନୀତି ପରେ ନିର୍ମାଣ ସରିଥିବା ଚକଗୁଡ଼ିକୁ ବିଧିମତେ ବାହାରକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଅଣାଯିବ।

ଏଥିସହ ରବିବାର ସୁଦ୍ଧା ତିନି ରଥର ସମସ୍ତ ସାଲ ଗୁଜ, ତିଖଗୁଜ, ଜଳଯନ୍ତ୍ର, କୁତୁକା, ଓରା ଏବଂ ଗୋଟିଏ ଲେଖାଏଁ ସିଂହାସନ ନିର୍ମାଣ ସହ ସେଥିରେ ତିନିଥାକିଆ ରାହା କଟା ଶେଷ କରିଛନ୍ତି। ଏଥିସହ ପ୍ରତ୍ୟେକ ରଥର ଗୋଟିଏ ଗୋଟିଏ ପ୍ରଭା ଅପ୍‌ସରା ଚଉପଟ କାର୍ଯ୍ୟ ଶେଷ ହୋଇଛି। ଏହା ଶ୍ରୀବିଗ୍ରହଙ୍କ ଆସ୍ଥାନ ପଛ ପାର୍ଶ୍ୱରେ ଠାକୁରଙ୍କ ପ୍ରଭା ଫିଟିଂ ପାଇଁ ରଖାଯିବ। ସେହିପରି ରୂପକାର ସେବକମାନେ ତିନି ରଥର ୧୧ଟି ଲେଖାଏଁ ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଥିବା ସହ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କରୁଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନିରଥର ଆବଶ୍ୟକ ପଦାରି, ତୁମ୍ବ ବଳା, ଦଶ ଏଗାରଟି ଚକ ପାଇଁ ଆବଶ୍ୟକ ଅରକଣ୍ଟା ନିର୍ମାଣ ଶେଷ କରି ଚକା ଡେରା ନୀତି ପାଇଁ ଅନୁକୂଳ ପଦାରି ଚାବି ନିର୍ମାଣ ଶେଷ କରିଛନ୍ତି।



ରଥଖଳାରେ ପହଞ୍ଚିଲା ୪୦ ଫୁଟିଆ କାଠ





# ଦୀଘାରେ 'ଜଗନ୍ନାଥ ଧାମ' ଗ୍ରହଣୀୟ ନୁହେଁ

ଭୁବନେଶ୍ୱର,୧୮।୫(ସମିସ): ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଦୀଘାକୁ 'ଜଗନ୍ନାଥ ଧାମ' ନାମକରଣ କରିଛନ୍ତି। ଏହା ସମଗ୍ର ବିଶ୍ୱର ଜଗନ୍ନାଥ ପ୍ରେମୀଙ୍କ ସହ ବିଶ୍ୱାସଘାତ। ଓଡ଼ିଆଙ୍କ ସଂସ୍କୃତିକ ଐତିହ୍ୟକୁ ମଧ୍ୟ ଉପହାସ ସଦୃଶ। ପଶ୍ଚିମବଙ୍ଗ ସରକାର ଦୀଘାରେ 'ଦୀଘା ଧାମ' ଘୋଷଣା କରିପାରନ୍ତି, କିନ୍ତୁ 'ଜଗନ୍ନାଥ ଧାମ' ନୁହେଁ। କାରଣ ଜଗନ୍ନାଥ ଧାମ କହିଲେ କେବଳ ପୁରୀକୁ ବୁଝାଉଥିବା କହିଛି ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ। ପରିଷଦ ପକ୍ଷରୁ ରବିବାର ପ୍ରେସ୍ କ୍ଲବ୍‌ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଦୀଘାକୁ 'ଜଗନ୍ନାଥ ଧାମ' କହିବା ବିଶ୍ୱର କୋଣଅନୁକୋଣରେ ଆସୁଥିବା ଶ୍ରଦ୍ଧାଳୁଙ୍କୁ ବିଭ୍ରାନ୍ତି କରିବ। ଇତିହାସ ବିକୃତ କରିବାକୁ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ମହାପ୍ରଭୁ ଜଗନ୍ନାଥଙ୍କ ମହିମାକୁ ବୃଦ୍ଧି କରିବା ପାଇଁ ପଶ୍ଚିମବଙ୍ଗ ସରକାର ଦୀଘାକୁ ଜଗନ୍ନାଥ ଧାମ ନାମକରଣରୁ ନିବୃତ୍ତ ରହିବାକୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପରିଷଦର ସଭାପତି ସଞ୍ଜିତା ମହାନ୍ତି, ସମ୍ପାଦକ ସନତ ରଞ୍ଜନ ନାୟକ, ସନ୍ତୋଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର କ୍ଷୋଭ

# ଆଖି ଜଳକା କରୁଛି ଷ୍ଟ୍ରିଟ୍ ଲାଇଟ୍

## ରସୁଲଗଡ଼ରେ ଜାତୀୟ ରାଜପଥ ସ୍ଥିତି ବେହାଲ

ଭୁବନେଶ୍ୱର,୧୮।୫(ସମିସ):





ରାଜଧାନୀରେ ବେହାଲ ହେଲାଣି ଷ୍ଟ୍ରିଟ୍ ଲାଇଟ୍ ସ୍ଥିତି। କେଉଁଠି ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇଗଲାଣି ତ ଆଉ କେଉଁଠି ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ସନ୍ଧ୍ୟା ହେଲେ ଧପ୍ ଧପ୍ ହେଉଛି। ଯାତ୍ରୀଙ୍କ ଆଖି ଜଳକା ହୋଇଯାଉଛି। ରାସ୍ତାରେ ଗାଡ଼ି ଚଳାଇବେ କ'ଣ, ଏଭଳି ଲାଇଟ୍‌କୁ ଚାହିଁ ରହିବା ବି କଷ୍ଟ ହୋଇପଡୁଛି। ଦିନ ଦିନ ଧରି ଏଭଳି ସ୍ଥିତି ଜାରି ରହିଥିଲେ ବି ବିଏମ୍‌ସି ଚୁପ୍ ବସିଛି।

ଡବଲ୍ ୱେରେ ଯାଇ ଯେମିତି ଚଳିଯାଉଛି। ହେଲେ ସିଙ୍ଗିଲ୍ ୱେ ସ୍ଥିତି ଆହୁରି ବେହାଲ। ରାସ୍ତାରେ ଗାଡ଼ି କେଉଁପଟୁ ଆସୁଛି ତାହା ଜଣାପଡୁନାହିଁ। ଯାହାଫଳରେ ଦୁର୍ଘଟଣା ଘଟୁଛି। ଏକାଧିକ କର୍ପୋରେସନ ବୈଠକରେ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାକୁ ନେଇ କର୍ପୋରେଟ୍‌ର ହୋ ହଲ୍ଲା କରିଥିଲେ। ଅଧିକାରୀମାନଙ୍କୁ ଘେରିଥିଲେ। ହେଲେ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାର କେବଳ ଉତ୍ତର ରଖାଯାଇଛି। ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଉଛି। ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଗଲା। ହେଲେ ବାସ୍ତବ ସ୍ଥିତି କିନ୍ତୁ ଓଲଟା।

ରବିବାର ସନ୍ଧ୍ୟାରୁ ରସୁଲଗଡ଼ ଛକ ଅଞ୍ଚଳରେ ସ୍ଥିତି ଅତ୍ୟନ୍ତ ବେହାଲ ହୋଇପଡ଼ିଥିଲା। ଜାତୀୟ ରାଜପଥ ଫ୍ଲାଏ ଓଭରରେ ସନ୍ଧ୍ୟାରୁ ଷ୍ଟ୍ରିଟ୍ ଲାଇଟ୍ ଧପ୍ ଧପ୍ ହେବା ଆରମ୍ଭ ହେଇଥିଲା। ହାଇମାଷ୍ଟରେ ଲାଇଟ୍ ଅଧା ଜଳୁଥିଲେ ଆଉ ଅଧା ଜଳୁ ନଥିଲା। ପଳାଶୁଣୀ ଠାରୁ ରସୁଲଗଡ଼ ଛକ କୌଣସି ଲାଇଟ୍ ସୋ'ର ଥିଏଟର ଠାରୁ କମ୍ ନଥିଲା। ଏଥିପାଇଁ ଛୋଟ ମୋଟ୍ ଦୁର୍ଘଟଣା ଘଟିଛି। ସେହିପରି ଭଗବାନପୁର, କଳିଙ୍ଗବିହାର, ଚକେଇସିଆଣି ସମେତ ଏକାଧିକ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡ଼ିଛି।

**ଜୀବନର କେତେ ରଙ୍ଗ**

# ଅଲୋଡ଼ା ହେଇଯାଉଛି ଜୟ ନାରାୟଣଙ୍କ ସୁଃଖଦୁଃଖର ସାଥୀ

ଭାର କାନ୍ଧେଇ ଗଡ଼େ ଚକ। ଧୀରେ ଧୀରେ ବିତେ ସମୟ। ରିକ୍ସା ଗଡ଼ିଲେ ପରିବାର ଲୋକଙ୍କ ଭୋକିଲା ପେଟରେ ଦାନା ଗଣ୍ଡେ ପଡ଼େ। ରାଜଧାନୀର ମାଷ୍ଟରକ୍ୟାଣ୍ଟିନରୁ ରାଜମହଲ ଛକ, ରାଜମହଲ ଛକରୁ ଏଜି। ବର୍ଷା, ଖରା, ଶୀତ ସହି ଏଭଳି ଗଡୁଥାଏ ରିକ୍ସା। ଦିନଥିଲା ଲୋକ ଘରୁ ଡାକିକି ନେଉଥିଲେ। ଅଫିସ୍, ସ୍କୁଲ ଓ ମେଡିକାଲ ଆଉ ମନ୍ଦିର ଯାଉଥିଲେ। ସୂର୍ଯ୍ୟ ଉଦୟ ପାଖରୁ ଚକ ଗଡ଼ିବା ଆରମ୍ଭ ହୁଏ ରିକ୍ସାର ଆଉ ଅସ୍ତ ସହ ରିକ୍ସା ଫେରେ କିଛି ପଇସା ଧରି। ପରିବାର ଚଳେ ହସ ଖୁସିରେ। ହେଲେ ବିତୁଥିବା ସମୟ ସହ ରାସ୍ତାରୁ ହଜିଗଲାଣି ରିକ୍ସା। ଆଉ ସଙ୍କଟରେ ଏବେ ଜୀବନ ଜୀବିକା। ରାଜଧାନୀର ମାଷ୍ଟରକ୍ୟାଣ୍ଟିନ୍ ନିକଟରେ ଗତ ୪୦ ବର୍ଷ ଧରି ରିକ୍ସା ଚଲାଉଥିଲେ ଜୟ ନାୟକ।

ରିକ୍ସା ଚଳାଇବାରେ ରାଜଧାନୀରେ ଜୀବନର ୪୦ ବର୍ଷ ବିତେଇଥିବା ଅନୁଭୂତିରୁ ସେ କୁହନ୍ତି ୧୫ ରୁ ୨୦ ବର୍ଷ ପଛକୁ ମନେପକାଇଲେ ରିକ୍ସାର ଚାହିଦା ଢେର ଥିଲା। ସେ ସମୟରେ ରିକ୍ସା ଚଳାଇବାକୁ ବି ଲାଇସେନ୍ସ ଦରକାର ହେଉଥିଲା। ହେଲେ ଦୁଇ ହଜାର ମସିହା ପାଖରୁ ସେ ସବୁ ଆଉ ଖୋଜା ପଡ଼ିଲାନି। ହେଲେ ପରିବର୍ତ୍ତିତ ସମୟ ସହ ରିକ୍ସା ଚାଳକଙ୍କୁ ଲୋକ ଭୁଲିଗଲେ। ସେ ସମୟରେ ଜୀବନ ଜବିକା ବି ସୁରଖୁରରେ ଚାଲୁଥିଲା ଆଉ ସମ୍ମାନ ବି ମିଳୁଥିଲା। ହେଲେ ଏବେ ସମୟ ସହ ଖାପ ଖୁଆଇ ଚାଲିବା ପାଇଁ ଲୋକ ରିକ୍ସାର ବିକଳ୍ପକୁ ବାଛି ସାରିଲେଣି। ବେଶୀ ସମୟ ଲଗାଇ ଆଉ କେହି ରିକ୍ସାରେ ବସିବାକୁ ଚାହୁଁ ନାହାନ୍ତି। ଏବେ ପୂରା ଦିନ ବିତି ସଞ୍ଜ ନଉଁଛି ହେଲେ ରିକ୍ସାରେ ଗୋଟେ ହେଲେ ଯାତ୍ରୀଙ୍କ ଦେଖା ମିଳୁନି। ରାସ୍ତାରେ ଗଲାବେଳେ କିଏ କହି ଦେଇ ଯାଉଛି ମଉସା, ରିକ୍ସା ଏବେ ବି ଚାଲୁଛି? ଏସବୁ ଶୁଣି ନିରାଶ ହୋଇ ଘରକୁ ଫେରିବାକୁ ପଡୁଛି। ଘର ଚଳେବା ସହ ପିଲା ଛୁଆଙ୍କୁ ମଣିଷ କରିବାରେ ରିକ୍ସା ତାଙ୍କ ସବୁଦିନିଆ ସାଥୀ ପାଲଟିଥିଲା। ହେଲେ ଆଜି ତାଙ୍କୁ ସେ ସାଥୀ ଅଲୋଡା ପରି ମନେ ହେଉଛି। ବଳ ବୟସ ଆଗରେ ହାର ମାନିନଥିବା ଜୟ ନାୟକ ଆଜି ଆଧୁନିକତାର ଭାରରେ ନଇଁ ଯାଇଛନ୍ତି ବୋଲି ଭାବବିହ୍ୱଳ ହୋଇ କୁହନ୍ତି। ତଥାବି ବିତିଥିବା ବର୍ଷର ସେ ଅଭ୍ୟାସ ତାଙ୍କୁ ରାତି ପାହିଲେ ରିକ୍ସା ଧରି ରାସ୍ତାକୁ ବାହାରିବାକୁ ବାଧ୍ୟ କରେ। ହେଲେ ସଞ୍ଜ ନଇଁଲେ ଏବେ ନିରାଶ ହୋଇ ତାଙ୍କୁ ଘରକୁ ଫେରିବାକୁ ପଡ଼େ।



■ 'ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ'ର ବୈଠକ

# ଅଳିଆ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ଦାବି

ଭୁବନେଶ୍ୱର,୧୮।୫(ସମିସ):'ଅଳିଆ ଗଦା ହଟାଅ, ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପଳାଶୁଣି ଶୁଖିଲା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଆଲୋଚନା କରାଯାଇଥିଲା।



### ବିଏମ୍‌ସି ଅଧିକାରୀଙ୍କ ସ୍ଥିତି ଅନୁଧ୍ୟାନ

ବିଏମ୍‌ସି ଅଫିସିଆଲଙ୍କ ସହ ମିଳିତ ଗ୍ରାଉଣ୍ଡ ଜିରୋ ସ୍ଥିତି ଅନୁଧ୍ୟାନ ବେଳେ ଗାଡ଼କଣ ଅଳିଅଗଦା ସହ ପ୍ରସ୍ତାବିତ ପଳାଶୁଣି ଶୁଖିଲା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ମେହେରପଲ୍ଲୀ ଓଦା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟର ସରଜମିନ ସର୍ବେକ୍ଷଣ କରିଥିଲେ। ବୈଠକର ପ୍ରାଥମିକ ପ୍ରସ୍ତାବ ଅନୁଯାୟୀ ଅନୁଧ୍ୟାନ ପରେ ପୂର୍ବରୁ ସରିନଥିବା ଆଲୋଚନା ପାଇଁ ପ୍ରଥମେ ବିଏମ୍‌ସି କମିସନରଙ୍କ ସହ ବୈଠକ କରିବାକୁ ଆଲୋଚନା ହୋଇଥିଲା। ଅତିରିକ୍ତ କମିସନର ଶୁଭେନ୍ଦୁ ସାହୁ ଆଗାମୀ ଜୁନ ୧୨ ସୁଦ୍ଧା ଶୁଖିଲା ଅଳିଆ ଆଉ ଗାଡ଼କଣ ନଯାଇ ପଳାଶୁଣି ଟ୍ରିଟମେଣ୍ଟ ପ୍ଲାଣ୍ଟରେ ପ୍ରୋସେସିଂ କରାଯିବ ବୋଲି କହିଥିଲେ। ପଳାଶୁଣିର ଶୁଖିଲା ଅଳିଆ ଟ୍ରିଟମେଣ୍ଟ ପ୍ଲାଣ୍ଟ ଯେହେତୁ ପୂରା ପ୍ରସ୍ତୁତ ହୋଇଯାଇଛି, ତେଣୁ ତାକୁ ଦୁଇ ଦିନ ଭିତରେ କାର୍ଯ୍ୟକ୍ଷମ କରି ଗାଡ଼କଣକୁ ଆସୁଥିବା ୧୫୦ ମେଟ୍ରିକ ଟନ୍ ଶୁଖିଲା ଅଳିଆରୁ ପ୍ରଥମେ ମୁକ୍ତ କରିବାକୁ କମିସନରଙ୍କ ନିକଟରେ ଆଗାମୀ ବୈଠକରେ ପ୍ରସ୍ତାବ ଦେବାକୁ ଦାବି କରାଯାଇଥିଲା, ୧୮ ମାସ ଭିତରେ ମେହେରପଲ୍ଲୀ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଓଦା ଅଳିଆ ସବୁ ପ୍ରୋସେସିଂ କରାଯିବା ଆଦି ଆଲୋଚନା ହୋଇଥିଲା। ଯେହେତୁ ବର୍ତ୍ତମାନ ଅତ୍ୟାଧୁନିକ ପ୍ରଣାଳୀରେ ସବୁ ନିର୍ମାଣ କାର୍ଯ୍ୟ କରାଯାଉଛି, ତେଣୁ ବିଏମ୍‌ସି ତ୍ୱରିତ ପଦକ୍ଷେପ ନେଲେ ୬ ରୁ ୭ ମାସ ଭିତରେ ତାକୁ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ପ୍ରସ୍ତାବରେ କୁହାଯାଇଛି। ପୂର୍ବ ପ୍ରସ୍ତାବ ଅନୁସାରେ ସମସ୍ତ ୬୭ ୱାର୍ଡରେ ଟ୍ରିଟମେଣ୍ଟ ପ୍ଲାଣ୍ଟ ବ୍ୟବସ୍ଥା ଆସନ୍ତା ଦୁଇ ମାସ ମଧ୍ୟରେ ସ୍ଥାପିତ ହେଉ। ଏବେ ୩୭ଟି କାର୍ଯ୍ୟକ୍ଷମ ଥିବାବେଳେ ବାକି ୩୦ଟି ଜଲଦି କରିବାକୁ ଅଭିଯାନ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ସୈନିକ ସ୍କୁଲ ଅଳିଆଗଦାର ଅଳିଆ ଖାଲି ହୋଇଯାଇଥିବା ସ୍ଥାନରେ ମାଟି ପକାଇ ଗଛ ଲଗାଇବା, ଗାଡ଼କଣ ଡମ୍ପିୟାଡ଼ରେ ଓଦା ଅଳିଆକୁ ଟ୍ରିଟମେଣ୍ଟ କରିବା ସମୟରେ ତାର ଦୁର୍ଗନ୍ଧ ବାୟୁକୁ ରୋକିବାକୁ, ଅଧିକ ଉଚ୍ଚତା ବିଶିଷ୍ଟ ଆବଦ୍ଧ ସହ ଅତ୍ୟାଧୁନିକ ବୈଜ୍ଞାନିକ ପ୍ରଣାଳୀ ମାଧ୍ୟମରେ ସମଗ୍ର ଅଞ୍ଚଳ ଦୁର୍ଗନ୍ଧ ମୁକ୍ତ ପାଇଁ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା। ଏହି ଆନ୍ଦୋଳନ ସମ୍ପର୍କରେ ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ଓ ପୂର୍ବତନ ଜନପ୍ରତିନିଧିଙ୍କ ସହ ମଧ୍ୟ ଆଲୋଚନା କରିବାକୁ ଆଜିର ବୈଠକରେ ନିଷ୍ପତି ନିଆଯାଇଛି। ଏହି ବୈଠକରେ ଆବାହକ ଭିକ୍ଷାକାରୀ ତ୍ରିପାଠୀ, ବାସୁଦେବ ଭଟ୍ଟ, ଅଶୋକ ପାଇକରାୟ, ସିଦ୍ଧେଶ୍ୱର ନାୟକ, ପ୍ରସନ୍ନ ବିଷୋୟୀ, ଦିଲ୍ଲୀପ ଦାଶଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

ଭୁବନେଶ୍ୱର,୧୮।୫(ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବାକୁ ପରିଦର୍ଶକମାନଙ୍କ ପାଇଁ ବିଜ୍ଞାନ କେନ୍ଦ୍ରରେ ପ୍ରବେଶ ଶୁଳ୍କକୁ ମାଗଣା କରାଯାଇଥିଲା। ଚଳିତ ବର୍ଷର ବିଷୟବସ୍ତୁ 'ଦ୍ରୁତ ପରିବର୍ତ୍ତିତ ସମାଜରେ ସଂଗ୍ରହାଳୟର ଭବିଷ୍ୟତ' ରହିଥିଲା। ଏହି ଅବସରରେ ପରିସର ମଧ୍ୟରେ ବିରଳ ସାମଗ୍ରୀ, ଡାକ ଟିକଟ, ଟଙ୍କା ଇତ୍ୟାଦିର ପ୍ରଦର୍ଶନୀ, ଚଳଚ୍ଚିତ୍ର ପ୍ରଦର୍ଶନୀ, ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ଏବଂ ସଂଗ୍ରହାଳୟ ଅଧିବେଶନ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମଧ୍ୟରେ 'ଇଣ୍ଟିମେଟ ଫିସ୍ ସୋସିଓଲୋଜି-ଦି ସାଇନ୍ସ ବିହାଇଣ୍ଡ' ବିଷୟବସ୍ତୁ ଉପରେ ଇଆଇପିର ସଦସ୍ୟ ଡ. ବିଭୁଦତ୍ତ ମିଶ୍ର, ଏବଂ ଅନ୍ୟ ବିଷୟବସ୍ତୁ 'ଏକ୍ସପ୍ଲୋରିଙ୍ଗ ସାଇନ୍ସ ଆଣ୍ଡ କଲଚର୍ ଇନ୍ କଲେକ୍ଟେବଲ ଓଡ଼ିଶା'କୁ ବିଭୂତି ପଟ୍ଟନାୟକଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ଏହା ସହିତ ବିରଳ ଡାକଟିକଟ ଓ ମୁଦ୍ରାକୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ପରେ ବ୍ୟକ୍ତିଗତ ସଂଗ୍ରହାଳୟ ଓ ଏହାର ସନ୍ଧାନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରକଳ୍ପ ସଂଯୋଜକ କପିଳ ଜୈନ ସମାଜରେ ବିଜ୍ଞାନ ସଂଗ୍ରହାଳୟର ଭୂମିକା ଉପରେ ଆଲୋକପାତ କରିଥିଲେ।

# 'ସୁକୁନ୍', 'ଜୟ ଓଡ଼ିଶା' ସହଯୋଗରେ ରକ୍ତଦାନ ଶିବିର

ଭୁବନେଶ୍ୱର,୧୮।୫(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି 'ସୁକୁନ୍ ଫାଉଣ୍ଡେସନ' ଓ 'ଜୟ ଓଡ଼ିଶା'ର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲର ରକ୍ତ ଭଣ୍ଡାରରେ ଏହି ଶିବିର ଆୟୋଜିତ ହୋଇଥିଲା। ଏହା 'ଜୟ ଓଡ଼ିଶା'ର 'ରକ୍ତଦାନ' ଅଭିଯାନର କ୍ରମାଗତ ଭାବେ ପଞ୍ଚମ ଶିବିର। ଯାହାର ଲକ୍ଷ୍ୟ ଏହି ବର୍ଷ ୧୦୦ ଗୋଟି ସଂସ୍ଥା ସହ ମିଶି ରକ୍ତଦାନ ଶିବିର ଆୟୋଜନ କରିବା। ଏହି ଅବସରରେ ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଯୋଗଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିବ ସହିତ ସେମାନଙ୍କୁ ସମ୍ମାନିତ କରିଥିଲେ। ରକ୍ତର ଅଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି ତେଣୁ ଏହା ଏକ ଛୋଟ ସାହାଯ୍ୟ ବୋଲି ସୁକୁନ୍ ଫାଉଣ୍ଡେସନର ପ୍ରତିଷ୍ଠାତା ରଶ୍ମିତା ମଲ୍ଲିକ କହିଛନ୍ତି। ଉଭୟ ଅନୁଷ୍ଠାନର ସଦସ୍ୟମାନେ ମଧ୍ୟ ରକ୍ତଦାନ କରିଥିଲେ। ଏହି ଅବସରରେ ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ ରକ୍ତଦାନ ଶିବିରର ଆୟୋଜନ କରିଆସୁଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।



# ଓଡ଼ିଶା ଶିକ୍ଷା ବିକାଶ ସମିତି ପକ୍ଷରୁ ମେଧାବୀଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୮।୫(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଗୁଡ଼ିକର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାଟ୍ରିକ୍ ପରୀକ୍ଷାରେ ଉତ୍କର୍ଷ ହାସଲ କରିଥିବା ପ୍ରଥମ ୧୦ ଜଣ ପିଲାଙ୍କୁ ସମ୍ବର୍ଦ୍ଧିତ କରିଛି ଓଡ଼ିଶା ଶିକ୍ଷା ବିକାଶ ସମିତି। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ରବିବାର ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତ, ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏବଂ ଶିକ୍ଷା ବିକାଶ ସମିତିର ସଭାପତି ଡ. କିଶୋରଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଛନ୍ତି। ପରୀକ୍ଷାରେ ୫୮୪ ନମ୍ବର ରଖି ଯୁଗ୍ମ ଟପ୍ପର ହୋଇଥିବା ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ବବିତା ରଥ ଏବଂ କଟକ ତୁଳସୀପୁର ଶିଶୁ ମନ୍ଦିରର ଛାତ୍ର ଚନ୍ଦନ କୁମାର ମହାନ୍ତଙ୍କ ସମେତ ମୋଟ୍ ୧୦ ଜଣଙ୍କୁ ସମ୍ମାନିତ କରାଯାଇଛି। ପିଲାଙ୍କ ସହ ସେମାନଙ୍କ ମାତାପିତା ଓ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଏବଂ ୬୦ପ୍ରତିଶତରୁ ଅଧିକ ନମ୍ବର ରଖି ସମସ୍ତ ଛାତ୍ରଛାତ୍ରୀ ପାସ୍ କରିଥିବା ଶିଶୁ ମନ୍ଦିରଗୁଡ଼ିକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟା ଭାରତୀ ପୂର୍ବ କ୍ଷେତ୍ର ସଂଗଠନ ମନ୍ତ୍ରୀ ଡ. ଆନନ୍ଦ ରାଓ ପାରଧୀ, ପୂର୍ବ କ୍ଷେତ୍ର କାର୍ଯ୍ୟକାରିଣୀ ସଦସ୍ୟ ଦିବାକର ଘୋଷ ଓ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମିତିର ସମ୍ପାଦକ ଡ. ସରୋଜ କୁମାର ହାତୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଗଠନ ସମ୍ପାଦକ ତାରକଦାସ ସରକାର ସ୍ୱାଗତ ଭାଷଣ ଏବଂ ପୂର୍ବ ସମ୍ଭାଗ ସମ୍ପାଦକ ପଙ୍କଜ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଧାନୀରେ କାମ ଦେଉନି କାଳବୈଶାଖୀ ଶକ୍ତି

ଭୁବନେଶ୍ୱର,୧୮।୫(ସମିସ):

ଗତ ତିନି ଚାରି ଦିନ ଧରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ମାତ୍ର କେଇ କିଲୋମିଟର ଦୂର ନୟାଗଡ଼, ବାଙ୍କୀ, ଆଠଗଡ଼, ଢେଙ୍କାନାଳ ଏବଂ ସଂଲଗ୍ନ ଯାଜପୁର ଅଞ୍ଚଳରେ ଶକ୍ତିଶାଳୀ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଏହା ପ୍ରଭାବରେ ଏହି ସ୍ଥାନଗୁଡ଼ିକରେ ପ୍ରବଳ ବର୍ଷା ପବନ ଅନୁଭୂତ ହୋଇଛି। ମାତ୍ର ଏହି ସମୟରେ କାଳବୈଶାଖୀ ଦ୍ୱୈତ ସହର ନିକଟତର ହେବା ବେଳକୁ ସତେ ଯେମିତି ଶକ୍ତିହୀନ ହୋଇପଡୁଥିବା ପରିଲକ୍ଷିତ ହେଉଛି।

■ ସହର ଚାରିପଟେ ବର୍ଷୁଛି, ଭୁବନେଶ୍ୱରରେ ଦୁର୍ବଳ

■ କଳାହାଣ୍ଡିଆ ବାଦଲ ସୃଷ୍ଟି ପରେ ବି ହେଉନି ବର୍ଷା

■ ତାତି, ଗୁଳୁଗୁଳିରେ ଅତିଷ୍ଠ ହେଉଛନ୍ତି ସହରବାସୀ

ବିଜ୍ଞାନ ଭିତ୍ତିକ ଗବେଷଣକୁ ଲକ୍ଷ୍ୟ କଲେ କେବଳ କଟକ-ଭୁବନେଶ୍ୱର ନୁହେଁ, ଦେଶର ରାଜଧାନୀ ଦିଲ୍ଲୀ ମଧ୍ୟ ନିକଟ ଅତୀତରେ ସମାନ ସ୍ଥିତି ଭୋଗୁଛି। ଗତ ୧୧ ଏପ୍ରିଲ୍‌ରେ ଏଠାରେ ଏମିତି ସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୂର୍ବରୁ କୋଲକାତା ଏବଂ ହାଇଦ୍ରାବାଦ ପରି ସହର ଗୁଡ଼ିକ ମଧ୍ୟ କାଳବୈଶାଖୀ ବର୍ଷା ପାଇଁ ଅଛୁଆଁ ହୋଇପଡ଼ିଛି। ପାଣିପାଗ ବୈଜ୍ଞାନିକ ଉମାଶଙ୍କର ଦାସଙ୍କ କହିବା ଅନୁଯାୟୀ ସହରଗୁଡ଼ିକ ନିଜର ଆଖପାଖ ଅଞ୍ଚଳ ଅପେକ୍ଷା ଅଧିକ ଶୁଷ୍କ ହୋଇଥାଏ। ଏହାଦ୍ୱାରା ଏକ ଉତ୍ତପ୍ତ ସ୍ଥିର ବାୟୁପିଣ୍ଡ ସୃଷ୍ଟି ହୋଇ ବାୟୁମଣ୍ଡଳର ୨-୪ କିମି ଉଚ୍ଚତା ଯାଏଁ ସୃଷ୍ଟି କରିଥାଏ। ଏହି ଶୁଷ୍କ ସ୍ଥିର ବାୟୁ ବଳୟରେ ଧୂଳି କଣା ସହ ଅନ୍ୟାନ୍ୟ ଛୋଟ ଛୋଟ କଣିକା ପର୍ଯ୍ୟାପ୍ତ ମାତ୍ରାରେ ସଂଘଟିତ ହୋଇଥାଏ ଏବଂ ଏଗୁଡ଼ିକ ମେଘ ସୃଷ୍ଟିକାରୀ କଣିକା ପରି କାର୍ଯ୍ୟ କରିଥାଏ। ଅର୍ଥାତ ଜଳୀୟବାଷ୍ପ ଏହାକୁ ବ୍ୟବହାର କରି ମେଘ କଣିକା ସୃଷ୍ଟି କରିଥାଏ। ଯେତେବେଳେ କାଳବୈଶାଖୀ କିମ୍ବା ବଜ୍ରପାତ ଏହି ବଳୟ ନିକଟତର ହୁଏ, ଏହି ବଳୟର ସ୍ଥିରତା କାଳବୈଶାଖୀ ସହ ଜଡ଼ିତ ବାୟୁର ଉପରମୁହାଁ ପ୍ରବାହ ଏବଂ ଆର୍ଦ୍ରତା ଯୋଗାଣକୁ ବାଧା ସୃଷ୍ଟି କରିଥାଏ। କିମ୍ବା ଅତ୍ୟଧିକ ଧୂଳିକଣା ସହ ଶୁଷ୍କ ବାୟୁର ଉପସ୍ଥିତି କାଳବୈଶାଖୀ ସହ ମିଶ୍ରଣ ହେତୁ ବଜ୍ରପାତ ପ୍ରାୟତଃ ସହରାଞ୍ଚଳ ପାଖକୁ ଆସିବା ସମୟରେ ଦୁର୍ବଳ ହୋଇଯାଏ। ଉଷ୍ମ ଦ୍ୱୀପ ପ୍ରଭାବ ସହରାଞ୍ଚଳ ଏବଂ ଆଖପାଖ ଗ୍ରାମାଞ୍ଚଳ ମଧ୍ୟରେ ତାପମାତ୍ରା ପାର୍ଥକ୍ୟ ସୃଷ୍ଟି କରେ। ଯାହା ବଜ୍ରପାତ ଶକ୍ତିଶାଳୀ ହେବା ପ୍ରକ୍ରିୟା ଏବଂ ବୃଷ୍ଟିପାତକୁ ପରିବର୍ତ୍ତନ କରିପାରେ। ଏହା ସହିତ ସହରାଞ୍ଚଳରେ ଧୂଳିକଣା ମେଘ ସୃଷ୍ଟିକାରୀ କଣିକା ଭାବରେ କାର୍ଯ୍ୟ କରି ବୃଷ୍ଟିପାତକୁ ପ୍ରଭାବିତ କରିପାରେ। ଏହା ସେମାନଙ୍କର ଆକାର ଏବଂ ସୂର୍ଯ୍ୟକିରଣ ବିକିରଣ ପ୍ରଭାବ ଉପରେ ନିର୍ଭର କରି ବୃଷ୍ଟିପାତକୁ ସମ୍ଭାବ୍ୟ ଭାବରେ ବାଧା ଦେଇଥାଏ ଓ ଶେଷରେ ଦୁର୍ବଳ ବଜ୍ରପାତର କାରଣ ହୋଇଥାଏ ବୋଲି ଶ୍ରୀ ଦାସ କହିଛନ୍ତି।

ସହରାଞ୍ଚଳ ପରିବେଶ ସହିତ ଜଡିତ କାରକଗୁଡ଼ିକର ମିଶ୍ରଣ ଯୋଗୁଁ କେତେବେଳେ ବଜ୍ରପାତ ସହରଗୁଡ଼ିକ ମଧ୍ୟରେ ବିଭକ୍ତ ହୋଇଥାଏ କିମ୍ବା ସହର ଚାରିପଟେ ଘୂର୍ଣ୍ଣନ କରୁଥିବା ଦେଖାଯାଏ। ସହରଗୁଡ଼ିକର କଂକ୍ରିଟ ସଂରଚନା,



ଆର୍ଦ୍ରଭୂମି ନଷ୍ଟ ପ୍ରଭାବରେ ଏହା ଏକ ସ୍ଥାନୀୟ ଉଷ୍ମ ଦୀପ ଭାବରେ କାର୍ଯ୍ୟ କରେ। ବାୟୁମଣ୍ଡଳୀୟ ପରିସ୍ଥିତିକୁ ବ୍ୟାହତ କରେ ଏବଂ ଝଡ଼ ଆଚରଣକୁ ପ୍ରଭାବିତ କରେ। ଏହା ସହର ପାଖକୁ ଆସିବା କିମ୍ବା ଅତିକ୍ରମ କରିବା ସମୟରେ ଝଡ଼ ବିଭାଜିତ, ଦୁର୍ବଳ କିମ୍ବା ଦିଗ ପରିବର୍ତ୍ତନ କରିଥାଏ। ଦିନକୁ ଦିନ ରାଜଧାନୀ ଭୁବନେଶ୍ୱର ସହ କଟକରେ ସହରୀକରଣ ରେ ବ୍ୟାପକତା ସହ ଆଦ୍ରଭୂମି ନଷ୍ଟ, ଜଙ୍ଗଲ ନଷ୍ଟ ଆଦି ବଢୁ ଥିବାରୁ ଆଗାମୀ ଦିନରେ ଖାସ କାରି ଖରା ଦିନରେ ଏହା ଏକ ଚିନ୍ତାର କାରଣ ପାଲଟିଛି। ଏଥିପାଇଁ ଆକାଶରେ କଳାହାଣ୍ଡିଆ ମେଘ ସୃଷ୍ଟି ପରେ ମଧ୍ୟ କାଳବୈଶାଖୀ ବର୍ଷା ଅଭାବ ସହରରେ ତାତି ଓ ଗୁଳୁଗୁଳିକୁ ପ୍ରଶମିତ କରିବାରେ ବିଫଳ ହେଉଛି।

# ସୃଜନ ଉପସରଣମ୍‌ରେ ୭୫ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ

ଭୁବନେଶ୍ୱର,୧୮।୫(ସମିସ): ସୃଜନ ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଉପସରଣମ୍ -୨୦୨୫ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ଏହି ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ସଙ୍ଗୀତଜ୍ଞ ଅବନିକାନ୍ତ ଦାସ, ଗୁରୁ ପଙ୍କଜ ଚରଣ, ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେଶନର ନିର୍ଦ୍ଦେଶକ ଶରତ ଦାସ, ସୀତାର ବାଦକ ରବିଶଙ୍କର ପ୍ରଧାନ, ସାମ୍ବାଦିକ, କବି ଓ ଲେଖକ କେଦାର ମିଶ୍ରଙ୍କ ସମେତ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀଶ୍ରୀ ୟୁନିଭର୍ସିଟିର ଫ୍ୟାକଲ୍ଟି ଅଫ୍ ଆର୍ଟସ୍, କମ୍ୟୁନିକେଶନ ଆଣ୍ଡ ଇଣ୍ଡିକ ଷ୍ଟଡିଜ୍‌ର ଡିନ୍ ରତିକାନ୍ତ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ୭୫ ଜଣ ପ୍ରତିଭାଶାଳୀ ଯୁବ ନୃତ୍ୟଶିଳ୍ପୀ ମଞ୍ଚରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେମାନେ ସ୍ୱର୍ଗତ କିମ୍ବଦନ୍ତୀ ଓଡ଼ିଶୀ ନୃତ୍ୟଗୁରୁ ଓ ସୃଜନ ଗୁରୁ କେଳୁଚରଣ ମହାପାତ୍ର ନୃତ୍ୟବାସର ପ୍ରତିଷ୍ଠାତା ଗୁରୁ କେଳୁଚରଣ ମହାପାତ୍ର ଓ ସଂସ୍ଥାର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଉପସ୍ଥାପନା ଜଗନ୍ନାଥ ବନ୍ଦନାରେ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଶେଷ ପ୍ରଦର୍ଶନ ଥିଲା ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ରଚିତ ଶ୍ରୀଶିବ ପଞ୍ଚାକ୍ଷରାୟ ସ୍ତୋତ୍ରମ 'ନାଗେନ୍ଦ୍ର ହାରାୟ'। 'ଉପସରଣମ ୨୦୨୫' 'ନାଚନ୍ତି ରଙ୍ଗେ ଶ୍ରୀ ହରି'ର ଏକ ସୁନ୍ଦର ଉପସ୍ଥାପନା ସହ ଶେଷ ହୋଇଥିଲା।



## ଗଞ୍ଜେଇ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି, ୧୮ ।୫(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅବକାରୀ ଥାନା ଓଆଇସି ପ୍ରବିଣ କୁମାର ସାହୁଙ୍କ ନେତୃତ୍ୱରେ ବେଆଇନ ଗଞ୍ଜେଇ ଚାଲାଣ ସମୟରେ ଚଢ଼ଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ବୁର୍ଡା ଥାନା ଅନ୍ତର୍ଗତ ମଡିଗୁଣ୍ଡାଗାଁର ମୁଖ୍ୟବନ୍ତ ଯୋଶୀ ବାଇକ୍‌ରେ ଗଞ୍ଜେଇ ଧରି ସଇଁତଲା ଅଞ୍ଚଳରୁ କଣ୍ଟାବାଞ୍ଜି ପଟକୁ ଆସୁଥିବା ବେଳେ କଣ୍ଟାବାଞ୍ଜି ଅବକାରୀ ପୁଲିସ ମୁଖ୍ୟବନ୍ତ ଠାରୁ ୩ କେଜି ୭୦୦ଶହ ଗଞ୍ଜେଇ ସହ ବାଇକ୍ ଜବତ କରି ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି ଏଡିଜେ କୋର୍ଟ ଚାଲାଣ କରିଥିବା ଅବକାରୀ ଓଆଇସି ପ୍ରବିଣ ସାହୁ ସୂଚନା ଦେଇଛନ୍ତି।

## ଖଇରକାଠ ବୋଝେଇ ଗାଡ଼ି ଜବତ

ଦେଓଗାଁ, ୧୮ ।୫(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ସିକୁଆଁ ନିକଟରୁ ବେଆଇନଭାବେ ଖଇରକାଠ ଚାଲାଣ ହେଉଥିବା ଗାଡିକୁ ପୁଲିସ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛି। ସୂଚନାନୁସାରେ ଭୁତିଆରବାହାଲରୁ ପିକ୍‌ଅପ ଗାଡି ନଂ ଓଆର୧୭ଡି-୪୮୮୨ରେ ପ୍ରାୟ ୩ କୁଇଣ୍ଟାଲ ଖଇର କାଠ ବୋଝେଇ ହୋଇ ଚାଲାଣ ହେଉଥିବା ଦେଓଗାଁ ପୁଲିସ ଖବରପାଇ ଗାଡିର ପିଛା କରିଥିଲା। ଗାଡିକୁ ଡ୍ରାଇଭର ସିକୁଆଁକୁ ନେଇ ରଖିଦେଇ ଫେରାର ମାରିଥିବା ବେଳେ ପୁଲିସ ଗାଡି ସମେତ ଖଇର କାଠକୁ ଜବତ କରି ଦେଓଗାଁ ଥାନାକୁ ଆଣିଛି। ସୋମବାର ବନବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

## ପଥର ବୋଝେଇ ଟ୍ରାକ୍ଟର ଜବତ

ଦେଓଗାଁ, ୧୮ ।୫(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଉଡାର ନିକଟରେ ପଥର ବୋଝେଇ ଏକ ଟ୍ରାକ୍ଟରକୁ ଦେଓଗାଁ ପୁଲିସ ଜବତ କରିଥିବା ବେଳେ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁସାରେ ଉଡାରରୁ ସାଲେପାଲିକୁ ଟ୍ରାକ୍ଟର ନଂ ଓଡି୦୩ୱାଇ-୦୩୧୩ରେ ବେଆଇନ ଭାବେ ପଥର ବୋଝେଇ କରି ଯାଉଥିବା ବେଳେ ପୁଲିସ ଚଢ଼ଉ କରି ଗାଡି ସମେତ ପଥରକୁ ଜବତ କରିଥିବା ବେଳେ ଡ୍ରାଇଭର ଉଚ୍ଛବ ବିଶ୍ୱାଳକୁ ଅଟକ ରଖି ତଦନ୍ତ ଚଳାଇଛି।

## ଡକାୟତି ମାମଲାରେ ଦୋଷୀକୁ ୩ ବର୍ଷ ଜେଲ

ନୂଆପଡ଼ା /ଖଡ଼ିଆଳ, ୧୮।୫(ସମିସ): ଖଡିଆଳ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏକ ଡକାୟତି ମାମଲାର ଶୁଣାଣି କରି ୩ ଦୋଷୀମାନଙ୍କୁ ୩ ବର୍ଷ ଜେଲ ସହ ୧ ହଜାର ଟଙ୍କାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାନୁଯାୟୀ, ଗତ ୨୦୨୪ ନଭେମ୍ବର ମାସରେ ଖଡିଆଳ ଥାନା ବାଦୀ ଗାଁ ନିକଟରେ ମୂର୍ତ୍ତାଜା ଅଲି ନାମକ ଜଣେ କପଡ଼ା ବ୍ୟବସାୟୀକୁ ଅଭିଯୁକ୍ତ ରାଜା ଦୁରିଆ, ପଦ୍ମନ ପଟେଲ ଓ ସଞ୍ଜୟ ପଟେଲ ଅଟକାଇ ଛୁରୀ ଦେଖାଇ ବାଇକ, କପଡ଼ା ସହ ଟଙ୍କା ଲୁଟି ନେଇଥିଲେ। ଏନେଇ ଖଡ଼ିଆଳ ଥାନାରେ ଅଭିଯୋଗ ପରେ ପୁଲିସ ଉପରୋକ୍ତ ୩ ଅଭିଯୁକ୍ତମାନଙ୍କୁ ଗିରଫ କରି କେଶ ନମ୍ବର ୪୧୦/୨୪ରେ ମାମଲା ରୁଜୁ କରିଥିଲା। ଖଡ଼ିଆଳ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ମାମଲା ବିଚାରାଧୀନ ଥିଲା। ଆଠ ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଖଡିଆଳ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସମିକ୍ଷା ସା ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ଏପିପି ଅଖମଲ ସରିଫ ମାମଲାର ପରିଚାଳନା କରୁଥିବା ବେଳେ ଓଏପିଏଫ ସଞ୍ଜିବ ମାଝୀ ସହଯୋଗ କରିଥିଲେ।

## ଲଜ୍‌ରୁ ମୃତଦେହେ ଉଦ୍ଧାର

ନୂଆପଡ଼ା, ୧୮ ।୫ (ସମିସ): ନୂଆପଡ଼ା ସଦର ଥାନା ୩ ନମ୍ବର ୱାର୍ଡ ମାରୁତି ନଗରଠାରେ ଥିବା ନୀଳାଦ୍ରି ବିହାର କଲ୍ୟାଣ ମଣ୍ଡପ ଓ ଲଜ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ ପଡୋଶୀ ଛତିଶଗଡ଼ ଦୁର୍ଗ ଜିଲ୍ଲା ଭିଲାଇସ୍ଥିତ ଇଂସା ଗ୍ରାମର ଅମିତ ସିଂ (୪୮)। ରାୟପୁରର ଜଣେ ଠିକାଦାରଙ୍କ ପାଖରେ ସେ ମ୍ୟାନେଜର ଭାବରେ କାମ କରୁଥିଲେ। ଗୁରୁବାର ରାତିରେ ଆସି ନୀଳାଦ୍ରି ବିହାର କଲ୍ୟାଣ ମଣ୍ଡପ ଓ ଲଜର ୧୧୫ ନଂ ରୁମ୍‌ରେ ରହୁଥିଲେ। ଶନିବାର ସକାଳୁ ବରଗଡ଼ ଜିଲ୍ଲା ପାଇକମାଳରେ ଗାଡି ଭଡା ବାବଦକୁ ଟଙ୍କା ଆଦାୟ କରିବାକୁ ଯାଇ ରାତିରେ ଫେରିଥିଲେ। ରବିବାର ସକାଳୁ ମାଲିକଙ୍କ ଫୋନ ଉଠାଇ ନ ଥିଲେ। ସ୍କାଇଲାଇଟ ଭାଙ୍ଗି ଦେଖିବା ବେଳକୁ ତଳେ ପଡ଼ିଥିଲେ। ନୂଆପଡ଼ା ପୁଲିସ ସହାୟତାରେ କବାଟ ଭାଙ୍ଗି ଉଦ୍ଧାର କରିବା ପରେ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା; ହେଲେ ଅନେକ ସମୟରୁ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ପରିବାର ଲୋକ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ପୁଲିସ ଶବ ହସ୍ତାନ୍ତର କରିଛି।

## ଲୋକକଳା ଗବେଷକଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର, ୧୮ ।୫(ସମିସ): ବଲାଙ୍ଗିର ଜିଲ୍ଲାର ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ପୁଇଁନ୍ତଲାଗ୍ରାମସ୍ଥିତ ମହାଦେବ ମନ୍ଦିର ପରିସରରେ ଲୋକକଳାଗ୍ରାମ ପୁଇଁନ୍ତଲା ତରଫରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୁଇଁନ୍ତଲା ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ତରଣୀସେନ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ପୁଇଁନ୍ତଲା ସରପଞ୍ଚ ଦେବକୀ ସେଠ, ଜିଲ୍ଲା ପରିଷଦ ସଭ୍ୟ କୁମରମଣି ସେଠ, କଳାକାର ପ୍ରହଲ୍ଲାଦ ଦର୍ଜି, ସାମ୍ବାଦିକ ସନ୍ଦୀପ କୁମାର କୁଅଁର, ଲୋକ କଳାକାର ବିଜୟ ସାଏ, ଯୁବ ନାଟ୍ୟକାର ତଥା ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଥନାପତି ପ୍ରମୁଖ ଯୋଗଦେଇ ଡକ୍ଟର ନୀଳାଞ୍ଚଳ ନନ୍ଦ ଏବଂ ଡକ୍ଟର ବାସନ୍ତୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମାନପତ୍ର ପଠନ କରିଥିଲେ ମନ୍ଦିର ପୂଜକ ସରଜୁ ଥାନପତି କାର୍ଯ୍ୟକ୍ରମକୁ ପଞ୍ଚାନନ ସେଠ ପରିଚାଳନା କରିଥିଲେ।

## ବଙ୍ଗୋମୁଣ୍ଡା ବ୍ଲକ କୁରଲ ସମାଜ କମିଟି ଗଠିତ

ବଙ୍ଗୋମୁଣ୍ଡା, ୧୮ ।୫(ସମିସ):ବଙ୍ଗୋମୁଣ୍ଡାରେ ଶିବ ମନ୍ଦିର ଠାରେ ଟିଟିଲାଗଡ଼ ଉପଖଣ୍ଡ ସଭାପତି କୃଷ୍ଣଚନ୍ଦ୍ର ରଣାଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ କୁରାଲ ସମାଜର କର୍ମକର୍ତ୍ତା ଚୟନ କରାଗଲା। ବୈଠକ ରେ ୩୨ଟି ଗ୍ରାମରୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ଅକ୍ଷୟ ରଣା ଯୋଗ ଦେଇ ସଂଗଠନକୁ ମଜବୁତ୍ କରିବା ଉପରେ ଆଲୋକପାତ କରିଥିଲେ।ବ୍ଲକ ସଭାପତି ଭାବେ ନିରଞ୍ଜନ ରଣା, ସମ୍ପାଦକ ଚନ୍ଦ୍ର ରଣା, ଉପସଭାପତି ହୃଦାନନ୍ଦ ରଣା, କୋଷାଧକ୍ଷ ରମେଶ ଚନ୍ଦ୍ର ରଣା, ଉପଦେଷ୍ଟା ସୁଦାନ ରଣା, ଖଗେଶ୍ୱର ରଣା, ଗୌରାଙ୍ଗ ରଣା, ପବିତ୍ର ରଣା ବେଣୁଧର ରଣା ରାଧାମୋହନ ରଣା ମନୋନୀତ ହୋଇଛଥିଲେ। ଦୟା ରଣା, ଦେବରାଜ ରଣା ଦୃବ ରଣା, ଚକ୍ର ରଣା, ଗୁପତ ରଣା, ହରି ରଣା, ଗ୍ରାମ୍ୟ ସଭାପତି ହୃଦାନନ୍ଦ ରଣା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ମୋତୀଲାଲ୍ ରଣା ଧନ୍ୟବାଦ୍ ଦେଇଥିଲେ।

## ଜୁନାଗଡ଼ରେ ତ୍ରିରଙ୍ଗା ଶୋଭାଯାତ୍ରା

ଜୁନାଗଡ଼, ୧୮ ।୫ (ସମିସ): ଜୁନାଗଡ଼ରେ ତ୍ରିରଙ୍ଗା କମିଟି ତରଫରୁ ଏକ ବିଶାଳ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ଅବସରରେ ଜୁନାଗଡ଼ ହିଙ୍ଗିଳିବାହିଲି ଛକଠାରୁ ହାତୀ ନଦୀ ପର୍ଯ୍ୟନ୍ତ ଏକ ମୋଟର ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷି, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ, ସୁଧାଂଶୁ ବରାଡ, ଆଇନଜୀବୀ ହିମାଂଶୁ ବରାଡ, ଦିବ୍ୟ ଦୀପ, ବିଜୟ ଭୂଷଣ ଦଣ୍ଡସେନା, ସୁରେଶ୍ ବାଗ, ବିକ୍ରାନ୍ତ ପଟ୍ଟନାୟକ, ଶିବ ରାଉତ, ବିପୁଳ ବଣିଆ, ବଂଶୀଧର ମଶ୍ରା, ରଞ୍ଜନ ଜାଲ, କାଞ୍ଚନ ବାଗ, ଟଙ୍କଧର ନାଏକ, ହୃଦାନନ୍ଦ ପୁଝାରୀ ପ୍ରମୁଖ ସାମିଲ ହୋଇଥିଲେ।

# ନିଖୋଜ ଯବାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର

**ପାଟଣାଗଡ଼, ୧୮ ।୫(ସମିସ):**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ଘସିଏନ ଗାଁ ନିକଟସ୍ଥ ସୁକତେଲ ନଦୀ ପାଖ ଲାଚେନଗୁଡ଼ି ପଛପଟେ ଥିବା ଏକ ନିମ୍ବ ଗଛରେ ରବିବାର ସକାଳୁ ଜଣେ ସିଆରପିଏଫ୍ ଯବାନଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଛି। ମୃତ ଯବାନ ଜଣକ ଘସିଏନ ଗାଁର ଭକ୍ତରାମ ଭୋଇ ଓରଫ ଗଣେଶ ରାମ ଭୋଇ (୨୯)। ପରିବାର ବର୍ଗଙ୍କ ଲିଖିତ ଅଭିଯୋଗ ପରେ ଘଟଣାସ୍ଥଳକୁ ଲରମ୍ବା ଥାନାଧିକାରୀ ଓ ସାଇଣ୍ଟିଫିକ ଟିମ୍ ବଲାଙ୍ଗିରରୁ ପହଁଞ୍ଚି ମୃତଦେହକୁ ଗଛରୁ ଉଦ୍ଧାର କରି ତଦନ୍ତ କରି ଫେରିଛି। ପରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ବର୍ଗଙ୍କ ଅଭିଯୋଗ ଅନୁସାରେ ଭକ୍ତରାମ ଭୋଇ ୨୦୧୭ ମସିହାରେ ପ୍ରଥମେ ଛତିଶଗଡ଼ ରାଜ୍ୟରେ କୋବ୍ରା ଯବାନ ଭାବେ ଯୋଗ ଦେଇଥିଲେ ପରେ ଝାଡଖଣ୍ଡ ରାଜ୍ୟର ଲତିହାର ହେଡ଼ କ୍ୱାଟରରେ ସିଆରପିଏଫ୍ ଯବାନ ଭାବେ କାର୍ଯ୍ୟରତ ଥିଲେ। ଗତ ମାସ ଏପ୍ରିଲ ୧୭ ତାରିଖ ରେ ଗୋଟିଏ ମାସର ଛୁଟି ନେଇ ଗାଁକୁ ଆସିଥିଲେ। ଗତ ଶୁକ୍ରବାର ଦିନ ସନ୍ଧ୍ୟା ୬ ଟା ୩୦ ସମୟରେ ଶୌଚ ପାଇଁ ଯାଉଛି କହି ଘରୁ ବାହାରିଥିଲେ। ଆଉ ଘରକୁ ନ ଫେରିବାରୁ ପରିବାରଲୋକ ଖୋଜା ଖୋଜି କରିଥିଲେ। ଶନିବାର ଦିନ ନିଖୋଜ ଥିବା ନେଇ ଲରମ୍ବା ଥାନାରେ ପରିବାରଲୋକ ଲିଖିତ ଅଭିଯୋଗ କରିଥିଲେ। ରବିବାର ସକାଳୁ ନିମ୍ବ ଗଛରେ ଭକ୍ତରାମଙ୍କ ଶବ ଝୁଲୁଥିବା ଖବର ପାଇ ପୁଲିସ ପହଞ୍ଚିଥିଲା।ପ୍ରାଥମିକ ତଦନ୍ତରୁ ପୁଲିସ ଆତ୍ମହତ୍ୟା ବୋଲି କହୁଥିବା ବେଳେ ମୃତକଙ୍କ ପରିବାର ଲୋକେ ହତ୍ୟା କରାଯାଇ ନିମ୍ବ ଗଛରେ ଟାଙ୍ଗୀ ଦିଆଯାଇଛି ବୋଲି ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ମୃତ ଯବାନଙ୍କ ଝୁଲୁଥିବା ପାରିପାର୍ଶ୍ୱିକସ୍ଥିତିକୁ ଅନୁମାନ କଲେ ଜଣେ ବ୍ୟକ୍ତି ଗଛର ଚାରିପଟେ ରଶି ବାନ୍ଧି ଆତ୍ମହତ୍ୟା କରିବା ସମ୍ଭବ ନୁହେଁ ଓ ଆତ୍ମହତ୍ୟା ସମୟରେ ଦୁଇ ଗୋଡ଼ ପିଟିଛାଟି ହେବାର କୌଣସି ଚିହ୍ନ ମଧ୍ୟ ନାହିଁ।ଏପରିକି ଗୋଡ଼ ଦୁଇଟି ନ ଝୁଲି ତଳେ ଲାଗିଯାଇଛି। ତାଙ୍କୁ ହତ୍ୟା କରାଯାଇ ପରେ ଉକ୍ତ ନିମ୍ବ ଗଛରେ ଟାଙ୍ଗୀ ଦିଆଯାଇଛି ବୋଲି ପରିବାରଲୋକ ଅଭିଯୋଗ ଆଣିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଲରମ୍ବା ଥାନାଧିକାରୀ ଭାନୁ ଶଙ୍କର ଯାଦବ ସୂଚନା ଦେଇଛନ୍ତି।

## ନିଖୋଜ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋକସରା, ୧୮ ।୫(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ସୁନାମାଳ ଗାଁ ନିକଟସ୍ଥ ନଦୀ ପାଖରେ ଥିବା ଗଛରୁ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ମହିଳା ଜଣକ ସୁନାମାଳ ଗ୍ରାମର ଶକ୍ତି ପରାଭୋଏଙ୍କ ସ୍ତ୍ରୀ ବୈଜୟନ୍ତୀ ପରାଭୋଏ (୨୦)। ଶନିବାର ସନ୍ଧ୍ୟାରୁ ବୈଜୟନ୍ତୀ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ମିଳି ନ ଥିଲା। ରବିବାର ସକାଳୁ ମୃତଦେହ ମିଳିବା ପରେ ପରିବାର ଲୋକେ କୋକସରା ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିଲା। ପରିବାର ଲୋକଙ୍କ ଉପସ୍ଥିତରେ ଶବ ଜବତ କରାଯାଇଥିଲା। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

● କୋର୍ଟ ପରିସରରେ ମାରଣାସ୍ତ୍ର ଧରି ବୁଲିବା ଘଟଣା

## ଅଭିଯୁକ୍ତ ଯୁବକକୁ ଗିରଫ କଲା ପୁଲିସ



ଟିଟିଲାଗଡ଼, ୧୮ ।୫(ସମିସ):ଏକ ଅପ୍ରତ୍ୟାଶିତ ଘଟଣା କ୍ରମେ ଜଣେ ଯୁବକ ଏକ ଭୁଜାଲି ହାତରେ ଧରି ଶନିବାର ଅପରାହ୍ନରେ ଟିଟିଲାଗଡ଼ କୋର୍ଟରେ ପହଞ୍ଚିବା ଆଲୋଡନ ସୃଷ୍ଟି କରିଛି। ଅଦାଲତରେ ଅନେକ ଅପରାଧୀଙ୍କୁ ହାଜିରା କରାଯାଉଛି। ନ୍ୟାୟାଳୟ ପରିସରରେ କଡାସୁରକ୍ଷା ବ୍ୟବସ୍ଥା ଗ୍ରହଣ ସହ ଏକ ସୁରକ୍ଷିତ ଅଞ୍ଚଳ ଭାବରେ ବିବେଚନା କରାଯାଏ। ଏଭଳିସ୍ଥଳେ କୋର୍ଟ ପରିସରରେ କିଭଳି ମାରଣାସ୍ତ୍ର ଧରି ଜଣେ ଯୁବକ ପ୍ରବେଶ କରି ଘୁରି ବୁଲିବା ଏବଂ ଅନାୟାସରେ ଚାଲିଯିବା ଚର୍ଚ୍ଚାର ବିଷୟ ହୋଇଛି। ମାରଣାସ୍ତ୍ର ଧରିଥିବା ଯୁବକ ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲା ଦୌରା ତଥା ସେସନ ବିଚାରପତିଙ୍କ ପ୍ରକୋଷ୍ଠ ସମ୍ମୁଖରେ ଅପରାହ୍ନ ପ୍ରାୟ ୧ ଟାରେ ବୁଲୁଥିବା କୋର୍ଟର ସିସିଟିଭିରେ କଏଦ ହୋଇଛି। ସେ କାହାକୁ ଖୋଜୁଥିଲା ତାହା ସ୍ପଷ୍ଟ ଭାବରେ ଜଣାପଡ଼ିନାହିଁ। ଉକ୍ତ ଯୁବକ ଜଣଙ୍କ ଟିଟିଲାଗଡ଼ ସହରର ମନୋଜ ଜାନି ବୋଲି ଜଣାପଡ଼ିଛି। ଟିଟିଲାଗଡ଼ ଥାନା ପୁଲିସ ରବିବାର ଉକ୍ତ ଯୁବକଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ଅଦାଲତରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ମନ୍ଦିର ପ୍ରତିଷ୍ଠା ଉତ୍ସବ

କୋମନା, ୧୮ ।୫(ସମିସ): କୋମନା ଗଡ଼ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଛି। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ୮ ଦେବାଦେବୀ ଯୋଗ ଦେଇଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପ୍ତ ହେବା ପରେ ସମସ୍ତ ଦେବାଦେବୀ ନିଜ ପୀଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦେବଦେବୀଙ୍କୁ ଯେଉଁ ଭଳି ଭବ୍ୟ ସ୍ୱାଗତ କରାଯାଇଥିଲା ଯାତ୍ରା ଶେଷ ହେବାପରେ ପୂର୍ବବତ ବିଦାୟ ଦିଆଯାଇଚି। ଦେଓଦରହାର ପ୍ରସିଦ୍ଧ ମାଁ ଇନ୍ଦ୍ରାଣୀ ଦେବୀ କୋମନା ଗଡ଼ରୁ ବାହାରି ନିଜ ପୀଠରେ ପହଞ୍ଚିଛନ୍ତି। ପ୍ରତ୍ୟାବର୍ତ୍ତନ ସମୟରେ ମାଁ ଇନ୍ଦ୍ରାଣୀଙ୍କୁ ବିଭିନ୍ନ ଗାଁରେ ପୂଜାର୍ଚ୍ଚନା କରି ଭକ୍ତ ମାଁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପୂଜକ ଧବଳେଶ୍ୱର ପୁଝାରୀ, ରାମେଶ୍ୱର ଛତ୍ରିଆ, ଜୟସିଂ ଛତ୍ରିଆ, ଉଦ୍ଧେଶ୍ୱର ଚିନ୍ଦା, ମୁରଲୀଧର ଭୋଇ, ମହେନ୍ଦ୍ର ଦୀପ, ମହାଦେବ ଦୀପ, ସମିତିସଭ୍ୟ ଶୋଭା ମାଝି, ଟୁନା ପୁଝାରୀ ପ୍ରମୁଖ ମାଁଙ୍କ ସହ ପରିକ୍ରମା କରିଥିଲେ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର କାର୍ଯ୍ୟକର୍ତ୍ତା ସମ୍ମିଳନୀ



**ଭବାନୀପାଟଣା, ୧୮ ।୫(ସମିସ):** ସାହିତ୍ୟ ଜାଣେନି କିଏ ପର ଆଉ କିଏ ଆପଣାର। ସାହିତ୍ୟ କେବଳ ଯୋଡିବାର କାମ କରିଥାଏ। ସଂସ୍କୃତି ଓ ସଂସ୍କାରର ପ୍ରଚାର କରେ ସାହିତ୍ୟ। ସାଧାରଣ ଲୋକ ବୁଝିପାରୁଥିବା ଭଳି ଭାଷାର ସର୍ଜନା ହିଁ ଲେଖକୀୟ ସାର୍ଥକତା ବଢ଼ାଏ। ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଏହି ମତ ପ୍ରକାଶ ପାଇଛି। ବରିଷ୍ଠ କବି ଜଗଦୀଶ୍ୱର ମୁଣ୍ଡଙ୍କ ପୌରୋହିତ୍ୟରେ ଭବାନୀପାଟଣାସ୍ଥ ପ୍ରଦକ୍ଷଣ ଗୃହ ପରିସରରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସହସଂଗଠନ ମନ୍ତ୍ରୀ ମନୋଜ ଜୀ, ପରିଷଦର ଓଡ଼ିଶା କ୍ଷେତ୍ର ସଂଗଠନ ସମ୍ପାଦକ ନାରାୟଣ ନାୟକ ଓ ରାଜ୍ୟ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। କଳାହାଣ୍ଡି ଜିଲ୍ଲା ସଂଯୋଜକ ମନୋଜ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରଘୁନାଥ ଓଝା, ଅଧ୍ୟାପକ ଦେବୀ ପ୍ରସାଦ କର, ଡ. ଭବାନୀ ଦାଶ, ଏମ. ବାଳମୁରଲୀ କୃଷ୍ଣ, ଧବଳେଶ୍ୱର ପାତ୍ର, ଖଗେଶ୍ୱର ବାଗ, ଏମ. ଶବର, ଡ. ସୂର୍ଯ୍ୟନାରାୟଣ ପଣ୍ଡା, ସୁଦେଷ୍ଣା ପଣ୍ଡା, ରମେଶ ସାହୁ, ବିରଞ୍ଚି ନାରାୟଣ ମୁଣ୍ଡ ପ୍ରମୁଖ ଆଲୋଚକ ଭାବେ ଯେଗ ଦେଇଥିଲେ।

## ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ



**ଲାଞ୍ଜିଗଡ଼, ୧୮ ।୫(ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜନଔଷଧି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ଫାର୍ମାସିଷ୍ଟ ମନୀଷ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରର ସତ୍ତ୍ୱାଧିକାରୀ ଦମୟନ୍ତୀ ସାହୁ ଉପସ୍ଥିତ ଥିଲେ।

## ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଧର୍ମଗଡ଼, ୧୮ ।୫(ସମିସ): ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ବାଙ୍କିମୁଣ୍ଡାରେ ନାମଯଜ୍ଞ ପାଇଁ ରବିବାର ଶୁଭ ଖମ୍ବ ସ୍ଥାପନ ହୋଇଛି। ପ୍ରଭାତ ତିୱାରୀ ଓ ପୁଷ୍ପାଞ୍ଜଳି ତିୱାରୀ କର୍ତ୍ତା ରୂପରେ ଦାୟିତ୍ୱ ତୁଲାଇଛନ୍ତି। ଗୋପାଳଜୀ ଠାକୁର ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ। ଦେବୀ ଦନ୍ତେଶ୍ୱରୀ ପୂଜାରୀ ଓ ଉଜ୍ୱଳ ସିଂ ପୁଝାରୀ ମାଟି ପୂଜନ ସହ ଅଙ୍କୁରୋପଣ କାର୍ଯ୍ୟ କରିଥିଲେ। ତେବେ ନାମ ଯଜ୍ଞ ସରିବା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ୨୨ ତାରିଖ ଯାଏ ଗ୍ରାମବାସୀ ଆମିସ ଓ ମଦ୍ୟପାନ ସମ୍ପୂର୍ଣ୍ଣ ବର୍ଜନ ପାଇଁ ସଂକଳ୍ପ ନେଇଥିଲେ। ପ୍ରେମ କାଣ୍ଡ, ସର୍ଦ୍ଧାକର ମାଝୀ, ଉଜ୍ୱଳ ସିଂହ ପୁଝାରୀ, ମଙ୍ଗଲୁ ପୁଝାରୀ, ଗୋନ୍ତିଆ ଚିତ୍ତରଞ୍ଜନ ପୁଝାରୀ, ପ୍ରଶାନ୍ତ ତିୱାରୀ ପ୍ରମୁଖ ସହଯୋଗ କରିଥିଲେ।

## ଲେଖକ ଦେଖା କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ୧୮ ।୫(ସମିସ):** କଣ୍ଟାବାଞ୍ଜି କେ.ଭି ମହା ବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ସୋନପୁରର ବିଶିଷ୍ଟ ଗବେଷକ ଡ. ଦେବାଶିଷ ପାଣିଆ, ତରଭାରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରମେଶ ପତ୍ରୀ, ବଲାଙ୍ଗିର ଜିଲ୍ଲା ତୁଷୁରାରେ ବିଶିଷ୍ଟ ସାହିତ୍ୟିକ ତୁଳଶୀ ରାମ ଜୈନ ପ୍ରମୁଖଙ୍କୁ ସାକ୍ଷାତ କରି ତାଙ୍କ ଜୀବନ ଓ ସୃଜନ ବିଷୟରେ ଦୀର୍ଘ ସମୟ ଧରି ପ୍ରଶ୍ନ ସବୁ ପଚାରି ଥିଲେ। ଛାତ୍ର ରାଜା ମହଲା, ଛାତ୍ରୀ ସୋନାଲି ସତାପଥି, ବିନିତା ପଣ୍ଡା, ବେବି ରଥ, ମାମିନା ମେହେର, ମାନଶୀ



ମେହେର, ଶୁଭଶ୍ରୀ ବିଶ୍ୱାଳ, ଅଙ୍କିତା ନାଏକ, ବେବି ମହାକୁର, ମଲ୍ଲିକା ଏ ତରନୁମ ପରବିନ, ଦୁଷ୍ମନ୍ତ ମହାନନ୍ଦ, କ୍ଷୀରୋଜ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ପୃକ୍ତ ଲେଖକମାନଙ୍କୁ ତାଙ୍କ ସାହିତ୍ୟ ଉପରେ ଗବେଷଣା କରାଯାଇ ପ୍ରସ୍ତୁତ କରାଯାଇଥିବା ନିବନ୍ଧ ଗୁଡିକୁ ପ୍ରଦାନ କରାଯାଇଥିଲା। କଣ୍ଟାବାଞ୍ଜି ମହା ବିଦ୍ୟାଳୟର ଲେଖକ ଦେଖା କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଉଛି। ଛାତ୍ର ଛାତ୍ରୀଙ୍କୁ ସୃଜନ ମନସ୍କ କରିବା ଓ ତାଙ୍କ ମଧ୍ୟରେ ସୃଜନୀ ଶକ୍ତିର ବିକାଶ କରିବା ସହ ପୂଜ୍ୟପୂଜା ପରମ୍ପରା ବଜାୟ ରଖିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ମତ ଦେଇଥିଲେ ଡ.ସଞ୍ଜୟ କୁମାର ମିଶ୍ର। ଅଧ୍ୟାପକ ଜୟ କୁମାର ଆଚାର୍ଯ୍ୟ, ଅରୁଣ ଖୁଆସ, ପଞ୍ଚାନନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## କାର୍ଯ୍ୟାଦେଶ ବଣ୍ଟନ କଲେ ବିଧାୟକ

କଣ୍ଟାବାଞ୍ଜି, ୧୮ ।୫(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଧାୟକ ଲକ୍ଷ୍ମଣ ବାଗ ରବିବାର ବଙ୍ଗୋମୁଣ୍ଡା ବ୍ଲକ ଗସ୍ତକରି ୧୭ଟି ଗାଁରେ ବିଧାୟକ ଉନ୍ନୟନ ପାଣ୍ଠିର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ସେ ବଙ୍ଗୋମୁଣ୍ଡା ବ୍ଲକର ଚାଉଳିଆ, ଗନ୍ଧରାବନ୍ଧ, ବାଦିଚକା, ଭୁସଲାଡ, ମାମିଆଁ, ପୁରୁନିଆପାଲି, ଭାନପୁର୍, ପୁଟୁପଡ଼ା, ଲୋହୋରାପାଲି, ବାଳବେଙ୍ଗ, ଆଲଣ୍ଡା, ବଗର୍ତ୍ତିପଡ଼ା, ରାନୀପୁର, ପୁଡ଼ାପାଲି, ବାହାବଲ ଗାଁରେ ପ୍ରହରୀ ମଣ୍ଡପ, ରାସ୍ତା, କ୍ଲବ୍ ଘର ନିର୍ମାଣ ପାଇଁ ଭୂମିପୂଜନ କରିଥିଲେ।

## କୂଅରେ ପଡ଼ି ଭାଲୁର ମୃତ୍ୟୁ

କେସିଙ୍ଗା, ୧୮ ।୫(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପଥର୍ଲାର ଏକ ବିଲରେ ପଡ଼ି ଗୋଟିଏ ଭାଲୁର ମୃତ୍ୟୁ ଘଟିଛି। ବିରାଜ ପଟେଲଙ୍କ ଚାଷ ଜମିରେ ଥିବା କୂଅରୁ ଭାଲୁର ମୃତଦେହକୁ ବନ ବିଭାଗ ଉପସ୍ଥିତିରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ରବିବାର ଭୋର ୫ଟା ବେଳେ ଜମି ମାଲିକ ଶ୍ରୀ ପଟେଲ ବଡିରେ ପାଣି ଦେବା ପାଇଁ ଯାଇଥିଲାବେଳେ କୂଅରେ ଭାଲୁଟି ମରି ଭାସୁଥିବା ଦେଖିଥିଲେ। ଏହାପରେ ସେ ବନ ବିଭାଗକୁ ଜଣାଇଥିଲେ।



ବନ ବିଭାଗଠାରୁ ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ଥିଲା। ବ୍ୟବଚ୍ଛେଦ ପରେ ନିକଟସ୍ଥ ଜଙ୍ଗଲରେ ବନ ବିଭାଗ ଭାଲୁଟିର ମୃତଦେହକୁ ପୋତି ଦେଇଛି।

# ତେଜୁଛି ବନ ବିଭାଗ କର୍ମଚାରୀଙ୍କୁ ଗାଁ ମନା ଅଭିଯାନ

**ସିନାପାଲି, ୧୮ ।୫(ସମିସ):**

ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି ଡାକରା ଦେଇଥିବା ବନ ବିଭାଗକୁ ଗାଁ ମନା ଅଭିଯାନ ପ୍ରତିବାଦ ତେଜିବାରେ ଲାଗିଛି। ବିଭିନ୍ନ ଗାଁରେ ବ୍ୟାନର ଲଗାଇ ଗାଁ ଲୋକେ ପ୍ରତିବାଦ କରୁଛନ୍ତି। ଏହା ସହ ନିଜର ହକ୍ ତଥା ଅଧିକାର ନ ପାଇବା ଯାଏଁ ପ୍ରତିବାଦ ଜାରି ରହିବ ବୋଲି ନିଷ୍ପତ୍ତି ନେଇଛନ୍ତି। ରବିରାର ଉପାନ୍ତ ନୂଆମାଳପଡ଼ା ପଞ୍ଚାୟତ ଡଙ୍ଗର ଗାଁରେ ବିରାଟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟିର ବ୍ଲକ ସଭାପତି ହନୁରାମ ମାଝି ସଭାପତିତ୍ୱ କରିଥିଲେ। ନୂଆପଡ଼ା ଜିଲ୍ଲାର ଅନୁସୂଚୀତ ଜନ ଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନେ ଜଙ୍ଗଲ ଜମି ଦଖଲ କରି ପୁରୁଷାନୁକ୍ରମେ ଚାଷବାସ କରୁଛନ୍ତି। ସେମାନେ ଏହିଭଳି ଭାବେ ପରିବାର ପ୍ରତିପୋଷଣ କରିବା ସହ ଜଙ୍ଗଲଜାତ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ଜୀବିକା ନିର୍ବାହ କରି ଆସୁଛନ୍ତି। ଏଣୁ ଏହି ଜମିର ଅଧିକାର ପାଇଁ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି; ହେଲେ ବନ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଅସହଯୋଗ କରି ମାପ କାର୍ଯ୍ୟରେ ବିଳମ୍ବ କରୁଛି। ଏପରିକି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜଙ୍ଗଲ ଅଧିକାର ଆଇନ-୨୦୦୬ ସଂଶୋଧିତ ଆଇନ ୨୦୧୨କୁ ଠିକ ଭାବରେ କାର୍ଯ୍ୟକାରୀ କରୁ ନ ଥିବା ନେଇ କମିଟି କ୍ଷୋଭ ପ୍ରକାଶ କରିଛି। ସେହିପରି ପଟ୍ଟା ପାଇବାରୁ ବଞ୍ଚିତ ଆଦିବାସୀ ଓ ଅନ୍ୟାନ୍ୟା ବର୍ଗର ଅଣ ଆଦିବାସୀଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ, ଅଣ ରାଜସ୍ୱ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଓ ଗୋଷ୍ଠୀଗତ ଅଧିକାର ପ୍ରଦାନ, ମୋ ଜଙ୍ଗଲ ଜମି ଯୋଜନା କାର୍ଯ୍ୟକାରିତା ପ୍ରମୁଖ ଦାବି ନେଇ ଏହି ଅଭିଯାନ ମାଧ୍ୟମରେ ପ୍ରତିବାଦ କରାଯାଇଛି। ଏହା ପୂର୍ବରୁ ବାରମ୍ବାର ଆନ୍ଦୋଳନ ଓ ଗଣ ଧାରଣା ଦିଆଯାଇ ଥିବା ବେଳେ କୌଣସି ସୁଫଳ ମିଳିନାହିଁ। ଏହା ଫଳରେ ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଉଛି। ଏ ସବୁ କାର୍ଯ୍ୟକାରୀ ନ ହେଲେ ବିରାଟ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଏହି ସମାବେଶରେ ନୂଆମାଳପଡ଼ା, ଖଦାପଡ଼ା, ପୋର୍ଟିପଡ଼ା ଓ ଡଙ୍ଗର ଗାଁ ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଆଦିବାସୀ ଓ ପାରମ୍ପରିକ ବନବାସୀ ଯୋଗ ଦେଇଥିଲେ। କମିଟିର ଜିଲ୍ଲା ସଂଯୋଜକ ମେଘନାଦ ଖର୍ସେଲ, ଖୁଟୁରାମ ସୁନାନୀ, ଶୁଭ୍ରାଂଶୁ ନାଏକ, ଟୋପଚନ ମାଝି, କ୍ଷୀରସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏକ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

● ଡଙ୍ଗର ଗାଁରେ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟିର ସମାବେଶ

# ଖରାରେ ଧବଳେଶ୍ୱରଙ୍କ ଦର୍ଶନ କରୁଛନ୍ତି ଭକ୍ତ

## ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି

ଆଠଗଡ଼,୧୮।୫(ସମିସ):



ନିଜର ମନବାଞ୍ଛା ପୂରଣ ହେଉ ଅବା କିଛି ମାନସିକ ହେଉ ଅଥବା ଶ୍ରଦ୍ଧାରେ, ଭକ୍ତଟିଏ ଧାଇଁ ଆସେ ମହାପ୍ରଭୁ ଧବଳେଶ୍ୱରଙ୍କୁ ଦର୍ଶନ ଟିକେ କରି ଆଶିଷ ଆର୍ଶିବାଦ କାମନା ପାଇଁ। ସ୍ଥାନୀୟ ପ୍ରଶାସନ ବା ସ୍ଥାନୀୟ ଦେବୋତ୍ତର ବିଭାଗ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁବିଧା ନିମନ୍ତେ ସେହିଭଳି ସୁବିଧା ସୁଯୋଗ ଯୋଗାଇଦେବାର ଆବଶ୍ୟକତା ରହିଛି। ଚଳିତ ବର୍ଷର ମୁଣ୍ଡଫଟା ଟାଣଖରା ଧବଳେଶ୍ୱରଙ୍କୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରୁ ତ୍ରାହି ପାଇବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପାଖାପାଖି ଦେଢ଼ କିଲୋମିଟର ଦୂରରୁ ଚାଲିବାକୁ ପଡୁଛି ଭକ୍ତମାନଙ୍କୁ। ଖରାରୁ ତ୍ରାହି ପାଇବା ପାଇଁ ସ୍ଥାନୀୟ ପ୍ରଶାସନ ବା ଦେବୋତ୍ତର ବିଭାଗ ପକ୍ଷରୁ ସେମିତି କିଛି ସୁବିଧା ସୁଯୋଗ ନ ଥିବା ବେଳେ ଧବଳେଶ୍ୱରଙ୍କୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନଙ୍କ ମନୋବଳ ଭାଙ୍ଗିଯାଉଛି। କଟକ ଜିଲ୍ଲା ଆଠଗଡ଼ରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ହେଉଛି ବାବା ଧବଳେଶ୍ୱରଙ୍କ ପୀଠ, ବର୍ଷ ତମାମ ବାବାଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଛୁଟି ଆସନ୍ତି ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁମାନେ। କିମ୍ବଦନ୍ତୀ ରହିଛି ଯେ, ବାବା ଧବଳେଶ୍ୱର କଳା ବଳଦକୁ ଧଳା କରିଥିବାରୁ ବାବା ଧବଳେଶ୍ୱରଙ୍କ ନାମରେ ସାରା ବିଶ୍ୱରେ ପ୍ରସିଦ୍ଧ। କାର୍ତ୍ତିକ ମାସର ପଞ୍ଚକ ଯାତ୍ରା ଓ ଶ୍ରାବଣ ମାସର ଶ୍ରାବଣୀ ଭାର ଯାତ୍ରା ଏବଂ ଜାଗର ଯାତ୍ରାରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଜନ ସମାଗମ ଜିଲ୍ଲା ପ୍ରଶାସନକୁ ଦୃଷ୍ଟି ଦେବା ପାଇଁ ବାଧ କରିଥାଏ। ଗୁଜୁରାଟର ଝୁଲା ପୋଲ ଟ୍ରାଜେଡି ପରେ ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଝୁଲା ପୋଲକୁ ବନ୍ଦ କରି ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କଂକ୍ରିଟ ପୋଲ ନିର୍ମାଣ କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ନିମନ୍ତେ ଛଡା ଯାଉଛି। ସବୁଠୁ ଆର୍ଶ୍ଚର୍ଯ୍ୟର କଥା ଏହି କଂକ୍ରିଟ ପୋଲରେ କେବଳ ବଡ ବଡିଆ ମାନେ ଓ ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସମ୍ପର୍କୀୟଙ୍କୁ ଯାନବାହାନ ଯୋଗେ ଦର୍ଶନ ନିମନ୍ତେ ଛଡା ଯାଉଥିବା ଅଭିଯୋଗ ହେଉଛି।

# ଅଟାଳି ଜଗନ୍ନାଥଙ୍କ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି

ଆଠଗଡ଼,୧୮।୫(ସମିସ): ଆଠଗଡର ଆରାଧ୍ୟ ଅଟାଳି ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ନିମନ୍ତେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟୀ କଲେକ୍ଟର ଅଭିପ୍ସା ମହାନ୍ତି ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ରଥଯାତ୍ରାର ବିସ୍ତୃତ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ରଥ ନିର୍ମାଣ କାର୍ଯ୍ୟ ତା ୧୮.୦୫.୨୦୨୫ରିଖ ଠାରୁ ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ ହେବ। ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ କାରିଗରଙ୍କ ଦ୍ୱାରା ଏହାର ନିର୍ମାଣ ସମାପ୍ତି କାର୍ଯ୍ୟକୁ ତନଖି କରିବାକୁ ସଂପୃକ୍ତ ଅଧିକାରୀଙ୍କୁ ଡେପୁଟୀ କଲେକ୍ଟର ନିର୍ଦ୍ଦେଶ ଦେଇଥିଲେ। ଦେବସ୍ନାନ ପୂର୍ଣ୍ଣିମା ତା ୧୧.୦୬.୨୦୨୫, ନେତ୍ର ଉତ୍ସବ ତା ୨୬.୦୬.୨୦୨୫ରିଖ, ଶ୍ରୀଗୁଣ୍ଡିଚା ଯାତ୍ରା ତା ୨୭.୦୬.୨୦୨୫, ହେରା ପଞ୍ଚମୀ ୧.୦୭.୨୦୨୫, ବାହୁଡା ଯାତ୍ରା ୫.୦୭.୨୦୨୫ରିଖ, ସୁନାବେଶ ତା ୦୬.୦୭.୨୦୨୫ ରିଖ, ଅଧରପଣା ୭. ୭. ୨୦୨୫ରିଖ ଏବଂ ନିଳାଦ୍ରୀ ବିଜେ ତା ୮.୭.୨୦୨୫ ରିଖରେ ଅନୁଷ୍ଠିତ ହେବା ପାଇଁ ବୈଠକରେ ସ୍ଥିର କରାଗଲା। ଚଳିତ ବର୍ଷ ଅପରାହ୍ନ ୪ ଘଟିକାରେ ରଥ ଟଣା କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ବୈଠକରେ ନିଷ୍ପତ୍ତି କରାଗଲା। ରଥଯାତ୍ରା ଉପଲକ୍ଷେ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ପାନୀୟ ଜଳ, ପରିମଳ ବ୍ୟବସ୍ଥା, ରଥ ଖଳା ପରିଷ୍କାର ଓ ପରିଚ୍ଛନ୍ନ, ବିଦ୍ୟୁତ ସରବରାହ, ଆଶୁଚିକିତ୍ସା, ଯାନବାହାନ ନିୟନ୍ତ୍ରଣ, ଯାନରହଣୀ ସ୍ଥାନ, ଆଇନଶୃଙ୍ଖଳା, ସୂଚନା କେନ୍ଦ୍ର ଇତ୍ୟାଦି କିପରି ସୂଚାରୁ ରୂପେ ହୋଇପାରିବ ତାହା ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ରଥଯାତ୍ରାକୁ ବ୍ୟବସ୍ଥିତ ଢଙ୍ଗରେ କରିବା ପାଇଁ ରଥଯାତ୍ରା ସହ ସଂପୃକ୍ତ ଅଧିକାରୀଙ୍କ ସହ ଡେପୁଟୀ କଲେକ୍ଟର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ ସସ୍ମିତା ରାଉତ, ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ଆଠଗଡ଼ ଭାରପ୍ରାପ୍ତ ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି, ରାଜପୁରୋଧା ସୁଶାନ୍ତ ମିଶ୍ର, ସଂକୀର୍ତ୍ତନ ଅଧିକାରୀ ଅଜୟ କୁମାର ଦାସ, ଆଠଗଡ ରଥଯାତ୍ରା ସହ ସଂପୃକ୍ତ ସମସ୍ତ ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି, ଦେବୋତ୍ତର ବିଭାଗର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିବା ବେଳେ ସହକାରୀ ଜିଲ୍ଲାପାଳ କାଜଲ ମଲ୍ଲିକ ଧନ୍ୟବାଦ ଦେଇଥିଲେ।



■ ରାସ୍ତା ସୁରକ୍ଷା ପାଚେରୀ ନିର୍ମାଣ କାର୍ଯ୍ୟ ନିମ୍ନମାନର

# ଅଭିଯୋଗ ପରେ କାମ ବନ୍ଦ କଲେ ଗ୍ରାମବାସୀ

ନିଶ୍ଚିନ୍ତକୋଇଲି,୧୮।୫(ସମିସ): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବର୍ତ୍ତମାନ କେନ୍ଦୁପାଟଣା-ରାମକୃଷ୍ଣପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏକ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାସ୍ତାରେ ଅନ୍ତର୍ଭୁକ୍ତ ୮-ଏ କେନାଲ ବନ୍ଧକୁ ଜହ୍ନିଆ ଠାରୁ ଛୁଆଳିଆ ପର୍ଯ୍ୟନ୍ତ ଓସାରିଆ କରିବା ନିମନ୍ତେ ରାସ୍ତାର ସୁରକ୍ଷା ପାଚେରୀ ନିର୍ମାଣ କରାଯାଉଛି। ଏହି ସୁରକ୍ଷା ପାଚେରୀ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଛୁଆଳିଆ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରୀ ନୀତି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଇ ଆଜି କାର୍ଯ୍ୟ କରାଯାଉଥିବା ଦେଖି ଗ୍ରାମବାସୀମାନେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ମୋବାଇଲ ଯୋଗେ ଅବଗତ କରାଇଥିଲେ। ସମ୍ପୃକ୍ତ ଯନ୍ତ୍ରୀ ଜଣକ ଘଟଣା ସ୍ଥଳକୁ ନ ଆସିବାରୁ ଗ୍ରାମବାସୀମାନେ କିଛି ସମୟ କାର୍ଯ୍ୟ ବନ୍ଦ କରିଦେଇଥିବା ଜଣାଯାଇଛି। ସୁରକ୍ଷା ପାଚେରୀ ନିର୍ମାଣ ହେବା ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେହି ତଦାରଖ କରୁ ନ ଥିବା ବେଳେ ଠିକାଦାର ଏହାର ସୁଯୋଗ ନେଇ ମନଇଚ୍ଛା କାର୍ଯ୍ୟ କରୁଥିବା ଦେଖାଯାଇଛି। ନିୟମ ଅନୁଯାୟୀ ସୁରକ୍ଷା ପାଚେରୀ ନିର୍ମାଣ ସମୟରେ ତଳେ କରାଯାଉଥିବା ମେଣ୍ଟାଲିଂରେ ସଠିକ୍ ଭାବେ ବାଲି, ଗୋଡ଼ି, ସିମେଣ୍ଟ ମିଶ୍ରଣ ଦିଆଯାଉ ନ ଥିବା ବେଳେ ଏଥିରେ ଭ୍ରାଇବ୍ରେଟର ଚଳାଯାଉ ନ ଥିବା ଅଭିଯୋଗ ହେଉଛି। ଯେତିକି କାର୍ଯ୍ୟ କରାଯାଉଛି ସେଥିରେ ସଠିକ୍ ଭାବେ ପାଣି ଦିଆଯାଉ ନ ଥିବାରୁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହି ସୁରକ୍ଷା ପାଚେରୀ ନିର୍ମାଣ କାର୍ଯ୍ୟକୁ ସଠିକ୍ ଭାବେ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।



# ଯୋରନ୍ଦା ସେକ୍ଟରରେ ଜାତୀୟ ଡେଙ୍ଗୁ ଦିବସ



ଆଠଗଡ଼,୧୮।୫(ସମିସ): ଶୁକ୍ରବାର ଯୋରନ୍ଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଯୋରନ୍ଦା ସେକ୍ଟରର ସମୂହ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଯୋରନ୍ଦା ସେକ୍ଟରର ବରିଷ୍ଠ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ୍ ଅସ୍‌ଲମଙ୍କ ସଂଯୋଜନାରେ ରାଧାଗୋବିନ୍ଦପୁର ପଞ୍ଚାୟତର ଗୋବିନ୍ଦମାଧବପୁର ବିଦ୍ୟାଳୟ ପରିସରଠାରେ ଜାତୀୟ ଡେଙ୍ଗୁ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟକର୍ମୀ, ସିଏଚ୍‌ଓ, ଅଙ୍ଗନବାଡି କର୍ମୀ ସସ୍ମିତା ସେଠୀ, ଆଶାକର୍ମୀ ଆରତୀ ବେଉରା, ଗାଁ କଲ୍ୟାଣ ସମିତିର ସଭ୍ୟସଭ୍ୟା ଯୋଗଦାନ କରିଥିଲେ। ଡେଙ୍ଗୁ ଏକ ମଶାବାହିତ ଭୂତାଣୁଜନିତ ଘାତକ ରୋଗ, କିନ୍ତୁ ଏହାର ସଫଳ ପ୍ରତିରୋଧ ସମ୍ଭବ ବୋଲି ଆଲୋଚନା ହେଇଥିଲା। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପୀଡା ନିବାରକ ଔଷଧ ଖାଆନ୍ତୁ ନାହିଁ ବୋଲି ପରାମର୍ଶ ପ୍ରଦାନ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମ ସହ ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟ ପରିସର ସଫେଇ କରାଯାଇଥିଲା। ସର୍ବଶେଷରେ ସଚେତନତା ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ମାଧ୍ୟମରେ ଗାଁ ପରିକ୍ରମା କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି,୧୮।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଥିବା ମେଧାବୀ ଛାତ୍ରୀ ପ୍ରଜ୍ଞା ସମୀକ୍ଷା ଦାସଙ୍କୁ ମହେଶ୍ୱର ପ୍ରତିଭା ପରିଷଦ ଓସ୍ତପୁର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପୃକ୍ତ ଛାତ୍ରୀ ଜଣକ ଏହି ବ୍ଲକ ଅନ୍ତର୍ଗତ ଖଣ୍ଡାୟତ ପଟକିରା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ଓରତି ପଞ୍ଚାୟତ ସ୍ଥିତ ବାରସାହି ଠାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସୁଧୀର କୁମାର ଶତପଥୀଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ ପଣ୍ଡା, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ବିଜୟ ପରିଡ଼ା, ପରିବେଶବିତ ନିରଞ୍ଜନ ସାହୁ, ସମାଜସେବୀ ଧୂଳେଶ୍ୱର ଶତପଥୀ ପ୍ରମୁଖ ଯୋଗଦେଇ ସମ୍ପୃକ୍ତ ଛାତ୍ରୀଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରତିଭା ପରିଷଦର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିଲା।



# କଂଗ୍ରେସ ନେତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଚୌଦ୍ୱାର,୧୮।୫(ସମିସ): ବରିଷ୍ଠ କଂଗ୍ରେସ ନେତା ତଥା ଚୌଦ୍ୱାର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ପୂର୍ବତନ ଉପସଭାପତି କିଶୋର ଚନ୍ଦ୍ର ସାମଲଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତି ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଦୋଳଯାତ୍ରା ପଡିଆ ସ୍ଥିତ କଳାନିକେତନ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟଅଧ୍ୟକ୍ଷ ଦାମୋଦର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ଜୀବନୀ ଉପରେ ଆଲୋକପାତ କରି ଚୌଦ୍ୱାରର ଉନ୍ନତି ଓ ପ୍ରଗତି ଦିଗରେ ତାଙ୍କର ଅବଦାନ ବଖାଣି ଥିଲେ। ଜାତୀୟ କଂଗ୍ରେସକୁ ବଞ୍ଚାଇ ରଖିବା ପାଇଁ ସ୍ୱର୍ଗତ ସାମଲ କେବେ ବିଚ୍ୟୁତ ହୋଇ ନ ଥିବା ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପୌର ନଗରପାଳ ପ୍ରେମଚାନ୍ଦ ନାୟକ, କଂଗ୍ରେସ ନେତା ଜିନେଶ ଦାସ, ବିଜେପି ନେତା ପ୍ରଶାନ୍ତ କୁମାର ହୋତା, ବିମଳ ବେଉରା, ରାଜକିଶୋର ସାମନ୍ତରାୟ, ଛାତ୍ର ସଂସଦର ସଂପାଦକ କେଶବ ସାହୁ, ରବିନ୍ଦ୍ର ମହାପାତ୍ର, କିରଣବାଳା ନାୟକଙ୍କ ସମେତ ବହୁ ବରିଷ୍ଠ, ନାଗରିକ, ଖବରଦାତା ଓ ଜନସାଧାରଣ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।




# ସମାଜସେବୀଙ୍କ ପରଲୋକ

କଟକ,୧୮।୫(ସମିସ): ନିଶ୍ଚନ୍ତକୋଇଲି ବ୍ଲକ ଅନ୍ତର୍ଗତ ନାହାଳପୁର ଗ୍ରାମର ମୁରବୀ ତଥା ସମାଜସେବୀ ସ୍ୱର୍ଗତ ସରୋଜ ମହାପାତ୍ରଙ୍କ ୬୭ ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ଶେଷ ସମୟରେ କନିଷ୍ଠ ଭ୍ରାତା ଅକ୍ଷୟ ମହାପାତ୍ର, ସହଧର୍ମିଣୀ, ବୋହୁ, ଭଣଜା, ଭାଣଜି, ଭଉଣୀ, ଭିଣେଇ, ଆତ୍ମୀୟମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମହାପାତ୍ର ଠାକୁର ନିଗମାନନ୍ଦଙ୍କ ଶିଷ୍ୟ ଥିଲେ। ଗ୍ରାମ ଶଶ୍ମାନରେ ଶେଷକୃତ ହୋଇଥିଲା। ପୁତ୍ର ଚନ୍ଦନ ମୁଖାଗ୍ନୀ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ତଥା ଅସୁରେଶ୍ୱର ନିଗମାନନ୍ଦ ଶାଖା ଆଶ୍ରମର ଭାଇମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାପାତ୍ର ଅଞ୍ଚଳରେ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ଟ୍ରାକ୍ଟର ଓଲଟି ଛାତ୍ରକ ମୃତ୍ୟୁ

ଟାଙ୍ଗୀ,୧୮।୫(ସମିସ): ଖତ ବୋଝେଇ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ରବିବାର ଅପରାହ୍ନରେ ଟାଙ୍ଗୀ ଥାନା ଡ୍ରିମ୍ବ ଫାଣ୍ଡି ଅଧୀନ ତଥା ମାଗୁରା-ଧାନମଣ୍ଡଳ ପଞ୍ଚାୟତ କରୁଆଳ ଗ୍ରାମର ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଜଣକ ସ୍ଥାନୀୟ ଅଭିନ୍ନ ରାଉତଙ୍କ ଏକମାତ୍ର ସନ୍ତାନ ସତ୍ୟପ୍ରକାଶ ରାଉତ(୧୪)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସତ୍ୟପ୍ରକାଶଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଟାଙ୍ଗୀ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଓଲଟି ପଡ଼ିଥିବା ଟ୍ରାକ୍ଟରର ପତ୍ତା ନ ପାଇବା ଓ ଘଟଣାକୁ ଭିନ୍ନ ରୂପ ଦେବା ଘଟଣା ସାଧାରଣରେ ଚର୍ଚ୍ଚାକୁ ଆସିଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ପଞ୍ଜିକୃତ ହୋଇ ନ ଥିବା ଜାଣିବାକୁ ମିଳିଛି।

# ପୋଲର ଅସ୍ଥାୟୀ ରାସ୍ତା ମରଣଯନ୍ତା

ନିଶ୍ଚିନ୍ତକୋଇଲି,୧୮।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅନ୍ତର୍ଗତ କଟିକଟା-ଜୟପୁର ମୁଖ୍ୟ ରାସ୍ତାର ଅସୁରେଶ୍ୱର ବଜାର ନିକଟରେ ଥିବା ଚଢେଇଡ଼ିଆଁ ପାଟନାଳୀ (ଡ୍ରେନେଜ କଟ୍) ଉପରେ ଏକ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ପୋଲ ନିର୍ମାଣ ହେବା ପୂର୍ବରୁ ଏହାର ପାଶ୍ୱର୍ରେ ଯାତାୟତ ନିମନ୍ତେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ଅସ୍ଥାୟୀ ରାସ୍ତାକୁ ମରାମତି କରାଯାଉ ନ ଥିବାରୁ ଏବେ ଏହା ମରଣଯନ୍ତା ପାଲଟିଛି। ଗତ ଫେବୃୟାରୀ ମାସରୁ ଉକ୍ତ ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହା ଶେଷ ହୋଇନାହିଁ। ବିଗତ ୪ ମାସ ହେବ ଏହି ଅସ୍ଥାୟୀ ରାସ୍ତା ଦେଇ ଦିନରାତି ଶହ ଶହ ସଂଖ୍ୟାରେ ବାଲି ବୋଝେଇ ହାଇୱା (ଭାରିଯାନ) ଯାତାୟତ କରୁଥିବାରୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଯାତାୟତ କରୁଥିବା ବାଇକ ଓ ଚାରିଚକିଆ ଯାନ ରାସ୍ତା ଖରାପ ଥିବାରୁ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଫଳରେ ବହୁ ବାଟୋଇ ଖଣ୍ଡିଆ ଖାବରା ହେଉଥିବା ଦେଖାଯାଇଛି। ରାସ୍ତାର ଏଭଳି ଅବସ୍ଥା ସଂକ୍ରାନ୍ତରେ ପୂର୍ତ୍ତ ବିଭାଗର ସମସ୍ତ ଅଧିକାରୀ ଓ ନିଜେ ଠିକାଦାର ଅବଗତ ଥିଲେ ମଧ୍ୟ ଏହାକୁ ମରାମତି କରୁନାହାଁନ୍ତି। ଏହି ଅସ୍ଥାୟୀ ରାସ୍ତା ଦେଇ ଗାଡ଼ିମଟର ଯାତାୟତ ପାଇଁ ଏବେ ବିଭିନ୍ନ ସମସ୍ୟା ଉପୁଜୁଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଅଞ୍ଚଳବାସୀମାନେ ଏ ସଂକ୍ରାନ୍ତରେ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବାରୁ ଆସନ୍ତା ୨୦ତାରିଖ ଦିନ କଟିକଟା-ଜୟପୁର ରାସ୍ତାକୁ ଅବରୋଧ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି।



ରାସ୍ତା ରୋକ ପାଇଁ ଚେତାବନୀ

# ସାଂସଦଙ୍କୁ ଭେଟିଲେ ଡିମିରି ପଞ୍ଚାୟତ ପ୍ରତିନିଧି

ଅଡ଼ଶପୁର,୧୮।୫(ସମିସ): ଦ୍ୱୀପାଞ୍ଚଳ ସ୍ଥିତ ଡ଼ିମିରି ଗ୍ରାମପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ଜଗତସିଂହପୁର ସାଂସଦଙ୍କୁ ସ୍ଥାନୀୟ ପ୍ରତିନିଧିମାନେ ଭେଟିଛନ୍ତି। ସରପଞ୍ଚ ତଥା ବିଜେପି ଯୁବ ନେତା ଅଭିଷେକ ମହାପାତ୍ର ସାଂସଦଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଡ଼ିମିରି ଗ୍ରାମ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କ ବାସଭବନରେ ସାକ୍ଷାତକାର କରିଥିଲେ। ଡ଼ିମିରିରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ, ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର, ଚାଷୀ ମାନଙ୍କର କ୍ଷେତ ପାଇଁ ଜଳର ସୁବ୍ୟବସ୍ଥା ସହ ବିଭିନ୍ନ ଦାବି ସଂକ୍ରାନ୍ତରେ ଜଗତସିଂହପୁରର ସାଂସଦ ଡ଼. ବିଭୁ ପ୍ରସାଦ ତରାଇଙ୍କୁ ଅନୁରୋଧ କରିଥିଲେ। ଏଥିରେ ସାଂସଦଙ୍କ ପ୍ରତିନିଧି ବନ୍ଧୁ ଚରଣ ସାହୁ, ଅଜିତ ଚୌଧୁରୀ, ରୁଦ୍ର ପ୍ରତାପ ଜେନା କଣ୍ଟାପଡା ବିଜେପି ଯୁବ ମୋର୍ଚ୍ଚ ସଭାପତି ଅଭିଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ଶହ ଶହ ବର୍ଷର ପ୍ରାଚୀନ ପରମ୍ପରା

# ଲକ୍ଷେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚନ୍ଦନଯାତ୍ରା

ଫୁଲନଖରା,୧୮।୫(ସମିସ):



ପ୍ରାଚୀ ନଦୀ ମୁହାଣର ପ୍ରଥମ ଶୈବପୀଠ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ବାର ମାସରେ ତେର ପର୍ବ ପାଳିତ ହୋଉଥିବା ବେଳେ ଚନ୍ଦନ ଯାତ୍ରା ତନ୍ମଧ୍ୟରୁ ଅନ୍ୟତମ ଓ ସର୍ବଶ୍ରେଷ୍ଠ। ପୁରୀ ଶ୍ରୀକ୍ଷେତ୍ର ଧାମରେ ଅକ୍ଷୟ ତୃତୀୟା ଠାରୁ ୨୧ଦିନ ବାହାର ଚନ୍ଦନ ପାଳିତ ହେଉଥିବା ହେଉଥିବା ବେଳେ ଅନୁରୂପ ଭାବରେ ବିଭିନ୍ନ ଶୈବପୀଠରେ ମଧ୍ୟ ଏହି ଚନ୍ଦନ ଯାତ୍ରା ପରିଦୃଷ୍ଟ ହୁଏ। ଠିକ୍ ସେହିପରି ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ଚନ୍ଦନ ଯାତ୍ରା କେବେଠୁ ଆରମ୍ଭ ତାହାର ସଠିକ୍ ପ୍ରମାଣ ନ ଥିଲେ ସୁଦ୍ଧା ୧୯୪୨ ମସିହା ପୁରୀ ଜିଲ୍ଲା କୋର୍ଟ ରେକର୍ଡ ଅନୁସାରେ କାଚରାମାଳ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଲକ୍ଷେଶ୍ୱରଙ୍କ ଚନ୍ଦନ ଯାତ୍ରା ଅତି ପ୍ରାଚୀନ ବୋଲି ପ୍ରମାଣିତ ହୁଏ। ଏହି ଯାତ୍ରାର ବିଶେଷତ୍ୱ ହେଉଛି ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ମହାଦେବଙ୍କ ଶ୍ରୀଅଙ୍ଗରେ ଚନ୍ଦନର ଲେପ ଦିଆଯାଇ ସର୍ବାଙ୍ଗକୁ ଶୀତଳତା ପ୍ରଦାନ କରିବା। କର୍ମମୟ ଜୀବନରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ରକ୍ଷା କରିବା ପାଇଁ ଆଧ୍ୟାତ୍ମିକ ଭାବଧାରାରେ ନିଜକୁ ନିମଗ୍ନ କରି ଟିକିଏ ଐଶ୍ୱରୀୟ ଆନନ୍ଦ ପାଇବା ପାଇଁ ପୂର୍ବଜ ମାନଙ୍କର କାର୍ଯ୍ୟକୁ ବଞ୍ଚାଇ ରଖିବାରେ କାଚରାମାଳ ଗ୍ରାମବାସୀମାନେ ନିରବଚ୍ଛିନ୍ନ ପ୍ରଚେଷ୍ଟା ଜାରି ରଖିଛନ୍ତି। ପରମ୍ପରାନୁଯାୟୀ ମନ୍ଦିର ପରିସରରେ ୧୬ଦିନ ଚନ୍ଦନ କୁଣ୍ଡରେ ଚାପ ଖେଳିବା ପରେ ଶେଷ ପାଞ୍ଚ ଦିନ କୁଆଖାଇ ନଦୀ ତଟସ୍ଥ ଚନ୍ଦନ ଘାଟରେ ଦିନ ଓ ରାତି ଚାପ, ଭଉଁରୀ ଖେଳିଥାନ୍ତି। ପ୍ରତ୍ୟେହ ସଂଧ୍ୟା ଧୂପ ପୂଜା, ଭୋଗ ମଣୋହୀ ପରେ ଲକ୍ଷେଶ୍ୱରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଦେବ ସୁଶୋଭିତ ବିମାନରେ ଉପବେଶନ କରିଥାନ୍ତି। ଗୌଡୀୟ ସଂପ୍ରଦାୟର ସେବକମାନେ ଘଣ୍ଟ, ଛତ୍ର, କାହାଳୀ ଓ କୀର୍ତ୍ତନରେ ବିମାନକୁ ଚନ୍ଦନ ଘାଟକୁ ନେଇଥାନ୍ତି। ସେଠାରେ ପୂର୍ବରୁ ଥିବା ନୌକାରେ ବ୍ରାହ୍ମଣ ସେବକମାନେ ଚନ୍ଦ୍ରଶେଖର ଦେବଙ୍କୁ ବିଜେ କରାଇଥାନ୍ତି। ଘଣ୍ଟ ଘଣ୍ଟା ସହ ଶ୍ରୀଜୀୟୁ ନଦୀ ଜଳରେ ଚାପ ଓ ଭଉଁରୀ ଖେଳିଥାନ୍ତି। ଦିନ ଚାପ ଶେଷ ପରେ ନଦୀ ଗର୍ଭରେ ନିର୍ମିତ ମେଣ୍ଟା କୁଡିଆରେ ହଳଦୀ ଚନ୍ଦନରେ ସ୍ନାନ କରି ପୁନର୍ବାର ରାତ୍ରି ଚାପ ଓ ଭଉଁରୀ ଖେଳିଥାନ୍ତି। ଏହି କାର୍ଯ୍ୟ କୈବର୍ତ୍ତ ସେବାୟତଙ୍କ ଦ୍ୱାରା ସଂପାଦିତ ହୋଇଥାଏ। ସ୍ନାନ ପରେ ନଦୀ କୂଳରେ ଥିବା ଚନ୍ଦନ ମଣ୍ଡପରେ ଶ୍ରୀଜୀୟୁଙ୍କୁ ବିଜେ କରାଇ ଚନ୍ଦନ ଚର୍ଚ୍ଚିତ କରାଯାଇଥାଏ। ବର୍ଷକରେ ଥରେ ଏହି ବିରଳ ଦୃଶ୍ୟକୁ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। ଶ୍ରୀଜୀୟୁ ବିମାନ ଯୋଗେ ଫେରିବା ସମୟରେ ଆଲୋକ, ବାଜା ଓ ବାଣ ଫୁଟାଇ ବିଭିନ୍ନ ଗ୍ରାମ ଯଥାକ୍ରମେ ବମ୍ଫକୁଦ, ନୂଆ କାଚରାମାଳ ଓ ପୁରୁଣା କାଚରାମାଳ ଗ୍ରାମର ଗ୍ରାମବାସୀଙ୍କ ଦ୍ୱାରା ଚାଚେରୀ ଭୋଗ ପ୍ରଦାନ କରାଯାଇଥାଏ। ଚାଚେରୀ ଭୋଗ ଖାଇ ସାରିବା ପରେ ଶ୍ରୀଜୀୟୁ ଚନ୍ଦନ ପଡିଆକୁ ପ୍ରବେଶ କରିଥାନ୍ତି। ଚନ୍ଦନ ପଡିଆରେ ଶ୍ରୀଜୀୟୁଙ୍କୁ ଖଇ, ଉଖୁଡା, ଖଜା ଓ ବିଭିନ୍ନ ପ୍ରକାର ଫଳମୂଳରେ ହେଉଥିବା ପନ୍ଥିଭୋଗ ପ୍ରଦାନ କରାଯାଇଥାଏ। ରାତ୍ର ସମୟରେ ପ୍ରତ୍ୟେକ ଦିନ ସଂକୀର୍ତ୍ତନ ଓ ୫ଦିନ ଧରି ଅପେରା ଦ୍ୱାରା ନାଟକ ପରିବେଷଣ କରାଯାଇଥାଏ। ଭୋର ୪ଟା ସମୟରେ ଶ୍ରୀଜୀୟୁଙ୍କୁ ବିମାନଯୋଗେ ମନ୍ଦିରକୁ ଗୌଡୀୟ ସେବକମାନେ ନେଇଯାଇଥାନ୍ତି। ଶେଷଦିନ ଚନ୍ଦ୍ରଶେଖର ଦେବ ହଳଦିପାଣିରେ ଗାଧୋଇବା ପରେ ମନ୍ଦିରର ଗର୍ଭଗୃହକୁ ପ୍ରବେଶ କରିଥାନ୍ତି। କାଚରାମାଳ ଗ୍ରାମର ଆବାଳ ବୃଦ୍ଧ ବନିତା ନାଟତାମସା କରି ଯେତିକି ଆନନ୍ଦ ପାଆନ୍ତି ଲକ୍ଷେଶ୍ୱର ମହାଦେବଙ୍କ ସର୍ବଶ୍ରେଷ୍ଠ ଚନ୍ଦନ ଯାତ୍ରାରେ ନିଜକୁ ନିୟୋଜିତ କରି ତାଠାରୁ ଅଧିକ ଆନନ୍ଦ ଉପଲବ୍ଧି କରନ୍ତି ବୋଲି ସମସ୍ତଙ୍କ ମୁହଁରୁ ଶୁଣିବାକୁ ମିଳେ।

# କାର ଧକ୍କାରେ ବାଇକ୍ ଆରୋହୀ ମୃତ

ଟାଙ୍ଗୀ,୧୮।୫(ସମିସ): ରବିବାର ସନ୍ଧ୍ୟାରେ ୧୬ନଂ ଜାତୀୟ ରାଜପଥ ଟାଙ୍ଗୀ ଥାନା ଚଟିଲୋଗଡ଼ା ନିକଟରେ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ମୃତକ ଜଣକ ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ତେନ୍ତୋଇ ଗ୍ରାମର ଧନଞ୍ଜୟ ବରାଳ (୨୯) ବୋଲି ଜଣାପଡିଛି। ମୃତକ ଜଣକ ଭୁବନେଶ୍ୱର ପଳାଶୁଣି ଅଞ୍ଚଳରେ ଥିବା ଏକ କମ୍ପାନୀର କର୍ମଚାରୀ ବୋଲି ଜାଣିବାକୁ ମିଳିଛି। ରାଜପଥ ପେଟ୍ରୋଲିଂ ପୁଲିସ ଓ ଟାଙ୍ଗୀ ଥାନା ପକ୍ଷରୁ ମୃତକଙ୍କୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯିବା ସହ ଦୁର୍ଘଟଣା ଘଟାଇଥିବା କାର ଓ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଆଇଆଇସି ଶିବପ୍ରସାଦ ଭଦ୍ର ଜଣାଇଛନ୍ତି। ସୂଚନା ଅନୁଯାୟୀ ମୃତକ ଜଣକ କମ୍ପାନୀ କାମରେ ପଳାଶୁଣିରୁ ଚଣ୍ଡିଖୋଲ ଅଭିମୁଖେ ଆସୁଥିବାବେଳେ କୌଣସି କାରଣରୁ ଚଟିଲୋଗଡ଼ା ନିକଟରେ ଅଟକି ଯାଇଥିଲେ। ସେତିକିବେଳେ ଦ୍ରୁତଗତିରେ ଆସୁଥିବା ଏକ କାର ପଛପଟୁ ଧକ୍କା ଦେଇଥିଲା।

ଜିଲ୍ଲା ଶିକ୍ଷା ବିଭାଗ ନିରବଦ୍ରଷ୍ଟା

# ନିୟମ ପାଳନ କରୁନାହାନ୍ତି ଘରୋଇ ଶିକ୍ଷାନୁଷ୍ଠାନ

ଜଗତସିଂହପୁର,୧୮।୫(ସମିସ):

ଉଭୟକେନ୍ଦ୍ର ଓ ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ମାର୍ଗଦର୍ଶିକା ଜାରି କରିଥିବାବେଳେ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ କିନ୍ତୁ ଏହାର ଅନୁପାଳନ କରୁ ନ ଥିବା ଅଭିଯୋଗ ହେଉଛି। ଜଗତସିଂହପୁର ଜିଲ୍ଲାରେ ଥିବା ଅନେକ ବେସରକାରୀ ଶିକ୍ଷାନୁଷ୍ଠାନ ଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ଫୁ କରି ଦେଇଥିବା ଅଭିଭାବକ ମହାସଂଘ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଛି। ମହାସଂଘର ସଭାପତି ସୁରେଶ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ମାସରେ ଜିଲ୍ଲାପାଳ ଜେ. ସୋନାଲଙ୍କୁ ସାକ୍ଷାତ କରି ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ କିପରି ସଂସ୍କାର ଆସିପାରିବ ଓ ଗୁଣାତ୍ମକ ଶିକ୍ଷା ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏହି ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଥିଲା। ତେବେ ଅଦ୍ୟାବଧି ଜିଲ୍ଲା ଶିକ୍ଷା ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବିଶେଷକରି ବେସରକାରୀ ଅନୁଷ୍ଠାନକୁ ଏନ୍‌ଓସି (ଅନୁମତି ପତ୍ର) ପ୍ରଦାନ ପାଇଁ ସରକାରଙ୍କ ଯେଉଁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ରହିଛି, ତାହାର ସଠିକ୍ ତନଖି ହେଉ ନ ଥିବା ଅଭିଯୋଗ ଉଠାଇଥିଲା ଅଭିଭାବକ ମହାସଂଘ। ଜଗତସିଂହପୁର ଜିଲ୍ଲାରେ ମଧ୍ୟ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍। ସରକାରଙ୍କ ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରୁଥିବା କେତେକ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଲୋଭିତ କରି ଅନୁମତି ପତ୍ର ହାସଲ କରିବାର ନଜିର ରହିଛି। ଖୋଦ୍ ଜଗତସିଂହପୁର ସହରରେ ଥିବା ଏକାଧିକ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ବିଭାଗର ମାର୍ଗଦର୍ଶିକାକୁ ଫୁ କରି କଳେବଳେ କୌଶଳେ ଏନ୍‌ଓସି (ଅନୁମତି ପତ୍ର) ହାତେଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ କହୁଛି।

ସେହିପରି ଶିକ୍ଷା ଅଧିକାର ଆଇନ ଅନୁସାରେ ଘରୋଇ ବିଦ୍ୟାଳୟରେ ଅନୁମତି ପାଇଥିବା ସିଟ୍ ସଂଖ୍ୟାର ୨୫% ଅର୍ଥନୈତିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଠପଢିବା ପାଇଁ ରହିବା କଥା। କିନ୍ତୁ ଅନେକ ଘରୋଇ ଶିକ୍ଷାନୁଷ୍ଠାନ ଏହାକୁ ମାନୁ ନ ଥିବା ମହାସଂଘ ଅଭିଯୋଗ କରିଛି। ଜଗତସିଂହପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶନାମା ଅନୁସାରେ ଏନସିଇଆରଟି ଅନୁମୋଦିତ ପାଠ୍ୟପୁସ୍ତକ ପଢାଇବା ପାଇଁ ଘରୋଇ ଶିକ୍ଷାନୁଷ୍ଠାନଙ୍କୁ କୁହାଯାଇଥିବାବେଳେ ଏହା ପାଳନ ହେଉନାହିଁ ବୋଲି ପୂର୍ବରୁ ଅଭିଯୋଗ ହୋଇଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଜିଲ୍ଲା ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

## ନୂତନ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



ବାଲିକୁଦା,୧୮।୫(ସମିସ): ବାଲିକୁଦା ବ୍ଲକ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବିଶ୍ୱମ୍ବର ମଲ୍ଲିକଙ୍କୁ ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ ବାଲିକୁଦା ପ୍ରାଥମିକ ଶିକ୍ଷକ ସଂଘ, ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଙ୍ଘ, ଏକ୍ସ କ୍ୟାଡରଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଜୟ ସ୍ୱାଇଁ, ସମ୍ପାଦକ ରମାକାନ୍ତ ବାରିକ, ବାବନ ସ୍ୱାଇଁ, ରମାକାନ୍ତ ଦାସ, ରତ୍ନାକର ଦାସ, ପ୍ରକାଶ ସ୍ୱାଇଁ, ନୂତନ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତପନ ନାୟକ, ଫନୀନ୍ଦ୍ର ଶତପଥୀ, ସୁନୀଲ ସେଠୀ, ମାନସ ବାରିକ, ପ୍ରିୟଜିତ ବିଶ୍ୱାଳ, ପ୍ରଫୁଲ୍ଲ ବେହେରା, ଅଭିଳାଷ ତରାଇ, ଏକ୍ସ କ୍ୟାଡର ସଂଘର ପ୍ରକାଶ ଚନ୍ଦ୍ର ଭାଟ୍ରା, ପ୍ରତାପ ମହାନ୍ତି, ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

## ଗାୟତ୍ରୀ ପରିବାର ତାଲିମ ଶିବିର ଉଦ୍‌ଯାପିତ



ପାରାଦୀପ, ୧୮।୫(ସମିସ): ଗାୟତ୍ରୀ ପରିବାର ପକ୍ଷରୁ ପାରାଦୀପ ବିଜୟଚନ୍ଦ୍ରପୁର ଗାୟତ୍ରୀ ନଗରରେ ୧୦ ତାରିଖରେ ଆରମ୍ଭ ହୋଇଥିବା ନଅଦିନିଆ ଆଧ୍ୟାତ୍ମିକ ତାଲିମ ଶିବିର (ସାଧନା ଶିବିର) ଆଜି ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଶିକ୍ଷିତ ଗାୟତ୍ରୀ ପରିବାର ସଦସ୍ୟଙ୍କ ମାଧ୍ୟମରେ ଗାୟତ୍ରୀ ଉପାସନାର ଅଭ୍ୟାସ, ଆଧ୍ୟାତ୍ମିକ ଉନ୍ନତି, ନୈତିକ ବିକାଶର ପ୍ରସାର ଓ ପ୍ରୋତ୍ସାହନ କରିବା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ୯ ଦିନିଆ ତାଲିମ ଅଧିବେଶନରେ ଅଞ୍ଚଳର ୧୫୦ରୁ ଅଧିକ ଗାୟତ୍ରୀ ପରିବାର ଅଂଶଗ୍ରହଣ କରିଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାର ଓ ଓଡ଼ିଶା ରାଜ୍ୟର ସଂଯୋଜକ ଓ ଜ୍ଞାନୀ ବିଶେଷଜ୍ଞଙ୍କ ମଧ୍ୟରେ ଶେଷଦେବ ବଢ଼େଇ, ବଳରାମ ସାହୁ, ରବିନ୍ଦ୍ର ଗୌଡ଼ ଓ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ନୈତିକ ଗାୟତ୍ରୀ ଉପାସନା, ବୌଦ୍ଧିକ ସଂସ୍କାର, ବ୍ୟକ୍ତିତ୍ୱ ବିକାଶ, ସଙ୍ଗୀତ, ଦଫଲି, ହାରମୋନିୟମ, ଧ୍ୟାନ, ସାଧନା, ଯୋଗ, କର୍ମକାଣ୍ଡ ଭାସ୍କର, ବୌଦ୍ଧିକ ସଂସ୍କାର ଅନ୍ନ ପ୍ରାଶାସନ, ବିଦ୍ୟାରମ୍ଭ, ବିବାହ ଓ ଶ୍ରାଦ୍ଧକର୍ମ ବିଷୟରେ ତାଲିମ ଦେଇଥିଲେ। ପ୍ରତିଦିନ ସତସଙ୍ଗ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ଯେଉଁଠାରେ ସାଧାରଣ ଜନତା, ସ୍ଥାନୀୟ ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ଭକ୍ତ ଅଂଶଗ୍ରହଣ କରିଥିଲେ। ନିମନ୍ତ୍ରିତ ସଂଯୋଜକ ଗାୟତ୍ରୀ ମନ୍ତ୍ରର ଆଧ୍ୟାତ୍ମିକ ଶୁଦ୍ଧିକରଣ, ମାନସିକ ଓ ଶାରୀରିକ ସୁସ୍ଥତା, ମସ୍ତିଷ୍କ କାର୍ଯ୍ୟ ଉପରେ ସକାରାତ୍ମକ ପ୍ରଭାବ, ନିଷ୍ପତ୍ତି ଗ୍ରହଣକୁ ତୀକ୍ଷ୍ଣ କରିବା, ଚାପ ଓ ଚିନ୍ତା ହ୍ରାସ କରିବା ଭଳି ଅନେକ ଲାଭ କିପରି ଅଛି ସେ ସମ୍ପର୍କରେ ଶିକ୍ଷା ଦେଇଥିଲେ। ଶେଷ ସନ୍ଧ୍ୟାରେ ରବୀନ୍ଦ୍ର ଗୁରୁଜୀଙ୍କ ନିର୍ଦ୍ଦେଶନାରେ ଦେଶପ୍ରେମୀ ଓ ଡ୍ରଗ୍ସ ବିରୋଧୀ ଅଭିଯାନ ସମ୍ବନ୍ଧୀୟ ଗୋଷ୍ଠୀ ନୃତ୍ୟ, ସଂଗୀତ ଓ ନାଟକ (ରାଜା ହରିଶଚନ୍ଦ୍ର) ମଞ୍ଚସ୍ଥ ହୋଇଥିଲା। ପାରାଦୀପ ଗାୟତ୍ରୀ ପରିବାରର ମୁଖ୍ୟ ପ୍ରଫେସର ପ୍ରଦୀପ ମହାନ୍ତି, ସହସଂଯୋଜକ ପ୍ରସନ୍ନ ରାଉତରାୟ, ପ୍ରକାଶ ରାଉତରାୟ, ବାବୁଲାଲ ହାତୀ, ଦିବାକର ବାଲିୟାରସିଂ, ଦେବଗୁରୁ ନାୟକ, ଅଶୋକ ଦତ୍ତ, କାର୍ତ୍ତିକ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ପାରାଦୀପ ବେଳାଭୂମିରୁ ଝାଉଁ ଗଛ କାଟି ନେଉଛନ୍ତି କାଠ ଲୁଟେରା

## ବେଳାଭୂମି ଜଙ୍ଗଲ ସୁରକ୍ଷା ଦାବିକଲା ଅମ୍ବିକାଇ ଗଣପରିଷଦ

ପାରାଦୀପ, ୧୮।୫ (ସମିସ): ପାରାଦୀପ ଶିଳ୍ପାଞ୍ଚଳ ସଂଲଗ୍ନ ବେଳାଭୂମିରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପାରାଦୀପ ବନ୍ଦର ପ୍ରାଧିକରଣ ଓଏଫ୍‌ଡିସି ମାଧ୍ୟମରେ ସାମାଜିକ ବନୀକରଣ କରାଯାଇଛି। ଚୁକ୍ତି ଅନୁଯାୟୀ ଓଏଫ୍‌ଡିସି ନିଜ ତତ୍ତ୍ୱାବଧାନରେ ବନୀକରଣ କରି ପ୍ରତି ତିନି ବର୍ଷରେ ବନ୍ଦର ପ୍ରାଧିକରଣକୁ ହସ୍ତାନ୍ତର କରୁଛି। କିନ୍ତୁ ବନ୍ଦର ପ୍ରାଧିକରଣ କୌଣସି ଜଗୁଆଳ ବ୍ୟବସ୍ଥା କରିନାହିଁ। ଫଳରେ କାଠ ଲୁଟେରା ବେଧଡ଼କ ଜଙ୍ଗଲ ଲୁଟ୍ କରିଚାଲିଛନ୍ତି। ତେଣୁ ବେଳାଭୂମି ଜଙ୍ଗଲ ସୁରକ୍ଷା ପାଇଁ ଅମ୍ବିକାଇ ଗଣପରିଷଦ ଦାବି କରିଛି।

ଅମ୍ବିକାଇ ଗଣପରିଷଦ ମହାବାତ୍ୟାର କରାଳ ବିଭୀଷିକା ସମ୍ପର୍କରେ ବିଗତ ୨୫ ବର୍ଷ ଧରି ବନ୍ଦର ସହର ପାରାଦୀପରେ ସତର୍କ ଦିବସ ପାଳନ କରି ଜନସଚେତନ କରିଆସୁଛି। ଉପକୂଳ ଜଙ୍ଗଲ କେବଳ ଶିଳ୍ପାଞ୍ଚଳ ସମେତ ଜନବସତିକୁ ମହାବାତ୍ୟା, ସୁନାମି, ଲୁଣା ବନ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା, ଅହେତୁକ ତାପମାତ୍ରା ବୃଦ୍ଧିକୁ ରୋକିବାରେ ସକ୍ଷମ ହେବ। ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଓ ବନ୍ଦର ପ୍ରାଧିକରଣ କାଠ ଲୁଟେରାଙ୍କ ଉପରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଅମ୍ବିକାଇ ଗଣପରିଷଦର ସଭାପତି ତଥା ପରିବେଶବିତ୍ ଧ୍ରୁବଚରଣ ମହାପାତ୍ର ଦାବି କରିଛନ୍ତି। ସେ ଗତ ୧୪ ତାରିଖରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମୃତିରଞ୍ଜନ କର, ପାରାଦୀପ ପୌର ପରିଷଦର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ବନ୍ଦର ପ୍ରାଧିକରଣ ସଚିବ, କୁଜଙ୍ଗ ବନାଞ୍ଚଳ ଅଧିକାରୀ, ଜଟାଧାରୀ ମୁହାଣ ମେରାଇନ ଥାନାର ଭାରପ୍ରାପ୍ତ ଅଧିକାରୀ, ସ୍ଥାନୀୟ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଯୁଦ୍ଧକାଳୀନ ଭିତ୍ତିରେ ଜଙ୍ଗଲ ଲୁଟରାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କହିଛନ୍ତି।

## ଜଗତସିଂହପୁର ପିପିଙ୍କ ଉପନିର୍ଦ୍ଦେଶକ ପାହ୍ୟାକୁ ପଦୋନ୍ନତି

ଜଗତସିଂହପୁର,୧୮।୫(ସମିସ): ଜଗତସିଂହପୁର ବିଚାର ବିଭାଗରେ ପବ୍ଲିକ୍ ପ୍ରସିକ୍ୟୁଟର (ପିପି) ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଥିବା ନଳିନୀକାନ୍ତ ମହାରଣାଙ୍କ ଉପନିର୍ଦ୍ଦେଶକ ପାହ୍ୟାକୁ ପଦୋନ୍ନତି ହୋଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ମହାରଣାଙ୍କୁ ଖୋର୍ଦ୍ଧା ଜିଲ୍ଲାର ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏଥିସହ ଶ୍ରୀ ମହାରଣା ନୟାଗଡ ଜିଲ୍ଲାର ଉପନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଶ୍ରୀ ମହାରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ଓକିଲ ସଂଘ ସଭାପତି ସୁବାସ ମହାପାତ୍ରଙ୍କ ନେତୃତ୍ୱରେ ଉପସଭାପତି ସରୋଜ ବିଶ୍ୱାଳ, ଦୋଳଗୋବିନ୍ଦ ଦାଶ ଓ ଦିପ୍ତେନ୍ଦୁ ଖଟୁଆ ପ୍ରମୁଖ ଶ୍ରୀ ମହାରଣାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ବିଚାର ବିଭାଗର କାର୍ଯ୍ୟ ପ୍ରଣାଳୀକୁ ଅଧିକ କ୍ରିୟାଶୀଳ କରିବାକୁ ରାଜ୍ୟ ସରକାର ସମସ୍ତ ଜିଲ୍ଲାରେ ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।



## ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପ୍ରସ୍ତୁତି

କୁଜଙ୍ଗ,୧୮।୫(ସମିସ): ବିଶିଷ୍ଟ ଜନନେତା, କମ୍ୟୁନିଷ୍ଟ ଆନ୍ଦୋଳନର ମହାନ ପ୍ରବକ୍ତା, କୁଜଙ୍ଗ ମାଟିର ସୁପୁତ୍ର କମ୍ରେଡ ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ଆସନ୍ତା ରବିବାର ପାଳନ ହେବ। ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଲୋକନାଥ ଭବନରେ ଶିକ୍ଷକ ନେତା ବସନ୍ତ ସାମଲଙ୍କ ଅଧ୍ୟକ୍ଷତାରେ କମ୍ରେଡ ଲୋକନାଥ ଚୌଧୁରୀଙ୍କ ଏକ ପୂର୍ଣ୍ଣ ଅବୟବ ସ୍ଥାପନର ଶିଳାନ୍ୟାସ ଓ ସ୍ମୃତିସଭା ସମ୍ପର୍କରେ ଆଲୋଚନା କରାଯିବା ସହିତ ଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ, ପୂର୍ବତନ ସାଂସଦ କବି ପ୍ରସନ୍ନ ପାଟଶାଣୀ, ପୂର୍ବତନ ସାଂସଦ ଡଃ କୁଳମଣି ସାମଲ, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ପାରାଦୀପ ପୌରପାଳ ବସନ୍ତ ବିଶ୍ୱାଳ, ପରଦା ସମ୍ପାଦକ ସରୋଜ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ, କୁଜଙ୍ଗ ପ୍ରେସ୍ କ୍ଲବ ସଭାପତି ରଘୁନାଥ ସାହୁ, କମ୍ୟୁନିଷ୍ଟ ନେତ୍ରୀ ଚିନ୍ମୟୀ ସାହାଣୀ ଯୋଗଦେବେ ବୋଲି ସ୍ମୃତି ସଂସଦ ସମ୍ପାଦକ ଶ୍ରୀନିବାସ ଜୁଝାର ସିଂ ଜଣାଇଛନ୍ତି। ବୈଠକରେ ସ୍ତମ୍ଭକାର ଅକ୍ଷୟ ରାଉତ, ବିଷ୍ଣୁଚରଣ ମୁଦୁଲି, ସୁବାସ ମହାପାତ୍ର, ପ୍ରଶାନ୍ତ ସେଠୀ, ଶରତ ବେହେରା, ନବଘନ ସ୍ୱାଇଁ, ରବୀନ୍ଦ୍ରନାଥ ମାଝୀ, କୈଳାସ ବେହେରା, କମ୍ରେଡ ଅଜୟ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଜୟ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଅପରେସନ ସିନ୍ଦୂର' ପରାକ୍ରମ ଶୋଭାଯାତ୍ରା




ଜଗତସିଂହପୁର,୧୮।୫(ସମିସ): ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ସଭାପତି ପ୍ରତାପ ମିଶ୍ରଙ୍କ ନେତୃତ୍ୱରେ ଜଗତସିଂହପୁର ସହରରେ ଅପରେସନ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଗାନ୍ଧୀ ଛକରୁ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ପହଞ୍ଚିଥିଲା। ସେଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ଭାରତୀୟ ସେନାର ଅସୀମ ସାହସ ଓ ବଳିଦାନକୁ ସମ୍ମାନ ଜଣାଇ ଜଗତସିଂହପୁର ଜିଲ୍ଲା ବିଜେପି ଏହି ଶୋଭାଯାତ୍ରାର ଆୟୋଜନ କରିଥିବା ଦଳୀୟ ନେତା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସାଂସଦ ଡ. ବିଭୁପ୍ରସାଦ ତରାଇ, ପାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ତିର୍ତ୍ତୋଲ ନେତା ରାଜକିଶୋର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି ଓ ଉପେନ୍ଦ୍ର ବିଶ୍ୱାଳ, ଜିଲ୍ଲା ଉପସଭାପତି ସୌଭାଗ୍ୟ ମହାନ୍ତି, କଳ୍ପନା ମହାନ୍ତି, ସର୍ଜନ ସିଂହ, ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ଯୁବ ମୋର୍ଚ୍ଚା ସଭାପତି ସୁଧୀର ମଲ୍ଲିକ, ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକ, ଏସସି ମୋର୍ଚ୍ଚା ସଭାପତି ବାମଦେବ ମଲିକ, ମିଡ଼ିଆ ସେଲ ଅଧ୍ୟକ୍ଷ ଗଣେଶ ମହାନ୍ତି, ସର୍ବେଶ୍ୱର ବଳିୟାରସିଂହ ପ୍ରମୁଖ ଯୋଗଦେଇ ଭାରତୀୟ ସେନାର ମହାନତା ଓ ଅପରେସନ ସିନ୍ଦୁର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମିତା ଦାସ, ସ୍ମିତା ପ୍ରଧାନ, ନୃସିଂହ ସାହୁ, ଡ. ପ୍ରକାଶ ଦଳାଇ, ରୂପକ ଖୁଣ୍ଟିଆ, ମଳୟ ଲେଙ୍କା, ବିଜୟ ଦତ୍ତ, ଶିଶିର ପାତ୍ର, ଲିଙ୍ଗରାଜ ମହାନ୍ତି, ବିନୋଦ ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲାର ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତା, ସମସ୍ତ ମଣ୍ଡଳ ସଭାପତି ଯୋଗ ଦେଇଥିଲେ। ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ଧନ୍ୟବାଦ ଅର୍ପଣ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର,୧୮।୫(ସମିସ): ଜଗତସିଂହପୁର ସହରର ବଡ଼ବଜାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପାସ୍ ହାର ପ୍ରତିବର୍ଷ ଭଳି ଚଳିତବର୍ଷ ଶତପ୍ରତିଶତ ରହିଛି। ପରୀକ୍ଷା ଦେଇଥିବା ସମସ୍ତ ୭୫ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୭ ଜଣ ଏ-୧, ୨୧ ଜଣ ଏ-୨, ୨୫ ଜଣ ବି-୧, ୧୭ ଜଣ ବି-୨ ଓ ୫ ଜଣ ସି ଗ୍ରେଡ୍‌ରେ ପାସ କରିଛନ୍ତି। ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ଛାତ୍ରଛାତ୍ରୀ ସ୍ୱୟଂକାନ୍ତ ମିଶ୍ର, ଅନନ୍ୟା ଶୁଭଦର୍ଶିନୀ, ନବନୀତା ମହାପାତ୍ର, ଉଦିତ ଶତପଥୀ, ଶକ୍ତିପ୍ରସାଦ ଦାସ, ଶ୍ରଦ୍ଧା ସୁମନ ସାହୁ ଓ ଲିପ୍‌ସା ମହାପାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଈଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ସଦସ୍ୟ ପ୍ରାଣନାଥ ମିଶ୍ର, ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ ଖୁଣ୍ଟିଆ ଓ ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଗୁରୁଜୀ, ଗୁରୁମା ଓ ଅଭିଭାବକ ଯୋଗ ଦେଇଥିଲେ।



## ଶିକ୍ଷକ ଉପେନ୍ଦ୍ରନାଥ ମିଶ୍ର ଅସୁସ୍ଥ

କୁଜଙ୍ଗ,୧୮।୫(ସମିସ): ଶିକ୍ଷକ ଉପେନ୍ଦ୍ର ନାଥ ମିଶ୍ର ଏବେ ଅସୁସ୍ଥ ହୋଇପଡ଼ିଛନ୍ତି। ୮୮ ବର୍ଷ ବୟସରେ ସେ ଜୀବନ ସହ ସଂଘର୍ଷ କରୁଛନ୍ତି। କୁଜଙ୍ଗ ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ ସନ୍ତରା ଗ୍ରାମର ଶିକ୍ଷକ ଶ୍ରୀ ମିଶ୍ର ଏବେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଅଛନ୍ତି। ସେ କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ପଣ୍ଡିତ ରୂପେ ୧୯୬୨ରେ ଶିକ୍ଷକତା ଜୀବନ ଆରମ୍ଭ କରି ୧୯୯୭ରେ ଅବସର ନେଇଥିଲେ। ଶିକ୍ଷକତା ସହ ସମାଜସେବା, ପିତା ପଣ୍ଡିତ ସୋମନାଥ ମିଶ୍ରଙ୍କ ପଦାଙ୍କ ଅନୁସରଣ କରି ସାରସ୍ୱତ ସାଧନାକୁ ନିଶା ରୂପେ ଗ୍ରହଣ କରି ଅନେକ କବିତା ଓ କ୍ଷୁଦ୍ରଗଳ୍ପ ଲେଖିଛନ୍ତି। ତାଙ୍କ ସାରସ୍ୱତ ସାଧନାରେ ରୀତିଯୁଗୀୟ କାବ୍ୟ ବୈଦେହୀଶ ଚମ୍ପୁ ଓ ନୀଳମାଧବରୁ ଶ୍ରୀଜଗନ୍ନାଥ, ମଧ୍ୟଯୁଗୀୟ କାବ୍ୟ ସାବିତ୍ରୀ ଉପାଖ୍ୟାନ ଓ 'ଛିନ୍ନ ମସ୍ତା' କାବ୍ୟ ସଂକଳନ ସହ ପ୍ରାଚୀନ ସଂସ୍କୃତ ରଚନାରୁ ସଂଗୃହୀତ 'ନୀତି ଶ୍ଲୋକ ରତ୍ନମାଳା'। ତାଙ୍କ ଶିକ୍ଷାଦାନ ପ୍ରେରଣାଦାୟୀ। ତାଙ୍କ ଅସୁସ୍ଥତା ଖବର ଶୁଣିବା ପରେ ଜିଲ୍ଲା ତଥା ରାଜ୍ୟ ଓ ରାଜ୍ୟ ବାହାରେ ଥିବା ବହୁ ଛାତ୍ର ସାକ୍ଷାତ କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ଆଶୁ ଆରୋଗ୍ୟ କାମନା କରୁଛନ୍ତି।



## ଡିଏଭି ଇଫ୍‌କୋରେ ଗ୍ରୀଷ୍ମକାଳୀନ କ୍ରୀଡ଼ା ତାଲିମ ଶିବିର



ପାରାଦୀପ, ୧୮।୫ (ସମିସ): ଡିଏଭି ଇଫ୍‌କୋ କ୍ରୀଡ଼ା ବିଭାଗ ପକ୍ଷରୁ ୬ ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ କ୍ରୀଡ଼ା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଖୋ-ଖୋ, ନେଟ୍ ବଲ୍, ଦୌଡ଼କୁଦ ଓ ଫୁଟବଲ୍ ଖେଳର ତାଲିମ ଦିଆଯାଇଥିଲା। ତାଲିମ ଶିବିରରେ ସୁନାକର ରାଉତ (ଖୋ-ଖୋ), ବିଶ୍ୱବିଜୟ ବିବେକାନନ୍ଦ ବେହେରା (ନେଟ୍ ବଲ), ବିକାଶ କୁମାର ସ୍ୱାଇଁ (ଦୌଡ଼କୁଦ) ଓ ପ୍ରଦୀପ୍ତ କୁମାର ମହାନ୍ତି (ଫୁଟବଲ୍) ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନ୍ନାରା କ୍ରୀଡ଼ାର ଉପକାରିତା ଓ ନିତିଦିନ ଜୀବନରେ କ୍ରୀଡ଼ାର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ଜୟନ୍ତ କୁମାର ଜେନା ଉଦଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇ କୌରବ ଓ ଦ୍ରୋଣ ଗୁରୁଶିଷ୍ୟ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଦ୍ୱାଦଶ ଶ୍ରେଣୀ ଛାତ୍ର ଦିନେଶ ପ୍ରଧାନ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ର କ୍ୟାବିନେଟ କ୍ରୀଡ଼ା ବିଭାଗ ସମ୍ପାଦକ ନିହାର ରଞ୍ଜନ ଦାସ ପ୍ରଶିକ୍ଷଣ ଶିବିର ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୌର ମୋହନ ସାମଲଙ୍କ ତତ୍ତ୍ୱାବଧାନରେ ଏହି ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଥିଲା। ଶେଷରେ ଦଶମ ଶ୍ରେଣୀ ଛାତ୍ର ଶ୍ରୀକୁମାର କୃତ୍ତିବାସ ମୋହନ ଧନ୍ୟବାଦ ଅର୍ପଣ କରିଥିଲେ।

ବିହାର ଯୁବକ ପାରାଦୀପରେ ନିଖୋଜ ଘଟଣା

# ଅଭିଯୁକ୍ତକୁ ରିମାଣ୍ଡରେ ଆଣି ପାରାଦୀପରେ ସିନ୍‌ରିକ୍ରିଏସନ୍ କଲା ବିହାର ପୁଲିସ

ପାରାଦୀପ,୧୮।୫(ସମିସ):

ବିହାରର ଜଣେ ଯୁବକ ପାରାଦୀପକୁ କାମ କରିବାକୁ ଆସି ନିଖୋଜ ହୋଇଥିଲେ। ନିଖୋଜ ହେବା ନେଇ ପରିବାର ପକ୍ଷରୁ ବିହାରର ନାସିରଗଞ୍ଜ ଥାନାରେ ଅଭିଯୋଗ ପରେ ବିହାର ପୁଲିସ ଉକ୍ତ ଯୁବକକୁ ପାରାଦୀପକୁ କାମ ଦେବା ପାଇଁ ଆଣି ଆସିଥିବା ଯୁବକ ବିଜୟକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ବିହାର ପୁଲିସ ସେହି ଅଭିଯୁକ୍ତ ବିଜୟକୁ ପାରାଦୀପକୁ ରିମାଣ୍ଡରେ ଆଣି ଘଟଣାର ସିନରିକ୍ରିଏସନ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ବିହାର ଯୁବକ ଗୋରଖ କୁମାର ଫେବୃଆରୀ ୨ ତାରିଖରେ ପାରାଦୀପ ଆସି ପାରାଦୀପ ଦୋଛକିରେ ଥିବା ବିଏସ ହେବି ଇଣ୍ଡଷ୍ଟ୍ରିଆଲ ପ୍ରାଇଭେଟ୍ ଲିମିଟେଡରେ ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କର ଏବେ ସୁଦ୍ଧା ମିଳିପାରିନାହିଁ। ପରିବାର ଲୋକେ ପାରାଦୀପ ଆସି ବହୁ ଖୋଜାଖୋଜି କରି କୌଣସି ଖବର ପାଇ ନ ଥିଲେ। ଗୋରେଖ କାମ କରିବାକୁ ଆସିବା ପରେ ତାଙ୍କ ମାଆଙ୍କ ସହିତ ଫୋନରେ କଥା ହେଉଥିଲେ। କିଛି ଦିନ କାମ କରିବା ପରେ ତାଙ୍କ ଫୋନ ଲାଗି ନ ଥିଲା। ପରେ ପରିବାର ଲୋକେ ଗୋରଖକୁ ଖୋଜିବାକୁ ପାରାଦୀପ ଆସିଥିଲେ। କିନ୍ତୁ ସେ କାମ କରୁଥିବା କମ୍ପାନୀରେ ପଚାରିଥିଲେ। ତେବେ କମ୍ପାନୀ କର୍ତ୍ତୃପକ୍ଷ ଗୋରଖ କୁମାରକୁ ଦେଖି ନ ଥିବା କହିଥିଲା। ପରିବାର ଲୋକେ ଲକ୍ ଥାନାରେ ଅଭିଯୋଗ କରିଥିଲେ। ପୁଲିସ କମ୍ପାନୀର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। କମ୍ପାନୀ ମଧ୍ୟରେ ଥିବା ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଗୃହରେ ଅନ୍ୟଜଣଙ୍କ ସହ ଗୋରଖ ରହୁଥିଲେ। କିନ୍ତୁ ଘଟଣା ଦିନ ଗୋରଖ କୁମାର ଓ ତାଙ୍କ ସାଥୀ ଗୃହ ମଧ୍ୟକୁ ଯିବା ଫୁଟେଜ ଥିଲା। ତାଙ୍କ ସାଙ୍ଗ କମ୍ପାନୀରୁ ବାହାରକୁ ଯାଇଥିବା ଦେଖାଯାଉଥିବାବେଳେ ଗୋରଖଙ୍କୁ ଦେଖିବାକୁ ମିଳି ନ ଥିଲା। ପରିବାର ଲୋକ ଗୋରଖ କୁମାର ସହ ରହୁଥିବା ସାଙ୍ଗକୁ ଖୋଜିବାକୁ ବିହାର ଯାଇଥିଲେ। ସେଠାରେ ତାକୁ ଧରି ପାରାଦୀପ ଆଣିବା ବାଟରୁ ଚମ୍ପଟ ମାରିଥିଲା। ଏଥିରେ ପରିବାର ଲୋକ ଅତିଷ୍ଠ ହୋଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତାକୁ ଗିରଫ କରିଥିଲା। ବିହାର ପୁଲିସ ଗିରଫ ଯୁବକ ବିଜୟକୁ ପାରାଦୀପ ଆଣି ସିନରିକ୍ରିଏସନ କରିଛି। ଯୁବକ ଜଣକ ଡେମୋରେ କ'ଣ ଦେଖାଇଛି, ସେ ସମ୍ପର୍କରେ ପୁଲିସ ମୁହଁ ଖୋଲିନାହିଁ। ତେବେ ଆସନ୍ତାକାଲି ଆହୁରି ଅନେକ କିଛି ତଦନ୍ତ ପାଇଁ ରହିଥିବା ଲକ୍ ଥାନା ପୋଲିସ ସୂଚନା ଦେଇଛି।।



# ଦରଜିଙ୍କୁ କଇଁଚିରେ ଆକ୍ରମଣ; ଅଭିଯୁକ୍ତ ଗିରଫ




**ରାଉରକେଲା, ୧୮।୫ (ସମିସ):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନୂଆ ବଜାର ଓଏସଏପି ରୋଡଠାରେ ଜଣେ ଦରଜୀଙ୍କୁ ଆଉ ଜଣେ ଦରଜୀ କଇଁଚିରେ ଆକ୍ରମଣ କରିଛନ୍ତି। ଫଳରେ ସେ ଗୁରୁତର ହୋଇଛନ୍ତି। ଗୁରୁତର ଦରଜୀ ଜଣକ ହେଲେ ରବୀନ୍ଦ୍ର ବାରିକ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସେକ୍ଟର -୨୧, ଏ/୧୬୪ ଘର ବାସିନ୍ଦା ସଞ୍ଜୀବ କୁମାର ନାୟକ (୪୨) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା'ଠାରୁ ଗୋଟିଏ କଇଁଚି ଜବତ କରିଛି। ପୁଲିସ ସୂଚନା ମୁତାବକ, ସ୍ଥାନୀୟ ଭବାନୀପୁର ବସ୍ତିର ରବୀନ୍ଦ୍ର ବାରିକ ଓ ଅଭିଯୁକ୍ତ ସଞ୍ଜୀବର ଉକ୍ତ ଅଞ୍ଚଳରେ ଦରଜୀ ଦୋକାନ ରହିଛି। ଶନିବାର ରାତି ପ୍ରାୟ ସାଢେ ୬ଟା ବେଳେ ପୁରୁଣା ବ୍ୟବସାୟିକ ଶତ୍ରୁତାକୁ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସଞ୍ଜୀବ ଏକ କଇଁଚି ସାହାଯ୍ୟରେ ରବୀନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ରବୀନ୍ଦ୍ରଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗିରଫ ସଞ୍ଜୀବଙ୍କ ନାଁରେ ପୂର୍ବରୁ ମଧ୍ୟ ଥାନାରେ ଏକ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

# ବାଟଗାଁ-ପାଳକୁଦର ରାସ୍ତା ଅଧପନ୍ତରିଆ; ତେଜୁଛି ଅସନ୍ତୋଷ

**ରାଉରକେଲା /କୋଇଡା, ୧୮।୫(ସମିସ) :**

ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ଭୁତୁଡ଼ା ପଞ୍ଚାୟତ ଅନ୍ତର୍ଗତ ବାଟଗାଁ-ପାଳକୁଦର ୫ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିବାକୁ ନେଇ ଏବେ ଅସନ୍ତୋଷ ତେଜୁଥିବା ଦେଖିବାକୁ ମିଳିଛି। ଅଧପନ୍ତରିଆ ରାସ୍ତାକୁ ସମ୍ପୂର୍ଣ୍ଣ ନିର୍ମାଣ କରିବାକୁ ଦାବି କରି ଗତ ୪ ଦିନ ଧରି ଗ୍ରାମବାସୀ ବାଟଗାଁ-ପାଳକୁଦର ରାସ୍ତା ଅବରୋଧ କରିଥିଲେ। ରାସ୍ତା ନିର୍ମାଣ ଦିଗରେ ପ୍ରଶାସନ ପଦକ୍ଷେପ ନେବା ପରିବର୍ତ୍ତେ ଆନ୍ଦୋଳନରତ ଗ୍ରାମବାସୀଙ୍କୁ ଶନିବାର ପୁଲିସ ଉଠାଇବା ସହ ୪ ଜଣ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଛି। ଯାହାକୁ ନେଇ ଏବେ ଅଞ୍ଚଳବାସୀଙ୍କ ମଧ୍ୟ ଅସନ୍ତୋଷ ଅଧିକ ତେଜୁଥିବା ନଜରକୁ ଆସିଛି। ସୂଚନାଯୋଗ୍ୟ, ଲହୁଣୀପଡ଼ା ବ୍ଲକ ଭୁତୁଡ଼ା ପଞ୍ଚାୟତ ଅନ୍ତର୍ଗତ ବାଟ ଗାଁ, କେମଶଳା, ରାଇସୁଆଁ, ପାଳକୁଦର ଗାଁର ଶତାଧିକ ଗ୍ରାମବାସୀ ବର୍ଷ ବର୍ଷ ଧରି ଗମନାଗମନ ସମସ୍ୟା ସମ୍ମୁଖୀନ ହୋଇ ଆସୁଛନ୍ତି। ଗମନାଗମନ ସହ ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟ ସେବା ପରି ସେବାରୁ ମଧ୍ୟ ଗ୍ରାମାବାସୀ ବଞ୍ଚିତ ରହିଛନ୍ତି। ଗାଁକୁ ଖଣ୍ଡିଏ ପକ୍କା ରାସ୍ତା ନଥିବାର ଗ୍ରାମବାସୀ ସ୍ୱାସ୍ଥ୍ୟ ସେବା ସଠିକ ସମୟରେ ପାଇପାରୁ ନଥିବା ବେଳେ ଭଡା ଟଙ୍କା ଓ ଚାଉଳ ପାଇଁ ବାଟଗାଁ ଗ୍ରାମବାସୀଙ୍କୁ ୧୫ କିଲୋମିଟର ଚାଲିଯିବାକୁ ପଡୁଛି। ତେଣୁ ଗାଁକୁ ଏକ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବିଡିଓ, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ ନିକଟରେ ଦାବି କରି ଆସୁଥିଲେ। ପରିଶେଷରେ ବାଟଗାଁ ଠାରୁ ପାଳକୁଦର ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ଡିଏମ୍‌ଏଫ୍ ପାଣ୍ଠିରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୫ କୋଟି ୭୨ ଲକ୍ଷ ୭ ୯ ହଜାର ଟଙ୍କା ମଞ୍ଜୁରୀ ହୋଇଥିଲା। ୨୦୨୦ ଜୁଲାଇ ୯ ରେ ଇପିଆଇଏଲ୍ ସଂସ୍ଥାକୁ ରାସ୍ତା ନିର୍ମାଣ ପାଇଁ ଚୁକ୍ତିନାମା ହୋଇଥିଲା। ସେଥିମଧ୍ୟରୁ ୨ କୋଟି ୮ ଲକ୍ଷ ୮୪୧ ଟଙ୍କା ଆଜି ଯାଏଁ ଖର୍ଚ୍ଚ ହୋଇଥିବା ବେଳେ ଅଧାରୁ ରାସ୍ତା ନିର୍ମାଣ କାମ ବନ୍ଦ ହୋଇପଡ଼ିଛି। ଏହାର କାରଣ ପଚାରିବାରୁ ଜଙ୍ଗଲ ବିଭାଗର ଅନୁମତି ନମିଳିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ରହିଛି ବୋଲି ବିଭାଗୀୟ ଅଧିକାରୀ କହିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜଙ୍ଗଲ ବିଭାଗର ଅନୁମତି ଯଦି ନଥିଲା, ତାହାଲେ ରାସ୍ତା ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ଅର୍ଥ ମଞ୍ଜୁର ହେଲା କିପରି ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଶେଷରେ ଗତ ଚାରି ଦିନ ଧରି ଗ୍ରାମବାସୀ ଉକ୍ତ ରାସ୍ତା ନିର୍ମାଣ ଦାବିରେ ରାସ୍ତା ଅବରୋଧ କରିବା ସହ ଧାରଣାରେ ବସିଥିଲେ। ପରେ ତହସିଲଦାରଙ୍କ ଏତଲା କ୍ରମେ ଶନିବାର ଲହୁଣୀପଡ଼ା ପୁଲିସ ଗ୍ରାମବାସୀଙ୍କୁ ଜୋରଜବରଦସ୍ତ ଧାରଣା ସ୍ଥଳରୁ ଉଠାଇ ନେବା ସହ ୪ ଜଣ ଗ୍ରାମବାସୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟ ଘନେଇଥିବା ଅସନ୍ତୋଷ ତୀବ୍ର ହୋଇଛି। ଆଗକୁ ଆନ୍ଦୋଳନ ଉଗ୍ରରୂପ ନେବା ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।



## ରାସ୍ତା ଅବରୋଧକାରୀଙ୍କୁ ଉଠାଇନେଲା ପୁଲିସ

## ଜଙ୍ଗଲ ବିଭାଗ ଅନୁମତି ନମିଳିବାରୁ ଅଧାରୁ ବନ୍ଦ ରହିଛି କାମ

# ଅସରାଏ ବର୍ଷାରେ ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି

**ବଣାଇଁ, ୧୮।୫(ସମିସ):** ବଣାଇଁ ସହର ମୁଖ୍ୟ ରାସ୍ତା କଚେରୀ ଛକ ନିକଟରେ ରାସ୍ତା ଖାଲଖମା ହେବା ସହ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମିରହୁଛି। ଫଳରେ ସ୍ଥାନୀୟ ଲୋକେ, ସ୍କୁଲ ଛାତ୍ରଛାତ୍ରୀ ଯାତାୟାତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ବହୁବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହୁଛି। ଦୀର୍ଘ ଦିନ ଧରି ଆବର୍ଜନା ପାଣି ଜମିବା ଯୋଗୁଁ ଦୁର୍ଗନ୍ଧ ବାହାରୁଛି। ଅପରପକ୍ଷେ ପାଣିରେ ପଶି ବାଇକ୍ କିମ୍ବା ଚାରିଚକିଆ ଯାନ ଟିଏ ସେହି ରାସ୍ତା ଦେଇ ଯିବା ବେଳେ ଅଳିଆ କାଦୁଅ ପାଣି ଲୋକଙ୍କ ଉପରେ ଛିଟିକି ପଡୁଛି। ଏହି ଛକଟି ସହରର ମୁଖ୍ୟ ଛକ ହୋଇଥିବା ବେଳେ ଏହି ରାସ୍ତା ଦେଇ ନୂଆଁ କୋର୍ଟ, ଉପକାରାଗାର, ଏଲ୍ଆଇସି, ତହସିଲ, ଆଦିବାସୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଦୈନିକ ଶହଶହ ଲୋକ ବିଭିନ୍ନ କାର୍ଯ୍ୟରେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାର ମରାମତି କରିବାକୁ ବଣାଇଁର ଜନସାଧାରଣ ଦାବି କରିଛନ୍ତି।




# ରାଉରକେଲାରେ ସେଲ୍ କଞ୍ଚାମାଲ ଡିଭିଜନ ମୁଖ୍ୟାଳୟ ଖୋଲିବାକୁ ଦାବି

ରାଉରକେଲା, ୧୮।୫(ସମିସ): ସେଲ କଞ୍ଚାମାଲ ଡିଭିଜନ୍ ମୁଖ୍ୟାଳୟ ରାଉରକେଲାରେ ଖୋଲିବାକୁ ରାଉରକେଲା ମଜଦୁର ସଭା(ଆର୍ଏମ୍ଏସ୍) ପକ୍ଷରୁ ଦାବି କରାଯାଇଛି। ରାଉରକେଲାର ସ୍ଥିତିକୁ ଲକ୍ଷ୍ୟ କଲେ ଏହା ମଧ୍ୟବର୍ତ୍ତୀ ସ୍ଥାନ ଏବଂ ରାଉରକେଲା ଇସ୍ପାତ କାରଖାନାର ଅନେକ ବିଲଡିଂ ତଥା କାର୍ଯ୍ୟାଳୟ ଏବଂ କର୍ମଚାରୀ ତଥା ଅଧିକାରୀଙ୍କ ବାସଗୃହ ରହିଛି। ରାଉରକେଲାରୁ ସମସ୍ତ ସ୍ଥାନକୁ ରେଳ ଯୋଗାଯୋଗ ତଥା ବିମାନ ଯୋଗାଯୋଗର ମଧ୍ୟ ସୁଯୋଗ ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲୁଥିବାରୁ ଆର୍ଏସ୍‌ପି ସମେତ ସମସ୍ତ ଦିଗରୁ ଏହି କାର୍ଯ୍ୟାଳୟ ପାଇଁ ଉଦ୍ୟମ କରିବାର ଆବଶ୍ୟକତା ରହିଛି। ଏହି କଞ୍ଚାମାଲ ଡିଭିଜନର ମୁଖ୍ୟାଳୟ ରାଉରକେଲାରେ ପ୍ରତିଷ୍ଠା ହେଲେ ଓଡ଼ିଶାର ଲୋକମାନେ ନିୟୋଜିତ ହେବା ସହିତ ଓଡ଼ିଶା ଅନେକ ରାଜସ୍ୱ ଆଦାୟ କରିବାରେ ସକ୍ଷମ ହୋଇପାରିବ ବୋଲି ରାଉରକେଲା ମଜଦୁର ସଭାର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ ମତବ୍ୟକ୍ତ କରିଛନ୍ତି।

# ବାପାର ଟାଙ୍ଗିଆ ଚୋଟରେ ଝିଅ ଗୁରୁତର

ରାଉରକେଲା, ୧୮।୫(ସମିସ): ମା'କୁ ବଞ୍ଚାଇବାକୁ ଯାଇ ମଦ୍ୟପ ବାପାର ଟାଙ୍ଗିଆ ଚୋଟରେ ଝିଅ ଗୁରୁତର ହେବା ଭଳି ଘଟଣା ଲହୁଣୀପଡ଼ା ଥାନା ଖୁଣ୍ଟଗାଁ ନିକଟସ୍ଥ ଗଦାପାଲି ଗ୍ରାମରେ ଚହଳ ସୃଷ୍ଟି କରିଛି। ଆକ୍ରମଣ ପରେ ଅଭିଯୁକ୍ତ ପିତା ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ଗାଁରେ ରହୁଥିବା ଅର୍ଜୁନ ରଣା ରବିବାର ସନ୍ଧ୍ୟାରେ ପ୍ରଚୁର ମଦ୍ୟପାନ କରି ଘରେ ପହଞ୍ଚିଥିଲା। କୌଣସି କାରଣକୁ କେନ୍ଦ୍ର କରି ପତ୍ନୀ ସହ ତାଙ୍କର ଝଗଡ଼ା ହୋଇଥିଲା। ପରେ ତାହା ଉଗ୍ର ରୂପ ଧାରଣ କରିଥିଲା। ଅର୍ଜୁନ ଏକ ଟାଙ୍ଗିଆ ଧରି ନିଜ ପତ୍ନୀକୁ ଆକ୍ରମଣ କରିବାକୁ ଗୋଡାଇଥିଲା। ଏହି ସମୟରେ ମା'କୁ ବଞ୍ଚାଇବାକୁ ୧୩ ବର୍ଷର ଝିଅ ସସ୍ମିତା ଦୌଡି ଆସି ରେକିବାକୁ ଚେଷ୍ଟା କରିବା ବେଳେ ଅଭିଯୁକ୍ତ ଅର୍ଜୁନ ଝିଅକୁ ଟାଙ୍ଗିଆରେ ଚୋଟ ମାରିଥିଲା। ସସ୍ମିତାର ଚିତ୍କାର ଶୁଣି ଗାଁଲୋକେ ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଅର୍ଜୁନ ସେଠାରୁ ଦୌଡି ଫେରାର ହୋଇଯାଇଥିଲା। ଝିଅ ସସ୍ମିତାକୁ ଗୁରୁତର ଅବସ୍ଥାରେ ବଣାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

# ମୀରାଶିଷ ଷ୍ଟଡି ସର୍କଲର ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ର



**ରାଉରକେଲା, ୧୮।୫(ସମିସ):** ସ୍ଥାନୀୟ ସେକ୍ଟର-୫ ସ୍ଥିତ ଶ୍ରୀଅରବିନ୍ଦ ସ୍କୁଲ ଓ ଯୋଗମନ୍ଦିରର ମଦର୍ସ ମିନି ଅଡିଟୋରିଅମ୍‌ରେ ଶିକ୍ଷାବିତ୍ ଓ ସମାଜସେବୀ ଡ. କିଶୋରୀ ଦାଶଙ୍କ ଦ୍ୱାରା ସଞ୍ଚାଳିତ ମୀରାଶିଷ ଷ୍ଟଡି ସର୍କଲର ବାର୍ଷିକ ଉତ୍ସବ ଓ ଦିବଂଗତ ମାତା ଇନ୍ଦୁମତୀ ଦାଶଙ୍କ ଦଶମ ପୁଣ୍ୟତିଥି ପାଳିତ ହୋଇଛି। ଏହି ଅବସରରେ 'ଅନ୍ତରାତ୍ମାର ଅଭିଯାତ୍ରା' ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। କେନ୍ଦ୍ରାପଡ଼ାର ବିଶିଷ୍ଟ ବକ୍ତା ଉର୍ମିଳା ରାଉତ ଶୀର୍ଷକ ବଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପହଲଗାମ୍ ଆତଙ୍କବାଦ ଆକ୍ରମଣରେ ମୃତକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଚିତ୍ତରଞ୍ଜନ ନନ୍ଦୀ ଦୁର୍ଗାସ୍ତୋତ୍ର ପାଠ କରିଥିବା ବେଳେ ରିତା ପଟ୍ଟନାୟକ'ସାବିତ୍ରୀ' ଆବୃତ୍ତି ଓ ସ୍ନେହଲତା ନାୟକ ମାତୃସଙ୍ଗୀତ ଗାନ କରିଥିଲେ। ବିଶ୍ୱନାଥ ଆଇଚ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଡ. କିଶୋରୀ ଦାଶ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଯୋଗ ମନ୍ଦିରର ସଭାପତି ଡ. ଜ୍ୟୋତ୍ସ୍ନା ପଟ୍ଟନାୟକ, ରିମ୍ବର ଅଧକ୍ଷା ନଳିନୀପ୍ରଭା ପଟ୍ଟନାୟକ, ସମ୍ପାଦକ ଡ. ପ୍ରଶାନ୍ତ ପାତ୍ର, ଡ. ବିଜୟ ସାହୁ, ଡ. ରାଜ୍ୟବର୍ଦ୍ଧନ ପଟ୍ଟନାୟକ, ଡ. ସୌଭାଗ୍ୟ ଦାଶ, ଅରୂପ ସୁବୁଦ୍ଧି, ଡ. ସନାତନ ପ୍ରଧାନ, ଶିକ୍ଷାବିତ୍ ଅଭୟ ପ୍ରଧାନ, ତୁଷାର ମିଶ୍ର, ଡ. ଚନ୍ଦ୍ରକାନ୍ତି ନାଏକ, ସ୍ୱର୍ଣ୍ଣଲତା ବଳ, କସ୍ତୁରୀ ନାୟକ, ନିର୍ମଳା ମହାପାତ୍ର, ପ୍ରତିମା ମହାପାତ୍ର, କାବେରୀ ବାନାର୍ଜୀ, ମଞ୍ଜୁଲତା ପାଢ଼ୀ, ସ୍ୱପ୍ନା ଦାସ, ରମାମଣି ଦାସ, ଶରତ ଦାଶ, ସ୍ୱପ୍ନା ମିଶ୍ର, ଅରୁନ୍ଧତୀ ନନ୍ଦୀ, ବିଭବ ଦାସ, ସୌମ୍ୟରଞ୍ଜନ ପାଣିଗ୍ରାହୀ, ଜାନକୀ ଅପା, ଅଜୟ ସ୍ୱାଇଁ, ଭାସ୍କର ପଶାୟତ ପ୍ରମୁଖ ସହଯୋଗ କରିଥିଲେ।

# ମାଲବାହୀ ଟ୍ରେନ୍‌ର ୪ ବଗି ଲାଇନ୍‌ଚ୍ୟୁତ



କୋଇଡା, ୧୮।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା ବିମିଲାଗଡ଼ ରେଲୱେ ଷ୍ଟେସନ ଡ୍ୟାମ୍ ବସ୍ତି ନିକଟରେ ଏକ ମାଲବାହୀ ଟ୍ରେନ୍‌ର ୪ଟି ବଗି ଲାଇନ୍‌ଚ୍ୟୁତ ହୋଇଥିବା ସୂଚନା ମିଳିଛି। ମାଲବାହୀ ଟ୍ରେନ୍‌ଟି ରକ୍ସି ରେଲୱେ ସାଇଡିଙ୍ଗରୁ ଲୁହା ପଥର ବୋଝେଇ କରି ବିମଲାଗଡ଼ ପଟକୁ ଯାଉଥିବା ବେଳେ ବିମିଲାଗଡ଼ ରେଲୱେ ଷ୍ଟେସନ ନିକଟ ଡ୍ୟାମ୍ ବସ୍ତି ନିକଟରେ ଲାଇନ୍‌ଚ୍ୟୁତ ହୋଇଥିଲା। ଫଳରେ ଏହି ଲାଇନ୍‌ରେ ସମସ୍ତ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏଥିରେ କାହାର କୌଣସି କ୍ଷତି ହୋଇନଥିବା ବେଳେ ଘଟଣା ସ୍ଥଳରେ ରେଲୱେ କର୍ମଚାରୀ ପହଞ୍ଚି ବଗି ଗୁଡ଼ିକୁ ଟ୍ରାକ୍‌କୁ ଆଣିବାକୁ ଉଦ୍ୟମ ଜାରି ରଖିଛନ୍ତି। କେଉଁ କାରଣରୁ ବଗି ଲାଇନ୍ ଚ୍ୟୁତ୍ ହେଲା ରେଲୱେ ବିଭାଗ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଚକ୍ରଧରପୁର ରେଳ ମଣ୍ଡଳ ଡିଆରଏମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ସୂଚନା ମିଳିଛି।

# ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ



ରାଉରକେଲା, ୧୮।୫(ସମିସ): ସ୍ଥାନୀୟ ନୟାବଜାରରେ ବାସ କରୁଥିବା ରାଉରକେଲା ପୌରପାଳିକାର ପୂର୍ବତନ କାଉନସିଲର ପାର୍ଥ ସାରଥି ଦାସ ଓରଫ ନିଲୁ ଦାସଙ୍କର ରବିବାର ଭୁବନେଶ୍ୱର ସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସେ ରାଉରକେଲା ମହାନଗର ନିଗମର ୩୧ ନମ୍ବର ୱାର୍ଡରୁ ସ୍ୱାଧୀନ କାଉନସିଲ ଭାବେ ବିଜୟୀ ହୋଇ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗ ଖବର ପାଇ ଆଜି ନୟାବଜାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମାଛ ଧରିବାକୁ ଯାଇ ବୁଡ଼ିଗଲେ ଯୁବତୀ

ରାଉରକେଲା, ୧୮।୫(ସମିସ): ନଦୀକୁ ମାଛ ଧରିବାକୁ ଯାଇ ଜଣେ ଯୁବତୀ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ମୃତ ଯୁବତୀ ଜଣକ ପ୍ରଧାନପାଲି ଘାଟ ନିକଟ ଚେନପୁର ଗ୍ରାମର ଅନାସୀ ବେହେରା ବୋଲି ଜଣାପଡ଼ିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ରବିବାର ଭୋର୍ ସମୟରେ ଅନାସୀ ନିକଟସ୍ଥ କୋଏଲ ନଦୀକୁ ମାଛ ଧରିବାକୁ ଯାଇ ବୁଡିଯାଇଥିଲେ। ପ୍ରାୟ ୩ ଘଣ୍ଟା ପରେ ସ୍ଥାନୀୟ ଲୋକେ ନଦୀରେ ତାଙ୍କ ଶବ ଭାସୁଥିବା ଦେଖିବାକୁ ପାଇଥିଲେ। ସୂଚନା ପାଇ କୁଆଁରମୁଣ୍ଡା ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ପାଣିରୁ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛି।

# ଆଇଜିଏଚ୍‌ରେ ସଫଳ ଥାଇରଏଡ୍ ଅସ୍ତ୍ରୋପଚାର

**ରାଉରକେଲା, ୧୮।୫(ସମିସ):**

ନିପୁଣ ଚିକିତ୍ସା ବିଶେଷଜ୍ଞତା ଓ ଦଳଗତ କାର୍ଯ୍ୟର ଏକ ଉଲ୍ଲେଖନୀୟ ପ୍ରଦର୍ଶନ ସ୍ୱରୂପ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍‌ପି) ଅଧୀନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍)ରେ ରବିବାର ଜଣେ ମହିଳାଙ୍କ ସଫଳ ଥାଇରଏଡ୍ ଅସ୍ତ୍ରୋପଚାର ହୋଇଛି। ସୁଦକ୍ଷ ଡାକ୍ତରଙ୍କ ଏକ ଦଳ ଆରଏସ୍‌ପିର ଜଣେ କର୍ମଚାରୀଙ୍କ ପତ୍ନୀ ସୀମାଞ୍ଜଳି ନନ୍ଦୀ(୩୪)ଙ୍କ ଥାଇରଏଡ୍ ଅସ୍ତ୍ରୋପଚାର କରିଛନ୍ତି। ସୀମାଞ୍ଜଳି ଗତ ତିନି ବର୍ଷ ଧରି ଏକ ଜଟିଳ ଥାଇରଏଡ୍ ରୋଗରେ ପୀଡିତ ଥିଲେ। ତାଙ୍କଠାରେ ଡିଫ୍ୟୁଜ୍ କୋଲଏଡ୍ ଗଏଟର୍ ରୋଗ ନିର୍ଣ୍ଣୟ ପରେ ଶ୍ରୀମତୀ ନନ୍ଦୀ ସର୍ଜରୀ ବର୍ହିଃବିଭାଗକୁ ଯାଇଥିଲେ। ସମ୍ପୂର୍ଣ୍ଣ କ୍ଲିନିକାଲ୍ ମୂଲ୍ୟାଙ୍କନ ଏବଂ ପରାମର୍ଶ ପରେ ରୋଗୀଙ୍କୁ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦିଆଯାଇଥିଲା। ବେକର ସିଟି ସ୍କାନ୍ ଏବଂ ଆନାସ୍ଥେସିଆ ମୂଲ୍ୟାଙ୍କନ ସମେତ ପୂର୍ବ ଅସ୍ତ୍ରୋପଚାରିକ ତଦନ୍ତର ଏକ ଶୃଙ୍ଖଳ ସତର୍କତାର ସହ ସମ୍ପାଦିତ କରାଯାଇଥିଲା। ତାଙ୍କୁ ଅପ୍ରେଲ ୨୪ ତାରିଖରେ ଏକ ଇଲେକ୍ଟିଭ୍ କେସ୍ ଭାବରେ ଭର୍ତ୍ତି କରାଯାଇଥିଲା। ମୁଖ୍ୟ ପରାମର୍ଶଦାତା ଡା. ଜେ. ଆର. ସାହୁ, ଅତିରିକ୍ତ ସିଏମ୍‌ଓ ଡା. ଏମ୍. କେ ପାଣିଗ୍ରାହି ଏବଂ ଡାକ୍ତର ଏମ୍. କେ ପ୍ରଧାନଙ୍କ ନେତୃତ୍ୱରେ ସର୍ଜନଙ୍କ ଏକ ବିଶେଷଜ୍ଞ ଦଳ ଦ୍ୱାରା ଏହି ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ କରାଯାଇଥିଲା। ବରିଷ୍ଠ ପରାମର୍ଶଦାତା ଡା. ସ୍ମିତା କୁଜୁରଙ୍କ ନେତୃତ୍ୱରେ ଆନାସ୍ଥେସିଆ ଦଳ ସମ୍ପୂର୍ଣ୍ଣ ଅସ୍ତ୍ରୋପଚାର ସମୟରେ ସହଯୋଗ କରିଥିଲେ। ଅସ୍ତ୍ରୋପଚାର ପରେ ଶ୍ରୀମତୀ ନନ୍ଦୀଙ୍କୁ ମହିଳା ଶଲ୍ୟଚିକିତ୍ସା ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ପାଞ୍ଚ ଦିନ ପାଇଁ ସେଠାରେ ରଖାଯାଇଥିଲା। ତାଙ୍କ ପରିବାର ସଦସ୍ୟମାନେ ଆଇଜିଏଚ୍‌ର ସମର୍ପିତ ଡାକ୍ତର ଏବଂ କର୍ମଚାରୀମାନଙ୍କୁ ସେମାନଙ୍କର ବୃତ୍ତିଗତତା, ଯତ୍ନ ଏବଂ ପ୍ରତିବଦ୍ଧତା ପାଇଁ ଧନ୍ୟବାଦ ଜଣାଇଛନ୍ତି।



# ଗରମରେ ଛଟପଟ ଡାକ୍ତରୀ ଛାତ୍ରୀ

**ସମ୍ବଲପୁର, ୧୮ ।୫(ସମିସ):** ଖରା ଦିନେ କାଳବୈଶାଖୀର ପ୍ରଭାବରେ ବିଦ୍ୟୁତ୍ ସେବା ବ୍ୟାଘାତ ହୋଇଥାଏ। ହେଲେ ଲାଇନ୍ କଟିଲେ ଠିକ ଭାବେ ଏହାର ମୁକାବିଲା କରିପାରୁନାହିଁ। ଶନିବାର ବୁର୍ଲାସ୍ଥିତ ଭିମସାରରେ ବିଦ୍ୟୁତ୍ ଲୁଚକାଳି ଖେଳ ଖେଳିଥିଲା।ଏହି ଲୁଚକାଳି ଖେଳ ପାଇଁ ଯନ୍ତ୍ରଣା ଭୋଗିଥିଲେ ଡାକ୍ତରୀ ଛାତ୍ରୀ। ରାତି ସାଢେ ୧୨ଟାରୁ ବିଦ୍ୟୁତ୍ ସେବା ବ୍ୟାଘାତ ହେବା ପରେ ଆଜି ଅପରାହ୍ନ ୨ଟାରେ ସମ୍ପୂର୍ଣ୍ଣ ଲାଇନ ସେବା କାର୍ଯ୍ୟକ୍ଷମ ହୋଇଥିଲା। ସୂଚନା ଅନୁସାରେ ଶନିବାର ରାତି ୧୧ଟା ପରେ ଭିମସାର୍ ସ୍ଥିତ ଦେବଜାନୀ ଓ ଆନନ୍ଦି ଛାତ୍ରୀନିବାସରେ ଲୋଭୋଲଟେଜ ସମସ୍ୟା ଦେଖା ଦେଇଥିଲା। ରାତି ୧୨ଟା ପରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ହଷ୍ଟେଲରୁ କଟିଯାଇଥିଲା। ଉକ୍ତ ଦୁଇ ଛାତ୍ରୀନିବାସରେ ଉଭୟ ପିଜି ଓ ୟୁଜି ଡାକ୍ତରୀ ଛାତ୍ରୀ ରହିଥାନ୍ତି। ରାତିରେ ଲାଇନ କଟିଯିବା ଫଳରେ ଛାତ୍ରୀମାନେ ଅସହ୍ୟ ଗରମରେ ଛଟପଟ ହୋଇଥିଲେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନଥିଲେ। ଏହି ସମୟରେ ଡିଜି ଲଗାଇବାକୁ କୁହାଯାଇଥିଲା। କିନ୍ତୁ ଠିକ ସମୟରେ ଡିଜି ମଧ୍ୟ କାର୍ଯ୍ୟକ୍ଷମ ହୋଇନଥିଲା। ସକାଳୁ ପୁଣି ଲାଇନ ଆସିଥିଲା। କିନ୍ତୁ ଲୋ ଭୋଲଟେଜ୍ ରହିଥିଲା। ଟ୍ରାନ୍ସଫରମର କେବୁଲ ତାର ପୋଡି ଯାଇଥିବାରୁ ଏପରି ସମସ୍ୟା ହୋଇଥିବା ନେଇ ହଷ୍ଟେଲ ପକ୍ଷରୁ ସୂଚନା ମିଳିଛି। ଦିନତମାମ ଛାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ଶେଷରେ ଅପରାହ୍ନରେ ବିଦ୍ୟୁତ୍ ସେବା ପୁଣି ଆରମ୍ଭ ହୋଇଥିଲା। ଏଠାରେ ପ୍ରଶ୍ନ ଉଠୁଛି, କାଳବୈଶାଖୀ କ୍ଷତି ପାଇଁ ଟିପିଡବ୍ଲ୍ୟୁଓଡିଏଲ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛି। ଏପରିକି ୬ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସେବା ପୁନଃ ଆସିଯିବ ବୋଲି ମଧ୍ୟ କୁହାଯାଇଥିଲା। ଖରା ଦିନେ ବିଦ୍ୟୁତ୍ ସେବା ବ୍ୟାଘାତ ହେଲେ ତୁରନ୍ତ କାମ କରି ଲାଇନ ଦେବାକୁ ମଧ୍ୟ କମ୍ପାନୀକୁ କୁହାଯାଇଛି। ହେଲେ ଗତକାଲି ବୁର୍ଲା ଭିମସାର ଛାତ୍ରୀନିବାସରେ ଏହାର ବ୍ୟତିକ୍ରମ ଦେଖାଦେଇଥିଲା।

**ଭିମସାର୍ ଡିଜି ମଧ୍ୟ କାମରେ ଆସିଲାନି**

# ଭାଗ ମାଗିବାରୁ ଭଉଣୀକୁ ମାରିଦେଲେ

**ସମ୍ବଲପୁର/କୁଚିଣ୍ଡା, ୧୮ ।୫(ସମିସ)**




ଭାଇ ଭଉଣୀ ସ୍ନେହର ସମ୍ପର୍କ। ହେଲେ କିଛିଟି ଭାଗ ପାଇଁ ସମ୍ପର୍କରେ ରକ୍ତର ହୋଲି ଖେଳି ଯାଇଛି। ମଝିଆ ଭଉଣୀକୁ ସାନ ଭାଇ ଓ ବଡ ଭଉଣୀ ଛୁରିରେ ଆକ୍ରମଣ କରି ବିଭତ୍ସ ଭାବେ ହତ୍ୟା କରିଛନ୍ତି। ବାମରା ଗୋବିନ୍ଦପୁର ଥାନା ମଝିପଡ଼ାରେ ଏପରି ଘଟଣା ଘଟିଛି। ରବିବାର ପୂର୍ବାହ୍ନ ୧୧ ଟା ସମୟରେ ବଡ ଭଉଣୀ ମିଲି ସାହୁ(୪୨) ଓ ସାନ ଭାଇ ଗୋଲକ ସାହୁ(୩୮) ମିଶି ମଝିଆ ଭଉଣୀ ଲିନା(୪୦)କୁ ଧାରୁଆ ଛୁରିରେ ଆକ୍ରମଣ କରି ନୃଶଂସ ଭାବେ ହତ୍ୟା କରିଛନ୍ତି। ଗୋବିନ୍ଦପୁର ଥାନା ପୁଲିସ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସୂଚନା ଅନୁସାରେ ଗୋବିନ୍ଦପୁର ମଝିପଡ଼ା ନିବାସୀ ପୂର୍ବତନ ପଞ୍ଚାୟତ ସେକ୍ରେଟାରୀ ବିନୋଦ ବିହାରୀ ସାହୁଙ୍କ ବଡ ଝିଅ ମିଲିଙ୍କ ବିବାହ ହୋଇଥିଲା। ବିବାହ ଭାଙ୍ଗି ଯିବାରୁ ବାପ ଘରେ ରହୁଥିଲେ। ମଝିଆ ଝିଅ ଲିନା ମଧ୍ୟ ବାହାଘର ପରେ ଶାଶୂ ଘର ଛାଡ଼ି ବାପ ଘରକୁ ଫେରି ଆସିଥିଲେ। କିନ୍ତୁ ବାପ ଘରେ ଝଗଡ଼ା ହେଉଥିବାରୁ ସମ୍ବଲପୁରରେ ଗୋଟିଏ ଗହଣା ଦୋକାନରେ କାମ କରୁଥିଲେ। ସାନ ପୁଅ ଗୋଲକ ଅବିବାହିତ ଅଛନ୍ତି। ବିନୋଦ ଗୋଟିଏ ସମ୍ପତି ବିକ୍ରି କରିଥିଲେ। ସେଥିରେ ଲିନା ନିଜ ଭାଗ ମାଗି ଥିଲେ। ଭାଗ ନ ମିଳିବାରୁ ସେ କୋର୍ଟରେ କେସ କରିଥିଲେ। କୋର୍ଟ ଭାଗ ଦେବା ପାଇଁ ବିନୋଦକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ବାପ ପୁଅ ଓ ଦୁଇ ଭଉଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେମାନେ ଲିନାକୁ ବାମରା ନ ଆସିବା ପାଇଁ ତାଗିଦ୍ କରିଥିଲେ। ଏହା ସହ ଆସିଲେ ମାରିଦେବା ପାଇଁ ଧମକ ଦେଇଥିଲେ। ରବିବାର ଲିନା ନିଜ ବଡ ବାପାଙ୍କ କାମଘର ଯୋଗ ଦେବା ପାଇଁ ଯାଇଥିଲେ। ଏ ଖବର ପାଇ ଗୋଲକ ବଡ ବାପା ପୁଅକୁ ଲିନାକୁ କିଏ ଡାକିଲା ବୋଲି ପଚାରିଥିଲେ। ଆମେ ଡାକିନୁ ଲିନା ନିଜେ ଆସିଛି ବୋଲି ସେମାନେ କହିଥିଲେ। ଏହା ପରେ ଉତ୍ତ୍ୟେକ୍ତ ହୋଇ ଗୋଲକ ଓ ମିଲି ବଡ ବାପା ଘରକୁ ଯାଇ ସମସ୍ତଙ୍କ ଉପସ୍ଥିତିରେ ଧାରୁଆ ଛୁରୀରେ ଲିନାକୁ ଆକ୍ରମଣ କରି ହତ୍ୟା କରିଥିଲେ। ଘର ଲୋକେ ଲିନାକୁ ଗୋବିନ୍ଦପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ରେଙ୍ଗାଲବେଡ଼ାରେ ସ୍ୱାସ୍ଥ୍ୟ ଶିବିର

**ଜମନକିରା, ୧୮ ।୫(ସମିସ):** ଭୋଜପୁର ପଞ୍ଚାୟତ ରେଙ୍ଗାଲବେଡ଼ା କଲ୍ୟାଣ ମଣ୍ଡପରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ୩୩୧ ଜଣ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ବିଭୂତି କଲ୍ୟାଣ ପଟେଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ଭେଷଜ ବିଶେଷଜ୍ଞ ଡ଼.ସତ୍ୟ ପ୍ରକାଶ ଦୋରା, ଶିଶୁ ରୋଗ ବିଶେଷଜ୍ଞ ଚିତ୍ତରଞ୍ଜନ ଦାସ, ଡ.ସାଇ ଷଡ଼ଙ୍ଗୀ, ମେଡିକାଲ ଲାବ ଟେକ୍ନିସିଆନ୍ ସୌରଭ ରଞ୍ଜନ କର ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଭୋଜପୁର, ଡିମିରିମୁଣ୍ଡା ଓ ସିରିଡ ପଞ୍ଚାୟତ ୩ଟି ଜନ ସାଧାରଣଙ୍କୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବିଜେପି ଯୁବ ମୋର୍ଚ୍ଚା ସଭ୍ୟ ରାକେଶ ଶର୍ମା, ଭିକୁ ନାଏକ, ହିତେଶ ମହାକୁଲ୍ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



# ‘ଐତିହ୍ୟର ମୁକସାକ୍ଷୀ ହେଉଛି ସଂଗ୍ରହାଳୟ’

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ସଂଗ୍ରହାଳୟ ଦିବସ

**ସମ୍ବଲପୁର, ୧୮।୫(ସମିସ) :** ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ମାନବ ଜାତିର ଇତିହାସର ପ୍ରତିଟି ପୃଷ୍ଠାର ଇତିବୃତ୍ତିକୁ ବହନ କରୁଛି। ମାନବ ଜାତିର ଲୌକିକ ଓ ଅଲୌକିକ ଐତିହ୍ୟର ମୁକସାକ୍ଷୀ ହେଉଛି ସଂଗ୍ରହାଳୟ। ସଂଗ୍ରହାଳୟ ନଥିଲେ ପରବର୍ତ୍ତୀ ପିଢ଼ି ବା ଭବିଷ୍ୟତ ବଂଶଧର ଆମ ଗୌରବମୟ ଐତିହ୍ୟ ଓ ପରମ୍ପରା ବିଷୟରେ ଅବଗତ ହେବାରୁ ବଞ୍ଚିତ ହେବେ ବୋଲି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ତଥା ସଂଯୋଜକ ଐତିହ୍ୟ କ୍ଲବ୍ ପ୍ରଫେସର ଡଃ ଅତୁଲ କୁମାର ପ୍ରଧାନ ମତବ୍ୟକ୍ତ କରିଛନ୍ତି। ରବିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ସଂଗ୍ରହାଳୟ ଦିବସ ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସଂଗ୍ରହାଳୟ ଦିବସର ମୁଖ୍ୟ ଥିମ୍ ହେଉଛି ‘ସମାଜ ସହିତ ଜଡ଼ିତ ଏବଂ ପରିବର୍ତ୍ତିତ ସମାଜ ସହିତ ଯୋଡ଼ି ହେବା’।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ସ୍ଥାପନା କରଯାଇଥିବା ସଂଗ୍ରହାଳୟରେ ବହୁତ ଦୁର୍ଲଭ ଐତିହ୍ୟ କୀର୍ତ୍ତିରାଜି ସ୍ଥାନ ପାଇଛି, ଯାହା ଭାରତ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରୁ ସଂଗୃହୀତ କରାଯାଇ ବିଭିନ୍ନ ପ୍ରକୋଷ୍ଠରେ ରଖାଯାଇଛି। ପ୍ରାଗୈତିହାସିକ କାଳର ବିଭିନ୍ନ ହାତହତିଆର, ସିନ୍ଧୁଘାଟି ସଭ୍ୟତାର ଅବଶେଷ, ବରପାଲି ଅସୁରଗଡ଼ର ଉତଖନନରୁ ଆବିଷ୍କୃତ ଅବଶେଷ, ରେଢ଼ାଖୋଲ ନାକଟିଦେଉଳ ଅଞ୍ଚଳରୁ ଆବିଷ୍କୃତ ମନ୍ଦିରର ଭଗ୍ନାବଶେଷ, ପ୍ରାଚୀନ ତାଳପତ୍ର ପୋଥି, ପ୍ରାଚୀନ ମୁଦ୍ରା ଆଦିର ସମ୍ଭାର ଏହି ଇତିହାସ ବିଭାଗର ସଂଗ୍ରହାଳୟ। ଛାତ୍ରଛାତ୍ରୀ, ଗବେଷକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଆଜିର ଦିନରେ ସଂଗ୍ରହାଳୟ ଅବଲୋକନ କରିଥିଲେ। କାର୍ଯ୍ୟକ୍ରମରେ ଇତିହାସ ବିଭାଗର ଅଧ୍ୟାପିକା ଏବଂ ଗବେଷକ ଡଃ ସୀତା ସାହୁ, ଦିବ୍ୟରଞ୍ଜନ ତ୍ରିପାଠୀ, ପ୍ରତିମା ପଣ୍ଡା, ସମ୍ବିତ ମେସୁଆ, ସୁଚିସ୍ମିତା ନାୟକ, ଆୟେଶା ପଣ୍ଡା, ସୋହାନୀ ପଣ୍ଡା, ସୁନୀଲ କୁମାର ଚାନ୍ଦ, ମୁକେଶ ଥାପ୍ପା, ଶୁଭମ ଧରେଇ, ଖୁସବୁ, ଅନନ୍ୟା ପ୍ରାପ୍ତି ହୋତା, ସୁବ୍ରତ ସାହୁ, ତାକିବ ହୁସେନ ଉପସ୍ଥିତ ଥିଲେ। ସମ୍ବଲପୁରର ସ୍ଥାନୀୟ ଛାତ୍ରଛାତ୍ରୀ ଓ ଜନସାଧାରଣ ସଂଗ୍ରହାଳୟରେ ଥିବା ଦୁର୍ଲଭ କିର୍ତ୍ତୀରାଜି ବୁଲି ଦେଖିଥିଲେ।



# ହାତୀ ଆକ୍ରମଣରେ ବୃଦ୍ଧ ମୃତ



**ସମ୍ବଲପୁର, ୧୮।୫(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ପଢ଼ିଆବାହାଲ ବନାଞ୍ଚଳ ଅନ୍ତର୍ଗତ ଡଙ୍ଗରପଡ଼ା ପଞ୍ଚାୟତର ହୀରୋ ଓ ଚିଲକାମ ମଝିରେ ଥିବା ମଜୁରିଆପଡ଼ା ଠାରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ଜଣକ ହେଲେ ଶ୍ୟାମସୁନ୍ଦର ପ୍ରଧାନ (୬୨)। ଏହି ଘଟଣା ଆଜି ରାତି ସାଢ଼େ ୭ଟାରୁ ୮ଟା ସମୟ ହୋଇଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁସାରେ ରବିବାର ରାତିରେ ଶ୍ୟାମସୁନ୍ଦର ନୂଆମୁଣ୍ଡା ଠାରୁ ସାଇକଲ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ମଜୁରିଆପଡ଼ା ଠାରେ ୬ଟିକିଆ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଶ୍ୟାମସୁନ୍ଦରଙ୍କୁ ଆକ୍ରମଣ କରି ଦଳି ମାରି ଦେଇଥିବା କୁହାଯାଉଛି। ସୂଚନା ପାଇବାପରେ ପଢ଼ିଆବାହାଲ ବନବିଭାଗ ପକ୍ଷରୁ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ

**ସମ୍ବଲପୁର, ୧୮।୫ (ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ରବିବାର ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଯୋଗଗୁରୁ ଡ. ଜୟଦେବ ମେହେର ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ଅଶୋକ କୁମାର ହୋତା ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ବିଷୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଆଲୋଚନା କରିଥିଲେ। ଭବିଷ୍ୟତ ଜୀବନ ତଥା ଦେଶ ଗଠନ ଦିଗରେ ଏହାର ଉପାଦେୟତାକୁ ସେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ସିଦ୍ଧାର୍ଥ ଗୌରବ ମାଝି କୃତ୍ରିମ ବୁଦ୍ଧିମତାର ପ୍ରୟୋଗ, ଆବଶ୍ୟକତା ଓ ବିପଦ ବିଷୟରେ ସରଳ ଓ ପ୍ରାଞ୍ଜଳ ଭାବେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଆଲୋଚନାରେ ପ୍ରଫେସର ସେବକ ତ୍ରିପାଠୀ ତାଙ୍କ ମତାମତ ରଖିଥିଲେ। ଉଦୟ ଭାନୁ ପାଟ୍ଟଯୋଶୀ କୃତ୍ରିମ ବୁଦ୍ଧିମତାର ଭୟାବହତା ବିଷୟରେ କହିଥିଲେ। ଏହି ଅବସରରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର, ଇଂ.ସୁଶାନ୍ତ କୁମାର ଗୁରୁ, ଗୋଲକ ବିହାରୀ ମିଶ୍ର ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଦସ୍ୟ ଡଃ ଗିରିଧାରୀ ହୋତା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ହାଇସ୍କୁଲରୁ ୫୬ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ।

# ୮୪ଘର ଅଘରିଆ ସମାଜର ଫାଶୀମାଲ ଗୁଡ଼ିର ସାମ୍ବିଧାନିକ ସମ୍ମିଳନୀ

**ଜମନକିରା, ୧୮ ।୫(ସମିସ):** ଗରିଆବାହାଲ ଗ୍ରାମରେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ୮୪ଘର ଅଘରିଆ ସମାଜର ଫାଶୀମାଲ ଗୁଡ଼ି ସାମ୍ବିଧାନିକ ସମ୍ମିଳନୀ ଡ.ଶରତ ଚନ୍ଦ୍ର ଗୌଣ୍ଟିଆ, ସଭାପତି କେନ୍ଦ୍ର କମିଟିଙ୍କ ଅଧକ୍ଷତରେ ଅନୁଷ୍ଠିତ ହୋଇଯାଇଛି। ହରିହର ପଟେଲ ସଭାପତି, ବୀରେନ୍ଦ୍ର ପଟେଲ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅରୁଣ ନାୟକ ଉପସଭାପତି, ଦୈତାରୀ ପଟେଲ ଯୁଗ୍ମ ସମ୍ପାଦକ, ସୁନୀଲ ନାୟକ କୋଷାଧ୍ୟକ୍ଷ ଓ କବିତା ପଟେଲ ମହିଳା ସଦସ୍ୟାଙ୍କ ଭାବେ ମନୋନୀତ ହୋଇଛନ୍ତି। କେନ୍ଦ୍ର କମିଟି ସମ୍ପାଦକ ଓ କୋଷାଧ୍ୟକ୍ଷ ଯଥାକ୍ରମେ କୁଳମଣି ପଟେଲ ଓ ଚିନ୍ତାମଣି ପଟେଲ ସଭାରେ ଉପସ୍ଥିତ ଥିଲେ। ନବନିର୍ବାଚିତ ସମ୍ପାଦକ ଗୁଡିକୁ ସତମାର୍ଗରେ ନିରପେକ୍ଷ ଭାବେ ଆଗେଇ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏମପି-ବନ୍ଧରପଡ଼ା ରାସ୍ତାର ଶିଳାନ୍ୟାସ



**ଝାରସୁଗୁଡା, ୧୮ ।୫(ସମିସ):** ଝାରସୁଗୁଡ଼ା ଓଏମପି ଛକରୁ ଝାରସୁଗୁଡ଼ା ବନ୍ଧରପଡ଼ା ଛକ ପର୍ଯ୍ୟନ୍ତ ରାସ୍ତା ର ଶିଳାନ୍ୟାସ କରିଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ପ୍ରାୟ ୩୨ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ରାସ୍ତା ଆଜି ଶିଳାନ୍ୟାସ କରିବା ସହ ସମୟ ସୀମା ମଧ୍ୟରେ ରାସ୍ତା କାମ ସାରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଝାରସୁଗୁଡ଼ା ଓଏମପି ନିକଟରେ କାର୍ଯ୍ୟକ୍ରମରେ ଯୋଗ ଦେଇ ଝାରସୁଗୁଡ଼ା ବିଧାୟକ କହିଛନ୍ତି ଯେ ଏହି ଅଞ୍ଚଳରେ ଲୋକଙ୍କ ଦୀର୍ଘ ଦିନରୁ ଯାହା ଦାବି ଥିଲା ଆଜି ତାହା ପୂରଣ ହୋଇଛି। ଓଏମପି ଠାରୁ ବନ୍ଧରପଡ଼ା ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ ହୋଇଛି। ଏହିରୋଡ଼କୁ ସେଣ୍ଟ୍ରାଲ ରୋଡ଼ ଇନଷ୍ଟିଚ୍ୟୁଟ ରିସର୍ଚ୍ଚ ଅଫ ଇଣ୍ଡିଆ ଏହାକୁ ଡିଜାଇନ୍ ପ୍ରସ୍ତୁତ କରିଛନ୍ତି। ବଡ ଗାଡ଼ି ଗଲେ ବି ଏହି ରାସ୍ତା କେବେ ଖରାପ ହେବ ନାହିଁ ସେଥିପାଇଁ ଏହାର ଡିଜାଇନ୍ ହୋଇକି ଟେଣ୍ଡର ହୋଇଛି। ଅତିଶିଘ୍ର ରାସ୍ତା କାମ ସମ୍ପୂର୍ଣ୍ଣ ହେବ। ସଭାରେ ଝାରସୁଗୁଡ଼ା ଜିଲ୍ଲାପାଳ ସୁନିଲ ନରୱନେ, ସହିତ ପୂର୍ତ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବେଲପାହାଡ଼ କୋଲ୍ କରିଡର ପାଇଁ ଶିଳାନ୍ୟାସ



**ଝାରସୁଗୁଡା, ୧୮ ।୫(ସମିସ):** ବହୁ ପ୍ରତିକ୍ଷୀତ ବେଲପାହାଡ଼ କୋଲକରିଡର ତଥା ବାଇପାସ ଚାରି ଥାକିଆ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ବେଲପାହାଡ଼ ମହିମା ଛକ ନିକଟରେ ରାସ୍ତାର ଶିଳାନ୍ୟାସ କରିଛନ୍ତି। ମୋଟ ୩୫୭୪.୬୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାରି ଥାକିଆ ବାଇପାସ ରାସ୍ତା ନିର୍ମାଣ କରାଯିବ। ରାସ୍ତା ନିର୍ମାଣ ହେଲେ କୋଇଲା ପରିବହନ କ୍ଷେତ୍ରରେ ସହାୟକ ହେବା ସହ କୋଇଲା ପରିବହନ ଯୋଗୁଁ ଚଳାଚଳ କରୁଥିବା ଭାରୀଯାନର ସମସ୍ୟା ଦୂର ହେବ। ରାସ୍ତା ନିର୍ମାଣ ପାଇଁ ପ୍ରାୟ ୩୬ କୋଟି ଟଙ୍କାରେ ବ୍ୟୟ ହେବାକୁଥିବା ବେଳେ ଜମି ଅଧିଗ୍ରହଣ ସହ ମୋଟ ୮୦ କୋଟି ବ୍ୟୟ ହେବ। ଯେଉଁମାନଙ୍କର ଜମି ରାସ୍ତାରେ ଅଧିଗ୍ରହଣ ହେବ ସେମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରାଯିବା ସହ ଖୁବ ଶୀଘ୍ର ରାସ୍ତା ନିର୍ମାଣ କାମ ଆରମ୍ଭ କରି ନିର୍ଦ୍ଧାରିତ ସମୟରେ ଶେଷ ହେବ। ଶିଳାନ୍ୟାସ ଅବସରରେ ଲଖନପୁର ତହସିଲଦାର, ଲଖନପୁର ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ସହ ବିଜେପି କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ରିଆମାଳରେ ଓବିସି ମଞ୍ଚର ଜନଜାଗରଣ ଯାତ୍ରା

**ରିଆମାଳ/ଦେବଗଡ଼, ୧୮ ।୫ (ସମିସ):** ରିଆମାଳ ସଦର ମହାକୁମା ସ୍ଥିତ ଦୁର୍ଗାପୂଜା ମଣ୍ଡପ ଠାରେ ଆଜି ଜିଲ୍ଲା ଓବିସି ମଞ୍ଚ ପକ୍ଷରୁ ଓବିସି ଜନଜାଗରଣ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରିଆମାଳ ପୂର୍ବତନ ସରପଞ୍ଚ ତରଣୀ ସେନ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ରାଧିକାରାଣୀ ପ୍ରଧାନ, ସମ୍ମାନିତ ଅତିଥି ଭାବରେ କାର୍ଯ୍ୟକାରୀ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ରାଜ୍ୟ ସଂଯୋଜକ ଡ.ଶୁଭେନ୍ଦୁ ସାହୁ, ପୂର୍ବତନ ସମିତିସଭ୍ୟ ଗାନ୍ଧୀ ଚରଣ ନାୟକ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପବିତ୍ର ମୋହନ ପ୍ରଧାନଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜନଜାଗରଣ ସଭାରେ ଓବିସିଙ୍କ ହକ ଓ ଅଧିକାରକୁ ନେଇ କିଭଳି ରାଜ୍ୟ ତଥା କେନ୍ଦ୍ର ସରକାର ଓବିସିଙ୍କୁ ଅଣଦେଖା କରି ଆସୁଛନ୍ତି ସେ ବିଷୟରେ ମଞ୍ଚାସିନ ଅତିଥିମାନେ ଆଲୋଚନା କରିଥିଲେ। ସେହିପରି ଯେତେଦିନ ପର୍ଯ୍ୟନ୍ତ ଓବିସି ବର୍ଗର ସମ୍ବିଧାନିକ ହକ, ଅଧିକାର ଓ ସମାନୁପାତିକ ପ୍ରତିନିଧିତ୍ୱର ହକ ନ ମିଳିଛି ଜାଗରଣ ଯାତ୍ରା ଚାଲିବା ସହିତ ଓଡ଼ିଶାର ସମସ୍ତ ଓବିସି ବର୍ଗଙ୍କୁ ସଚେତନ କରାଯିବ ବୋଲି କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ପ୍ରଧାନ ପ୍ରକାଶ କରିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ତରଣୀସେନ ପ୍ରଧାନଙ୍କୁ ଜିଲ୍ଲା ସଂଗଠକ ଓ ଶେଖର ମାଝିଙ୍କୁ ଜିଲ୍ଲା ଛାତ୍ର ସଂଗଠକ ଭାବରେ ଚୟନ କରାଯିବା ସହ ଆଗାମୀ ଦିନରେ ଜିଲ୍ଲା ରେ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱା କରାଯାଇଥିଲା।



# ବିଧାୟକଙ୍କ ଜନଅଭିଯୋଗ ଶୁଣାଣି



**ଦେବଗଡ଼, ୧୮ ।୫(ସମିସ):** ରିଆମାଳ ବ୍ଲକ ସଦର ମହକୁମାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧକ୍ଷଙ୍କ ରିଆମାଳସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୧୮ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ଶୁଣିଥିଲେ। ଏଥିସହ ଅଭିଯୋଗ ହୋଇଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି କେତେକ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଜରିଆରେ ଯୋଗାଯୋଗ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପରାମର୍ଶ କରିଥିଲେ। ମୁଖ୍ୟତଃ ବେଆଇନ ମଦ ବିକ୍ରି ବନ୍ଦ କରିବା ସହିତ ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ୍ ସମସ୍ୟା ନେଇ ରିଆମାଳ ବ୍ଲକର ବିଭିନ୍ନ ଗ୍ରାମରୁ ଲୋକ ଅଭିଯୋଗ କରିଥିଲେ। ଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ସୁଟିଂ କ୍ରୀଡ଼ା ଆସୋସିଏସନ ଉଦ୍‌ଘାଟିତ

**ଝାରସୁଗୁଡା, ୧୮ ।୫(ସମିସ):** ଝାରସୁଗୁଡା ସହରରେ ଥିବା ମଙ୍ଗଳମ୍ ଟାୱରର ୪ର୍ଥ ମହଲାରେ ୧୦ମିଟର ସୁଟିଂ ପରିସରକୁ ଝାରସୁଗୁଡା ବିଧାୟକ ଟଙ୍ଗଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନୀୟ ଅତିଥି ଭାବରେ ୨ୟ ଓଏସଏପିର ଦୁର୍ଗପତି ପ୍ରସାଦ ତମାଙ୍ଗ ଓ ସୁଟିଂ କ୍ରୀଡ଼ା ଆସୋସିଏସନର ଉପଦେଷ୍ଟା ସନନ୍ଦପ୍ରାପ୍ତ ହିସାବ ବି ସିଏ ମହେନ୍ଦ୍ର କେଡିଆ ଯୋଗ ଦେଇଥିଲେ। ବିଧାୟକ ଟଙ୍ଗଧର ତ୍ରିପାଠୀ ସୁଟିଂ କ୍ରୀଡା ଆସୋସିଏସନ ଗଠନ ହୋଇଥିବାରୁ ଆନନ୍ଦିତ ହୋଇ ପ୍ରକାଶ କରିଥିଲେ। ସୁଟିଂ କ୍ରୀଡା ଆସୋସିଏସନର ପୂର୍ବତନ ସୁଟିଂ ପଦକ ପ୍ରାପ୍ତ ସମ୍ପାଦକ ଆତିଶ ନାୟକ ପ୍ରକାଶ କରିଥିଲେ ଯେ ଦୈର୍ଘ୍ୟ ୧୦ବର୍ଷ ଉର୍ଦ୍ଧ୍ୱ ହେବ ସୁଟିଂ ପରିସର ଏବଂ ଆସୋସିଏସନ ଗଠନ ପାଇଁ ଚେଷ୍ଟା କରି ଆସୁଥିଲେ କିନ୍ତୁ ଆଜି ସିଏ ମହେନ୍ଦ୍ର କେଡିଆଙ୍କ ସାହାଯ୍ୟ ସହଯୋଗରୁ ହିଁ ତାହା ସମ୍ଭବପର ହୋଇ ପାରିଲା। ସୂଚନା ଯୋଗ୍ୟ ଯେ ଆତିଶ ନାୟକଙ୍କ ପୁତ୍ର ମଧ୍ୟ ସୁଟିଂ କ୍ରୀଡାରେ ଓଡ଼ିଶାରୁ ୧୦ ମିଟର ରାଇଫଲ ସୁଟିଂରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ହେବା ସହିତ ସ୍କୁଲ ସର୍ବଭାରତୀୟସ୍ତରିୟ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶା ପାଇଁ ପଦକ ଲାଭ କରିଛନ୍ତି। ସୁଟିଂ କ୍ରୀଡା ଆସୋସିଏସନ ତରଫରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଜ୍ଜଳ କୁମାର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ହକି ଆସୋସିଏସନ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

**ଝାରସୁଗୁଡା, ୧୮ ।୫(ସମିସ)**

ଝାରସୁଗୁଡା ଜିଲ୍ଲା ବାଗଡ଼ିହି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା ଅବହେଳାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି ବୋଲି କରିବାର ଲୋକ ଅଭିଯୋଗ କରିଛନ୍ତି। ମୃତ ବ୍ୟକ୍ତି ଜଣକ ବାଗଡ଼ିହି ଷ୍ଟେସନପଡ଼ାର କନହେଇ ମହାନନ୍ଦିଆ। କନହେଇଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ଆଜି ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସ। ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବାରୁ ପରିବାର ଲୋକଙ୍କୁ ସରକାର କ୍ଷତିପୂରଣ ଦେବାସହ ଏହି ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କହିଛନ୍ତି ଦୀପାଳି। ଅନ୍ୟପଟେ ଚିକିତ୍ସା ଅବହେଳା ଏବେ ବାରମ୍ବାର ଦେଖିବାକୁ ମିଳୁଛି। ଏହିପରି ଅବହେଳା କରି ନିରୀହବ୍ୟକ୍ତିଙ୍କ ଜୀବନ ସହ ଖେଳିବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ଦୀପାଳି। ସ୍ୱାସ୍ଥ୍ୟ ବିଭାଗ ଏବଂ ରାଜ୍ୟ ସରକାର ଏହି ପରି ଅବହେଳା ଜନିତ ମୃତ୍ୟୁର ଜବାବ ଦିଅନ୍ତୁ ବୋଲି ଦୀପାଳି କହିଛନ୍ତି। ସୂଚନା ଅନୁଯାୟୀ କନହେଇଙ୍କ ଗୋଡ଼ରେ ଘା ହୋଇଥିବା ଯୋଗୁଁ ଡ୍ରେସିଂ କରିବାକୁ ବାଗଡ଼ିହି ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଆଣ୍ଟିବାୟୋଟିକ ଇଞ୍ଜେକସନ ଦେବା ପରେ କିଛି ସମୟ ମଧ୍ୟରେ କନହେଇଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତକର ଶବ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡା ପଠାଉ ଥିବା ବେଳେ ସ୍ଥାନୀୟ ଲୋକେ ପହଞ୍ଚି ଶବକୁ ଅଟକାଇ ରଖିବା ସହ ଚିକିତ୍ସାର ତଦନ୍ତ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ଘଟଣାସ୍ଥଳରେ ଲାଇକେରା ପୁଲିସ ପହଞ୍ଚି ବୁଝାସୁଝା କରିଥିଲା।



**କାର୍ଯ୍ୟାନୁଷ୍ଠାନ ଦାବି କଲେ ପୂର୍ବତନ ବିଧାୟିକା**

# ବିଜେପି ନଗର ମଣ୍ଡଳ କର୍ମକର୍ତ୍ତା ଚୟନ



**ଦେବଗଡ଼, ୧୮ ।୫(ସମିସ):** ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ନଗର ସଭାପତି ରାଜେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଙ୍ଗଠନିକ ଆଲୋଚନା ହେବା ସହ ନଗର ମଣ୍ଡଳର ୧୬ ଜଣିଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ପ୍ରତାପ କୁମାର ପଣ୍ଡା ଓ ଜଗନ୍ନାଥ ବେହେରାଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ରମଣୀ ରଞ୍ଜନ ଆଚାର୍ଯ୍ୟ, ଦେବାଶିଷ କର, ମହେନ୍ଦ୍ର ରଣା, ମଧୁସୂଦନ ବାଘ, ସ୍ୱିଟି ନାଏକ ଓ ପଦ୍ମିନୀ ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସମ୍ପାଦକ ଭାବେ ଆଲୋକ କୁମାର ଦ୍ୱିବେଦୀ, ଅର୍ଣ୍ଣବ ପଣ୍ଡା, ପ୍ରଦୀପ ଭୋଇ, ଦୋଳଗଞ୍ଜନ ପ୍ରଧାନ, ଶତ୍ରୁଘ୍ନ ପାତ୍ର(ଏସସି), ସୁମନ୍ତ ଭୋଜଙ୍କୁ ମନୋନୀତ କରା ଯାଇଥିବା ବେଳେ କୋଷାଧକ୍ଷ ଭାବେ କିଶୋର ବେହେରାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିବା ନେଇ ନଗର ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୫

## ସମ୍ବର୍ଦ୍ଧିତ ହେଲେ ପଶ୍ଚିମ ଓଡ଼ିଶା ୧୦ ଜିଲ୍ଲାର ବ୍ଲକ୍ ଟପ୍ପର

ଏକ ଭବ୍ୟ ବର୍ଣ୍ଣାଢ଼୍ୟ ପରିବେଶରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ସମସ୍ତ ବ୍ଲକ ଟପ୍ପର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଛାତ୍ରଛାତ୍ରୀଙ୍କ ସହିତ ସେମାନଙ୍କ ଅଭିଭାବକ ଓ ଶିକ୍ଷକମାନେ ସମ୍ବର୍ଦ୍ଧନାରେ ସାମିଲ ହୋଇ ଗର୍ବ ଓ ଗୌରବ ଅନୁଭବ କରିବା ସହ ଦୈନିକ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସହଭାଗିତା କରିଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ନିଉଟନ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସର ଅଧ୍ୟାପକ ସୁରଜ ସାହୁ, ଏମ୍‌ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଅଧ୍ୟକ୍ଷ ଅଭିଜିତ ବାବୁ, କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ଡଃ ସମରେନ୍ଦ୍ର ନାଥ ପଣ୍ଡା, ବୈଦିକ ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ସୁକାନ୍ତ କୁମାର ମହାପାତ୍ର ଓ ପିନାକଲ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ଇଂ. ମନୋରଞ୍ଜନ ମିଶ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କ କ୍ୟାରିୟର ଗଠନ ଏବଂ ସେମାନେ ତାଙ୍କ ଅନୁଷ୍ଠାନର ଦିଆଯାଉଥିବା ସୁବିଧା ସୁଯୋଗ ତଥା ସ୍ୱତନ୍ତ୍ର ବ୍ୟବସ୍ଥା ବିଷୟରେ ବକ୍ତବ୍ୟ ରଖିଥିଲେ ।

ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ତଥା ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନନ୍ଦିଘୋଷ ସମ୍ବଲପୁର ବ୍ୟୁରୋ ମୁଖ୍ୟ ସମୀର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଏବଂ ସମ୍ବଲପୁର ଜିଲ୍ଲା ପ୍ରତିନିଧି ସୁକାନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । ଏଜିଏମ୍ ନରୋତ୍ତମ ଗୁରୁଙ୍କ ତତ୍ତ୍ୱାବଧାନରେ ସକାଳ ସମ୍ପାଦନା ବିଭାଗର ଶୁଭମ ଖଡ଼ିରତ୍ନ, ନରସିଂହ ବଗର୍ତ୍ତୀ, ପ୍ରସାରଣ ବିଭାଗର ସନତ ସ୍ୱାଇଁ, ମୁଦ୍ରଣ ବିଭାଗର ନିରଞ୍ଜନ ଲେଙ୍କା, ମୁକେଶ ଶର୍ମା, ଅମିତ ସିଂ, ସଞ୍ଜୁ ସିଂ, ଯୁଗଳ ପ୍ରଧାନ, ସ୍ମୃତିରଞ୍ଜନ କାଳିଆ, ଉପେନ୍ଦ୍ର ବରିହା, ଗୋଲକ ମୋହନ ଛତ୍ରିଆ, ସଞ୍ଜିବ ପରିଡ଼ା, ସୁନୀଲ ଗୁପ୍ତା, ସୌମ୍ୟ, ଅଜୟ ସୁନା, ରଞ୍ଜନ ପଲାଇ, ନନ୍ଦିଘୋଷ ଟିଭିର ନିଲୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।








ମିମାଂଶା ରଥ
ଉଦ୍‌ଘୋଷିକା


ପ୍ରଫେସର ସୁଶାନ୍ତ କୁମାର ଦାସ
ଭାରପ୍ରାପ୍ତ କୁଳପତି, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ


ସୁରଜ ସାହୁ
ନିଉଟନ୍ ହାୟର ସେକେଣ୍ଡାରୀ ସ୍କୁଲ୍ ଅଫ୍ ସାଇନ୍ସ


ଅଭିଜିତ ବାବୁ
ଅଧ୍ୟକ୍ଷ, ଏମ୍ସ ହାୟର ସେକେଣ୍ଡାରୀ ସ୍କୁଲ୍


ଡ. ସମରେନ୍ଦ୍ର ନାଥ ପଣ୍ଡା
ନିର୍ଦ୍ଦେଶକ, କ୍ରୀଷ୍ଣାବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ


ସୁକାନ୍ତ କୁମାର ମହାପାତ୍ର
ଅଧ୍ୟକ୍ଷ, ବୈଦିକ ହାୟର ସେକେଣ୍ଡାରୀ ସ୍କୁଲ୍


ଇଂ. ମନୋରଞ୍ଜନ ମିଶ୍ର
ନିର୍ଦ୍ଦେଶକ, ପିନାକଲ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ


ଡ. ତେଜରାଜ ପାତ୍ର
ନିର୍ଦ୍ଦେଶକ, ନିଉଟନ୍ ହାୟର ସେକେଣ୍ଡାରୀ ସ୍କୁଲ୍ ଅଫ୍ ସାଇନ୍ସ


ସମୀର ଷଡ଼ଙ୍ଗୀ
ବ୍ୟୁରୋ ମୁଖ୍ୟ, ନନ୍ଦିଘୋଷ


ସୁକାନ୍ତ କୁମାର କର
ଜିଲ୍ଲା ପ୍ରତିନିଧି, ସକାଳ



ସକାଳ
ମାଟ୍ରିକ୍ ଉତ୍କର୍ଷ ସମ୍ମାନ ୨୦୨୫
Supported by
AIMS GROUP OF INSTITUTIONS
NEWTON Higher Secondary School of Science SAMBALPUR
PINNACLE GROUP OF INSTITUTIONS
AIPH University Bhubaneswar (Odisha)
VEDIC GROUP OF INSTITUTIONS | SAMBALPUR | RAIGARH | BARGARH
Krishna Vikash Group of Institutions
JUPITER GROUP OF INSTITUTIONS
ଓମ୍‌ଫେଡ୍ କ୍ଷୀର ଓଡ଼ିଶାର



# ମଇଁଷି ମେଣ୍ଟାଇବ ଦୁଗ୍ଧ ଚାହିଦା



**ବାରିକପୁର,୧୮ ।୫(ସମିସ):** ଦୁଗ୍ଧ ଉତ୍ପାଦନ ବୃଦ୍ଧି ସକାଶେ ଭଣ୍ଡାରିପୋଖରୀ ଅଞ୍ଚଳର କିଛି ଚାଷୀ ଏବେ ପ୍ରଥମକରି ମଇଁଷି ପାଳନ କରିଛନ୍ତି। ମଇଁଷିର କ୍ଷୀର ଉତ୍ପାଦନ କ୍ଷମତା ଅଧିକ ରହିଥିବା ବେଳେ ଏଥିରେ ଗୋ-ପାଳକ ତଥା ଚାଷୀମାନେ ଲାଭାନ୍ୱିତ ହୋଇ ପାରିବେ। ଏନେଇ ଜିଲ୍ଲା ପଶୁ ସମ୍ପଦ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିବା ବେଳେ କିଛି ଚାଷୀ ପ୍ରଥମକରି ମଇଁଷି ଆଣି ଗୁହାଳେ ବାନ୍ଧିଛନ୍ତି। ବ୍ଲକର ଖଡିସିଙ୍ଗା,ଭାଗଡା,କୁଲଣା ପ୍ରମୁଖ ଗ୍ରାମର କିଛି ଚାଷୀ ଏହି ମଇଁଷି କ୍ରୟ କରିଥିବା ଜଣାପଡିଛି। ଗାଇ ସହିତ ମଇଁଷି ଖିରକୁ ଓମଫେଡ କ୍ରୟ କରିବାକୁ ଚୁକ୍ତିବଦ୍ଧ ହୋଇଥିବା ଚାଷୀମାନେ ଜଣାଇଛନ୍ତି।

# ଚରମ୍ପା ଗଳାପୋଲରେ ଦହି ସର୍ବତ ବଣ୍ଟନ




**ଭଦ୍ରକ,୧୮ ।୫(ସମିସ):** ଚରମ୍ପା ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ସମସ୍ତ ବରିଷ୍ଠ ନାଗରିକ ଓ ମହାୱାଡ଼ି ମହିଳା ସମିତି ସହଯୋଗରେ ଜାତୀୟ ରାଜପଥ ଗଳାପୋଲ ନିକଟରେ ରୋଟାରୀ କ୍ଲବର କର୍ମକର୍ତ୍ତାଙ୍କ ପ୍ରେରଣାରେ ପଥଚାରୀଙ୍କୁ ଦହି-ସରବତ ବଣ୍ଟନ କରାଯାଇଛି। ସଭ୍ୟ ଶଶିକାନ୍ତ ପାଢ଼ୀ, ଅଜୟ କୁମାର ପାଢ଼ୀ, ସୁଦର୍ଶନ ବିଶ୍ୱାଳ, ପ୍ରଭାକର ଦାସ, ଅଭିମନ୍ୟୁ ବେହେରା, ଅରୁଣ ଲଖାନୀ, କାଳନ୍ଦୀ ପାତ୍ର, ଶିଶିର ମିଶ୍ର, କେଦାରନାଥ ଗୁପ୍ତା, ବିଜୟ ସେନାପତି, ଜଗବନ୍ଧୁ ମହାନ୍ତି, ବିଶ୍ୱନାଥ ପାଢ଼ୀ,ପଦ୍ମଲୋଚନ ମହାଳିକ, ନରେନ୍ଦ୍ର ପଟ୍ଟନାୟକ, ଗୋପୀନାଥ ନାୟକ, ବୀରେନ୍ଦ୍ର ନାୟକ, ବିଶ୍ୱନାଥ ବେହେରା, ପୀତବାସ ଜେନା, ବେଦପ୍ରକାଶ ଗୁପ୍ତା, ପ୍ରମୋଦ ଲଖାନି, ଅରୁଣ ଲଖାନି, ଦୟାନିଧି ପୁହାଣ, ଭାଗବତ ସାହୁ ସର୍ବତ ବଣ୍ଟନ କରିଥିଲେ। ଏତାଦୃଶ କାର୍ଯ୍ୟକ୍ରମ ପାଇଁ ଚରମ୍ପା ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ କୈଳାଶଚନ୍ଦ୍ର ମହାପାତ୍ର ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସାଧୁବାଦ ଜଣାଇଛନ୍ତି।

# ବାସ୍କେଟବଲ୍ ଖେଳର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର



**ଭଦ୍ରକ,୧୮ ।୫(ସମିସ):** ଭଦ୍ରକ ବାସ୍କେଟବଲ ଏକାଡେମୀ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ବାସ୍କେଟବଲ ଖେଳର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର କୋଚ୍ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବାସ୍କେଟ ବଲ୍ କୋର୍ଟରେ ଉଦଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରଟି ୪ ମଇରୁ ଆରମ୍ଭ ହେଇଥିଲା। ଦୀର୍ଘ ୧୫ ଦିନ ଧରି ଏହି ପ୍ରଶିକ୍ଷଣ ଶିବିରଟି କୋଚ୍ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ୧୮ ମଇ ରବିବାରରେ ସମାପ୍ତ ଘଟିଛି। ଏହି ଶିବିରରେ ବିଭିନ୍ନ ବ୍ଲକରୁ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୪୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସମାପନ ଉତ୍ସବରେ ଅତିଥି ଭାବରେ ଭଦ୍ରକ ଜିଲ୍ଲାର ଅଫିସର ଇନ୍ ସ୍ପେସାଲ୍ ଡ୍ୟୁଟି (କ୍ରୀଡ଼ା ଅଧିକାରୀ) ରମେଶଚନ୍ଦ୍ର ମହାନ୍ତି, ବରିଷ୍ଠ ଶାରୀରିକ କ୍ରୀଡ଼ା ଶିକ୍ଷକ ସଚିକାନ୍ତ ପଣ୍ଡା, ଅବସରପ୍ରାପ୍ତ ଆଇପିଇ ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ନର୍ସଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

# ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାନୁଷ୍ଠାନ

**ଭଦ୍ରକ,୧୮ ।୫(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଷ୍ଟାଫନର୍ସ ସନ୍ତୋଷିନୀ ପଲାଇ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ନର୍ସ ଜଣକ ଏସସିବି ମେଡିକାଲ କଲେଜ ହସ୍ପିଟାଲ ଟ୍ରମା ୱାର୍ଡରେ ଚିକତ୍ସାଧୀନ ଥିବା ବେଳେ ତାଙ୍କ ସ୍ୱାମୀ ନିକୁଞ୍ଜ ବିହାରୀ ମଲ୍ଲିକଙ୍କ ଅଭିଯୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଇଜଣ ନର୍ସ ଓ ଡାକ୍ତରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନଷ୍ଠାନ ଆରମ୍ଭ କରିଛନ୍ତି। ମୁଖ୍ୟ ଚିକିତ୍ସାଳୟର ନର୍ସ ସୋ÷ଦାମିନୀ ଦାସଙ୍କୁ ମେଟ୍ରନ ଦାୟିତ୍ୱରୁ ହଟାଇ ୱାର୍ଡଡ୍ୟୁଟି ଦିଆଯାଇଛି। ନର୍ସ କୁସୁମ ପାଢୀଙ୍କୁ ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଛି। ସେହିପରି ଡାକ୍ତର ଅମୂଲ୍ୟ ଦାସଙ୍କୁ ପୁରୁଷ ମେଡିସନ ୱାର୍ଡରୁ ହଟାଇ ମହିଳା ୱାର୍ଡରେ ଡ୍ୟୁଟି ଦିଆଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁଶେଖର ବଳ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଷ୍ଟାଫ ନର୍ସ ଜଣକ କାର୍ଯ୍ୟସ୍ଥଳରେ ନିର୍ଯ୍ୟାତନାର ଶିକାର ହୋଇଥିଲେ। ଏଥିରେ ଅତିଷ୍ଠ ହୋଇ ସେ ଶୁକ୍ରବାର ଅପରାହ୍ନରେ ଭଦ୍ରକ ରେଳ ଷ୍ଟେସନରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ବେଳେ ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ। ନର୍ସଙ୍କୁ ରେଳବାଇ ପୁଲିସ ଉଦ୍ଧାର କରିବା ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କୁ ଅଧିକ ଚିକିତ୍ସା ଲାଗି କଟକ ଏସସିବି ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଜଣେ ଡାକ୍ତର ତାଙ୍କୁ ଦୁଷ୍କର୍ମ କରିଥିବା ନେଇ ଗଣମାଧ୍ୟମ ଆଗରେ ଆହତ ନର୍ସ ବୟାନ ରଖିଥିଲେ କିନ୍ତୁ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି। ନର୍ସଙ୍କ ସ୍ୱାମୀ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରି ତାଙ୍କ ପତ୍ନୀଙ୍କୁ ଡାକ୍ତର ଅମୂଲ୍ୟ ଦାସ, ସୌଦାମିନୀ ଦାସ ଓ ନର୍ସ କୁସୁମ ପାଢୀ ମାନସିକ ନିର୍ଯାତନା ଦେଇଆସୁଥିଲେ ବୋଲି ଉଲ୍ଲେଖ କରିଥିଲେ।

# ଜିଲ୍ଲା ଗ୍ରୀଷ୍ମକାଳୀନ ସାଇକଲ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ



**ଭଦ୍ରକ, ୧୮ ।୫(ସମିସ):** ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ନେହରୁ ଷ୍ଟାଡିୟମରେ ମଇ ୧ ତାରିଖ ଦିନ ଉଦଘାଟିତ ହୋଇଥିବା ଜିଲ୍ଲାସ୍ତରୀୟ ସାଇକଲ ପ୍ରଶିକ୍ଷଣ ଶିବିର ରବିବାର ପୂର୍ବାହ୍ନରେ ଉଦଯାପିତ ହୋଇଛି। ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ସହଯୋଗରେ ଆୟୋଜିତ ଏହି ଶିବିରରେ ୫୦ ଜଣ ବାଳକ ବାଳିକା ଯୋଗ ଦେଇଥିଲେ। ଉଦଯାପନ ଉତ୍ସବରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ସାଧାରଣ ସମ୍ପାଦକ ପ୍ରସନ୍ନ ରାଉତ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ସାଇକେଲ କ୍ରୀଡ଼ାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏ କ୍ଷେତ୍ରରେ ଅଭୂତପୂର୍ବ ପ୍ରଗତି ପରିଲକ୍ଷିତ ହେଉଛି ବୋଲି ମନ୍ତବ୍ୟ ଦେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଏ କ୍ରୀଡ଼ାର ମହତ୍ୱ ଓ ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ରୂପେ ଭଦ୍ରକର ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ମହାନ୍ତି ଏହି ଉତ୍ସବରେ ଉପସ୍ଥିତ ଥିଲେ। ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ସାଧାରଣ ସମ୍ପାଦକ ଧୀରେନ୍ ପଲାଇଙ୍କ ତତ୍ତ୍ୱାବଧାନରେ ଏହି ଶିବିର ସଫଳତାର ଆୟୋଜିତ ହୋଇଥିଲା। ସାଇକେଲ ବିଭାଗ ସମ୍ପାଦକ ସଂଗ୍ରାମୀ ଦେବୀଦତ ନାୟକଙ୍କ ନେତୃତ୍ୱରେ ଗଠିତ ଆୟୋଜନ ସମିତିର ସଦସ୍ୟ ରୂପେ ନବନୀତା ନାୟକ, ସୁବାଷ ଗୋଚ୍ଛାୟତ, ସୂର୍ଯ୍ୟକାନ୍ତ ରାଉଳ ସହଯୋଗ କରିଥିଲେ। ହ୍ୟାପ୍ପି ହୋମ୍ ସ୍କୁଲର କ୍ରୀଡା ଅଧ୍ୟାପକ ରବିନାରାୟଣ ଓଝା ସଂଯୋଜନା ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଆର୍ଦ୍ରତା ସତ୍ତ୍ୱେ ସାଇକଲ କ୍ରୀଡ଼ା ପ୍ରତି ଶିବିରାର୍ଥୀଙ୍କ ଆଗ୍ରହ ଓ ଉତ୍ସାହ ସମସ୍ତଙ୍କୁ ପ୍ରଭାବିତ କରିଥିଲା।

# କିଟ୍-କିସ୍ ପକ୍ଷରୁ ଆର୍ଟ ଅଫ ଗିଭିଂ ସମାରୋହ



**ଭଦ୍ରକ,୧୮ ।୫(ସମିସ):** ଭଦ୍ରକରେ ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଂ ଦିବସ ପାଳନ ସମାରୋହ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପ୍ରଫେସର ରାମଚନ୍ଦ୍ର ପଣ୍ଡା, ଭଦ୍ରକ ବିଧାୟକଙ୍କ ପ୍ରତିନିଧି ତଥା ସମାଜସେବୀ ଶେଖର ମହାପାତ୍ର, ଅଧ୍ୟାପକ ଶୁଭେନ୍ଦୁ ବରାଳ, କିଟ ବିଶ୍ୱ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ନେହାଶିଷ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାରେ ସମର୍ପିତ ମନୋଭାବ ନେଇ ସମାଜସେବାରେ ବ୍ରତୀ ଥିବା ପୂର୍ବତନ ସରପଞ୍ଚ ଗୋଲକଚନ୍ଦ୍ର ସାମଲ, ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ବେହେରା, ଆଦର୍ଶ ପ୍ରଧାନଶିକ୍ଷକ ନିରଞ୍ଜନ ସେଠୀ, ଆଦର୍ଶ ଶିକ୍ଷୟିତ୍ରୀ ଜୟନ୍ତୀ କର ଶର୍ମା, ଆଦର୍ଶ ଅଧ୍ୟାପକ ଶୁଭେନ୍ଦୁ ବରାଳ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଓଡ଼ିଶା ଟପର ହୋଇଥିବା ଛାତ୍ର କାବ୍ୟରଞ୍ଜନ ମାଝୀ, ଆଦର୍ଶ ସଂଗଠନ ଭାବେ ଜିଲ୍ଲା ଏକତା ରକ୍ତଦାନ ସଂଗଠନ ଆଦିଙ୍କୁ ଆର୍ଟ ଅଫ ଗିଭିଂ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ପ୍ରାୟ ୨ଶହ ବୁଦ୍ଧିଜୀବୀ ଓ ଯୁବକ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସାମ୍ବାଦିକ ନରେନ୍ଦ୍ର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କିସ ଜିଲ୍ଲା ସଂଯୋଜକ ବିରେନ ମହାଲିକ ସୂଚନା ଦେଇଥିଲେ। କିଟ କ୍ଷେତ୍ରୀୟ ଅଧିକାରୀ ଦୀପକ ବେହେରା ଧନ୍ୟବାଦ ଦେଇଥିଲେ।

# ହଜ୍ ଯାତ୍ରୀଙ୍କ ସମ୍ବର୍ଦ୍ଧନା ସମାରୋହ



**ଧାମନଗର,୧୮।୫(ସମିସ):** ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରୁ ପୁରୁଷ ଓ ମହିଳା ହଜ୍ ଯାତ୍ରୀ ମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେବା ସହ ସେମାନଙ୍କ ଯାତ୍ରାର ସଫଳ କାମନା କରାଯାଇଛି। ଏହି ଅବସରରେ ପବିତ୍ର ସ୍ଥାନ ମକ୍କାମଦିନା ଓ ବାଗଦାଦ ସରିଫ୍ ସହିତ ବିଭିନ୍ନ ତୀର୍ଥକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଧାମନଗର ସହରାଞ୍ଚଳର ଖାନକା ଉର୍ସ କମିଟି ସାଧାରଣ ସମ୍ପାଦକ ତଥା ଅଧ୍ୟାପକ ମହମ୍ମଦ ଇସ୍ରାଇଲ ହବିବି, ତାଙ୍କ ସ୍ତ୍ରୀ ରହେନୁମା ଖାତୁନ, ମୌଲାନା ସେକ ଗୋଲାମ ହୋସେନ, ତାଙ୍କ ସ୍ତ୍ରୀ ତାହେରା ଖାତୁନ, ମହମ୍ମଦ ତାହେରଉଦ୍ଦିନଙ୍କ ସମେତ ମହିଳା ପୁରୁଷ ପ୍ରମୁଖ ଖାନକା ସରିଫ୍ ଠାରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପୀରବାବାଙ୍କୁ ଦର୍ଶନ କରି ହଜ୍ କରିବା ପାଇଁ ତୀର୍ଥକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସମାଜସେବୀ ଡ. ସଞ୍ଜୟ କୁମାର ଦାସ,ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ,ଏନଏସି ଅଧ୍ୟକ୍ଷା ନିବେଦିତା ଜେନା,ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି,ସମାଜସେବୀ ସେକ ଅବଦୁଲ ହାକିମ,ଏମଡି ହବିବୁର ରହେମାନ,ଶଚୀକାନ୍ତ ପଣ୍ଡା,ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ଅନୀଲ କୁମାର ବାରିକ,ରସାନନ୍ଦ ମହାପାତ୍ର,କୃଷ୍ଣ ଚନ୍ଦ୍ର ଜେନା,ସେକ ଜାଫର ଅଲ୍ଲୀ,ଅଧ୍ୟାପକ ସମୀର ହୁଇ,ସୁରେନ୍ଦ୍ର ଜେନା,ପ୍ରକାଶ ମହାପାତ୍ର,ବିଜେଡି ନେତା ସେକ ସୈଫୁଦ୍ଦିନ,ସୁଶାନ୍ତ କୁମାର ରାଉତ,କୁମାରେଶ ଖିଲାର,ବିଜୟ କେତନ ସାହୁ,ମୀର ମୂର୍ତୁଜା,ସେକ ବାବୁନୁଙ୍କ ସମେତ ବହୁ ଶୁଭେଚ୍ଛୁ ପ୍ରମୁଖ ତୀର୍ଥ ଯାତ୍ରୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ହଜ ଯାତ୍ରାର ସଫଳ କାମନା କରିଛନ୍ତି। ପ୍ରାରମ୍ଭରେ ରବିବାର ସକାଳ ସମୟରେ ଧାମନଗର ପ୍ରସିଦ୍ଧ ପୀଠ ଖାନକା ସରିଫ୍ ଠାରେ ଉର୍ସ କମିଟିର ଉପସଭାପତି ସୟଦ ମୁସ୍ତଫା ରଜା ହବିବି, ସୟଦ ହାସନେ ରଜା ହବିବି,ମୌଲାନା ଅବଦୁଲ ମନ୍ନା ହବିବି,ସେକ ତାଜୁଦ୍ଦିନ ହବିବ, ସେକ ଅଫସର ଅଲ୍ଲୀ (ଅପ୍ପି)ସେକ ଇସ୍ଲାମୁଦ୍ଦିନ,ସେକ ମୁଜାଫର ହୋସେନ,ସେକ ସଲିମ ଓ ଅନ୍ୟ ବନ୍ଧୁବାନ୍ଧବ ଏହି ଯାତ୍ରା ସମୟରେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇବା ସହିତ ହଜ ଯାତ୍ରାର ସଫଳ କାମନା କରିଥିଲେ।

## କଳା ପଲସର ଆତଙ୍କ

# ଫର୍ଣ୍ଣିଚର ଦୋକାନୀଙ୍କୁ ଭୁଜାଲି ଦେଖାଇ ଲୁଟିଲେ ଟଙ୍କା

**ଭଣ୍ଡାରିପୋଖରୀ, ୧୮।୫(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଛତାବର-ବଳିଘାଇ ପୂର୍ତ୍ତ ରାସ୍ତାର ପର୍ବତୀ ମଦଦୋକାନ ସମ୍ମୁଖରୁ ଭୁଜାଲି ଦେଖାଇ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଭଦ୍ରକ ପୁରୁଣାବଜାର ଥାନା ଅନ୍ତର୍ଗତ ଆଲାମ ଖାଁ ପୁରୁଣାବଜାର ଶେଖ ସାହାବାଜ କାଦିର ଫର୍ଣ୍ଣିଚର ସପ୍‌ରେ କାର୍ଯ୍ୟ କରନ୍ତି। ଆଲାମ ଖାଁ ନିଜ ଓଡି ୦୧ ଜେଡ ୨୭୮୦ନଂ ଟାଟା ଏସି ଗାଡ଼ିରେ ଶୁକ୍ରବାର ଦିନ ୧.୩୦ମି. ସମୟରେ ଫର୍ଣ୍ଣିଚର ବୋଝେଇ କରି ଯାଜପୁର ଜିଲ୍ଲା ବିଞ୍ଝଛାରପୁର ଥାନା ଅନ୍ତର୍ଗତ ବାଲମୁକୁଳି ବଜାର ଶୁଭମ ଫର୍ଣ୍ଣିଚର ଦୋକାନକୁ ଯାଇଥିଲେ। ସେଠାରୁ ଭଦ୍ରକ ଫେରୁଥିବା ରାସ୍ତାର ପାର୍ବତୀ ବିଦେଶୀ ମଦ ଦୋକାନ ସମ୍ମୁଖରେ ରାତ୍ର ୧୧.୧୫ ସମୟରେ ୨ଟି ନମ୍ବର ବିହୀନ କଳା ପଲସର ଅଜଣା ବାଇକ ଆରୋହୀ ଆଲାମଙ୍କ ଟାଟା ଏସିକୁ ତନଖି ପାଇଁ ଅଟକାଇଥିଲେ। ଟାଟା ଏସି ଗାଡିର ଡାଲା ଖୋଲାଅଛି କହିବାରୁ ଆଲାମ ତଳକୁ ଓହ୍ଲାଇଥିଲେ। ପଲସର ଆରୋହୀମାନେ ଆଲାମଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଦେବା ସହ ଭୁଜାଲି ଦେଖାଇ ଟଙ୍କା ଦେବାକୁ ଧମକାଇଥିଲେ। ଏଥିରେ ଭୟଭୀତ ହୋଇ ଆଲାମ ବାଲମୁକୁଳି ଫର୍ଣ୍ଣିଚର ଦୋକାନୀଠାରୁ ଆଣିଥିବା ନଗଦ ୮୪ ହଜାର ୫୦୦ ଟଙ୍କା ଦେଇଥିଲେ। ଏହାକୁ ନେଇ କଳା ପଲସରରେ ଲୁଟେରାମାନେ ଯାଜପୁର ଅଭିମୁଖେ ମଞ୍ଜୁରୀ ଆଡକୁ ପଳାଇଥିଲେ। ଆଲାମ ଭଦ୍ରକ ଫେରି ଫର୍ଣ୍ଣିଚର ଦୋକାନୀକୁ ସବୁ ଜଣାଇଥିଲେ। ଶନିବାର ରାତ୍ର ୧୨.୧୫ମି. ସମୟରେ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନାରେ ମାମଲା ରୁଜୁହୋଇ ତଦନ୍ତ ଚାଲିଛି।

## ଗ୍ରାମ୍ୟରାସ୍ତା ଶୋଚନୀୟ

# ପଥଚାରୀ ହଟହଟା



**ବାରିକପୁର,୧୮।୫(ସମିସ):** ଗ୍ରାମାଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ସରକାର ଯେତେ ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା ରାସ୍ତା ଅବସ୍ଥା କିନ୍ତୁ ସଦାସର୍ବଦା ଦୟନୀୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳିଛି।ଭଣ୍ଡାରିପୋଖରୀ ବ୍ଲକ ରାଢୋ ଛକଠାରୁ ରହଣିଆ ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାଟି ଦିନକୁ ଦିନ ଜରାଜୀର୍ଣ୍ଣ ହେବାକୁ ବସିଛି। ରକ୍ଷଣାବେକ୍ଷଣ ଅଭାବରୁ ଏଥିରେ ଯାତାୟାତ କରିବା ଏକପ୍ରକାର କଷ୍ଟକର ହୋଇପଡୁଛି। ରାଢୋ ଛକ ପୂର୍ତ୍ତର୍ ବିଭାଗ ରାସ୍ତାଠାରୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଏହି ପଥଟି ସଂଯୋଗ କରୁଛି। ରାତି ପାହିଲେ ଶହଶହ ଲୋକ ସାଇକଲ ଓ ମୋଟର ସାଇକଲ ଯୋଗେ ଏହି ବାଟଦେଇ ଯାତାୟାତ କରିଥାନ୍ତି। ଅନେକ ବର୍ଷ ପୂର୍ବେ ରାସ୍ତାକୁ ପର୍ଯ୍ୟାୟ କ୍ରମେ ବ୍ଲକ ପକ୍ଷରୁ ପଞ୍ଚାୟତ କଂକ୍ରିଟ ନିର୍ମାଣ କରିଥିଲା। ପରବର୍ତ୍ତୀ ସମୟରେ ଏହି ରାସ୍ତାରେ ଦୀର୍ଘ ଦିନ ହେବ କୌଣସି କାର୍ଯ୍ୟ ହୋଇନାହିଁ। ତେଣୁ ନିର୍ମାଣ ହୋଇଥିବା କଂକ୍ରିଟ ଏବେ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲାଣି। ରାସ୍ତାର ବେହୁରିଆ ସାହିଠାରୁ କଳଘର ଯାଏଁ ଯାତାୟାତ କରିବା ପଥଚାରୀଙ୍କ ପାଇଁ ଏକପ୍ରକାର ଯନ୍ତ୍ରଣାଦାୟକ ହେଉଛି। ଏମିତି କି ରାସ୍ତାରେ ଫାଟ ସହିତ ସ୍ଥାନେ ସ୍ଥାନେ ଗର୍ତ୍ତ ସୃଷ୍ଟି ହେଲାଣି। ଏଥିଯୋଗୁଁ ଅନେକ ସମୟରେ ଛୋଟ ମୋଟ ଦୁର୍ଘଟଣା ମାନ ଘଟୁଛି। ରାସ୍ତାର ମରାମତି କାର୍ଯ୍ୟ ଅପରିହାର୍ଯ୍ୟ ହୋଇପଡିଛି। ତେଣୁ ଏହା ଉପରେ ସ୍ଥାନୀୟ ସରପଞ୍ଚ କିମ୍ବା ବିଡିଓ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ସେନାବାହିନୀ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା

ଭଦ୍ରକ, ୧୮।୫(ସମିସ)




'ଅପରେସନ ସିନ୍ଦୂର'ର ସଫଳତା ନେଇ ଭଦ୍ରକଠାରେ ରବିବାର ସନ୍ଧ୍ୟାରେ ସୋସିଆଲ ସର୍ଭିସ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ନେହରୁ ଷ୍ଟାଡିୟମ୍‌ଠାରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ବନ୍ତ ଛକ, କଚେରି ଟ୍ରାଫିକ ଛକ, ଓଟି ମାର୍କେଟ, ଥାନା ଛକ ଦେଇ ଦେଶାତ୍ମକ ସଙ୍ଗୀତ ସହିତ ଭଦ୍ରକ ସୋସିଆଲ ସର୍ଭିସର ସଦସ୍ୟଙ୍କ ଦ୍ୱାରା ସ୍ଲୋଗ୍ଲାନ ପକାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଉଦ୍ଯାପିତ ହୋଇଥିଲା। ୧୫୦ ଫୁଟର ଜାତୀୟ ପତାକା ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା। ତିନି ସେନାର ପରାକ୍ରମକୁ ପ୍ରଶଂସା କରିବା ସହ ସେନାବାହିନୀ ଓ ଭାରତ ମାତାର ଜୟ ଧ୍ୱନିରେ ଭଦ୍ରକ ସହରାଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ସଂଗଠନର ସଭାପତି ସଂଜିତ ନାୟକ, ସଂପାଦକ ପ୍ରକାଶ ସ୍ୱାଇଁ, ସଦସ୍ୟ ଦିଲ୍ଲୀପ ନାୟକ, ଜ୍ୟୋତିପ୍ରକାଶ ଦାଶ, ହିମାଂଶୁ ପାଣି, ଦେବକଲ୍ୟାଣ ସାହୁ, ଯୋଗୀ ସଂଜୀବ ନାୟକ, ରାଜା ଦାସ ପ୍ରମୁଖଙ୍କ ସମେତ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।

**ଦୋବଲ:** ଧାମନଗରଠାରେ ରବିବାର ଅପରାହ୍ନରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଧାମନଗର କଲ୍ୟାଣ ମଣ୍ଡପଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ଧାମନଗର ବଜାର, ଦୋବଲ ବଜାର, ଖଡ଼ିପଦା ଛକ, ପରିକ୍ରମା କରି ସନ୍ଧ୍ୟାରେ କ୍ଷେଣ୍ଟପୂରସ୍ଥିତ ବୈତରଣୀ ନଦୀ ସେତୁଠାରେ ଉଦ୍ଯାପିତ ହୋଇଥିଲା। ତିନ ସେନାର ପରାକ୍ରମକୁ ପ୍ରଶଂସା କରିବା ସହ ସେନାବାହିନୀ ଓ ଭାରତମାତାର ଜୟ ଧ୍ୱନିରେ ଧାମନଗର ଓ ଦୋବଲ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ରାଜନୈତିକ ଦଳର ପ୍ରତିନିଧି, ଯୁବକମାନେ ଶୋଭାଯାତ୍ରାରେ ଜାତୀୟ ପତାକା ଧରି ସାମିଲ ହୋଇଥିଲେ।

**ଭଣ୍ଡାରିପୋଖରୀ/ବାରିକପୁର:** ଭଣ୍ଡାରିପୋଖରୀ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଭଗବାନ ପଣ୍ଡା, ନିର୍ବାଚନ ମଣ୍ଡଳୀ ନେତା ସୁଧାଂଶୁ ନାୟକ, ପ୍ରାକ୍ତନ ଜିଲ୍ଲା ସଭାପତି ଅକ୍ଷୟ କୁମାର ସାହୁ, ବରିଷ୍ଠ ବିଜେପି ନେତା ଗିରିଶ ଚନ୍ଦ୍ର ସାମଲ, ସୁରେଶ ଚନ୍ଦ୍ର ସାମଲ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ,ମଣ୍ଡଳ ସଭାପତି ତରଣୀ ସେନ ଜେନା, ରଞ୍ଜନ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଶୋଭାଯାତ୍ରା କହରାପୋଖରୀ କ୍ରାନ୍ତି ମୈଦାନଠାରୁ ବାହାରି ଭଣ୍ଡାରିପୋଖରୀ ବଜାର, ମଞ୍ଜୁରୀ ବଳଦେବଜୀଉ ପୀଠ, ନପଙ୍ଗ, ମାଳଦା, ରହଣିଆ, ସରସଦା ପ୍ରମୁଖ ଅଞ୍ଚଳ ପରିକ୍ରମା କରିଥିଲା। ଏଥିରେ ରାମଚନ୍ଦ୍ର ସେନାପତି, ବିଷ୍ଣୁ ନାୟକ, ଅମୂଲ୍ୟ ସେଠୀ, ବାବାଜୀ ଜେନା, ବଳରାମ ରାଉତ,ଶିଦ୍ଧନାଥ ଦାସ ବିଜୟ ସେନାପତି, ନରହରି ସ୍ୱାଇଁ, ଲଳିତ ରାଉତ, କୀର୍ତ୍ତନଚନ୍ଦ୍ର ଧଳ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଛତାବରଠାରୁ ମଞ୍ଜୁରୀ ରୋଡ ଯାଏଁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବନ୍ତ/ଆଗରପଡ଼ା: ପରାକ୍ରମ ଶୋଭାଯାତ୍ରା ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ନିର୍ଦ୍ଦେଶରେ ଆଜି ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ବନ୍ତ ମଣ୍ଡଳ ବିଜେପି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଭାରତର ସୁରକ୍ଷାରେ ପ୍ରତ୍ୟେକ ନାଗରିକଙ୍କର ସହଯୋଗ ରହିବା ସହ ଭାରତୀୟ ସେନାର ପରାକ୍ରମା ସମସ୍ତ ଦେଶବାସୀଙ୍କୁ ଗର୍ବିତ କରିଛି। ସେନାର ଏହି ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ବିଧାନସଭା ନେତା ଡା ସୁଧାଂଶୁ ନାୟକ ବନ୍ତ ମଣ୍ଡଳ ବିଜେପି ସଭାପତି ସନ୍ତୋଷ ନାୟକ ନେତୃତ୍ୱରେ ରବିବାର ଗଣିଜାଙ୍ଗ ପଞ୍ଚାୟତ ତାରିଣୀଛକ ନିକଟରୁ ବାହାରି ଶହ ଶହ ବାଇକ ତ୍ରିରଙ୍ଗା ଶୋଭାଯାତ୍ରାରେ ବନ୍ତ ବଜାର ପରିକ୍ରମା କରିବା ସହିତ ବିଜୟ ଯାତ୍ରାର ସ୍ଲୋଗାନ ପକାଇଥିଲେ।

**ତିହିଡି:** ତିହିଡ଼ିରେ ବିଜେପିର ସାହାଡ଼ା ସୁନ୍ଦରୀ ମଣ୍ଡଳ ତରଫରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେପିର ନେତା, କର୍ମୀ ତଥା ସମଭାବାପନ୍ନ ସଚେତନ ନାଗରିକ ଜାତୀୟ ପତାକା ଧରି ବିଭିନ୍ନ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ତିହିଡ଼ି କଲେଜ ଛକରୁ ଏହି ଶୋଭାଯାତ୍ରା ବାହାରି ତିହିଡ଼ି ବଜାର ଓ ତିହିଡ଼ି ପୁରୁଣାହାଟ ପରିକ୍ରମା କରିବା ପରେ ତିହିଡ଼ି ତହସିଲ ନିକଟରେ ପହଞ୍ଚିଥିଲା। ଦଳର ବରିଷ୍ଠ ନେତା ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, ଯଦୁମଣି ପାଣିଗ୍ରାହୀ, ସାହଡ଼ା ସୁନ୍ଦରୀ ମଣ୍ଡଳ ସଭାପତି କେଶବ ବେହେରା, ପୂର୍ବତନ ସଭାପତି ପ୍ରଦୀପ କୁମାର ବଳ ପ୍ରମୁଖ ନତୃତ୍ୱ ନେଇଥିଲେ।

● ଚିକିତ୍ସାରେ ଅର୍ଥାଭାବ ସାଜିଛି ବାଧକ

# ପିଲା ବେଳୁ ହାତଗୋଡ଼ ଅକାମୀ, ସହାୟତା ଆଶାରେ ରଘୁବୀର

**ଅସୁରାଳି, ୧୮ ।୫(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ପଞ୍ଚାୟତ ଅଧୀନ ବେତାଳି ଗାଁର ଅଜୟ ମଳିକଙ୍କ ପୁଅ ରଘୁବୀର (୧୧)। ପିଲା ବେଳୁ, ବୟସ ତିନି ବର୍ଷ ହେଉଥିଲା ବେଳେ ତାଙ୍କର ଦୁଇ ହାତ, ଦୁଇ ଗୋଡ଼ ଅଚଳ ଅକାମୀ ହୋଇ ଯାଇଛି। ସେ ୬୫ ପ୍ରତିଶତ ଭିନ୍ନକ୍ଷମ। ବହୁ ସ୍ଥାନରେ ଚିକିତ୍ସା କରି ସାରିଥିଲେ ମଧ୍ୟ ସୁଫଳ ପାଇପାରି ନାହାନ୍ତି। କଟକସ୍ଥିତ ଓଲଟପୁରରେ ୩ ମାସ ଚିକିତ୍ସିତ ହୋଇଥିବା ବେଳେ ପୁଣି କିଛି ଦିନ ପଞ୍ଜାବରେ ମଧ୍ୟ ଚିକିତ୍ସାଧୀନ ଥିଲେ; କିନ୍ତୁ ଆର୍ଥିକ ଅବସ୍ଥା ସେତେଟା ଭଲ ନ ଥିବାରୁ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରି ପାରୁ ନାହାନ୍ତି ରଘୁବୀର। ପିତା ଅଜୟ ମଳିକ ତାମିଲନାଡୁରେ ଦାଦନ ଖଟୁଛନ୍ତି। ପୁଅର ଚିକିତ୍ସାରେ ଅର୍ଥାଭାବ ସଜୁଛି ବାଧକ। ବର୍ତ୍ତମାନ ଅଜୟର ଖେଳିବା ପଢ଼ିବା ସମୟ କିନ୍ତୁ ଅର୍ଥର ଅଭାବ ଯୋଗୁଁ ସବୁ ସ୍ୱପ୍ନ ବିଫଳ। ତାଙ୍କ ମା' ଟୁନି ମଳିକଙ୍କ କହିବା ଅନୁଯାୟୀ, ତାଙ୍କ ପୁଅର ପଢ଼ିବା ପାଇଁ ଅସୀମ ଆଗ୍ରହ କିନ୍ତୁ ସେ ଛିଡ଼ା ହେବାକୁ ଅସମର୍ଥ ତେଣୁ ଦୁଇ ଅକ୍ଷର ଶିଖିବା ପାଇଁ କଷ୍ଟ ହେଉଛି। ସୂଚନାଯୋଗ୍ୟ, ଜନ୍ମରୁ ସବୁ ଅଙ୍ଗ ପ୍ରତ୍ୟଙ୍ଗ ଚାଲୁଥିବା ବେଳେ ୩ ବର୍ଷ ପରଠୁ ଦୁଇ ଗୋଡହାତ ଅକାମୀ ପଡ଼ିଯାଇଛି। ପୁଅର ଚିକିତ୍ସା ନିମନ୍ତେ ସରକାରୀ ସହାୟତା ଏଯାଏଁ ମିଳି ପାରିନାହିଁ। ଏଣୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଦାବି ଯେ ଖୁବ୍ ଶୀଘ୍ର ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ। ଏହା ନ ହେଲେ ଆଗାମୀ ଦିନରେ ତାଙ୍କ ପିତା ମାତା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି।



## ଶତାୟୁ ପୁରୁଷ ମଧୁସୂଦନ ଦାସଙ୍କ ପରଲୋକ

କମର୍ଦ୍ଦା, ୧୮।୫ (ସମିସ): ସିଆଁରୋଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସେହି ଗ୍ରାମରେ ଶତାୟୁ ପୁରୁଷ ମଧୁସୂଦନ ଦାସଙ୍କ ଗତକାଲି ଶନିବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୧୦୨ ବର୍ଷ ହୋଇଥିଲା। ଗତ ୨୦୨୩ ମସିହାରେ ତାଙ୍କ ଶହେ ତମ ଜନ୍ମଦିନ ଉପଲକ୍ଷେ ବ୍ରାହ୍ମଣ



ସମାଜ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଯୁକ୍ତ ଦାସ ଜଣେ ସମାଜ ସଂସ୍କାରକ, କର୍ତ୍ତବ୍ୟନିଷ୍ଠ, ମେଳାପୀ, ଧର୍ମପରାୟଣ ଓ ସୁବିଚାରକ ଭାବରେ ଆଖପାଖ ଅଞ୍ଚଳରେ ଖୁବ୍ ପ୍ରଶଂସା ସାଉଁଟିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶତାୟୁ ପୁରୁଷ ଶ୍ରୀ ଦାସଙ୍କ ବିୟୋଗ ଖବର ଶୁଣି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ , ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମିନାରାଣୀ ସାସମଲ , କଂଗ୍ରେସ ନେତା ସତ୍ୟଶିବ ଦାସ, ବିଜେପି ନେତା ଆଶିଷ ପାତ୍ର , ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା , ସଦସ୍ୟ ଆଶିଷ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଅମୂଲ୍ୟ ଦାସ, ଶ୍ୟାମସୁନ୍ଦର ଦାସ, ରବିନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ହୋଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଶବ ସଂସ୍କାର କରାଯାଇଥିଲା। ବଡ଼ପୁତ୍ର ଅମୂଲ୍ୟ ଦାସ ମୁଖାଗ୍ନି ଦେଇଥିଲେ।

## ବୃନ୍ଦାବନ ବିହାରୀ ଦାଶଙ୍କ ତିରୋଧାନ ଦିବସ ପାଳିତ

ଭୋଗରାଇ, ୧୮।୫(ସମିସ) : ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ସରସ୍ୱତୀପୁର ଗ୍ରାମର ପୂର୍ବତନ ଶିକ୍ଷକ ବୃନ୍ଦାବନ ବିହାରୀ ଦାସଙ୍କ ୨୨ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରଘୁନାଥ ନୋଡାଲ ଏକାଡେମୀ ସରସ୍ୱତୀପୁରର



ପରିସରରେ ଥିବା ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ପ୍ରଧାନଶିକ୍ଷକ, ସର୍ଗତ ବୃନ୍ଦାବନ ବିହାରୀ ଦାଶଙ୍କ ମାର୍ବଲ ନିର୍ମିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରାକ୍ତନ ଶିକ୍ଷକ ଜୟନ୍ତ କୁମାର ଦାସ, ଲକ୍ଷ୍ମୀକାନ୍ତ ବେହେରାଙ୍କ ସମେତ କମଳାକାନ୍ତ ଘୋଷ, ନିଶିକାନ୍ତ ପଣ୍ଡା, ରଞ୍ଜନ କୁମାର ଦତ୍ତ, ପୁରାତନ ଛାତ୍ର ମନ୍ମଥ ଦାସ ମହାପାତ୍ର, ରଞ୍ଜନ ପାତ୍ର ପୂର୍ବତନ ଛାତ୍ରୀ ସନ୍ଧ୍ୟାରାଣୀ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନଟରଞ୍ଜନ ଘଡାଇ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତି ଚାରଣ କରିଥିଲେ। ତାଙ୍କ ଭଳି ଛାତ୍ର ବତ୍ସଳ ଶିକ୍ଷକଙ୍କୁ ଆଜିବି ତାଙ୍କର ସହ କର୍ମୀ, ପ୍ରାକ୍ତନ ଶିକ୍ଷକ ଏବଂ ଗ୍ରାମବାସୀ ମାନେ ମନେପକାଇ ଗୁଣଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପୁରାତନ ଛାତ୍ର ଛାତ୍ରୀ, ସହକର୍ମୀ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ବିରାଟ ପରାକ୍ରମ ତ୍ରିରଙ୍ଗା ପଦଯାତ୍ରା

ବାଲେଶ୍ୱର,୧୮।୫ (ସମିସ): ଆତଙ୍କବାଦକୁ ଦୃଢ ପ୍ରତିବାଦ ଜଣାଇ 'ଅପରେସନ ସିନ୍ଦୂର'ରେ ଭାରତର ଲକ୍ଷ୍ୟ ଓ ଆଭିମୁଖ୍ୟକୁ ସମର୍ଥନ ପ୍ରଦାନ କରିବା ଉଦ୍ଦେଶ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତୀୟ




ସେନା ବାହିନୀର ବୀରତ୍ୱ ଓ ପରାକ୍ରମକୁ ନମନ କରି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ "ପରାକ୍ରମ ତ୍ରିରଙ୍ଗା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି ପଦଯାତ୍ରା ଫକୀରମୋହନ ମେଡିକାଲ କଲେଜ ସମ୍ମୁଖରୁ ଆରମ୍ଭ ହୋଇ ରେମୁଣା ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଶେଷ ହୋଇଥିଲା। ବିଶ୍ୱବିଦ୍ୟାଳୟର ଏହି ପଦଯାତ୍ରାରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମନୋବଳକୁ ଦ୍ୱିଗୁଣିତ କରିଥିଲେ। ଏହି ପରାକ୍ରମ ପଦଯାତ୍ରା ଆମ ଶୌର୍ଯ୍ୟଗାଥାର ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆମେ ସମସ୍ତେ ଏଥିରେ ଯୋଡ଼ିହୋଇ ଜାତୀୟ କର୍ତ୍ତବ୍ୟ ପାଳନରେ ଆଗୁସାର ହେବା ତଥା ଆମର ସେନାବାହିନୀର ବୀରତ୍ୱ ଓ ନିର୍ଭୀକତାକୁ ସମ୍ମାନ ପ୍ରଦର୍ଶନ କରିବା ଏହି ପଦଯାତ୍ରାର ଲକ୍ଷ୍ୟ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରକାଶ କରିଥିଲେ। ଏକ ୨୦୦ ମିଟର ଲମ୍ବା ତ୍ରିରଙ୍ଗା କୁ ନେଇ ବିଶ୍ୱବିଦ୍ୟାଳୟର ଅଧିକାରୀଗଣ, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏହି ପରାକ୍ରମ ପଦଯାତ୍ରାକୁ ସଫଳତାର ସହ ସମାପନ କରିଥିଲେ।

### କଥା ଦେଇ କଥା ରଖିଲେନି ମୋହନ ସରକାର

# ରବିଧାନ କିଣା ବାଟବଣା; ଟୋକନ ମିଳିଛି, ମିଳିନି ଟାର୍ଗେଟ

ବାଲେଶ୍ୱର(ଉତ୍ତର), ୧୮।୫(ସମିସ)



**ଅଭାବୀ ବିକ୍ରିକୁ ସାମ୍ନା କରିବେ ଚାଷୀ**

ଜିଲ୍ଲାର ସର୍ବାଧିକ ରବିଧାନ ଚାଷ ହେଉଥିବା ଉତ୍ତର ବାଲେଶ୍ୱରର ଭୋଗରାଇ, ଜଳେଶ୍ୱର, ବସ୍ତା ଓ ବାଲିଆପାଳ ବ୍ଲକର ଚାଷୀ ମାନେ ଏବେ ଚିନ୍ତାରେ। ଏହି ଚାରିଟି ବ୍ଲକରେ ଧାନ ଅମଳ ଶେଷ ହେବା ପରେ ବର୍ତ୍ତମାନ ଅଭାବୀ ବିକ୍ରିର ସାମ୍ନା କରିବାକୁ ପଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କାରଣ ବିଳମ୍ବରେ ସରକାରୀ ଧାନ ମଣ୍ଡି ଖୋଲା ଚାଲିଛି। ଚାଷୀଙ୍କୁ ମଧ ଟୋକାନ ମେସେଜ ବି ମିଳିଛି। ମାତ୍ର କ୍ରୟ କେନ୍ଦ୍ର ପାଇଁ ଅନୁମତି ପାଇଥିବା ବିଭିନ୍ନ ପ୍ୟାକ୍ସ ଓ ସମବାୟ ସମିତି ରେ ଏପର୍ଯ୍ୟନ୍ତ ମିଲର ମାନଙ୍କର ଦେଖା ନଥିବା ବେଳେ ଆବଶ୍ୟକତା ଅନୁଯାଇ ଟାର୍ଗେଟ ମଧ ମିଳିନି। ଯାହା ସମୁଦ୍ରକୁ ଶଙ୍ଖେ ପାଣି ବୋଲି କୁହାଯାଉଛି। ଚାଷୀଙ୍କୁ ମିଳିଥିବା ଟୋକାନର ପରିମାଣ ଠାରୁ ପ୍ରାୟ ୭୦ପ୍ରତିଶତରୁ କମ ପରିମାଣ ଧାନ କିଣାଯିବାକୁ ଏହି ସବୁ କ୍ରୟକେନ୍ଦ୍ରକୁ ଟାର୍ଗେଟ ମିଳିଥିବା ଜଣାପଡ଼ିଛି। ଯଦି ଏହି ଟାର୍ଗେଟ ମୁତାବକ ଧାନ କିଣା ଯାଏ ତେବେ ବଳକା ଧାନ କିଭଳି ବିକ୍ରି କରିବେ ସେନେଇ ଚାଷୀ ମାନେ ଚିନ୍ତାରେ ଅଛନ୍ତି। ଅନ୍ୟପକ୍ଷରେ ଚାଷକୁ ଦେଖି ଚାଷୀଙ୍କୁ ଟୋକନ ଇସ୍ୟୁ କରାଯାଇଥିବା ବେଳେ ଟାର୍ଗେଟ ବେଳକୁ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଏହା ପ୍ରମାଣ ଦେଉଛି ଚାଷୀ କୁ କଥା ଦେଇ ମୋହନ ସରକାର କଥା ରଖୁନାହାନ୍ତି ବୋଲି ଆଲୋଚନା ହେଉଛି। ପ୍ରକାଶ ଯେ ଉତ୍ତର ବାଲେଶ୍ୱର ବସ୍ତା, ବାଲିଆପାଳ, ଜଳେଶ୍ୱର ଏବଂ ଭୋଗରାଇ ବ୍ଲକରେ ବିଶେଷ କରି ଅଧିକ ରବିଧାନ ଚାଷ ହୋଇଥାଏ। ଚଳିତ ବର୍ଷ ଏହି ଚାରିଟି ବ୍ଲକ ରେ ପ୍ରାୟ ୫୦ ହଜାର ହେକ୍ଟରରୁ ଉଦ୍ଧ୍ୱର୍ ଜମିରେ ରବିଧାନ ଚାଷ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଧାନ ଅମଳ ହୋଇଥିଲେ ମଧ କାଳ ବୈଶାଖୀ ପ୍ରଭାବରେ ବର୍ଷା ଓ ଝଡ଼ ଆଶଙ୍କାରେ ଚାଷୀ ତରବରିଆ ଭାବେ ଧାନ ଅମଳ କରିବାକୁ ପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ଖଳାରେ ଅମଳ ହୋଇଥିବା ଧାନ ପଡିରହିଥିବା ବେଳେ ଅନେକ ଚାଷୀ ରାସ୍ତା ଉପରେ ଜରି ପାଲ ତଳେ ରଖିଥିବା ଦେଖିବାକୁ ମିଳିଛି। ସେହିପରି ବର୍ଷାପାଣି ନିଷ୍କାସନ ହୋଇପାରୁ ନଥିବା ଭୋଗରାଇ ବ୍ଲକରେ ଖରିଫ ଧାନ ଉତ୍ପାଦନ କମ ହୋଇଥାଏ। ମାତ୍ର ଜିଲ୍ଲାର ସବୁଠାରୁ ଅଧିକ ଏହି ବ୍ଲକରେ ରବିଧାନ ଚାଷ ପ୍ରାୟ ୧୯ ହଜାର ହେକ୍ଟର ଜମିରେ ହୋଇଥାଏ। ପ୍ରତି ବର୍ଷ ଭଳି ଗତ ବର୍ଷ ରବି ଋତୁରେ ଚାଷୀ ମାନେ ସରକାରୀ ଧାନମଣ୍ଡି ରେ ଧାନ ବିକ୍ରି ନ କରି ବେପାରୀ ମାନଙ୍କୁ ବିକ୍ରି କରିଥିଲେ। ମାତ୍ର ଖରିଫ ଫସଲ ଠାରୁ ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ଅତିରିକ୍ତ ଭାବେ ବୋନସ ପ୍ରଦାନ କରିବାର ଘୋଷଣା ପରେ ଚାଷୀ ମାନେ ଉତ୍ସାହିତ ହୋଇଥିଲେ। ଫଳରେ ଏ ଅଞ୍ଚଳରୁ ଗତ ଖରିଫ ଧାନ ୨ଲକ୍ଷ ୧୪ ହଜାର କ୍ୱିଣ୍ଟାଲ ସରକାରୀ ଧାନମଣ୍ଡି ଜରିଆରେ ସଂଗୃହୀତ ହୋଇଥିଲା। ବାକି ଜିଲ୍ଲାର ଅନ୍ୟ ବ୍ଲକ ରୁ ସେହିଭଳି ଅଧିକ ଧାନ ବିକ୍ରି ହୋଇଥିଲା। କ୍ରମଶଃ ଧାନ ଚାଷ ପ୍ରତି ବିମୁଖ ହେଉଥିବା ଚାଷୀ ମାନେ ପୁଣି ଉତ୍ସାହିତ ହୋଇଥିଲେ। ତେଣୁ ରବି ଋତୁରେ ଏସବୁ ଅଞ୍ଚଳରେ ଅଧିକ ରୁ ଅଧିକ ଧାନ ଚାଷ ହୋଇଥିଲା। କିଛିଦିନ ହେବ ବିଭିନ୍ନ ପ୍ୟାକ୍ସ ଓ ସମବାୟ ସମିତି ଜରିଆରେ ସରକାରୀ ଧାନ ମଣ୍ଡି ଖୋଲା ଚାଲି ଥିଲା ବେଳେ ବହୁତ କ୍ରୟ କେନ୍ଦ୍ରରେ ଏପର୍ଯ୍ୟନ୍ତ ମିଲର ମାନେ ପହଞ୍ଚି ନଥିବା ସୂଚନା ମିଳିଛି। ସେହିପରି ଏହି କେନ୍ଦ୍ର ଗୁଡ଼ିକରେ ଚାଷୀ ଙ୍କୁ ମିଳିଥିବା ଟୋକାନ ଠାରୁ କମ ପରିମାଣ ର ଧାନ କିଣା ଯିବା ପାଇଁ ଟାର୍ଗେଟ ମିଳିଛି। ସେହିପରି ଡିଏଲପି ସି ମିଟିଂରେ ଏ ନେଇ ଆଲୋଚନା ହୋଇ ଗତ ରବିଋତୁରେ କିଣା ଯାଇଥିବା ଧାନର ପରିମାଣ ଅନୁଯାଇ ଟାର୍ଗେଟ ସ୍ଥିରୀକୃତ ହୋଇଥିବା ସୂଚନା ମିଳିଛି। ମାତ୍ର ଜିଲ୍ଲାର ଅନ୍ୟ ବ୍ଲକକୁ ବାଦ ଦେଇ କେବଳ ଭୋଗରାଇରେ ଗତ ଖରିଫରେ ସଂଗୃହିତ ଧାନ ୨.୧୪ଲକ୍ଷ କ୍ୱିଣ୍ଟାଲ ଧାନର ଦୁଇ ଗୁଣା ଅର୍ଥାତ ପ୍ରାୟ ୫ଲକ୍ଷ କ୍ୱିଣ୍ଟାଲ ଧାନ ଟାର୍ଗେଟ ଯଦି ଏହି ବ୍ଲକ କୁ ନ ମିଳେ ତେବେ ଚାଷୀ ମାନେ ବଳକା ଧାନ କୋଉଠି ବିକ୍ରି କରିବେ। ଯାହାକୁ ନେଇ ପଞ୍ଜିକୃତ ଚାଷୀ ଓ ସମବାୟ ସମିତି ମାନଙ୍କରେ ଧାନ କିଣାକୁ ନେଇ ଦ୍ୱନ୍ଦ ଉପୁଜିବ ବୋଲି ଆଶଙ୍କା କରାଯାଉଛି। ଆଉ ମାତ୍ର ୩/୪ଦିନ ମଧ୍ୟରେ ପ୍ରଥମ ଟୋକନ ପାଇଥିବା ଚାଷୀ ମାନେ ଧାନ ବିକ୍ରି କରିବା ପାଇଁ ସମିତିରେ ପହଞ୍ଚିବାକୁ ଥିବା ବେଳେ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ଓ ସମବାୟ ବିଭାଗ ତଥା ଆର ଏମ ସି ଠାରୁ କୌଣସି ସ୍ୱଷ୍ଟୀକରଣ ମିଳିନଥିବା ଜଣା ପଡ଼ିଛି। ତେଣୁ ଆବଶ୍ୟକ ଅନୁଯାଇ ଯଦି ଧାନ କିଣା ନେଇ ଟାର୍ଗେଟ ନ ମିଳିଲା ତେବେ ଚାଷୀ ବଳକା ଧାନ କିଭଳି ବିକ୍ରି କରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହା ଫଳରେ ପ୍ରତ୍ୟେକ କେନ୍ଦ୍ରରେ ପଞ୍ଜିକୃତ ଚାଷୀ ମାନଙ୍କ ମଧ୍ୟରେ ନିଶ୍ଚିତ ଅସନ୍ତୋଷ ପ୍ରକାଶ ପାଇବ ବୋଲି ପୂର୍ବାଭାଷ ମିଳୁଛି। ଅପରପକ୍ଷରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ନିଜ ପ୍ରତିକ୍ରିୟା ରେ କହିଛନ୍ତି ଯେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିଏଲପିସି ବୈଠକରେ ଏନେଇ ଆଲୋଚନା ବେଳେ ଭୋଗରାଇ କୁ ଅଧିକ ଧାନ କିଣିବାର ଟାର୍ଗେଟ ଦେବାକୁ ଦାବୀ କରିଥିଲେ କାରଣ ଭୋଗରାଇରେ ଖରିଫ ଧାନ ଚାଷ ଭଲ ହେଉ ନଥିବାରୁ ଲୋକେ ରବି ଚାଷ ଉପରେ ନିର୍ଭର କରିଥାନ୍ତି। ଖରିଫ ରେ ପ୍ରତି ଏକର ରୁ ୧୩ କ୍ୱିଣ୍ଟାଲ ଉତ୍ପାଦନ ହେଉଥିଲା ବେଳେ ରବିରେ ୨୨କ୍ୱିଣ୍ଟାଲ ରୁ ଅଧିକ ହୋଇଥାଏ। ତେବେ ଏବେ ବିଭିନ୍ନ ସମବାୟ ସମିତି କୁ ଆସିଥିବା ଟାର୍ଗେଟ ସମୁଦ୍ର କୁ ଶଙ୍ଖେ ପାଣି ଭଳିଆ ହୋଇଥିବା ଜାଣି ବିଧାୟକ ଶ୍ରୀ ଦାସ ପୁଣି ବାଲେଶ୍ୱର ଜିଲ୍ଲା ପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହିତ ଆଲୋଚନା କରିଥିବା କହିଛନ୍ତି। ଜିଲ୍ଲାପାଳ ମଧ ଧାନ ବିକ୍ରି ଆରମ୍ଭ ହେଲେ ଭୋଗରାଇ ଆସିବେ ଏବଂ ଏହାର ସମାଧାନ ଦିଗରେ ଚେଷ୍ଟା କରିବେ ବୋଲି କହିଛନ୍ତି। ଯଦି ଚାଷୀଙ୍କୁ ମିଳିଥିବା ଟୋକନ ପରିମାଣର ଧାନ ପାଇଁ ଟାର୍ଗେଟ ନମିଳେ ତେବେ ଚାଷୀ ମାନଙ୍କୁ ନେଇ ଏକ ବିରାଟ ଆନ୍ଦୋଳନକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

## କମର୍ଦ୍ଦା ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ଭୋଗରାଇ ଚାଷୀଙ୍କ ସବୁ ଅମଳ ଧାନ କିଣିବାକୁ ଦାବି, ନ ହେଲେ ଆନ୍ଦୋଳନ: ବିଧାୟକ**



କମର୍ଦ୍ଦା,୧୮।୫(ସମିସ) : ଭୋଗରାଇ ବ୍ଲକ୍ କସବା କମର୍ଦ୍ଦା ସେବା ସମବାୟ ସମିତିର ସରକାରୀ ଧାନ ମଣ୍ଡି ଶୁକ୍ରବାର ଉଦଘାଟିତ ହୋଇଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଧାନମଣ୍ଡି ଉଦ୍‌ଘାଟନ କରି ଭୋଗରାଇରେ ଚଳିତ ରବି ଚାଷରେ ଚାଷୀଙ୍କ ଅମଳ ସବୁ ଧାନ ନେବାକୁ ଦାବି କରିବା ସହ ଯଦି ଆଗାମୀ ଦିନରେ ଚାଷୀଙ୍କ ଧାନ ନିଆନଯାଏ ଚାଷୀଙ୍କ ସହିତ ରାଜରାସ୍ତାରେ ଆନ୍ଦୋଳନ ଆରମ୍ଭ ହେବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଆଶିଷ ପାତ୍ର, ବ୍ଲକ ସମବାୟ ସଂପ୍ରସାରଣ ଅଧିକାରୀ ବସନ୍ତ କୁମାର ଗିରି, ବ୍ଲକ ଯୋଗାଣ ଅଧିକାରୀ ସମେଶ୍ୱର ବେହେରା, ଆରଏମସି କ୍ୱାଲିଟି ଏନାଲାଇଜର ପରିତୋଷ ହୁଇ ସମିତି ସଭାପତି ଜୟଦେବ ଦାସ, ଭାରପ୍ରାପ୍ତ ସଂପାଦକ ଯଜ୍ଞେଶ୍ୱର ବାରିକ, କମର୍ଦ୍ଦା ସରପଞ୍ଚ ଦେବୀ ରାଣୀ ପ୍ରଧାନ, ସଦସ୍ୟ କେଶବ କୁମାର ମିଶ୍ର, ରାଧାକାନ୍ତ ପ୍ରଧାନ, ନିର୍ଦ୍ଦେଶକ ଷଡାନନ ଜେନା, ଗୁରୁପଦ ସାହୁ, ଧାନକ୍ରୟ କମିଟି ସଦସ୍ୟ ବଙ୍କିମ ଚନ୍ଦ୍ର ଜେନା, ବିଜୟ କୁମାର ଦାସ , ଲକ୍ଷ୍ମୀକାନ୍ତ ଭୂୟାଁ, ନାରାୟଣ ଭୂୟାଁ ପ୍ରମୁଖଙ୍କ ସହିତ ବହୁ ନିର୍ଦ୍ଦେଶକ ଓ ଧାନକ୍ରୟ କମିଟି ସଦସ୍ୟ ଏବଂ ଚାଷୀମାନେ ଉପସ୍ଥିତି ହୋଇଥିଲେ। ଅନ୍ୟପକ୍ଷରେ ବାଲେଶ୍ୱର ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ମାତ୍ର ୬୭୦୦୦ ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରୁ ଉଠାଣ ଟାର୍ଗେଟ ଆସିଥିବା ବେଳେ ଭୋଗରାଇ ବ୍ଲକ ପାଇଁ ମାତ୍ର ୧୮୦୦୦ହଜାର କ୍ୱିଣ୍ଟାଲ ଧାନ ଉଠାଣ ପାଇଁ ଦିଆଯାଇଛି ଯାହା ସମୁଦ୍ରକୁ ଶଙ୍ଖେ ଭଳି ବ୍ୟବସ୍ଥା ହୋଇଛି। ସେଥିରେ ପୁଣି ସବୁ ଚାଷୀଙ୍କୁ ଟୋକନ ଆସିନାହିଁ। ତତସହିତ ସରକାର ଅଧିକ ଚାଷଜମି ଥିବା ଚାଷୀଙ୍କ ପାଇଁ ଅଧିକ ଧାନ ବିକ୍ରି ପାଇଁ ବ୍ୟବସ୍ଥା ରହିଥିବା ବେଳେ ଜିଲ୍ଲା (ଡିଏଲପିସି) ବୈଠକରେ କିନ୍ତୁ ବ୍ୟବସ୍ଥା ବଦଳାଇ ଚାଷୀ ୬୦ କ୍ୟୁଣ୍ଟାଲ ଧାନ ଏବଂ ତାହାଠାରୁ କମ ପରିମାଣ ଧାନ ଦେବାର ନିଷ୍ପତି ହୋଇଛି। କିନ୍ତୁ ଭୋଗରାଇରେ ଚଳିତ ରବି ଋତୁରେ ଚାଷୀଙ୍କ ଭଲ ଧାନ ଅମଳ ହୋଇଥିବାରୁ ସମିତି ମାନଙ୍କଠାରେ ଅଳ୍ପ ନିର୍ଦ୍ଦିଷ୍ଟ ଟାର୍ଗେଟ ପରିମାଣ ଆସିଥିବାରୁ ସେବା ସମବାୟ ସମିତି ପକ୍ଷରୁ ସଠିକ ଉତ୍ତର ଚାଷୀମାନଙ୍କୁ ରଖିପାରୁନାହାନ୍ତି। ମୋଟ ୧୨୮୩୫ ଜଣ ଫଞ୍ଜିକୃତ କରିଥିବା ଚାଷୀଙ୍କ ଅତିକମରେ ୫ଲକ୍ଷ କ୍ୱିଣ୍ଟାଲ ଧାନ ଉଠାଣ ହେଲେ ଭୋଗରାଇ ଚାଷୀ ଉପକୃତ ହେବେ। ଭୋଗରାଇରେ କିଛି ଚାଷୀଙ୍କର ଧାନ ଜମି ଅଧିକ ଥାଇ ମଧ କମ ପରିମାଣ ଧାନ ବିକ୍ରି ଟୋକନ ଆସିଛି। ଏହିପରି ନାନା ସମସ୍ୟା ଭିତରେ ଭୋଗରାଇ ଚାଷୀଙ୍କ ଉଦବେଗକୁ ଦେଖି ଭୋଗରାଇ ବିଧାୟକ ଶ୍ରୀଦାସ ରାଜ୍ୟସରକାର ଓ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି ନ ହେଲେ ଆଗାମୀ ଦିନରେ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ମଞ୍ଚରେ ଛାତ୍ରଙ୍କୁ ଅର୍ଥରାଶି ପୁରସ୍କାର




ବାଲେଶ୍ୱର,୧୮।୫(ସମିସ): 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପ କରିସରରେ ଅନୁଷ୍ଠିତ ହୋଇଛି ମାଟ୍ରିକ ଉତ୍କର୍ଷ ସମ୍ମାନ ୨୦୨୫। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପଙ୍କଜ ଜେନା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ତାଙ୍କ ଅଭିଭାଷଣ ସମୟରେ ସିମୁଳିଆ ଅଞ୍ଚଳର ଛାତ୍ର ପ୍ରଣବ ଶେଖର ବଳଙ୍କୁ ଡାକି ମଞ୍ଚ ଉପରେ ତାଙ୍କ ସାତ ପୁରୁଷଙ୍କ ନାଁ ପଚାରିଥିଲେ। ତେବେ ଛାତ୍ର ଜଣଙ୍କ ସଠିକ ଭାବେ ତାଙ୍କ ସାତପୁରୁଷଙ୍କ ନାମ କହିଦେବାରୁ ତାଙ୍କୁ ନଗଦ ଏକ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

## ୨୪ତମ କାଦ୍ରାବାଦ୍ ବସନ୍ତ ଉତ୍ସବ ଉଦ୍‌ଯାପିତ

ବାଲେଶ୍ୱର,୧୮।୫(ସମିସ): ଗତ କାଲି ସନ୍ଧ୍ୟାରେ ଆରମ୍ଭ ହୋଇଥିବା କାଦ୍ରାବାଦ୍ ୨୪ ତମ ବସନ୍ତ ଉତ୍ସବ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଲଗାତାର ୨୪ ବର୍ଷ ଧରି ଏତେ ବଡ଼ ଉତ୍ସବ ସଫଳତାର ସହ ପାଳନ କରାଯିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏଥିପାଇଁ ଆୟୋଜକ କମିଟିର ସମସ୍ତ




କର୍ମକର୍ତ୍ତା ସାଧୁବାଦର ପାତ୍ର। ଆସନ୍ତା ବର୍ଷ ରୌପ୍ୟ ଜୟନ୍ତୀ ଅନୁଷ୍ଠିତ ହେବାକୁ ଯାଉଛି, ସେଥିପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରିବା ଉଚିତ। ଆମର ପରମ୍ପରା ଏବଂ ସଂସ୍କୃତି କୁ ବଞ୍ଚାଇବା ପାଇଁ ଏଭଳି କାର୍ଯ୍ୟକ୍ରମର ନିହାତି ଆବଶ୍ୟକତା ରହିଛି ବୋଲି ଏହି ଅବସରରେ ସମ୍ମାନିତ ଅତିଥି କାଉନସିଲର ଶ୍ରୀମତୀ ପଟ୍ଟନାୟକ ଉଲ୍ଲେଖ କରିଥିଲେ। ବସନ୍ତ ଉତ୍ସବ କମିଟିର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ଚୌଧୁରୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଦେବାଶିଷ ଦାଶ ବାର୍ଷିକ ବିବରଣୀ ପାଠ ଏବଂ ଉପ ସଭାପତି ସୁମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ତିନି ଜଣ ପ୍ରତିଭାଙ୍କୁ ଶ୍ରୀ ଜଗନ୍ନାଥ ଜୀ ସ୍ମାରକୀ ପ୍ରତିଭା ସମ୍ମାନରେ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସଭା ପରେ ଓଲିଉଡ ଗାୟିକା ଅସୀମା ପଣ୍ଡାଙ୍କ ଗୀତରେ ଦର୍ଶକ ଝୁମିଥିଲେ।

ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାଦ୍ରାବାଦ୍ ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାରେ ସର୍ବପ୍ରଥମେ କାଉନସିଲର ଏବଂ ପରେ ବିଧାୟକ ହୋଇଥିବାରୁ ସେମାନଙ୍କ ନିକଟରେ ଚିର ଋଣୀ ବୋଲି ସେ କହିଥିଲେ। କଳା, ସାହିତ୍ୟ ଏବଂ ସଂସ୍କୃତିକୁ ଭୁଲିଗଲେ ନିଜର ପରିଚୟ କୁ ଭୁଲିଯିବା ସହ ସମାନ ବୋଲି ଏହି ଅବସରରେ ଶ୍ରୀ ଦାସ ଉଲ୍ଲେଖ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ କାର୍ଯ୍ୟକାଳ ସମୟରେ କଳା, ସାହିତ୍ୟ ଏବଂ ସଂସ୍କୃତିର ଉନ୍ନତି ପାଇଁ ବହୁ ପଦକ୍ଷେପ ନେଇଥିବା ମୁଖ୍ୟଅତିଥି ପୂର୍ବତନ ବିଧାୟକ ଶ୍ରୀ ଦାସ ମତବ୍ୟକ୍ତ କରିଥିଲେ। ଯେଉଁ ଅଞ୍ଚଳର ଯୁବକ ବନ୍ଧୁ ଯେତେ ସକ୍ରିୟ ସେ ଅଞ୍ଚଳର ସେତେ ଉନ୍ନତି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠି, ପାଞ୍ଚ ନମ୍ବର ୱାର୍ଡ କାଉନସିଲର ମିତା

## ଯୁବକଙ୍କ ଉନ୍ମତ୍ତକାଣ୍ଡ, ଅଳ୍ପକେ ବର୍ତ୍ତିଲେ ବସ୍‌ଯାତ୍ରୀ

ସୋର,୧୮।୫(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ବସ୍ ମଧ୍ୟରେ ଜଣେ ବସ ଯାତ୍ରୀ ଉନ୍ମତ୍ତ କାଣ୍ଡ କରିଥିବା ବେଳେ ବସଟି ଦୁର୍ଘଟଣାଗ୍ରସ୍ତ ହୋଇ ବସ ଯାତ୍ରୀ ମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ବାହାନଗା ବ୍ଲକ ବରିପଦା ଗ୍ରାମର ଜଣେ ଯୁବକ ବାଙ୍ଗାଲୋରରେ ରହି କାର୍ଯ୍ୟ କରନ୍ତି। କିନ୍ତୁ ଆଜି ଘରକୁ ଆସିବା ପାଇଁ ବାଙ୍ଗାଲୋରରୁ ଟ୍ରେନ ଯୋଗେ ଭୁବନେଶ୍ୱର ପହଂଚିଥିଲେ। ସେଠାରୁ ବାହାନଗାରେ ଓହ୍ଲାଇବା ପାଇଁ ପଲକି ନାମକ ଏକ ଘରୋଇ ବସରେ ଚଢିଥିଲେ। ତଳନଗର ନିକଟରେ ହଠାତ ଯୁବକ ଜଣଙ୍କ ଡ୍ରାଇଭର ନିକଟକୁ ଆସି ଷ୍ଟେରିଂ ମୋଡିଥିଲେ। ଫଳରେ ଗାଡିଟି ଡିଭାଇଡରକୁ ଧକ୍କା ଦେଇଥିଲେ ମଧ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ପାଇଁ ଏକ ବଡଧରଣର ଦୁର୍ଘଟଣାରୁ ବସ ଯାତ୍ରୀମାନେ ବର୍ତ୍ତିଯାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଯୁବକଙ୍କୁ ଧରି ଉତ୍ତମ ମଧ୍ୟମ ଦେଇ ସୋର ଥାନାକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାରେ ଆଣି ଅଟକ ରଖିଥିଲେ। ପରେ ଯୁବକଙ୍କ ପରିବାର ଲୋକେ ଥାନାରେ ପହଂଚି ଯୁବକ ଜଣଙ୍କୁ ବ୍ୟକ୍ତିଗତ ମୋଚାଲିକାରେ ନେଇ ଯାଇଥିବା ଜଣାପଡିଛି।

# ଜୁଲାଇ ୯ କୁ ଘୁଞ୍ଚିଲା ସର୍ବଭାରତୀୟ ଧର୍ମଘଟ

ବାଲେଶ୍ୱର, ୧୮।୫(ସମିସ)




ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନମାନଙ୍କ ପକ୍ଷରୁ ଚଳିତ ମାସ୨୦ ତାରିଖରେ ଦେଶବ୍ୟାପୀ ପ୍ରସ୍ତାବିତ ଧର୍ମଘଟ (ଭାରତ ବନ୍ଦ) କୁ ଆସନ୍ତା ଜୁଲାଇ ୯ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଗତ୧୫ତାରିଖ ଦିନ ଦିଲ୍ଲୀରେ ସମସ୍ତ ସହଯୋଗୀ ସଂଗଠନମାନଙ୍କ ମିଳିତ ମଂଚ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଦେଶର ସାଂପ୍ରତିକ ପରିସ୍ଥିତିକୁ ବିଚାରକୁ ନେଇ କେନ୍ଦ୍ରୀୟ କମିଟିର ନେତୃତ୍ୱମାନେ ଏହି ନିଷ୍ପତ୍ତି ନେଇଛନ୍ତି । ବାଲେଶ୍ୱରରେ ଶ୍ରମିକ କର୍ମଚାରୀମାନଙ୍କ ମିଳିତ ମଞ୍ଚ ଟିୟୁଏସିସିର ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି। ଆସନ୍ତା ଜୁଲାଇ ୯ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟ ପାଇଁ ପୂର୍ବଭଳି ସମସ୍ତ ପ୍ରସ୍ତୁତିକୁ ଆହୁରି ବ୍ୟାପକଭାବେ ଜାରି ରହିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶ୍ରମିକ ବିରୋଧି ୪ଟି ଶ୍ରମକୋଡ ବାତିଲ ଦାବି ସମେତ ୧୭ଦଫା ଦାବିରେ ଆଗାମୀଆନ୍ଦୋଳନକୁ ବାଲେଶ୍ୱରରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଆସନ୍ତା ୨୦ତାରିଖ ମଙ୍ଗଳବାର ଦିନ ୧୦ଟାରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ୧୭ଦଫା ଦାବିପତ୍ର ପ୍ରଦାନ କରାଯିବ ଓ ଅପରାହ୍ଣ ୫ଟାରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ସାଧାରଣ ସଭା ଅନୁଷ୍ଠିତ ହେବ। ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ସଂଗଠନର ସାଥୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଲେଶ୍ୱରର ମିଳିତ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ବିର୍ଲା ଟାୟାର୍ସ ଶ୍ରମିକମାନଙ୍କ ସମସ୍ୟା ସମାଧାନ ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଛି। ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ କମିଟିର ନିଷ୍ପତ୍ତିକୁ ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଉପସ୍ଥାପିତ କରିଥିଲେ। ଭାଗବତ ପ୍ରତିହାରୀ କେନ୍ଦ୍ରୀୟ କମିଟିର ଚିଠି ଉପରେ ବିଶଦ ତର୍ଜମା କରିଥିଲେ। ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ବୈଠକରେ ଯୋଗଦେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ଦାବି ଓ ଆଗାମୀ ଜୁଲାଇ ୯ ତାରିଖ ଧର୍ମଘଟକୁ ଦୃଢ଼ ସମର୍ଥନ ଜଣାଇଥିଲେ। ବିର୍ଲା ଟାୟାର୍ସ ଶ୍ରମିକମାନଙ୍କୁ ସେମାନଙ୍କର ଆଇନଗତ ପ୍ରାପ୍ୟ ଓ ପୁନଃ ନିଯୁକ୍ତି ପାଇଁ ବିଜୁ ଶ୍ରମିକ ସାମ୍ମୁଖ୍ୟ ଉଦ୍ୟମ କରିବ ବୋଲି ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ହରେକୃଷ୍ଣ ଚାନ୍ଦ, ଶ୍ୟାମସୁନ୍ଦର ଜେନା, ଦୁକୁଲ ଚନ୍ଦ୍ର ଘଡ଼ାଇ,ଶରତ ଚନ୍ଦ୍ର ଦଳାଇ, ଭରତ ଚନ୍ଦ୍ର ସେଠୀ, ସୁଦର୍ଶନ ଜେନା, ବନ୍ଦନା ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତିରକ୍ଷା କର୍ମଚାରୀ ନେତା ଜଗଦୀଶ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଉପକୂଳ ଓଡ଼ିଶାର ସୁରକ୍ଷା ପ୍ରାଚୀର ହେନ୍ତାଳ ବଣ

# ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ସରକାରୀ ସ୍ତରରେ ପ୍ରୟାସ ଆବଶ୍ୟକ

ପଟ୍ଟାମୁଣ୍ଡାଇ,୧୮।୫(ସମିସ)

ସମ୍ପ୍ରତି ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ସରକାରୀ ସ୍ତରରେ ପ୍ରୟାସ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ହେନ୍ତାଳ ବଣ ଉପକୂଳ ଓଡ଼ିଶାର ସୁରକ୍ଷା ପ୍ରାଚୀର ହୋଇଥିବାରୁ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ତେବେ ମାନବୀୟ କାର୍ଯ୍ୟକଳାପରେ ଅଜ୍ଞତା ଯୋଗୁଁ ପରିବେଶର ଅବନତି ଘଟୁଛି। ଜୈବ ବିବିଧତା ପ୍ରତି ଘଟୁଥିବା ବିପଦ ଏବେ ପରିବେଶପ୍ରେମୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଯାହା ଜନଜୀବନ ପ୍ରତି ବିପଦର କାରଣ ହୋଇଛି। ଉତ୍କଳମଣି ଯୁବକ ସଂଘ ସଭାପତି ପ୍ରକୃତି ମିତ୍ର ପୁରସ୍କୃତ ବିଜେତା ଗୌତମ ବେହେରା କହିଛନ୍ତି, ନିକଟ ଅତୀତରେ କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଆର୍ଦ୍ରଭୂମି ଓ ତତ୍‌ସଂଲଗ୍ନ ହେନ୍ତାଳ ବଣ ଅନୁପ୍ରବେଶକାରୀଙ୍କ ଦ୍ୱାରା ଜବରଦଖଲ ହେବା ଆଶଙ୍କା ଦେଖାଦେବା ସହିତ ବହୁ ପରିମାଣରେ ନଷ୍ଟ ହେବା ଆଶଙ୍କା ମଧ୍ୟ ରହିଛି। ତେଣୁ ଉପକୂଳର ସୁରକ୍ଷା ପାଇଁ ଏହି ହେନ୍ତାଳ ଜଙ୍ଗଲର ସଂରକ୍ଷଣ ଆବଶ୍ୟକତା ରହିଛି।ଗତ ବାତ୍ୟା ଦାନା ସମୟରେ ହେନ୍ତାଳ ବଣର ଭୂମିକା ସ୍ପଷ୍ଟ ବାରି ହୋଇପଡ଼ିଥିଲା। କେନ୍ଦ୍ରାପଡ଼ା ଉପକୂଳବର୍ତ୍ତୀ ଅଞ୍ଚଳର ଜନସଂଖ୍ୟା ଉପରେ ଝଡ଼ର ପ୍ରଭାବ ଏତେ ମାତ୍ରାରେ ପଡ଼ି ନ ଥିଲା। ବାତ୍ୟାର ପ୍ରକୋପକୁ ହେନ୍ତାଳ ବଣ ପ୍ରାଚୀର ଭାବେ ଠିଆ ହୋଇ ପ୍ରତିରୋଧ କରିଥିଲା। ଅବଶ୍ୟ କ୍ରମାଗତ ଜଙ୍ଗଲ ନଷ୍ଟ ଓ ବେଆଇନ କାର୍ଯ୍ୟକଳାପ ଯେପରିକି ଅନଧିକୃତ ଚିଙ୍ଗୁଡ଼ି ଚାଷ ସହିତ ଉପକୂଳର ପ୍ରତିରକ୍ଷା ସ୍ଥିରତା ମଧ୍ୟ ଦୁର୍ବଳ ହେଉଥିବା ଶ୍ରୀ ବେହେରା କହିଛନ୍ତି। ତେବେ ଜୈବ ବିବିଧତାକୁ ଅଧିକ ଅବକ୍ଷୟରୁ ରୋକିବା ପାଇଁ ରାଜ୍ୟ ସରକାର ତୁରନ୍ତ ଓ ପ୍ରଭାବଶାଳୀ ପଦକ୍ଷେପ କାର୍ଯ୍ୟକାରୀ କରିବା ଜରୁରୀ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି। ପୂର୍ବ ବର୍ଷ ତୁଳନାରେ ଉପକୂଳ ଅଞ୍ଚଳର ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଯାହା ବାତ୍ୟା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଛି। ତେବେ ହେନ୍ତାଳ ବଣ ବାତ୍ୟାକୁ ପ୍ରତିରୋଧ କରିବାର କ୍ଷମତା ରଖିଛି।

ଭାରତୀୟ ରାଜ୍ୟ ଜଙ୍ଗଲ ରିପୋର୍ଟ (ଆଇଏସଏଫଆର) ୨୦୨୧ ଅନୁଯାୟୀ, ୨୦୧୮ରେ ୨୫୧ ବର୍ଗ କିଲୋମିଟରରୁ ୨୦୨୦ ସୁଦ୍ଧା ୨୫୯ ବର୍ଗକିଲୋମିଟରକୁ ବୃଦ୍ଧି ପାଇ ହେନ୍ତାଳ ବଣ ସୃଷ୍ଟି କରିବାରେ ରାଜ୍ୟ ପ୍ରଶଂସନୀୟ ଅଗ୍ରଗତି କରିଥିବା ଜଣାପଡିଛି। ସ୍ଥାନୀୟ ଜନସାଧାରଣଙ୍କ ଜବରଦଖଲ, ବେଆଇନ ଚିଙ୍ଗୁଡ଼ିଘେରି ହେଣ୍ଟାଳ ବଣ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି। କେବଳ ଭିତରକନିକାରେ ୨୦୯.୨୫ ବର୍ଗ କିଲୋମିଟର ହେନ୍ତାଳ ଜଙ୍ଗଲ, ଭଦ୍ରକରେ ୩୪.୮୭ ବର୍ଗ କିଲୋମିଟର, ଜଗତସିଂହପୁରରେ ୮.୩୩ ବର୍ଗ କିଲୋମିଟର, ପୁରୀରେ ୧.୧୩ ବର୍ଗ କିଲୋମିଟର ଓ ବାଲେଶ୍ୱରରେ ୫.୪ ବର୍ଗ କିଲୋମିଟର ହେନ୍ତାଳ ଜଙ୍ଗଲ ରହିଛି। ତେବେ ମାନବର କୁକାର୍ଯ୍ୟକଳାପ ଏହି ଅଞ୍ଚଳକୁ ଦୈନିକ କ୍ଷୟ ଓ କ୍ଷତି ଘଟାଉଛି। ହେନ୍ତାଳ ଜଙ୍ଗଲ କଟାଯାଇ ବସତି ସ୍ଥାପନ କରାଯାଇଛି। ହେନ୍ତାଳ ଜଙ୍ଗଲର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ ଜବରଦଖଲ ନିରୋଧ ଆଇନକୁ କଡ଼ାକଡ଼ି କରାଯିବା ଜରୁରୀ। ସେହିପରି ହେନ୍ତାଳ ଜଙ୍ଗଲ ମଧ୍ୟରେ ବେଆଇନ ଜଙ୍ଗଲ ନଷ୍ଟ ହେବା ଓ ଅନଧିକୃତ ଚିଙ୍ଗୁଡ଼ି ଚାଷକୁ ରୋକିବା ପାଇଁ କଠୋର ଦଣ୍ଡ ଓ ନିୟମିତ ମନିଟରିଂ ଲାଗୁ କରାଯିବା ଅପରିହାର୍ଯ୍ୟ। ଉପକୂଳ ଓ ସମୁଦ୍ର ମୁହାଣ ଅଞ୍ଚଳରେ ହେନ୍ତାଳ ଚାରା ରୋପଣ ପାଇଁ ବୃହତ ଆକାରର ଜଙ୍ଗଲ ନିର୍ମାଣ ପ୍ରକଳ୍ପ ଆରମ୍ଭ କରାଯିବା ଉଚିତ। ଭିତରକନିକା ଓ ଅନ୍ୟାନ୍ୟ ହେନ୍ତାଳ ବଣର ସମୃଦ୍ଧ ଅଞ୍ଚଳ ପାଇଁ ଏକ ଉତ୍ସର୍ଗୀକୃତ ସଂରକ୍ଷଣ ଯୋଜନା ପ୍ରସ୍ତୁତ କରାଯିବା ସହିତ କ୍ରମାଗତ ଅଭିବୃଦ୍ଧି ଓ ହେନ୍ତାଳ ବଣ ଜୈବ ବିବିଧତା ସୁରକ୍ଷା ନିଶ୍ଚିତ କରିବା ପାଇଁ ଭବିଷ୍ୟତ ଯୋଜନା କରାଯିବା ଜରୁରୀ।

ହେନ୍ତାଳ ବଣର ଔଷଧୀୟ ଗୁଣ ଉପରେ ଅନୁସନ୍ଧାନକୁ ପ୍ରୋତ୍ସାହିତ କରାଯିବା ସହିତ ଏହି ଗଛରୁ ଜୈବ ସକ୍ରିୟ ଯୌଗିକ, ଗମ୍ଭୀର ରୋଗର ମୁକାବିଲା କରିବାର ସମ୍ଭାବନା ଥିବାରୁ ଏହା ଉପରେ ଅନୁସନ୍ଧାନ କରାଯିବା ଉଚିତ ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ବିଶେଷକରି ମତ୍ସ୍ୟଜୀବୀ ଓ ଉପକୂଳ ବାସିନ୍ଦାଙ୍କୁ ହେନ୍ତାଳ ବଣର ମହତ୍ୱ ଓ ଦୀର୍ଘକାଳୀନ ଉପକୂଳ ସୁରକ୍ଷା, ଜୀବିକା ସୁରକ୍ଷା ପାଇଁ ଏହି ଜଙ୍ଗଲର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ କରାଯିବା ଆବଶ୍ୟକ। ରାଜନଗରର ଉପକୂଳବର୍ତ୍ତୀ ଅଞ୍ଚଳର ଲୋକେ ହୁଦହୁଦ୍, ଫାଇଲିନ୍, ଅମ୍ଫାନ୍ ଓ ଦାନା ପରି ଅତୀତର ଝଡ଼ ସମୟରେ ହେନ୍ତାଳ ଜଙ୍ଗଲ ଦ୍ୱାରା ସୁରକ୍ଷିତ ରହିପାରିଛନ୍ତି। ଏହି ପ୍ରାକୃତିକ ପ୍ରତିରକ୍ଷା ହେନ୍ତାଳ ବଣର ମହତ୍ତ୍ୱକୁ ଏହା ପ୍ରତିପାଦିତ କରୁଛି। ସରକାରଙ୍କ ହସ୍ତକ୍ଷେପ ବିନା ଏହି ଜଙ୍ଗଲର ସଂରକ୍ଷଣ ଶକ୍ତି ହ୍ରାସ ହୋଇପାରେ। ଯାହା ଜନସାଧାରଣ ଓ ଜୈବ ବିବିଧତାକୁ ଭବିଷ୍ୟତରେ ଅସୁରକ୍ଷିତ କରିପାରେ। ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରା ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ସହିତ ଏହି ସମସ୍ୟାର ସମାଧାନ ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସ୍ଥାୟୀ ଉପକୂଳ ପରିଚାଳନା ବିଭାଗ ପକ୍ଷରୁ ବନ ବିଭାଗ ମହାନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଏହି ପ୍ରସଙ୍ଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବିଭାଗୀୟ ନିର୍ଦ୍ଦେଶ ଆସିଥିବା ଜଣାଯାଇଛି।

## ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ବାର୍ଷିକ ଉତ୍ସବ




କେନ୍ଦ୍ରାପଡ଼ା, ୧୮।୫(ସମିସ):ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସରେ ଚାଲିଥିବା ଆନ୍ତର୍ଜାତିକ ନର୍ସିଂ ସପ୍ତାହ ଓ ବାର୍ଷିକ ଉତ୍ସବ ଆଜି ଉଦ୍‌ଯାପିତ ହୋଇଛି। ନିର୍ଦ୍ଦେଶକ ବାଣୀବ୍ରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଓମ୍‌ସାର ରାଜ୍ୟ ସଭାପତି ଡ. କିଶୋର ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏସ୍‌ଓଏସ୍ କଲେଜ୍ ଅଫ୍ ନର୍ସିଂର ଅଧ୍ୟକ୍ଷା ପବିତ୍ରା ବାଗୁଡ଼ାଇ, ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ସୁଖଦା ପ୍ରସାଦ ତ୍ରିପାଠୀ, ପ୍ରଫେସନାଲ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ପଟ୍ଟନାୟକ, ତୁଳସୀ ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ଟ୍ରେନିଂ ସେଣ୍ଟରର ଅଧ୍ୟକ୍ଷା କୁମୁଦିନୀ ଲେଙ୍କା, ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ଦେଇଥିଲେ। ଏ ଅବସରରେ ପରିବେଶ ସୁରକ୍ଷା ପାଇଁ ଗୋଟିଏ ଗଛଚାରା ପ୍ରଦାନ କରଯାଇଥିଲା। ମୁଖ୍ୟଅତିଥି କହିଲେ, ନିଜର କାର୍ଯ୍ୟଶୈଳୀକୁ ଉନ୍ନତ କରି ରୋଗୀଙ୍କୁ ଉତ୍ତମ ସେବା ଯୋଗାଇପାରିଲେ ସେମାନଙ୍କର ସେବିକା ହେବାର ସାର୍ଥକତା ପୂରଣ ହୋଇପାରିବ। ଏଥିସହିତ ନର୍ସିଂ ଛାତ୍ରୀଛାତ୍ର ସେମାନଙ୍କର ଅନ୍ତଃର୍ନିହିତ କାର୍ଯ୍ୟକୁ ବିକାଶ କରିବା ସହିତ ରୋଗୀଙ୍କ ପ୍ରତି ସେବା ଓ ସହାନୁଭୂତି ମନୋଭାବ ପୋଷଣ କଲେ ଭବିଷ୍ୟତରେ ଜଣେ ସୁଦକ୍ଷା ସେବିକା ହୋଇପାରିବେ ବୋଲି କହିଥିଲେ। ମିଷ୍ଟର ଏସ୍‌ଓଏସ୍ ଭାବେ ସୂର୍ଯ୍ୟକାନ୍ତ ଦାସ, ମିସ୍ ଏଓଏସ୍ ଭାବେ ଏ.ପି ଅଲିଭା ଅଭିନୀତା, ମିସ୍‌ଟାଇନ୍ ଭାବେ ଲକ୍ଷ୍ମୀପ୍ରିୟା ମହାପାତ୍ର ଓ ମିଷ୍ଟର ଟାଇନ୍ ଭାବେ ଅବିନାଶ ବଳ, ବେଷ୍ଟ ଭଲ୍ୟୁଣ୍ଟର ଭାବେ ସଙ୍ଗୀତା ବାରିକ ଓ ରମାକାନ୍ତ ମଲ୍ଲିକଙ୍କୁ ଟ୍ରଫି ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଅଭିନେତା ଓ ମଡେଲ ଲୋହିତାକ୍ଷ ପଟ୍ଟନାୟକ ଯୋଗଦେଇ ନର୍ସିଂ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉପାଧ୍ୟକ୍ଷା ପ୍ରିୟମ୍ବଦା ପଟ୍ଟନାୟକ, ବନ୍ଦିତା ସାହୁ, ପଲ୍ଲବୀ ପଟ୍ଟନାୟକ, ମନୀଷାରାଣୀ, ମୋନାଲିସା ସାହୁ, ସନ୍ଧ୍ୟାରାଣୀ ସାହୁ, ମିତାଲୀ ମଧୁସ୍ମିତା ବିଶ୍ୱାଳ, ସୁପ୍ରଭା ଦାଶ, ସୋନାଲୀ ସେନାପତି, ପ୍ରଜ୍ଞା ମିଶ୍ର, ବିଜୟ ସାହୁ, ଶ୍ରାବଣୀ ନାୟକ ପ୍ରମୁଖ ସଭାକୁ ପରିଚାଳନା କରିଥିଲେ। ରତ୍ନପର୍ଣ୍ଣା ବିଶୋଇ, ଶୁଭଲକ୍ଷ୍ମୀ ବିଶ୍ୱାଳ, ଦିବ୍ୟଜ୍ୟୋତି ଶତପଥୀ, ରେଖାରାଣୀ ସେଠୀ, ସ୍ୱାତୀ ସାଗରିକା ଷଡ଼ଙ୍ଗୀ, ପ୍ରିୟଙ୍କା ମଲ୍ଲିକ, ସନ୍ଧ୍ୟାରାଣୀ ବାରିକ, ପିନାଲୀ ରାଉତ, ଅର୍ଚ୍ଚିତା ଜେନା, ବନପ୍ରଭା ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ● ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ପିଇଓ

## ଦେସାହି ପଞ୍ଚାୟତରେ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ

ଗୋବିନ୍ଦପୁର,୧୮।୫(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ଦେସାହି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାସ ମୁର୍ମୁ ଗତ ୫ ମାସ ହେଲା ଅନୁପସ୍ଥିତ ରହୁଛନ୍ତି। କାର୍ଯ୍ୟ ନ କରିବାରୁ ଦୁଇ ମାସ ପୂର୍ବେ ଜିଲ୍ଲାପାଳ ତାଙ୍କୁ ସସ୍‌ପେଣ୍ଡ କରିଛନ୍ତି। ନୂତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ନୃସିଂହ ମିଶ୍ର ଦାୟିତ୍ୱ ନେଇଥିଲେ ମଧ୍ୟ ପୂର୍ବ ପିଇଓ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବାରୁ ପଞ୍ଚାୟତରେ ହୋଇଥିବା କାମର ବିଲ୍ ହେଉନି ଓ ନୂତନ ଉନ୍ନୟନମୂଳକ କାମ ହୋଇପାରୁନି। ଏପରିକି ପଞ୍ଚାୟତର ସମସ୍ତ କାମ ଏକପ୍ରକାର ଠପ୍ ହୋଇଯାଇଛି। ଏ ସମ୍ପର୍କରେ ସରପଞ୍ଚ ମୋନାଲିସା ଦାସ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ପର୍ଯ୍ୟନ୍ତ ନୂତନ ପଞ୍ଚାୟତ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇନାହିଁ। ତୁରନ୍ତ ଏ ସମସ୍ୟା ଦୂର ନ ହେଲେ ସରପଞ୍ଚ, ୱାର୍ଡ ସଭ୍ୟସଭ୍ୟା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସରପଞ୍ଚ ଶ୍ରୀମତୀ ଦାସ ଚେତାବନୀ ଦେଇଛନ୍ତି।

## ସ୍ନେହଲତା ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା,୧୮।୫(ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଲାହାଖଣ୍ଡ ଭରତପୁରର ଅବସରପ୍ରାପ୍ତ ଯୁଗ୍ମଶାସନ ସଚିବ ତଥା ଓଡ଼ିଶା ସଚିବାଳୟ ସେବା ସଂଘର ପ୍ରାକ୍ତନ ସଭାପତି ମନୋରଞ୍ଜନ ଦାସଙ୍କ ପତ୍ନୀ ସମାଜସେବୀ ସ୍ନେହଲତା ଦାସଙ୍କ ଦ୍ୱାଦଶାହରେ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ସୁଘୋଷ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ତମ୍ଭକାର ଡ. ସର୍ବେଶ୍ୱର ସେଣ, ଆଇନଜୀବୀ ସରୋଜ ଦାସ, ଅତିରିକ୍ତ ଶାସନ ସଚିବ ନିରଞ୍ଜନ ଦାସ, ଅଧୀକ୍ଷଣ ଯନ୍ତ୍ରୀ ଇଂ ଦୁର୍ଗାଚରଣ ମିଶ୍ର, ପ୍ରାକ୍ତନ ଅନୁଶାସନ ସଚିବ ପ୍ରମୋଦ ଶତପଥୀ, ପ୍ରାକ୍ତନ ଉପଶାସନ ସଚିବ ଗୌରପ୍ରସାଦ ଦାସ, ତାପସ ସାହୁ, ଶୁଶ୍ରୁଷା ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରାକ୍ତନ ସମ୍ପାଦକ ମମତା ବିଶ୍ୱାଳ, ପ୍ରଜ୍ଞା ଫାଉଣ୍ଡେସନର ପ୍ରାକ୍ତନ ପରିଚାଳକ ଭାଗୀରଥି ପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ନେହଲତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବଚରଣ ପାତ୍ର, ଲକ୍ଷ୍ମୀପ୍ରସାଦ ଭୂୟାଁ, ପୀତାମ୍ବର ବିଶ୍ୱାଳ, ହେମନ୍ତ ମିଶ୍ର, ସଚିବାଳୟ ସେବା ସଂଘ ଉପସଭାପତି ପ୍ରଦୀପ ରାଉତ, ତନୁଜ ଦାସ, ଚିତ୍ତରଞ୍ଜନ ହୋତା, ଅଜୟ ଦାସ ପ୍ରମୁଖଙ୍କ ଓଡ଼ିଶା ସଚିବାଳୟର ବିଭିନ୍ନ ବିଭାଗ କର୍ମଚାରୀ ଓ ଅଧିକାରୀ ଯୋଗ ଦେଇଥିଲେ। ପ୍ରବୋଧ ଦାସ, ପ୍ରଧାନଶିକ୍ଷକ ଶୁଭାଂଶୁ ଦାସ, ସୁକାନ୍ତ ଦାସ, ବିଜୟ ଦାସ, ସୁନୀଲ ଦାସ, କରୁଣାକର ଦାସ, ପ୍ରଦୀପ ଦାଶ, ଅମର ରାଉତ, ନୃସିଂହ ତ୍ରିପାଠୀ, କବିତା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ବଣିକ ସଂଘର ପୂର୍ବତନ ସମ୍ପାଦକଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୧୮।୫(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘର ପୂର୍ବତନ ସମ୍ପାଦକ ପୀତାମ୍ବର ସାହୁଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ରଞ୍ଜନ ସାହୁ, ନିଗମାନନ୍ଦ ସାହୁ, ନିରାକାର ସାହୁ ଓ ନିରଞ୍ଜନ ସାହୁ, ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ସେ ପଟ୍ଟାମୁଣ୍ଡାଇ ବଣିକ ସଂଘର ଦୁଇଥର ସମ୍ପାଦକ ଦାୟିତ୍ୱ ବହନ କରି ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ ଭୂୟାଁ, କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ସମ୍ମାନାର୍ଥେ ବଣିକ ସଂଘ ପକ୍ଷରୁ କିଛି ସମୟ ପାଇଁ ଦୋକାନ ବଜାର ବନ୍ଦ କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ନୀଳାଚଳ କୁଟୀରକୁ ନିଆଯାଇଥିଲା। ଜ୍ୟେଷ୍ଠ ପୁତ୍ର ରଞ୍ଜନ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି ଓ ଅଲେଖ ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଶୋକ ପ୍ରକାଶ କରିଛନ୍ତି।

## ଶ୍ରୀଧର ବେହେରାଙ୍କ ପରଲୋକ

କେନ୍ଦ୍ରାପଡ଼ା,୧୮।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ବିହନ ପ୍ରକ୍ରିୟାକରଣ ବିଭାଗର ପ୍ରାକ୍ତନ ଅଧିକାରୀ ଶ୍ରୀଧର ବେହେରା (୬୬)ଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ଘଟିଛି। ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଭାବେ କେନ୍ଦ୍ରାପଡ଼ାରେ ପରିଚିତ ଥିଲେ। ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ୍ ଗଡ଼ମା ଅରଣା ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଶୁଭେନ୍ଦୁ ବେହେରା ମୁଖାଗ୍ନି ଦେଇଥିଲେ। ସାନଭାଇ ସୁଦର୍ଶନ ବେହେରା, ସାନପୁଅ କେନ୍ଦ୍ରାପଡ଼ା ହସ୍ତଶିଳ୍ପ ବିଭାଗର ବିକାଶ ଅଧିକାରୀ ସତ୍ୟଜିତ ବେହେରାଙ୍କ ସମେତ ଦୁଇ ପୁତ୍ରବଧୂ, ଗ୍ରାମବାସୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



### ■ ନିମ୍ନମାନର ହାଟସାହି-ସିହୋପଡ଼ା ରାସ୍ତା କାମ

## ପରିତ୍ୟକ୍ତ ପିଚୁ, ଗୋଡ଼ି ବ୍ୟବହାର ଅଭିଯୋଗ



ରାଜକନିକା,୧୮।୫(ସମିସ): ରାଜକନିକା ବ୍ଲକ୍ ଗ୍ରାମ୍ୟ ଉନ୍ନୟନ ବିଭାଗ ସିହୋପଡ଼ା-ହାଟସାହି ରାସ୍ତା କାମର ଅନିୟମିତତା ପଦାରେ ପଡ଼ିଲାଣି। ପୁରୁଣା ରାସ୍ତାରୁ ବାହାରିଥିବା ପରିତ୍ୟକ୍ତ ପିଚୁ ଓ ଗୋଡ଼ିକୁ ପୁନର୍ବାର ବ୍ୟବହାର ନେଇ ସାଧାରଣରେ ଅଭିଯୋଗ ହୋଇଛି । ରାସ୍ତାର ସ୍ଥାୟିତ୍ୱ ନେଇ ମଧ୍ୟ ସନ୍ଦେହ ଦେଖାଦେଇଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ବି ବିଭାଗୀ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ତେବେ ଠିକାଦାର ପରିତ୍ୟକ୍ତ ପିଚୁ ଓ ଗୋଡ଼ିକୁ ଲୁଚାଇବାକୁ ଡଷ୍ଟ ପକାଇଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସୂଚନା ମୁତାବକ, ସିହୋପଡ଼ାରୁ ହାଟସାହି ୫ କିଲୋମିଟର ରାସ୍ତା ନିର୍ମାଣ ପାଇଁ ସାଥୀ ସ୍କିମ୍‌ରେ ୬ କୋଟି ୪୫ ଲକ୍ଷ ୪୭ ହଜାର ୫୫୩ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ରାସ୍ତା ହାଟସାହି, ପଣସଗଣ୍ଡ, ଅବଦୁଲପୁର, ପ୍ରଧାନପଡ଼ା ପଞ୍ଚାୟତର ହଜାର ହଜାର ଲୋକଙ୍କ ଯାତାୟାତର ପ୍ରମୁଖ ରାସ୍ତା ହୋଇଥିବାରୁ ଏହାର ନିର୍ମାଣର ଗୁରୁତ୍ୱ ରହିଛି। ଏଥିପାଇଁ ବହୁଥର ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଏବେ ରାସ୍ତା ନିର୍ମାଣରେ କେଁ ଦେଖାଦେଇଛି। ପ୍ରଥମେ ପୁରୁଣା ପିଚୁକୁ ବାହାର କରାଯିବା ସ୍ଥଳେ ନାମକୁ ମାତ୍ର କିଛି ପୁରୁଣା ପିଚୁ ରାସ୍ତା କଡ଼କୁ ଫିଙ୍ଗା ଯାଇଥିବାବେଳେ ଅଧେରୁ ଅଧିକ ପିଚୁ ଓ ପିଚୁ ମିଶା ଗୋଡିକୁ ରାସ୍ତାରେ ପକାଯାଉଛି। ଅତି ଚତୁରତାର ସହିତ ସେହି ପିଚୁ ଉପର ଡଷ୍ଟ ପକାଯାଇ ଲୁଚାଇ ଦିଆଯାଉଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିସହିତ ଠିକାଦାର ନିଜ ମର୍ଜିରେ କାମ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଗଣମାଧ୍ୟମରେ ଚର୍ଚ୍ଚା ହୋଇ ବିଭାଗୀୟ ଅଧିକାରୀ ତଦନ୍ତ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ପରେ ବି କୌଣସୀ ସୁଧାର ଆସିଲାନି। ଏବେ ମଧ୍ୟ ପୁରୁଣା ପିଚୁ ଓ ଗୋଡି ଉପରେ ଡଷ୍ଟ ପକାଯାଇ ଘୋଡ଼ାଇ ଦିଆଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିପାରନ୍ତା ବୋଲି ଦାବି ହେଉଛି।

## ପାଟକୁରା ୧୩ ନମ୍ବର ଜୋନ୍ କଂଗ୍ରେସ କର୍ମୀ ବୈଠକ



ପଞ୍ଚୁପାଣ୍ଡବ,୧୮।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନମଣ୍ଡଳୀ ୧୩ ନମ୍ବର ଜୋନର କଂଗ୍ରେସ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳପୁର ପଞ୍ଚାୟତର କଂଗ୍ରେସ କର୍ମୀ ଧର୍ମେନ୍ଦ୍ର ସିଂହଙ୍କ ନେତୃତ୍ୱରେ ସ୍ଥାନୀୟ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମର ଲଣ୍ଡା ପଡ଼ିଆରେ କଂଗ୍ରେସ କର୍ମୀ ବୈଠକ ହୋଇଥିଲା। ୧୩ ନମ୍ବର ଜୋନ୍ ଜିଲ୍ଲା ପରିଷଦ ପଦବୀ ଉପନିର୍ବାଚନ ପାଇଁ ଆଜି କଂଗ୍ରେସ କର୍ମୀ ବୈଠକ ବସିଥିଲା। ବେଣିପୁର, ରଘୁଦେଇପୁର, ମଙ୍ଗଳପୁର, ନହଙ୍ଗ, କାଉପଡ଼ା, ଗୁଆଳସିଂହ, କୁରୁଜଙ୍ଗା, ଛୋଟି, କୁସିଆପାଳ ଓ ବାରିମୂଳ ପଞ୍ଚାୟତକୁ ନେଇ ଏହି ଉପନିର୍ବାଚନ ହେବାକୁ ଯାଉଛି। ବୈଠକରେ କଂଗ୍ରେସ ଦଳ ପ୍ରାର୍ଥୀ କିପରି ବିଜୟୀ ହେବେ, ସେଥିପାଇଁ ରଣକୌଶଳ ପାଇଁ ହରିଅଙ୍କ ସରପଞ୍ଚ ସୁକୁଟା ନନ୍ଦ ପ୍ରଧାନ ଆଲୋଚନାରେ କହିଥିଲେ। ଡେରାବିଶ ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ଉମେଶ ତ୍ରିପାଠୀ, ଅନନ୍ତ ପାତ୍ର, ରଶ୍ମିରଞ୍ଜନ ପଣ୍ଡା, ମନ୍ମଥ ସାହୁ, ନାରାୟଣ ବଳ, ଖଗେଶ୍ୱର ସିଂ, ମେହେବୁବ ଅଲ୍ଲୀ, ମତଲୁବ ରହେମାନ, ସେକ ମୁନିର, ଶୁଭପ୍ରକାଶ ସ୍ୱାଇଁ, ଜୟୀ ପରିଡ଼ା, କୃଷ୍ଣଚନ୍ଦ୍ର ଦାସ, ରବୀନ୍ଦ୍ର ପ୍ରଧାନ ଓ ୧୦ଟି ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଧୋୟାଞ୍ଚଳରେ ବାରମ୍ବାର ଷ୍ଟ୍ରିଟ୍‌ଲାଇଟ୍ ଚୋରି

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୮।୫(ସମିସ): ଗ୍ରାମାଞ୍ଚଳ ରାସ୍ତାକୁ ଆଲୋକିତ କରିବାକୁ ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ଲକ୍ଷ ଲକ୍ଷ ଟଙ୍କା ଦେଉଛନ୍ତି। ଗ୍ରାମର ମୁଖ୍ୟ ସଡ଼କ ସହିତ ଗଳିକନ୍ଦି ରାସ୍ତାରେ ମଧ୍ୟ ଇଲେକ୍ଟ୍ରି ଖୁଣ୍ଟିରେ ଏଲଇଡି ଲାଇଟ୍ ଲଗାଯାଉଛି। ପ୍ରତି ଷ୍ଟ୍ରିଟ୍‌ଲାଇଟ୍‌ରେ ହାରାହାରି ୪ ହଜାର ଟଙ୍କା ଖର୍ଚ୍ଚ ହେଉଛି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅମୃତମଣୋହି, ବଲୁରିଆ, ଅଣ୍ଡରା ଓ ସିଂହଗାଁ ପଞ୍ଚାୟତର ପଡ଼ାଗ୍ରାମରେ ଷ୍ଟ୍ରିଟଲାଇଟ ବ୍ୟାପକ ଭାବେ ଚୋରି ହେଉଥିବା ଅଭିଯୋଗ ହୋଇଛି। ଏଥିସହ ସନ୍ଧ୍ୟାବେଳେ ଜଳୁଥିବା ଷ୍ଟ୍ରିଟଲାଇଟ୍ ରାତି ପାହିଲା ବେଳକୁ ଉଭାନ ହୋଇଯାଉଛି। ଗତ ଶନିବାର ସନ୍ଧ୍ୟା ସମୟରେ ଅମୃତମଣୋହି ଶାନ୍ତିପଡ଼ାର ପାର୍ଥସାରଥୀ ଦାଶ ଓ ବିପ୍ର ମଲ୍ଲିକଙ୍କ ଘର ସମ୍ମୁଖ ରାସ୍ତାରୁ ଷ୍ଟ୍ରିଟଲାଇଟ ଦୁର୍ବୃତ୍ତମାନେ ଖୋଲି ନେଇଯାଇଛନ୍ତି। ଏହି ଚୋରି ଘଟଣା ପରେ ଗ୍ରାମବାସୀ ଚଉଦକୁଲାଟ ଫାଣ୍ଡିକୁ ଖବର ଦେବାରୁ ପୁଲିସ ପାଟ୍ରୋଲିଂ ଗାଡ଼ି ମଧ୍ୟ ଆସିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ପାଇ ନ ଥିଲେ। ଗତ ୩ ବର୍ଷ ପୂର୍ବେ ନାହିଆଡିଆ ବ୍ରାହ୍ମଣୀ ବ୍ରିଜ ଉପରେ ସରକାରୀ ଅନୁଦାନରେ ଲଗାଯାଇଥିବା ଷ୍ଟ୍ରିଟଲାଇଟ( ସୌରଚାଳିତ) ମାତ୍ର ୬ ମାସ ମଧ୍ୟରେ ଚୋରି ହୋଇଗଲା। ବିଦ୍ୟୁତ୍ ବିଭାଗର ଅବହେଳା ଓ ପୁଲିସ ପାଟ୍ରୋଲିଂ ଅଭାବରୁ ଏଭଳି ଘଟଣା ବାରମ୍ବାର ଘଟୁଛି। ରାଜ୍ୟ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗୋଗୁଆ ପଞ୍ଚାୟତରେ ପରାକ୍ରମ ଶୋଭାଯାତ୍ରା

ମହାକାଳପଡ଼ା,୧୮।୫(ସମିସ): ଭାରତୀୟ ସେନାର ସାହସ ଓ ବଳିଦାନକୁ ସମ୍ମାନ ଜଣାଇ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଗୁଆ ପଞ୍ଚାୟତର ବାବର ବଜାର ଦୁର୍ଗା ମନ୍ଦିରଠାରୁ ଗଗୁଆ ଗାନ୍ଧୀ ମୂର୍ତ୍ତି ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ଗୋଗୁଆ ପଞ୍ଚାୟତ ସମିତି ସଭ୍ୟ ପ୍ରତାପ ଦାସ, ରଞ୍ଜନ ଚୌଧୁରୀ, ପ୍ରଶାନ୍ତ ସେଠୀ, ଅଲେଖ ପ୍ରଧାନ, ସରୋଜ ପରିଡ଼ା, ସରପଞ୍ଚ ପ୍ରମୋଦ ଦାସ, ଲକ୍ଷ୍ମୀଧର ରାଜ, ମାନସ ମହାନ୍ତି, ପବିତ୍ର ଚୌଧୁରୀ ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଦୀପକ ଦାସ, ପ୍ରଦୀପ ସେଠୀ, କେଶବ ଭୋଳ, ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସସ୍ମିତା ପଣ୍ଡା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ



କେନ୍ଦ୍ରାପଡ଼ା,୧୮।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହିଳା କଂଗ୍ରେସର ପୂର୍ବତନ ସଭାପତି ସସ୍ମିତା ପଣ୍ଡାଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଭାରତୀୟ ଜାତୀୟ କଂଗ୍ରେସ ସଭାପତିଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ପ୍ରଦାନ କରାଯାଇଥିବା ଏଆଇସିସି ସାଧାରଣ ସମ୍ପାଦକ ତଥା ସାଂସଦ କେ.ସି. ଭେନୁଗୋପାଳ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ପୂର୍ବରୁ ଜିଲ୍ଲା ମହିଳା କଂଗ୍ରେସର ସଭାପତି ଭାବେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ଶ୍ରୀମତୀ ପଣ୍ଡାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ତାଙ୍କୁ ଏଭଳି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ଶ୍ରୀମତୀ ପଣ୍ଡା ଏଆଇସିସି ସଭାପତି ମଲିକାର୍ଜ୍ଜୁନ ଖଡ଼ଗେ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀମତୀ ପଣ୍ଡାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଭୁଶୁଡ଼ିଲା ଖାନନଗର ମାଇନର ପୋଲର ଗୋଟିଏ ପାର୍ଶ୍ୱ ପାଚେରି

# ଖରିଫରେ ପଡ଼ିଆ ପଡ଼ିବ ଶହ ଶହ ହେକ୍ଟର ଚାଷଜମି

ଡେରାବିଶ,୧୮।୫(ସମିସ)



ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖାନନଗରଠାରେ ଥିବା ଖାନନଗର ମାଇନର କେନାଲ ପୋଲର ଗୋଟିଏ ପାର୍ଶ୍ୱ ପାଚେରି ଚାରିଦିନ ପୂର୍ବେ ଭୁଶୁଡ଼ି ପଡ଼ିଛି। ଏଥିସହିତ ଏହି ପୋଲ ଉପରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ବିପଦସଙ୍କୁଳ ହୋଇପଡ଼ିଛି। ଏହି ପୋଲଟି ସମ୍ପୂର୍ଣ୍ଣ ଭୁଶୁଡ଼ିଗଲେ ଡେରାବିଶ ବ୍ଲକ୍‌ର ଯଅଁରାବାରିମୂଳ, ହରିଅଙ୍କ ଓ ଇନ୍ଦାଳୋ ପଞ୍ଚାୟତର ଶହ ଶହ ଏକର ଚାଷଜମି କେନାଲ୍ ପାଣି ଅଭାବରୁ ପଡ଼ିଆ ପଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ପୋଲ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେଉଛି। ସୂଚନା ମୁତାବକ, କଟକ ନର୍ଥ ଡିଭିଜନ୍ ଅଧୀନରେ ଥିବା କରାଣ୍ଡିଆ ମାଇନର କେନାଲ୍‌ରେ ଖାନନଗର ସାଇଫନ୍ କରାଯାଇ ଖାନନଗର ମାଇନର କେନାଲ୍‌କୁ ପାଣି ଯୋଗାଣ ହୋଇଥାଏ। ତେବେ କିଛିବର୍ଷ ହେବ ଏହି ସାଇଫନ୍ ନିକଟରେ ନିର୍ମିତ ହୋଇଥିବା ପୋଲଟି ଭାରୀଯାନ ଚଳାଚଳ ଫଳରେ ଦୁର୍ବଳ ହୋଇପଡ଼ିଥିଲା। ଏହି ପୋଲକୁ ତୁରନ୍ତ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଆସୁଥିଲେ। ବିଭାଗ ପକ୍ଷରୁ ଶିଥିଳତା ଯୋଗୁଁ ଏହା ଅଦ୍ୟାବଧି ନିର୍ମାଣ ହୋଇପାରିନାହିଁ। ଗତବର୍ଷ କେନାଲରେ ପାଣି ଯୋଗାଣ ସମୟରେ ଏହି ପୋଲର ତଳପଟେ ଗୋଟିଏ ପଟ ପାଚେରିରୁ ଇଟା ଧୋଇଯାଇ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା। ସେହି ରାସ୍ତା ଦେଇ ଚଳାଚଳ ବ୍ୟାହତ ହୋଇଥିଲା। ଜଳସେଚନ ବିଭାଗ ଏହି ଗର୍ତ୍ତକୁ ବାଲିବସ୍ତା ଓ ସିମେଣ୍ଟ ଭର୍ତ୍ତି କରି ଚୁପ୍ ବସିଥିଲା। ଏବେ ଖରାଦିନେ ଏହି ପୋଲର ଦୁଇପଟେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ବର୍ଷାଦିନେ ଏହି ପୋଲଟି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ ବୋଲି ଅଞ୍ଚଳବାସୀ ପ୍ରକାଶ କରଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମେଶ ସାହୁଙ୍କୁ ପଚାରିବାରୁ ଏହି ପୋଲଟି ପାଇଁ ବିଭାଗ ପକ୍ଷରୁ ଡିଜାଇନ୍ ଓ ଏଷ୍ଟିମେଟ୍ କରାଯାଇ ଟେଣ୍ଡର ସରିଛି। ଖୁବଶୀଘ୍ର ପୋଲ କାମ ଟେଣ୍ଡର ନେଇଥିବା ଠିକାଦାର କାମ ଆରମ୍ଭ କରିବେ ବୋଲି କହିଥିଲେ।

**ତୁରନ୍ତ ପୋଲ ନିର୍ମାଣ ଦାବି**

## କୂଅ ଭିତରୁ ଭାଲୁ ଉଦ୍ଧାର



କେନ୍ଦୁଝର,୧୮।୫(ସମିସ): କେନ୍ଦୁଝର ସଦର ବନାଞ୍ଚଳ ଗୁହାଳ ଚଟୁଆ ଗ୍ରାମର ଜଣେ ବ୍ୟକ୍ତିଙ୍କ କୂଅରେ ପଡ଼ିଥିବା ଏକ ଭାଲୁକୁ ନରଣପୁର ବନବିଭାଗ ଉଦ୍ଧାର କରିଛି। ଗତକାଲି ରାତିରେ ଏହି ଭାଲୁ କୂଅରେ ପଡିଯାଇଥିଲା। ଖବର ପାଇ ନରଣପୁର ଫରେଷ୍ଟର କାଳନ୍ଦି ଚରଣ ସାମଲ ଓ ସ୍କ୍ୱାଡ କର୍ମଚାରୀ କୂଅରେ ଅଧିକ ପାଣିଥିବାରୁ ସିଡି ପକାଇଭାଲୁକୁଉପରକୁଉଠାଇଥିଲେ।ପରେଭାଲୁଟିସ୍ଥାନୀୟଜଙ୍ଗଲକୁଚାଲିଯାଇଥିଲା।

## ଘର ଭିତରୁ ନାଗସାପ ଉଦ୍ଧାର



ବେଲବାହାଳି, ୧୮।୫(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରିଡିହା ପଞ୍ଚାୟତ ନରସିଂହପୁର ଗ୍ରାମର ଗୌତମ ବେଜଙ୍କ ଘରୁ ବନବିଭାଗ ପକ୍ଷରୁ ଏକ ନାଗସାପ ଉଦ୍ଧାର କରିଛି। ରବିବାର ସକାଳୁ ଘର କାମ କରୁଥିବା ବେଳେ ସୁଶାନ୍ତ ବେଜ୍ ନାଗସାପକୁ ଦେଖି ପରିବାର ଲୋକଙ୍କୁ ସାବଧାନ କରିବା ସହ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇଁ ବନବିଭାଗର ସାପଧରାଳି କର୍ମଚାରୀ ଶଙ୍କର୍ଷଣ ସାହୁ ପହଞ୍ଚି ଘରୁ ନାଗସାପ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ; ତେବେ କାହାରି କିଛି କ୍ଷୟକ୍ଷତି ହୋଇନାହିଁ।

## ସ୍ତ୍ରୀ ଓଢ଼ଣୀରେ ଝୁଲି ପଡ଼ିଲେ ସ୍ୱାମୀ

**କେନ୍ଦୁଝର, ୧୮।୫(ସମିସ):** ସ୍ତ୍ରୀର ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି ସ୍ୱାମୀ। ମୃତକ ଜଣଙ୍କ ହେଲେ ପାଟଣା ବ୍ଲକ ଅନ୍ତର୍ଗତ ରାଜନଗର ଗ୍ରାମର ସୌମ୍ୟରଞ୍ଜନ ବେହେରା (୨୮)। ସେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ। ପରିବାର ସହିତ ଧୋବାଡିହା ମାଝି ସାହିର ଏକ ଭଡ଼ା ଘରେ ରହୁଥିଲେ। ରବିବାର ଦିନ ୧୦ଟାବେଳେ କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ଓଢ଼ଣୀରେ ଝୁଲିପଡ଼ିଥିଲେ। ଖବର ପାଇ କେନ୍ଦୁଝର ଟାଉନ ଫାଣ୍ଡି ଏଏସ୍‌ଆଇ ବିବିନ ବିହାରୀ ବାରିକ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶବ କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ସୌମ୍ୟରଞ୍ଜନ କାହିଁକି ଆତ୍ମହତ୍ୟା କରିଛନ୍ତି ପୁଲିସ ଅଧିକ ତଦନ୍ତ ଚଳାଇଛି।

## ବିଧବା ଓ ଭିନ୍ନକ୍ଷମଙ୍କୁ ଭତ୍ତା ବଣ୍ଟନ



**ରାମଚନ୍ଦ୍ରପୁର, ୧୮।୫(ସମିସ):** ଘସିପୁରା ବ୍ଲକ ଅଳତି ପଞ୍ଚାୟତର ଦୁଇ ଜଣ ବିଧବା ମହିଳା ଏବଂ ଦୁଇଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନୂତନ ମଧୁବାବୁ ଭତ୍ତା ଯୋଜନାରେ ସାମିଲ କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଇଂ ପ୍ରିୟବ୍ରତ ବରାଳଙ୍କ ଦ୍ୱାରା ବିଧବାଙ୍କୁ ଏକ ହଜାର ଟଙ୍କା ଭତ୍ତା ସହ ଅତିରିକ୍ତ ୪ ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଭିନ୍ନକ୍ଷମଙ୍କ ପାଇଁ ମାସକୁ ୧୨ ଶହ, ଛତା ଏବଂ ଯୋତା ପାଇଁ ଅତିରିକ୍ତ ଆଉ ୪ ଶହ ଟଙ୍କା ପ୍ରଦାନ କରାଯାଇଛି। ପ୍ରଥମ କରି ସାମିଲ ହୋଇଥିବା ଜେନାପଦାର ସଞ୍ଜୁ ପ୍ରଧାନ, ପ୍ରଦୀପ ତ୍ରିପାଠୀ, ଅଳତିର ଜହ୍ନ ରାଉଳ, ଜନାର୍ଦ୍ଦନପୁର-ପାଟଣାର ଦୁର୍ଯୋଧନ ସେଠୀ ଖୁସି ପ୍ରକାଶ କରିଛନ୍ତି।

## ବିଷ୍ଣୁପ୍ରିୟା ବାଳାଶ୍ରମରେ 'ଭୂମିକା' ପକ୍ଷରୁ ଚକ୍ଷୁ ଶିବିର



**ସୋସୋ,୧୮।୫(ସମିସ):** ହାଟଡିହି ବ୍ଲକ ବିଷ୍ଣୁପ୍ରିୟା ବାଳାଶ୍ରମରେ ଭୂମିକା ଚକ୍ଷୁ ହସ୍ପିଟାଲ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ବାଳାଶ୍ରମର ସମସ୍ତ ଅନ୍ତେବାସୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କର ଚକ୍ଷୁ ପରୀକ୍ଷା କରିବା ସହିତ ଆଖପାଖ ଗ୍ରାମର ଲୋକମାନଙ୍କର ମଧ୍ୟ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋଟ ୧୩୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଭୂମିକା ଚକ୍ଷୁ ହସ୍ପିଟାଲର ଉତ୍ତର ଓଡ଼ିଶା ଜୋନାଲ ମ୍ୟାନେଜର କର୍ଣ୍ଣାଟ କେଶରୀ ଜେନା, ଗୋଷ୍ଠୀ ସଂଗଠକ ହାଟଡିହୀ ରତିକାନ୍ତ ଖୁଣ୍ଟିଆ, ଚକ୍ଷୁ ସହାୟକ ଗୌରଗୋପାଳ ପଣ୍ଡା, ନର୍ସ ପଦ୍ମାଳୟା ରାଉତ, ରାନୁପମା ଦଳେଇ, ମଧୁସ୍ମିତା ସାହୁ ଉପସ୍ଥିତ ଥିବାବେଳେ ବାଳାଶ୍ରମର କର୍ମଚାରୀ ସହଯୋଗ କରିଥିଲେ।

**ବିଦ୍ୟାଳୟରେ ଛାତ୍ରଛାତ୍ରୀ ନାହାନ୍ତି**

# ଶିକ୍ଷକ ଓ ସିଆର୍‌ସିଙ୍କ ମିଳୁନି ଦେଖାଦର୍ଶନ

ଆନନ୍ଦପୁର, ୧୮।୫ (ସମିସ)



ଆନନ୍ଦପୁର ବ୍ଲକ ମନୋହରପୁର ବିଦ୍ୟାଳୟରେ ଜଣେ ବି ଛାତ୍ର ନଥିବାରୁ ବିଦ୍ୟାଳୟରେ ତାଲା ଝୁଲୁଛି। ଏପରିକି ଯୁକ୍ତି ହୋଇଥିବା ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ କେଉଁ ବିଦ୍ୟାଳୟରେ ଶିକ୍ଷାଦାନ ଦେଉଛନ୍ତି ସେନେଇ ଅଞ୍ଚଳବାସୀ ସନ୍ଦିହାନ ଅଛନ୍ତି। ଅପରପକ୍ଷେ, ବିଦ୍ୟାଳୟ ଓ ଶିକ୍ଷକଙ୍କ କାର୍ଯ୍ୟାଳୟ ତଦାରଖ କରିବା ପାଇଁ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ନିୟୋଜିତ ସିଆରସିସି କେଉଁ ମାସରେ କେତେଥର ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଓ ସେ ସମ୍ପର୍କିତ ରିପୋର୍ଟ କାହାକୁ ଦେଇଛନ୍ତି ତାହା ତଦନ୍ତସାପେକ୍ଷ।

ମିଳିଥିବା ସୂଚନା ଅନୁଯାୟୀ, ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସୀମାବର୍ତ୍ତୀ ଏହି ବିଦ୍ୟାଳୟରେ ନିଯୁକ୍ତ ଶିକ୍ଷକଙ୍କ ଅନିୟମିତତା ଯୋଗୁଁ ଛାତ୍ରଛାତ୍ରୀଙ୍କୁ ଅଭିଭାବକମାନେ ସେଠାରେ ଶିକ୍ଷା ଗ୍ରହଣ କରିବା ସପକ୍ଷରେ ନାହାନ୍ତି। ମାତ୍ର ତିନିଟି କୋଠାରୀରେ ଚାଲିଥିବା ଏହି ସ୍କୁଲ; କିନ୍ତୁ ଛାତ୍ରଛାତ୍ରୀ ନଥିବାରୁ ଶିକ୍ଷାଦାନ ହେଉନି କି ଶିକ୍ଷକ ମଧ୍ୟ ରହୁନାହାନ୍ତି। ସ୍କୁଲରେ ତାଲା ପଡ଼ିଛି। ଶିକ୍ଷା ବିଭାଗ ପାଖରେ ଏନେଇ କୌଣସି ସୂଚନା ଅଛି କି ନାହିଁ ତାକୁ ନେଇ ଗ୍ରାମବାସୀ ସନ୍ଦେହରେ ରହିଛନ୍ତି।

୧୯୯୪ ଫେବୃଆରୀରେ ବିଦ୍ୟାଳୟ ସ୍ଥାପିତ ହୋଇଥିବା ବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିବାର ବ୍ୟବସ୍ଥା ରହିଛି। ଶ୍ରେଣୀଗୃହରେ ବେଞ୍ଚ, ଟେବୁଲ ନଥିବା ବେଳେ ତାଲା ଝୁଲୁଛି। ଗୋରୁଗାଈଙ୍କର ଆଡ୍ଡାସ୍ଥଳୀ ପାଲଟିଛି। ବିଦ୍ୟାଳୟ ସ୍ଥାପିତ ହେବା ଦିନଠାରୁ ସରକାର ଅଧ୍ୟୟନ ପାଇଁ ବିଦ୍ୟାଳୟ ଗୃହ ନିର୍ମାଣ କରି ଶିକ୍ଷକ ମଧ୍ୟ ନିଯୁକ୍ତି ଦେଇଥିବା ସତ୍ତ୍ୱେ ପିଲାଙ୍କ ଉପସ୍ଥାନ ଶୂନ। ଶିକ୍ଷାଦାନ ପାଇଁ ଶିକ୍ଷକମାନେ ଆସୁ ନଥିବାରୁ ଛାତ୍ରଛାତ୍ରୀମାନେ ନାମ ଲେଖାଉ ନଥିବା ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି। ଅନ୍ୟପକ୍ଷରେ, ଏହି ପ୍ରସଙ୍ଗକୁ ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି ଏଡ଼ାଇ ଦେଇଛନ୍ତି। ସେ କହିଛନ୍ତି, ସ୍କୁଲକୁ ଛାତ୍ରଛାତ୍ରୀ ଆସୁ ନଥିବାରୁ ପାଠପଢ଼ା ହୋଇପାରୁ ନାହିଁ। ଶିକ୍ଷକମାନେ ସ୍କୁଲକୁ ଯାଉଥିବା ସେ କହିଥିଲେ ମଧ୍ୟ ଅଭିଭାବକମାନେ ଏହି ପ୍ରସଙ୍ଗରେ ଭିନ୍ନ ମତ ରଖି ପ୍ରଶ୍ନ କରିଛନ୍ତି।

ଛାତ୍ରଛାତ୍ରୀମାନେ ବାଧହୋଇ ଦୀର୍ଘ ୮କିମି ରାସ୍ତା ଅତିକ୍ରମ କରି ପଣସଡ଼ିହା ଉଚ୍ଚବିଦ୍ୟାଳୟକୁ ଯାଉଥିବାରୁ ଶିକ୍ଷା ବିଭାଗର ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ମହେନ୍ଦ୍ର ହେମ୍ବ୍ରମ, ଦୀନବନ୍ଧୁ ହେମ୍ବ୍ରମ, ଧନେଶ୍ୱର ହେମ୍ବ୍ରମ ପ୍ରମୁଖଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

## ବିଭିନ୍ନ ସ୍ଥାନରେ ସେନା ଉଦ୍ଦେଶ୍ୟରେ ଶୋଭାଯାତ୍ରା



**ରାମଚନ୍ଦ୍ରପୁର/ଆନନ୍ଦପୁର/ଯୋଡ଼ା/ତେଲକୋଇ, ୧୮।୫(ସମିସ):** ଘଷିପୁରା ନିର୍ବାଚନମଣ୍ଡଳୀ ବାତୋ ପଞ୍ଚାୟତରେ ବିଜେପି ପକ୍ଷରୁ ମଣ୍ଡଳ ସଭାପତି ଅଜୟ ବାରିକଙ୍କ ସଂଯୋଜନାରେ ଭାରତୀୟ ସେନାର ବୀରତ୍ୱ ପାଇଁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଡ. ଶମ୍ଭୁନାଥ ରାଉତ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ବାତୋ ପଞ୍ଚାୟତର ପରମାନନ୍ଦପୁର, ବାତୋ, ତମ୍ପୋ, ମଧୁକେଶରୀ, ଅତା, ପୁଟିଆ, ଉଲ୍‌ଲୋଳ ଗ୍ରାମରେ ସଚେତନତା ସୃଷ୍ଟି କରାଯାଇଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମର ଶହଶହ ପୁରୁଷ ମହିଳା ଏଥିରେ ସାମିଲ ହୋଇଥିଲେ। ଅନନ୍ତ ଚରଣ ଜେନା, ମାନସ କସାହୁ, ତୀର୍ଥବାସୀ ଜେନା, ଶ୍ରୀଧର ମହାନ୍ତ, ମାଧବ ବରାଳ, ଦିଲ୍ଲୀପ ସାହୁ, କୋଦଣ୍ଡ ରାଉତ, ଅଟଳ ମହାନ୍ତ, ସଜନୀ ସାହୁ, ଦେବକୀ ଜେନା, ମଣ୍ଟୁ ନାଥ, ନାଣ୍ଟି ଜେନା, ପ୍ରକାଶ ନାଥ, ରମାକାନ୍ତ ପାଗଳ, ସିପୁନ ରାଉତ, ଅସିତ ପାଗଳ, ମୁନି ନାଥ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ହାଟଡିହି ବ୍ଲକ ହାଟଡିହି ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ହାଟଡିହି ମଣ୍ଡଳର ହାଟଡିହି, ଗୋପ, କପୁଣ୍ଡି, ଶାସଙ୍ଗ, ଛେନାପଦି, ନାହାଳିଆ ଆଦି ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ମଣ୍ଡଳ ସଭାପତି ଦୀପକ ଜେନା, ଯୁଧିଷ୍ଠିର ମଲ୍ଲିକ, ତୃପ୍ତିମୟୀ ଜେନା, ସୁଶାନ୍ତ ଜେନାଙ୍କ ନେତୃତ୍ୱରେ ପବିତ୍ର ମୋହନ ମଲ୍ଲିକ, ତପନ ସାହୁ, ବାବୁଲି ନାୟକ, ଆଦି ବିଜେପିର ଶତାଧିକ ସଦସ୍ୟ ସାମିଲ ହୋଇ ମୋଟର ସାଇକଲରେ ତ୍ରିରଙ୍ଗା ଶୋଭାଯାତ୍ରା କରିଥିଲେ। ସେହିପରି ଢେଙ୍କା ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ମନୋଜ ପଣ୍ଡା, ପ୍ରତାପ ଜେନା, ନିକୁଞ୍ଜ ଜେନା, ଗୁରୁପ୍ରସାଦ ଜେନା, ଦିନବନ୍ଧୁ ପଟ୍ଟନାୟକ, ପ୍ରଫୁଲ୍ଲ ମହାନ୍ତି, ଅଭୟ ସାହୁ, ଦୀନା ପଟ୍ଟନାୟକ, ପ୍ରଶାନ୍ତ ରାଉତ ସହଯୋଗ କରିଥିଲେ। ସଢା ପଞ୍ଚାୟତରେ ମଧ୍ୟ ଏହି ଶୋଭାଯାତ୍ରାରେ ବହୁ ବିଜେପି କର୍ମୀ ସାମିଲ ହୋଇଥିଲେ।

ଅପରେସନ ସିନ୍ଦୂରର ସଫଳତା ପରେ ତେଲକୋଇ ବ୍ଲକ ଓରିଆ ପଞ୍ଚାୟତ ଓ ସିରିଗିଡା ପଞ୍ଚାୟତବାସୀଙ୍କ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ ସାମିଲ ହୋଇଥିବା ବେଳେ ଓରିଆ ପଞ୍ଚାୟତ ଧନୁର୍ଜୟପୁର ହନୁମାନ ବାଟିକାଠାରୁ କତରାପାଲି ଗାଁ ଦେଇ ବିର୍ସାମୁଣ୍ଡା ଛକ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ତେଲକୋଇ ମଣ୍ଡଳ ସଭାପତି ବଟ ମୁଖୀ, ପ୍ରଫୁଲ୍ଲ ସାହୁ, ପ୍ରମୋଦ ସାହୁ, କ୍ରିଷ୍ଣାପ୍ରସାଦ ସାହୁ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ପଞ୍ଚୟତରୁ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ। ସେହିପରି ସିରିଗିଡା ପଞ୍ଚାୟତ ପକ୍ଷରୁ ମଧ କରଯାଇଥିବା ପରାକ୍ରମ ଶୋଭାଯାତ୍ରାରେ ବିଧାୟକ ସାମିଲ ହୋଇଥିଲେ।

ଯୋଡ଼ା ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଉଯାଇଛି। ବିଜେପି ନଗର ସଭାପତି ପାର୍ଥସାରଥୀ ଷଡ଼ଙ୍ଗୀଙ୍କ ଆହ୍ୱାନରେ ଶତାଧିକ ପୁରୁଷ ମହିଳା ଯୋଡ଼ା ଆଜ଼ାଦ ବସ୍ତିସ୍ଥିତ ମା' ଲକ୍ଷ୍ମୀଙ୍କ ମନ୍ଦିର ନିକଟରେ ଏକତ୍ରିତ ହୋଇ ତ୍ରିରଙ୍ଗା ଯାତ୍ରା ଆରମ୍ଭ କରିଥିଲେ। ବିଚିତ୍ରାନନ୍ଦ ଦାସ, ରବୀନ୍ଦ୍ର କୁମାର ଦାସ, ମହେନ୍ଦ୍ର ମହାପାତ୍ର, ଆରକେ ସିଂ, ସୁଶାନ୍ତ କୁମାର ବେବାର୍ତାଙ୍କ ସମେତ ଯୋଡ଼ାର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପାଠଚକ୍ର

**କେନ୍ଦୁଝର, ୧୮।୫(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, କେନ୍ଦୁଝରର ୫୫ତମ ଆଭାସି ପାଠଚକ୍ର ଗତ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗୀତାର ଦଶମ ଅଧ୍ୟାୟ ବିଭୂତି ଯୋଗ ଉପରେ ପାଠଚକ୍ରର ପ୍ରାରମ୍ଭ ହୋଇଥିଲା। ଲୋକ ସଂସଦର ଜିଲ୍ଲା ସଭାପତି ଡ. ବିମ୍ବାଧର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ରାଜ୍ୟ ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ରମାନାଥ ପଣ୍ଡା ଯୋଗଦେଇ ବିଭୂତି ଯୋଗର ଆଧ୍ୟାତ୍ମିକ ଓ ଦାର୍ଶନିକ ରହସ୍ୟଗୁଡିକର ସରଳୀକରଣ ବ୍ୟାଖ୍ୟା କରିଥିଲେ। ବିଭିନ୍ନ ଉଦାହରଣ ସହ ତତ୍ତ୍ୱଜ୍ଞାନରୂପୀ ଯୋଗର ବ୍ୟାଖ୍ୟା କରିଥିଲେ। ସଂଯୋଜକ ଭାବେ ଯୁଗ୍ମ ସଂପାଦକ ସୁରଜ କୁମାର ପଟ୍ଟନାୟକ ସୁଚାରୁରୂପେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଓଁକାର ବେଦପାଠ ପଦ୍ମିନୀ ସାହୁ କରିଥିବାବେଳେ ବିବେକବାଣୀ ଶୁଭଶ୍ରୀ ଓଝା ଉପସ୍ଥାପନ କରିଥିଲେ। ଆଲୋଚନାର ପରିସମାପ୍ତି ମନ୍ତବ୍ୟରେ ସଭାପତି ଡ. ବିମ୍ବାଧର ବେହେରା ସତ୍ୟ, ଇନ୍ଦ୍ରୀୟ, ସଂଜମ, ଅହିଂସା, ସମତା, ସନ୍ତୋଷ ପ୍ରଭୃତି ଗୁଣଗୁଡିକର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ଜିଲ୍ଲା ସଂସଦର ଉପସଭାପତି ଜଗନ୍ନାଥ ପଣ୍ଡା, ଡ. ବନବିହାରୀ ମିଶ୍ର, ଡ. ବିପିନ ବିହାରୀ ମହାପାତ୍ର ତଥା ବରିଷ୍ଠ ସାମ୍ବାଦିକ ନରେଶ ପଟ୍ଟନାୟକ ସମେତ ଶଙ୍କର୍ଷଣ ଶତପଥୀ ଓ ରାଜ୍ୟ ସଂଗଠନ ସଂପାଦକ ପ୍ରଫେସର ଡ. ଚିତ୍ତରଞ୍ଜନ ନାୟକ ପ୍ରଭୃତି ୬୦ରୁ ଅଧିକ ଅଂଶଗ୍ରହଣ କରିଥିଲେ। ଶାନ୍ତିପାଠ ସୁରେନ୍ଦ୍ର ନାଥ ଜେନା କରିଥିବାବେଳେ ପ୍ରାଧ୍ୟାପକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଟା ଚିକିତ୍ସାଳୟ ପକ୍ଷରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ



**ଯୋଡ଼ା, ୧୮।୫(ସମିସ):** ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଯୋଡା ମୁଖ୍ୟ ଚିକିତ୍ସାଳୟଠାରେ ପାଳିତ ହୋଇଯାଇଛି। ଟାଟା ମୁଖ୍ୟ ଚିକିତ୍ସାଳୟ, ଯୋଡ଼ା ସମେତ ଖଣ୍ଡବନ୍ଧ, ଯୋଡା ଇଷ୍ଟ, ଯୋଡା ୱେଷ୍ଟ, ବାମେବାରି ଏବଂ ଯୋରିବାହାଲ ଖଣି ସମୂହରେ ଅଭିଜ୍ଞ ଡାକ୍ତରଙ୍କ ତରଫରୁ କର୍ମଚାରୀଙ୍କ ମଧ୍ୟରେ ଏ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଟାଟା ମୁଖ୍ୟ ଚିକିତ୍ସାଳୟ, ଯୋଡାଠାରେ ଏହାର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଚିସ୍ମିତା ଦାସ କର୍ମଚାରୀଙ୍କୁ ଉଚ୍ଚ ରକ୍ତଚାପ ଏବଂ ଏହାର ନିଦାନ ବିଷୟରେ ଅବଗତ କରାଇଥିଲେ। ଦୈନିକ ସୁଷମ ଖାଦ୍ୟ ସହ ଶାରୀରିକ ବ୍ୟାୟମ, ଯୋଗ, ଧୂମପାନରୁ ନିବୃତ୍ତ ଏବଂ ସୁନିଦ୍ରା ହେବା ଦ୍ୱାରା ବହୁ ମାତ୍ରାରେ ଉଚ୍ଚ ରକ୍ତଚାପ ରୋଗକୁ ହ୍ରାସ କରାଯାଇପାରିବ ବୋଲି ସେ କହିଥିଲେ। ଏହି ରୋଗ ଶରୀରର ପ୍ରମୁଖ ଅଙ୍ଗ ଯଥା ହୃଦୟ, ମସ୍ତିଷ୍କ, ଯକୃତ ଏବଂ ଆଖିକୁ ପ୍ରଭାବିତ କରୁଥିବାରୁ ଏହାର ନିରାକରଣ କରିବା ଜରୁରୀ ବୋଲି ଅନ୍ୟ ମତ ପ୍ରକାଶ ପାଇଥିଲା। ସମସ୍ତେ ଦିନଚର୍ଯ୍ୟାକୁ ଅନୁସରଣ କରି ସୁସ୍ଥ ଏବଂ ନିରୋଗ ରହିବା ପାଇଁ ପ୍ରବୃତ୍ତ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।

## ଉପେନ୍ଦ୍ରଙ୍କ ଚିକିତ୍ସା ପାଇଁ ମିଳିଲା ସହାୟତା

**ସୋସୋ, ୧୮।୫(ସମିସ):** ହାଟଡିହି ବ୍ଲକ ପଦାଡ଼ୋ ଗ୍ରାମର ଉପେନ୍ଦ୍ର ସେଠୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଚିକିତ୍ସା ପାଇଁ ୨.୫ ଲକ୍ଷ ଟଙ୍କା ମିଳିଥିବା ଉପେନ୍ଦ୍ରଙ୍କ ଧର୍ମପତ୍ନୀ କୁନ୍ତଳା ସେଠୀ ସୂଚନା ଦେଇଛନ୍ତି। ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଛି। ଉପେନ୍ଦ୍ର ତାମିଲନାଡୁରେ ରହି ଏକ କମ୍ପାନୀରେ କାମ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ପରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହେବାପରେ ସେ ଶଯ୍ୟାଶାୟୀ ହୋଇପଡିଥିଲେ। ତାଙ୍କର ୩ଟି ଝିଅ, ୯୦ ବର୍ଷ ବୃଦ୍ଧ ବାପା ଓ ଧର୍ମପତ୍ନୀଙ୍କୁ ନେଇ ପରିବାର। ତାଙ୍କର ମାତ୍ର ୧୦ ଡିସିମିଲ ଜମି ରହିଛି। ତାମିଲନାଡୁରେ ରହି ଯାହା ରୋଜଗାର କରୁଥିଲେ ସେହି ଅର୍ଥରେ କଷ୍ଟରେ ପରିବାର ଚଳାଉଥିଲେ। ସ୍ୱାମୀଙ୍କର ଚିକିତ୍ସା ଓ ଔଷଧ ଖର୍ଚ୍ଚ ସାଙ୍ଗକୁ ୩ ଝିଅଙ୍କ ଶିକ୍ଷାଗ୍ରହଣ ସହ ଶଶୁରଙ୍କର ଦେଖାଶୁଣା କରିବାକୁ ସ୍ତ୍ରୀ କୁନ୍ତଳା ଚିନ୍ତାଗ୍ରସ୍ତ ହୋଇପଡିଥିଲେ। ଏହାକୁ ନେଇ ସହଯୋଗର ହାତ ବଢାଇବାକୁ କୁନ୍ତଳା ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ବିଭିନ୍ନ ଅନୁଷ୍ଠାନ ଓ ସଂଗଠନକୁ ଅନୁରୋଧ କରିଥିଲେ। ତାଙ୍କର ଆବେଦନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଚିକିତ୍ସା ପାଇଁ ୨.୫ ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି।



## ୬୫ ଗୋରୁ ଉଦ୍ଧାର

**ତୁରୁମୁଙ୍ଗା, ୧୮।୫(ସମିସ):** ପୁଲିସକୁ ଚକମା ଦେଇ ରବିବାର ଗଳାବାଟ ଦେଇ ଜଙ୍ଗଲ ରାସ୍ତା ଦେଇ ଗୋରୁଙ୍କୁ ପାଦରେ ଚଲାଇ ଚଲାଇ ପଶ୍ଚିମବଙ୍ଗ ଅଞ୍ଚଳକୁ ଚାଲାଣ କରି ନେଉଥିବା ସମୟରେ ତୁରୁମୁଙ୍ଗା ପୁଲିସ ଚଢ଼ଉ କରି ଡାବରଚୁଆ ଜଙ୍ଗଲରୁ ୬୫ ଗୋରୁଙ୍କୁ ଉଦ୍ଧାର କରିଛି। ସେମାନଙ୍କୁ ରାଜନଗର ଗୋଶାଳାରେ ଛଡ଼ାଯାଇଛି। ଚଢ଼ଉ ବେଳେ ୧୦ରୁ ଊର୍ଦ୍ଧ୍ୱ ଗୋ ମାଫିଆ ଫେରାର ହୋଇଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଛାନଭିନ୍ ଜାରି ରହିଛି। ଅନୁଗୁଳ ପାଲଲହଡା ଅଞ୍ଚଳରୁ ଏହି ଗୋରୁଙ୍କୁ ପାଦରେ ଚଲାଇ ଚଲାଇ ଆଣି କଲିକତା ଅଞ୍ଚଳକୁ ମାଫିଆମାନେ ଚାଲାଣ କରୁଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ ମାମଲା ରୁଜୁ ହୋଇଥିବା ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ରାଶି ସିଡ୍ସ ପକ୍ଷରୁ କୃଷକ ମେଳା

**ତୁରୁମୁଙ୍ଗା, ୧୮।୫(ସମିସ):** କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଚଉଠିଆ ପଞ୍ଚାୟତ ମଧୁପୁରଠାରେ ଶନିବାର ରାଶି ସିଡ୍ସ ପକ୍ଷରୁ ଏକ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ତାରାପ୍ରସାଦ ରଥ, ଅଗରାଜ ପାରହୀ ମୋଟା ଓଜନଦାର ଧାନ ଚାଷର ପ୍ରଣାଳୀ ଏବଂ ବିହନ ଉପରେ ଚାଷୀ ଙ୍କୁ ଜ୍ଞାନକୌଶଳ ପ୍ରଦାନ କରିବା ସହ ଚାଷୀ କିପରି ଏହି ରାଶି ତାରା ଧାନ ବିହନ ଦ୍ୱାରା ଚାଷ କରି ଅଧିକରୁ ଅଧିକ ଲାଭବାନ ହେବେ ସେ ବିଷୟରେ ଚାଷୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଶି ତାରା ବିହନ ଦ୍ୱାରା ଲାଭବାନ ହୋଇଥିବା ଚାଷୀଙ୍କୁ ସାର୍ଟିଫିକେଟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଶି ସିଡ୍ସ ପକ୍ଷରୁ ଅଶୋକ ମହାନ୍ତ ପ୍ରଦ୍ୟୁମ୍ନ ମହାନ୍ତ, ଅମୂଲ୍ୟ ମିଶ୍ର, ସୁନିତା ଧଳ, ଅନ୍ୱେଷା ପଟ୍ଟନାୟକ, ନମ୍ରତା ନନ୍ଦ, ଦୀପ୍ତେଶ ବେହେରା ସହଯୋଗ କରିଥିଲେ।

**ଅବ୍ୟବସ୍ଥା ଘେରରେ ଅଳତି ଆୟୁର୍ବେଦିକ ଚିକିତ୍ସାଳୟ**

# ଜମି ଅଧିଗ୍ରହଣରେ ନୂତନ ଗୃହ ନିର୍ମାଣ ଅଟକିଛି

ରାମଚନ୍ଦ୍ରପୁର,୧୮।୫(ସମିସ):



ହାତପାଆନ୍ତାରେ ସ୍ୱାସ୍ଥ୍ୟସେବା ସହ ଚିକିତ୍ସାର ମାନ ଉନ୍ନତି ପାଇଁ ନାନାବିଧ ସରକାରୀ ବ୍ୟବସ୍ଥା ଏବଂ ଯୋଜନା ଚାଲୁଛି। ବାସ୍ତବରେ ଗ୍ରାମାଞ୍ଚଳରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁନାହିଁ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପକେନ୍ଦ୍ର ଏବଂ ଆୟୁର୍ବେଦିକ ତଥା ହୋମିଓପାଥିକ ଚିକିତ୍ସାଳୟ ଖୋଲି ଲୋକଙ୍କୁ ହାତପାଆନ୍ତାରେ ନିମ୍ନତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଆସୁଛନ୍ତି। ଘସିପୁରା ବ୍ଲକ ଅଳତିଠାରେ ୧୯୮୬ରୁ ତତ୍କାଳୀନ ଶିକ୍ଷମନ୍ତ୍ରୀ ନିରଂଜନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଏକ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ଖୋଲାଯାଇ ଆଖପାଖ ୧୦ ଖଣ୍ଡି ଗାଁର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ଆସୁଥିଲା। ହେଲେ ହେଲେ ବିଗତ ୧୫ ବର୍ଷ ହେଲା ଘୋର ଅବ୍ୟବସ୍ଥା ଘେରରେ ସ୍ୱାସ୍ଥ୍ୟକେନ୍ଦ୍ରଟି ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥିବାରୁ ଜଣେମାତ୍ର ଫାର୍ମାସିଷ୍ଟଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ନାଁକୁ ମାତ୍ର ଚାଲୁଛି। ଗ୍ରାମବାସୀଙ୍କ ତରଫରୁ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ବିଭାଗୀୟ ଉଚ୍ଚ ଅଧିକାରୀ ଜଣେ ଡାକ୍ତରଙ୍କୁ ଅଳତି ଆୟୁର୍ବେଦିକ ସମେତ ପାଞ୍ଚଟି ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେହିକ୍ରମରେ ସପ୍ତାହକୁ ଗୋଟିଏ ଦିନ ଏଠାରେ ଡାକ୍ତରଙ୍କ ପାଳି ପଡୁଥିବା ଦେଖିବାକୁ ମିଳୁଛି। ଯାହାଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଜନସାଧାରଣ ଭରସା କରି ପାରୁନାହାନ୍ତି। ସେପଟେ ଆୟୁର୍ବେଦିକ ଚିକିତ୍ସାଳୟଟି ଦୀର୍ଘ ୪୦ ବର୍ଷ ହେଲା ଏକ ଅସ୍ଥାୟୀ ଗୃହରେ ଚାଲି ଆସୁଛି। ଗୃହର ଅନେକ ସ୍ଥାନରୁ କଂକ୍ରିଟ ଖସି ଛାତରୁ ପାଣି ଗଳିବା ସହ ତାହା ବ୍ୟବହାର ଅନୁପଯୋଗୀ ହୋଇ ପଡିଲାଣି। ରଜ୍ୟା ସରକାରଙ୍କ ପକ୍ଷରୁ ଆୟୁର୍ବେଦିକ ଡାକ୍ତରଖାନାର ନିଜସ୍ୱ ଗୃହ ନିର୍ମାଣ ପାଇଁ ବର୍ଷେ ହେଲା ପ୍ରକ୍ରିୟା ଆରମ୍ଭ ହୋଇ ଟଙ୍କା ମଞ୍ଜୁର ହୋଇ ସାରିଥିଲେ ସୁଦ୍ଧା ସରକାରୀ ସ୍ତରରେ ଜମି ଚିହ୍ନଟ ତଥା ଅଧିଗ୍ରହଣ ପ୍ରକ୍ରିୟା ଏଥିରେ ବାଧକ ସାଜିଥିବା ଶୁଣିବାକୁ ମିଳୁଛି। ସ୍ଥାନୀୟ ଲୋକେ ଦୀର୍ଘ ଦିନ ହେଲା ମୌଳିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାରୁ ଉକ୍ତ ଡାକ୍ତରଖାନାକୁ ଅପଗ୍ରେଡେସନ କରିବାକୁ ଗ୍ରାମବାସୀ ବିଭାଗୀୟ ଅଧିକାରୀ ତଥା ଜିଲ୍ଲାପାଳ ସମେତ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ ବୋଲି ଅନୁରୋଧ କରିଛନ୍ତି।

## ବିପ୍ଳବୀ ଧରଣୀଧରଙ୍କ ପୁଣ୍ୟତିଥି

କେନ୍ଦୁଝର, ୧୮।୫(ସମିସ): ଜିଲ୍ଲା ପ୍ରଶାସନ ତରଫରୁ କେନ୍ଦୁଝରର ବୀରପୁତ୍ର ବିପ୍ଳବୀ ଧରଣୀଧର ନାଏକଙ୍କ ୮୧ତମ ପୁଣ୍ୟତିଥି ଗତ ୧୬ ମଇରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃ କାଳରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ରହିଥିଲେ।



ଏହାସହ ପ୍ରଥମଥର ପାଇଁ ଭୂୟାଁ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତାଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀ କେନ୍ଦ୍ରାପଡା ଆଳିସ୍ଥିତ ବିପ୍ଳବୀଙ୍କ ସମାଧିସ୍ଥଳକୁ ଗସ୍ତ କରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସମାଧିସ୍ଥଳରେ ଆୟୋଜିତ ସ୍ମୃତି ଓ ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ବର୍ଗର ଲୋକ ବିପ୍ଳବୀ ଧରଣୀଧରଙ୍କ ପ୍ରାରମ୍ଭିକ ଜୀବନରେ ପ୍ରଦର୍ଶିତ କରିଥିବା ବୀରତ୍ୱ ସମେତ ଆଳିରେ ବିତାଇଥିବା ଅବଶିଷ୍ଟ ଜୀବନ ଉପରେ ଆଲୋଚନା କରିଥିଲେ। ଆଳି ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ନାଗରିକ ମଞ୍ଚ ସଭାପତି ଧନେଶ୍ୱର ରାଉତ, ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ, ସହସମ୍ପାଦକ ରବିନାରାୟଣ ବେହେରା, କେନ୍ଦୁଝର ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାଏକ, ଭୂୟାଁ ସାଂସ୍କୃତିକ ସଂଗଠକ ସମ୍ପାଦକ ଶ୍ୟାମସୁନ୍ଦର ନାଏକ, ଶ୍ରୀସରଖଣ୍ଡ ଭୂୟାଁ ପିଢ଼ ସିଂହପୁରର ଅନନ୍ତ ଦେହୁରୀ, ଦଅଁଳା ଚାରି ଗାଁ ପିଢ଼ର କୁଞ୍ଜ ଦେହୁରୀ, ପାଞ୍ଚ ପଡ଼ା ପିଢ଼ର ନରୋତ୍ତମ ଦେହୁରୀ, ଆଠ ଶହ ପିଢ଼ ନୁଣ ଘରର ଦଶରଥ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ବଲାଙ୍ଗୀ ପାର୍କକୁ ଅଣଦେଖା**

# ପାର୍କିଂ ସ୍ଥାନରେ ଜଳୁନି ଲାଇଟ୍; ଶୌଚାଳୟରେ ତାଲା

- ରହୁନାହାନ୍ତି ସୁରକ୍ଷା କର୍ମଚାରୀ
- କିଓସ୍କୋରେ ଆସୁନି ପିଇବା ପାଣି
- ଦୃଷ୍ଟି ପକାଉନି ପୌର ପରିଷଦ



**ନୟାଗଡ଼,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ତଥା ସଦର ମହକୁମାରେ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହୋଇଛି ବଲାଙ୍ଗୀ ପାର୍କ। ଏହି ପାର୍କକୁ ବିଶ୍ୱସ୍ତରୀୟ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ଏବେ ପୌର ପରିଷଦଠାରୁ ଆରମ୍ଭ କରି ବିଭିନ୍ନ ବିଭାଗ ଦ୍ୱାରା ବଲାଙ୍ଗୀ ପାର୍କରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟକୁ ବନ୍ଦ କରାଯାଇଛି। ରାଜନୈତିକ ଆକ୍ରୋଶ ନା ପ୍ରଶାସନିକ ଅବହେଳା ତାହା ବୁଝାପଡୁନାହିଁ। ଏଭଳି ସ୍ଥିତିରେ ବଲାଙ୍ଗୀ ପାର୍କରେ ପୌର ପରିଷଦ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ କରାଯାଇଥିବା ମୌଳିକ ସୁବିଧାଗୁଡ଼ିକ ବନ୍ଦ ହେବା ଭଳି ସ୍ଥିତି ଉପୁଜିଛି। ବଲାଙ୍ଗୀ ପାର୍କ ନୟାଗଡ଼ବାସୀଙ୍କ ଭାବାବେଗ ସହ ଜଡ଼ିତ ହୋଇଥିବାବେଳେ ଛୁଟି ଦିନଗୁଡ଼ିକରେ ବ୍ୟାପକ ଜନଗହଳି ଦେଖିବାକୁ ମିଳୁଛି। ପ୍ରତ୍ୟେକ ରବିବାର ବଲାଙ୍ଗୀ ପାର୍କରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଛି। ଏତେ ପରିମାଣର ଗହଳି ହେଉଥିଲେ ମଧ୍ୟ ଆବଶ୍ୟକ ସୁବିଧା ନ ପାଇ ଅନେକ ଲୋକ ପୌର ପରିଷଦକୁ ନିନ୍ଦା କରିଛନ୍ତି। ଉକ୍ତ ପାର୍କ ଭିତରେ ରହିଥିବା ଶୌଚାଳୟରେ ତାଲା ଝୁଲୁଥିବାବେଳେ ପାର୍କ ଭିତରର ଅନେକ ସ୍ଥାନରେ ଲାଇଟ୍ ଜଳୁ ନ ଥିବା ଦେଖାଯାଇଛି। ଫଳରେ ଅନେକ ଲୋକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗେଟ୍ ତଥା ପାର୍କ ଭିତରେ ପୌର ପରିଷଦ ପକ୍ଷରୁ ସୁରକ୍ଷା କର୍ମଚାରୀ ନିଯୁକ୍ତ ହୋଇଥିଲେ ମଧ୍ୟ କାହାକୁ ସେଠାରେ ଦେଖିବାକୁ ମିଳୁନାହିଁ। ପାର୍କ ଭିତରେ ସିକ୍ୟୁରିଟି ବ୍ୟବସ୍ଥା ବଢ଼ାଇବା ପାଇଁ ମଧ୍ୟ ଦାବି ହେଉଛି।

ପାର୍କ ବାହାର ଓ ଭିତରେ ରହିଥିବା କିଓସ୍କୋଗୁଡ଼ିକରୁ ପାଣି ବାହାରୁ ନ ଥିବାରୁ ପାନୀୟଜଳ ପାଇଁ ପାର୍କ ବୁଲିବାକୁ ଆସୁଥିବା ଲୋକେ ହଇରାଣ ହେଉଛନ୍ତି। ଶିଶୁଙ୍କୁ ନେଇ ପାର୍କ ଆସୁଥିବା ଲୋକେ ସବୁଠାରୁ ଅଧିକ ସମସ୍ୟା ଭୋଗୁଛନ୍ତି। ଏହି ପାର୍କ ବୁଲିବାକୁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସୁଛନ୍ତି। ବିଗତ ଦିନରେ କିଛି ବିଦେଶୀ ପର୍ଯ୍ୟଟକ ମଧ୍ୟ ପାର୍କ ବୁଲିବାକୁ ଆସିଥିଲେ। ନିର୍ବାଚନ ପରଠାରୁ ବର୍ତ୍ତମାନ ଏହି ପାର୍କର ଉନ୍ନତିମୂଳକ କାର୍ଯ୍ୟ ଆଦୌ କରାଯାଉନାହିଁ। ନୂତନ କାମ ହେଉ ନ ଥିବାବେଳେ ଅଧାରୁ ଅଧିକ ଅଧପନ୍ତରିଆ କାମ ବି ହୋଇପାରୁନାହିଁ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ୨୪୦ ଫୁଟ୍ ଉଚ୍ଚର ଆକର୍ଷଣୀୟ ଜଳପ୍ରପାତ ନିର୍ମାଣ କରାଯାଇଛି। ବିଜୁଳି ସଂଯୋଗ ଦିଆଯାଇ ନ ଥିବାରୁ ଏହା ମଧ୍ୟ ଚାଲୁ ହୋଇପାରୁ ନାହିଁ। ପାର୍କରେ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ରାଜନୈତିକ ଆକ୍ରୋଶ ବଲାଙ୍ଗୀ ପାର୍କ ପାଇଁ କାଳ ସଦୃଶ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ପରିକଳ୍ପନାରେ ନିର୍ମାଣ ହେଉଥିବା ବିଶ୍ୱସ୍ତରୀୟ ବଲାଙ୍ଗୀ ପାର୍କ ଏବେ ଦୁର୍ଦ୍ଦଶା ଭିତରକୁ ଗତି କରୁଛି। ପୌରନିର୍ବାହୀ ଅଧିକାରୀଙ୍କ ଅଣଦେଖା, ପୌର ପରିଷଦ କାଉନ୍ସିଲରଙ୍କ ନିରବଦ୍ରଷ୍ଟା ନୀତି ବଲାଙ୍ଗୀ ପାର୍କକୁ ସମସ୍ୟା ଭିତରକୁ ଠେଲି ଦେଉଥିବା ଆଲୋଚନା ହେଉଛି।

## ଉଦ୍ଧାର କୁଟୁରାର ମୃତ୍ୟୁ

**ଓଡ଼ଗାଁ,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ କୁରାଳ ଚଣ୍ଡୀଛକ ନିକଟରୁ ଏକ ଆହତ କୁଟୁରାକୁ ଗ୍ରାମବାସୀ ଉଦ୍ଧାର କରିଥିବାବେଳେ ଚିକିତ୍ସିତ ଅବସ୍ଥାରେ କୁଟୁରାଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରବିବାର ସକାଳେ ଶିକାରୀ ଭୟ ଅଥବା ଅତ୍ୟଧିକ ଉତ୍ତାପ ବୃଦ୍ଧି କାରଣରୁ ଜଳ ଅନ୍ୱେଷଣରେ ଏକ କୁଟୁରା ଗାଁ ରାସ୍ତା ଦେଇ ଚଣ୍ଡୀଛକକୁ ଚାଲି ଆସିଥିଲା। ଏହି ସମୟରେ କିଛି କୁକୁର ଏକାଠି ହୋଇ କୁଟୁରାଟିକୁ ଆକ୍ରମଣ କରୁଥିବାବେଳେ ଗ୍ରାମବାସୀ ମିଳିତ ଭାବେ ତାକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରିଥିଲେ। ଗୁରୁତର ଆହତ କୁଟୁରାଟିର ମୃତ୍ୟୁ ହୋଇଥିଲା। ଗ୍ରାମବାସୀମାନେ ଘଟଣା ସମ୍ପର୍କରେ ବନ ବିଭାଗକୁ ଖବର ଦେବାପରେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ କୁଟୁରାକୁ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ। ବ୍ୟବଚ୍ଛେଦ ପରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ତାକୁ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ ସୂଚନା ଦେଇଛନ୍ତି।

## ପତ୍ନୀ ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

**ଭାପୁର,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବିଜିପୁର ପଞ୍ଚାୟତ ଶୁକପୋଖରୀ ଗ୍ରାମରେ ଜଣେ ବିବାହିତ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ଭିଣୋଇ ପ୍ରଭାତ ବେହେରାଙ୍କ ଅଭିଯୋଗ କ୍ରମେ ସ୍ୱାମୀ ଥାନାରେ ଅଟକ ଅଛନ୍ତି। ଶୁକପୋଖରୀ ଗ୍ରାମର ବେଣୁଧର ପରିଡ଼ାଙ୍କ ବଡ଼ପୁଅ ବିବେକାନନ୍ଦ ପରିଡ଼ା ୪ ବର୍ଷ ପୂର୍ବେ ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଥାନା ନୀଳକଣ୍ଠପୁର ଗ୍ରାମର ଅର୍ଜୁନ ରାଉତଙ୍କ ଝିଅ ପାର୍ବତୀ (ଖୁସି) ରାଉତଙ୍କୁ ବିବାହ କରିଥିଲେ। ଉଭୟଙ୍କର ଦୁଇଟି ଦୁଇ ବର୍ଷର ଯାଆଁଳା ଝିଅ ଅଛନ୍ତି। ପାରିବାରିକ କଳହରୁ ଶନିବାର ଅପରାହ୍ଣରେ ଘର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଅପରପକ୍ଷରେ ଏହା ଏକ ହତ୍ୟା ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଖବରପାଇ ପୁଲିସ ଶବ ଜବତ କରି ଏକ ମାମଲା ରୁଜୁ କରି ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରବିବାର ଅପରାହ୍ଣରେ ଶୁକପୋଖରୀ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରବିବାର ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ଓ ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ ଶୁକପୋଖରୀରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

**ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ**

## ଦୁର୍ଲଭ ତାଳପତ୍ର ପୋଥି ସଂଗ୍ରହ



ନୟାଗଡ଼,୧୮।୫(ସମିସ): ରବିବାର ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଅବସରରେ ଦୁରୁଦୁରା ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଅନୁଷ୍ଠାନର ଯୁବ ସଂଗ୍ରାହକ ସଞ୍ଜୟ କୁମାର ସାହୁ ବିଭିନ୍ନ ସ୍ଥାନରୁ ଦୁର୍ଲଭ ଜିନିଷ ସଂଗ୍ରହ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ ରଥଙ୍କ ନେତୃତ୍ୱରେ ପଲ୍ଲୀଶାସନ ଗ୍ରାମରୁ ରାମଚନ୍ଦ୍ର ମିଶ୍ର, ରମେଶ ରଥଙ୍କ ବାସଭବନରୁ ପୁରାତନ ରେଡିଓ, କ୍ୟାମେରା, ପେଟ୍ରୋମାକ୍ସ ଲାଇଟ୍, କାଠ ନିର୍ମିତ ପୁରାତନ କଳାକୃତି ସାମଗ୍ରୀ ସଂଗୃହିତ ହୋଇଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୋହମ୍ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଯୁବ ସ୍ୱେଚ୍ଛାସେବୀ କାମାକ୍ଷା ପ୍ରସାଦ ଦାସଙ୍କ ବାସଭବନରୁ ସଂସ୍କୃତ ଏବଂ ଓଡ଼ିଆ ଲିପି ଆୟୁର୍ବେଦ ଚିକିତ୍ସା ଦୁର୍ଲ୍ଲଭ ତାଳପତ୍ର ପୋଥି ୬ ଖଣ୍ଡ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଅନୁଷ୍ଠାନକୁ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରିଛନ୍ତି। ସମାନ୍ତରାଳ ଭାବେ ନୟାଗଡ଼ ମାସିକ ପତ୍ରିକା ସମ୍ବାଦ ପରମ୍ପରା ସମ୍ପାଦକ ନିର୍ମଳ ଶୂରଦେଓ ଅନୁଷ୍ଠାନକୁ ୨୦୦ ପୁସ୍ତକ ଦେଇ ଗାଁର ଯୁବକଯୁବତୀଙ୍କୁ ପାଠାଗାର ପ୍ରତି ଆକୃଷ୍ଟ କରିବା ସହ ପାଠକପାଠିକାଙ୍କୁ ମୂଳ ଲକ୍ଷ୍ୟକୁ ଆଧାର କରି ଗୁରୁତ୍ୱ ଦିଆଯାଇଛି ବୋଲି ଶୂରଦେଓ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନକୁ ବିଭିନ୍ନ ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ପ୍ରଦାନ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ସଂଗ୍ରାହକ ସଞ୍ଜୟ କୁମାର ସାହୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସାମ୍ବାଦିକ ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଖଣ୍ଡପଡ଼ା,୧୮।୫(ସମିସ): ଖଣ୍ଡପଡ଼ା ସାମ୍ବାଦିକ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ପୂର୍ବାହ୍ଣରେ ଖଣ୍ଡପଡ଼ା ରାଜବାଟୀସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରକୁ କଟକ ଅର୍ବାନ୍ ହସ୍ପିଟାଲ ଡ. ମହମ୍ମଦ ଜାଭେଦ ଉଦ୍‌ଘାଟନ କରିଥିଲେ। ପିଏଚ୍‌ଡି ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରା ଅତିଥି ଭାବେ ଯୋଗଦେଇଥିବା ବେଳେ ସାମ୍ବାଦିକ ସଂଘ ପକ୍ଷରୁ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହରାଞ୍ଚଳର ୪୦ ବର୍ଷରୁ ଊର୍ଦ୍ଧ୍ୱ ୧୭୫ ଜଣ ମହିଳା ଓ ପୁରୁଷ ଶିବିରରେ ଯୋଗଦେଇଥିବା ବେଳେ ଶତାଧିକ ଲୋକଙ୍କର ଚକ୍ଷୁ ପରୀକ୍ଷା କରାଯାଇ ସେମାନଙ୍କୁ ଅର୍ବାନ ହସ୍ପିଟାଲ ପକ୍ଷରୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ସେହିଭଳି ଅବଶିଷ୍ଟ ଲୋକଙ୍କର ମଧୁମେହ, ଦନ୍ତ ପରୀକ୍ଷା ଓ ରକ୍ତଚାପ ପରୀକ୍ଷା କରାଯାଇଥିଲା। ଏତଦ୍‌ବ୍ୟତୀତ ୧୦ ଜଣ ମହିଳା ଓ ପୁରୁଷଙ୍କ ମୋତିଆବିନ୍ଦୁ ଅପରେସନ ନିମନ୍ତେ ଶିବିରରୁ କଟକ ଅର୍ବାନ ହସ୍ପିଟାଲ ନିଆଯାଇଛି। ରବିବାର ସନ୍ଧ୍ୟାରେ ସେମାନଙ୍କ ଚକ୍ଷୁ ଅପରେସନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଜଣାଯାଇଛି। ଅର୍ବାନ ହସ୍ପିଟାଲ ପକ୍ଷରୁ ସହଯୋଗୀ ଭାବେ ପିଙ୍କୁ ବେହୁରା, ନୟାଗଡ଼ ଜିଲ୍ଲା ସଂଯୋଜିକା କନକଲତା ପ୍ରଧାନ, ବ୍ଲକ୍ ସଂଯୋଜକ ଶ୍ରୀଚନ୍ଦନ ରଣା, କ୍ୟାମ୍ପ୍ ସଂଯୋଜିକା ହାରାମଣୀ ଜେନା, କାମଦେବ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାର୍ ଆସୋସିଏସନ ସମ୍ପାଦକ ବିକ୍ରମ କେଶରୀ ଦେଓ, ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ସମ୍ପାଦକ ଭବାନୀ ଶଙ୍କର ସିଂହ ସାମନ୍ତ ଓ ଖଣ୍ଡପଡ଼ା ସାମ୍ବାଦିକ ସଂଘ ସମ୍ପାଦକ ସରୋଜ କୁମାର ଚୌଧୁରୀଙ୍କ ସମେତ ବିନୋଦ ମହାପାତ୍ର, ଶାନ୍ତି ଶେଖର ରଥ, ସତ୍ୟନାରାୟଣ ସୁର ଜଗଦ୍ଦେବ, ଭବାନୀ ଶଙ୍କର ମହାନ୍ତି, ନିଗମାନନ୍ଦ ଦାଶ, ସନ୍ତୋଷ ସାହୁ, ଜନ୍ମେଜୟ ଦଳେଇ, ଚିତ୍ତରଞ୍ଜନ ଦାସ, ସଂଗ୍ରାମ କେଶରୀ ଦେଓ, କନକଲତା ପ୍ରଧାନ, ଶିବ ନାରାୟଣ ଦାସ, ସଦାଶିବ ପାତ୍ର, ଶରତ ରାଉତ, ମାନସ ସେଠୀ, ଶଙ୍କର୍ଷଣ ସ୍ୱାଇଁ, ତପନ ଦାଶ, ପ୍ରଭାତ ପଶାୟତ ପ୍ରମୁଖ ସାମ୍ବାଦିକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।




## କ୍ରିୟାନୁଷ୍ଠାନ କମିଟି ବୈଠକ // ବ୍ଲକ୍ ମାନ୍ୟତା ପାଇଁ ଜୋର୍‌ଦାର୍ ଦାବି

**ଶରଣକୁଳ,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଶରଣକୁଳ ପଞ୍ଚାୟତ ପରିସରରେ ରବିବାର ଶରଣକୁଳ ବ୍ଲକ୍ ମାନ୍ୟତା ଦାବିରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମଦନ ମୋହନ ନନ୍ଦ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ବରିଷ୍ଠ ସମବାୟବିତ୍ ସନ୍ୟାସୀ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଚିନ୍ମୟୀ ଦାଶ, ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ, ସମାଜସେବୀ ଲିଙ୍କନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ୧୫ଟି ପଞ୍ଚାୟତର ସମସ୍ତ ଗ୍ରାମରୁ ମୁଖିଆମାନେ ସାମିଲ ହୋଇଥିଲେ। ଶରଣକୁଳକୁ ବ୍ଲକ୍ ମାନ୍ୟତା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ବ୍ଲକ୍ ପାଇଁ ଜୋର୍‌ଦାର ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ଶରଣକୁଳ ଅଞ୍ଚଳକୁ ବ୍ଲକ୍ ଘୋଷଣା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ଶରଣକୁଳରେ ମହାବିଦ୍ୟାଳୟ, ଥାନା, ଏସ୍‌ଡିପିଓ ଅଫିସ, ଜଳସମ୍ପଦ ବିଭାଗ ସବ୍‌ଡିଭିଜନ ରହିଛି। ଏହା ସହିତ ବନାଞ୍ଚଳ କାର୍ଯ୍ୟାଳୟଠାରୁ ଆରମ୍ଭ କରି ୪ଟି ବ୍ୟାଙ୍କ ଓ ୪ଟି ଉଚ୍ଚ ବିଦ୍ୟାଳୟ ରହିଛି। ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ତଥା ଐତିହାସିକ ଲଡୁବାବାଙ୍କ ପୀଠସ୍ଥଳୀ ହୋଇଥିବାବେଳେ ନୟାଗଡ଼ ଗଞ୍ଜାମ ଜିଲ୍ଲାର ଏହା ମଧ୍ୟବର୍ତ୍ତୀ ଅଞ୍ଚଳ ଏବଂ ଗମନାଗମନ କ୍ଷେତ୍ରରେ ଶରଣକୁଳ ମୁଖ୍ୟ ସ୍ଥାନ ଅଟେ। ଯାହାକୁ ଭିତ୍ତିକରି ବ୍ଲକ୍ ମାନ୍ୟତା ପାଇଁ ଶରଣକୁଳ ସମସ୍ତ ପ୍ରକାର ଯୋଗ୍ୟତା ରଖୁଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ୧୫ଟି ପଞ୍ଚାୟତ ଜନପ୍ରତିନିଧିଙ୍କ ସହ ଶରଣକୁଳର ବହୁ ଜନସାଧାରଣ ସାମିଲ ହୋଇଥିଲେ।



## ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

**ଓଡ଼ଗାଁ,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରାବରା ଗୋଡ଼ିସାହିର ଅଭିଯୁକ୍ତ କାହ୍ନୁ ସାମଲ ଜଣେ ମହିଳାଙ୍କୁ ଟଣାଓଟରା କରିଥିବା ଅଭିଯୋଗରେ ଓଡ଼ଗାଁ ପୁଲିସ୍ ଶନିବାର କାହ୍ନୁକୁ ଗିରଫ କରିଥିବାବେଳେ ରବିବାର କୋର୍ଟ ଚାଲାଣ କରିଛି। ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ମର୍ଦ୍ଦରାଜପୁରର ଜନୈକା ମହିଳା ଗତ ୫ ତାରିଖ ସକାଳ ୬ଟା ବେଳେ ରାଇସ୍ ମିଲ୍ ସାମ୍ନାରେ ଥିବା ପୋଖରୀକୁ ଗାଧୋଉଥିବାବେଳେ ଏହି ସମୟରେ କାହ୍ନୁ ପୋଖରୀର ଅପର ପାଶ୍ୱର୍ରେ ଥାଇ ମହିଳାଙ୍କୁ ଅଶୋଭନୀୟ ଇଙ୍ଗିତ କରିଥିଲେ। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ କାହ୍ନୁ ତାଙ୍କୁ ଟଣାଓଟରା କରୁଥିବାବେଳେ ମହିଳା ଜଣକ ତାଙ୍କୁ ଆଘାତ ଦେବାରୁ କାହ୍ନୁ ସେଠାରୁ ଚାଲିଯାଇଥିଲା। ଏ ନେଇ ମହିଳା ଜଣକ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ।

## ଚୋରି ବାଇକ୍ ପୋଖରୀରୁ ଉଦ୍ଧାର

**ଭାପୁର,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଭାପୁର ପଞ୍ଚାୟତ ମହୁଲିଆ ଗ୍ରାମର ସୁରେଶ ପ୍ରଧାନଙ୍କ ଦାଣ୍ଡ ଦୁଆରେ ଥୁଆ ହୋଇଥିବା ପଲ୍‌ସର ବାଇକ୍ ଶୁକ୍ରବାର ରାତିରେ ଚୋରି ହୋଇଯାଇଥିଲା। ଏ ନେଇ ଭାପୁର ଫାଣ୍ଡିରେ ସେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ସୁଶାନ୍ତ ସାହୁ ତଦନ୍ତ କରି ରବିବାର ଗାଁ ନିକଟରେ ଥିବା ଲେଣ୍ଡି ପୋଖରୀରୁ ଉକ୍ତ ବାଇକ୍‌କୁ ଉଦ୍ଧାର କରିଛନ୍ତି। କିନ୍ତୁ ଚୋରକୁ ପୁଲିସ ଖୋଜୁଥିବା ଜଣାପଡ଼ିଛି।

## ଅଧାରେ ଅଟକିଛି ବିଶ୍ରାମ କକ୍ଷ ନିର୍ମାଣ କାର୍ଯ୍ୟ

ଖଣ୍ଡପଡ଼ା,୧୮।୫(ସମିସ): ଖଣ୍ଡପଡ଼ା ସହରର ବାଇପାସ୍ ରାସ୍ତା ପାଶ୍ୱର୍ସ୍ଥିତ ମା' ବାଉରୀ ଠାକୁରାଣୀଙ୍କ ପୀଠ ପରିସରରେ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନା ଜରିଆରେ ନିର୍ମାଣାଧୀନ ବିଶ୍ରାମ କକ୍ଷ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ବିଶ୍ରାମ କକ୍ଷର ଉପର ଟିଣ ଛପର କାର୍ଯ୍ୟ ଶେଷ ହୋଇଥିବାବେଳେ ତଳ ଚଟାଣ କାର୍ଯ୍ୟ ବାକିଥିବା ଜଣାପଡ଼ିଛି। ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ବର୍ଷତମାମ ମା' ବାଉରୀ ଠାକୁରାଣୀଙ୍କ ମନ୍ଦିର ପରିସରରେ ଭୋଜିଭାତ, ବିବାହ ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେଉଥିବାବେଳେ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା ଏହି ବିଶ୍ରାମ କକ୍ଷଟି ଜନସାଧାରଣଙ୍କ ସେବାରେ ଲାଗୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉ କି, ତତ୍କାଳୀନ ରାଜ୍ୟ ସରକାରଙ୍କ ସମୟରେ ମୁକ୍ତା ଯୋଜନାରେ ଉକ୍ତ ବିଶ୍ରାମ କକ୍ଷ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ହେଁ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମୁକ୍ତା ଯୋଜନା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଫଳରେ ନିର୍ମାଣାଧୀନ ବିଶ୍ରାମ କକ୍ଷ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏଥିପ୍ରତି ଏନ୍‌ଏସି ଅଧ୍ୟକ୍ଷା ଓ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି।



## ପରିଚାଳନା ଅବ୍ୟବସ୍ଥାରେ ଜିଲ୍ଲା ରକ୍ତ ଭଣ୍ଡାର




- ରକ୍ତ ଅଭାବ ସୃଷ୍ଟି କରିଛି ସାଂଘାତିକ ସ୍ଥିତି
- ୨ ୟୁନିଟ୍ ଷ୍ଟକ୍‌ରେ ଚାଲୁଛି ସ୍ୱାସ୍ଥ୍ୟସେବା

**ନୟାଗଡ଼,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ଜିଲ୍ଲା ରକ୍ତ ଭଣ୍ଡାର ଏବେ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ମୁଖ୍ୟତଃ ପରିଚାଳନା ଅବ୍ୟବସ୍ଥା ପାଇଁ ଜିଲ୍ଲା ରକ୍ତ ଭଣ୍ଡାର ରକ୍ତଶୂନ୍ୟ ଅବସ୍ଥାକୁ ଚାଲିଯାଉଛି। କୌଣସି ସଂଗଠନ ସହ ଯୋଗାଯୋଗ କରାଯାଉ ନ ଥିବା, ରକ୍ତ ସଂଗ୍ରହ କ୍ୟାମ୍ପ ଆୟୋଜନ ନେଇ ସଚେତନତା କରାଯାଉ ନ ଥିବା ଯୋଗୁଁ ସାଂଘାତିକ ସ୍ଥିତି ସୃଷ୍ଟି କରୁଛି। ସାଧାରଣ ରୋଗୀମାନେ ରକ୍ତ ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବାବେଳେ ଦଲାଲଙ୍କ ଜରିଆରେ ହାତଗୁଞ୍ଜା ଦେଲେ ରକ୍ତ ମିଳୁଛି। ରକ୍ତ ଭଣ୍ଡାର ପରିଚାଳନା ବୈଠକ ବସୁ ନ ଥିବା ଏହାର ଅନ୍ୟତମ କାରଣ ବୋଲି ଆଲୋଚନା ହେଉଛି। ଦୀର୍ଘବର୍ଷ ଧରି ରକ୍ତ ଭଣ୍ଡାରରେ ଆସ୍ଥାନ ଜମାଇଥିବା ଅନେକ କର୍ମଚାରୀଙ୍କ ପାଇଁ ରୋଗୀ ଏବଂ ରୋଗୀ ସମ୍ପର୍କୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଜିଲ୍ଲା ରକ୍ତ ଭଣ୍ଡାରରେ ଗତ କିଛିଦିନ ହେବ ଲାଗି ରହିଥିବା ରକ୍ତ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ରବିବାର ସନ୍ଧ୍ୟା ୫ଟା ବେଳକୁ ନୟାଗଡ଼ ଜିଲ୍ଲା ରକ୍ତ ଭଣ୍ଡାରରେ ମାତ୍ର ୨ ୟୁନିଟ୍ ରକ୍ତ ଗଚ୍ଛିତ ଥିବା ସୂଚନା ମିଳିଛି। ଏ' ନେଗେଟିଭ୍ ବ୍ଲଡ୍ ୧ଟି ଏବଂ ବି' ନେଗେଟିଭ୍ ବ୍ଲଡ୍ ୧ଟି ରହିଥିବା ଦେଖାଯାଇଛି। ଦଲାଲମାନେ ରକ୍ତ ଗୋଟିଏ ୟୁନିଟ୍ ପାଇଁ ୩ହଜାର ଟଙ୍କା ଦାବି କରୁଛନ୍ତି। ସେହିଭଳି ପ୍ରତି ବଦଳରେ ରକ୍ତ ନେବାକୁ ଇଚ୍ଛା କରୁଥିବା ରୋଗୀ ତଥା ତାଙ୍କ ସମ୍ପର୍କୀୟଙ୍କୁ ଟେଷ୍ଟିଂ ବାହାନା କରି କିଛି କର୍ମଚାରୀ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ରକ୍ତ ୧ ୟୁନିଟ୍ ପିଛା ୧ହଜାରରୁ ୧୫ଶହ ଟଙ୍କା ପର୍ଯ୍ୟନ୍ତ କର୍ମଚାରୀମାନେ ଆଦାୟ କରୁଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲାରେ ବିଗତ ବର୍ଷମାନଙ୍କରେ ବିଭିନ୍ନ ଅନୁଷ୍ଠାନ ରକ୍ତଦାନ ଶିବିର ଆୟୋଜନ କରି ବର୍ଷକୁ ୬ ହଜାର ୟୁନିଟ୍‌ରେ ପହଞ୍ଚାଇଥିବା ବେଳେ ଏବେ ସେଥିରେ ୫୦ ପ୍ରତିଶତ ହ୍ରାସ ଘଟିଛି। ଅନୁଷ୍ଠାନଗୁଡ଼ିକ ଶିବିର ଆୟୋଜନ କରୁନଥିବା ବେଳେ ରକ୍ତ ଭଣ୍ଡାର ଅବ୍ୟବସ୍ଥା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି। ରୋଗୀଙ୍କୁ ରକ୍ତ ନାଁରେ ଶୋଷଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାଶଙ୍କୁ ପଚାରିବାରେ, ତୁରନ୍ତ ଏନେଇ ପଦକ୍ଷେପ ନେବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

**କୋମଣ୍ଡ ମାଙ୍କଡ଼ା ଖଣିରେ ଚଢ଼ଉ**

# ଟ୍ରାକ୍ଟର, ମିନିଟ୍ରକ୍, ପାୱାରଟିଲର, ବାଇକ୍ ଜବତ






**ଓଡ଼ଗାଁ,୧୮।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ପୁଲିସ କୋମଣ୍ଡ ମାଙ୍କଡ଼ା ପଥର ଖଣିରେ ଶନିବାର ବିଳମ୍ବିତ ରାତିରେ ଅଚାନକ ଚଢ଼ଉବେଳେ ଓଡ଼ଗାଁ ପୁଲିସ ୨ ମାଙ୍କଡ଼ା ବୋଝେଇ ଟ୍ରାକ୍ଟର, ୨ଟି ଟାଟା ମିନି ଟ୍ରକ୍ ଏବଂ ଗୋଟିଏ ପଥର କଟିଙ୍ଗ୍ ପାୱାରଟିଲର ଜବତ କରିଛନ୍ତି। ପଥର ମାଫିଆମାନେ ପାଟ୍ରୋଲିଂ ପାଇଁ ବ୍ୟବହାର କରୁଥିବା ଦୁଇ ବାଇକ୍ ମଧ୍ୟ ଜବତ କରାଯିବା ସହ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୋମଣ୍ଡ ଗାଁର ସୁଶାନ୍ତ ପାତ୍ର। ଓଡ଼ଗାଁ ପୁଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ସୁଶାନ୍ତ ପାତ୍ରଙ୍କୁ ଥାନାରୁ ଜାମିନ୍ ମିଳିଛି। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ଗାଁ ତହସିଲ୍‌ଦାର ଜି. ଶ୍ରୀନୁ, ଶରଣକୁଳ ଭାରପ୍ରାପ୍ତ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଆଦର୍ଶ ଥାନା ଆଇଆଇସି ଅଭୟ ବେହେରା, ଏସ୍‌ଆଇ ଚକ୍ରଧର ସିଂ ସ୍ଥାନୀୟ ପୁଲିସ କର୍ମଚାରୀ ଓ ଜିଲ୍ଲା ହେଡ୍‌କ୍ୱାର୍ଟର ପୁଲିସ ସହିତ ମିଶି ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରଥମେ ଗୋଟିଏ ଦଳ ଯାଇ ଖଣି ଅଞ୍ଚଳ ବୁଲି ଆସିବା ପରେ ଖଣି ମାଫିଆ ପଥରକଟା ଆରମ୍ଭ କରିଥିଲେ। ସେମାନେ ଜାଣି ନ ଥିଲେ ପୁନର୍ବାର ଚଢ଼ଉ ହେବ। ପ୍ରାୟ ୧ ଘଣ୍ଟା ପରେ ସଶସ୍ତ୍ର ପୁଲିସ୍ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲେ। ଶତାଧିକ ବର୍ଷ ଧରି ଏହି କୋମଣ୍ଡ ଅଞ୍ଚଳରେ ଥିବା ମାଙ୍କଡ଼ା ପଥର ଖଣିରୁ ପଥର ଉତ୍ତୋଳନ କରାଯାଇ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ବହୁ ପୁରାତନ ଘର ଓ ମନ୍ଦିର ଏହି ପଥରେ ନିର୍ମିତ ହୋଇଛି। ଖଣି ନିଲାମ ହୁଏ। ନିଲାମ ନେଇଥିବା ଅଧିକୃତ ବ୍ୟକ୍ତିବିଶେଷ ପଥର ବିକ୍ରି କରନ୍ତି। ପଥର ଚୋରିକୁ ଢାଲ କରିବା ପାଇଁ ୧ ଏକର ନିଲାମ ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ବେଆଇନ ଭାବେ ୨ ଏକର ପରିମିତ ସ୍ଥାନରୁ ପଥର ଉତ୍ତୋଳନ କରିଥା'ନ୍ତି। ଯେବେଠାରୁ ପଥର ଉତ୍ତୋଳନ କରିବା ପାଇଁ ଖଣି ବିଭାଗର ଅନୁମତି ଆବଶ୍ୟକ ପଡ଼ିଲା ଏବଂ ସରକାର ପରିବର୍ତ୍ତନ ହେଲା ସେବେଠାରୁ ବେଆଇନ ପଥର ଖଣି ପରିଚାଳନା ପାଇଁ ବିବାଦ ସୃଷ୍ଟି ହୋଇଛି।

### ଶାସକ ଦଳର ଶକ୍ତି ପରୀକ୍ଷା

ଓଡ଼ଗାଁ କୋମଣ୍ଡ ଅଞ୍ଚଳରେ ଦୀର୍ଘଦିନ ତଳୁ ମାଙ୍କଡ଼ା ଖଣି ବେଆଇନ ଭାବେ ଚାଲିଆସୁଛି। ବିଗତ ଦିନରେ କୋମଣ୍ଡ ଆର୍‌ଆଇ ଏଥିପାଇଁ ନିଲମ୍ବିତ ହୋଇଥିବାବେଳେ ଜଣେ ତହସିଲ୍‌ଦାରଙ୍କ ବଦଳି ହୋଇଥିଲା। ତଥାପି ମଧ୍ୟ ବେଆଇନ ମାଙ୍କଡ଼ା ଖଣି ଚାଲୁଥିଲା। ଏବେ ପୁଲିସ ଚଢ଼ଉକୁ ନେଇ ଶାସକ ଦଳର ୨ ଗୋଷ୍ଠୀଙ୍କ ମଧ୍ୟରେ ଏହା ଶକ୍ତି ପରୀକ୍ଷା ବୋଲି ଆଲୋଚନା ହେଉଛି। ଦଳର ନୟାଗଡ଼ ଜିଲ୍ଲା ଶୀର୍ଷ ନେତୃତ୍ୱ ଖଣି ଚଳାଇବାକୁ ଅଭୟ ବର ପ୍ରଦାନ କରିଥିବାବେଳେ ଶନିବାର ରାତିରେ ପୁଲିସର ଖଣି ଚଢ଼ଉ କରି ମାଙ୍କଡ଼ା ବୋଝେଇ ଟ୍ରାକ୍ଟର, ମିନିଟ୍ରକ୍, ପାୱାରଟିଲର ସହିତ ବାଇକ୍ ଜବତ କରିଛନ୍ତି। ରଣପୁର ବିଧାୟିକା ଶନିବାର ରାତିରେ ଓଡ଼ଗାଁ ଥାନା ପରିଦର୍ଶନରେ ଆସିଥିବା ଏବଂ ଏହାପରେ ପଥର ଖଣି ଚଢ଼ଉ ଏକ ସଂଯୋଗ ନା ବିଲେଇ ହାବୁଡ଼ରେ ଶିକା ଛିଡ଼ିବା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ବିଜେପି ନେତାଙ୍କ ଗୋଷ୍ଠୀ ବିବାଦ ଭିତରେ ଖଣି ମାଫିଆମାନେ ଏବେ ସନ୍ଦିହାନ ଅବସ୍ଥାରେ ରହିଛନ୍ତି।